# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୮/୨୦୧୮ (୨୦ ପୃଷ୍ଠା) | Bhubaneswar, Tuesday, September 18 / 2018 | ★★★★★★

୪୪ଶ ଭାଗ ୨୯୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-





KP GROUP
Quality Since 1965
MADHUBAN
Safal
PAN MASALA
NO TOBACCO, NO NICOTINE ADDED
4.5g.
₹5/- ରେ ଡବଲ
ଡୋଜ୍‌ର ମଜା
Safal
Pan Masala
କରିନିଅ ମଜାରେ ବନ୍ଧୁତା
ନାବାଳକ ମାନଙ୍କ ପାଇଁ ନୁହେଁ । 0% ତମାଖୁ ଏବଂ କୌଣସି ନିକୋଟିନ୍ ମିଶ୍ରିତ ନୁହେଁ । ପାନ ମସାଲା ଚୋବାଇବା ସ୍ୱାସ୍ଥ୍ୟପାଇଁ କ୍ଷତିକାରକ ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୮/୨୦୧୮ | Bhubaneswar, Tuesday, September 18 / 2018 | ପୃଷ୍ଠା-୧




**ନିକ୍‌ଙ୍କୁ ଚୁମ୍ବନ ଦେଲେ ପ୍ରିୟଙ୍କା**

ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ପ୍ରେମିକ ନିକ୍ ଜୋନାସ୍‌ଙ୍କୁ ୨୬ତମ ଜନ୍ମଦିନରେ ଚୁମ୍ବନ ଦେଇ ଏହାର ଫଟୋ ସୋସିଆଲ୍ ମିଡିଆରେ ଶେୟାର କରିଛନ୍ତି ।

୦୭

୧୭

**କୋହଲି ପାଇବେ ଖେଳରତ୍ନ ପୁରସ୍କାର**

ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ଓ ବିଶ୍ୱ ଚାମ୍ପିୟନ ଭାରୋତ୍ତୋଳିକା ମିରାବାଇ ଚାନୁଙ୍କ ନାମ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ପାଇଁ ସୁପାରିସ ହୋଇଛି।








# ଚାରା ଦୁର୍ନୀତିକୁ ନେଇ ଗୃହରେ ହଙ୍ଗାମା

**ଭୁବନେଶ୍ୱର,୧୭।୯(ବ୍ୟୁରୋ)**

ମୟୂରଭଞ୍ଜ ଜିଲାରେ ହୋଇଥିବା ଚାରା ଦୁର୍ନୀତିକୁ ନେଇ ବିରୋଧୀ ବିଧାନସଭାକୁ ହୁଲସ୍ଥୂଲ୍ କରିଛନ୍ତି। କେଉଁ ମନ୍ତ୍ରୀ କିମ୍ବା ଅଫିସର ଚାରା ଟଙ୍କାକୁ ଖାଇଛନ୍ତି ରାଜ୍ୟବାସୀ ଜାଣନ୍ତୁ। ସରକାର ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ଗୃହକୁ ଜଣାନ୍ତୁ। ଦୁର୍ନୀତି ହୋଇଥିବା କଥା କୃଷିମନ୍ତ୍ରୀ ମାନିଛନ୍ତି। ଯେଉଁ ସରକାରୀ ଅଧିକାରୀ ଏଥିରେ ଜଡ଼ିତ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ସରକାର ନିଜେ ଏହି ଦୁର୍ନୀତିରେ ଜଡ଼ିତ ଅଛନ୍ତି। ଦୁର୍ନୀତି କରିଥିବା ବିଭାଗୀୟ ମନ୍ତ୍ରୀ କିମ୍ବା ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନି। କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ମୁଖ୍ୟମନ୍ତ୍ରୀ ଗୃହକୁ ଅବଗତ କରାନ୍ତୁ। ସରକାର ନିଜର ସ୍ୱଚ୍ଛତା ପ୍ରମାଣିତ କରିବାକୁ ସିବିଆଇ ହାତରେ ତଦନ୍ତ ନ୍ୟସ୍ତ କରନ୍ତୁ। ଏଭଳି ଶକ୍ତ ଆକ୍ରମଣ କରିଥିଲେ ବିରୋଧୀ କଂଗ୍ରେସ ଓ ଭାଜପା। ବିରୋଧୀଙ୍କ ଗର୍ଜନରେ ବିଧାନସଭାର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଉଡିଯାଇଥିଲା। ବିଧାନସଭାର ଚଳିତ ଅଧିବେଶନ ଆରମ୍ଭରୁ ଏ ପର୍ଯ୍ୟନ୍ତ ଗୋଟିଏ ଦିନ ମଧ୍ୟ ଗୃହରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇପାରି ନାହିଁ। ଗତ ସପ୍ତାହରେ ୬ ଦିନ ବିଭିନ୍ନ ପ୍ରସଙ୍ଗରେ ବିରୋଧୀ ଦଳ ଗୃହକୁ ଅଚଳ କରିଥିବା ବେଳେ ୪ ଦିନ ବିରତି ପରେ ସୋମବାର ମଧ୍ୟ ଅନୁରୂପ ଅବସ୍ଥା ଦେଖିବାକୁ ମିଳିଥିଲା।

- ସିବିଆଇ ତଦନ୍ତ ଦାବି କଲା ଭାଜପା, କଂଗ୍ରେସ
- ବିଧାନସଭା ହୁଲସ୍ଥୂଲ୍, ଗୃହ ମୁଲତବୀ
- ଗୃହରେ ବିବୃତି ଦେବାକୁ ବାଚସ୍ପତିଙ୍କ ନିର୍ଦ୍ଦେଶ



୧୦ଟା ୩୦ ମିନିଟ୍‌ରେ ସଭାକାର୍ଯ୍ୟ ଚଳାଇବାକୁ ବାଚସ୍ପତି ପ୍ରଦୀପ ଅମାତ୍ ଗୃହକୁ ପ୍ରବେଶ କଲେ। ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ ଦୋଳଗୋବିନ୍ଦ ପ୍ରଧାନଙ୍କ ବିୟୋଗରେ ଗୃହରେ ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା। ଶୋକ ପ୍ରସ୍ତାବ ଆଲୋଚନା ପରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର ଚାରା ଦୁର୍ନୀତି ପ୍ରସଙ୍ଗ ଉଠାଇ ସରକାରଙ୍କଠାରୁ ଜବାବ ତଲବ କରିଥିଲେ। ମୁଖ୍ୟମନ୍ତ୍ରୀ ଏହି ପ୍ରସଙ୍ଗରେ ଗୃହରେ ବିବୃତି ଦିଅନ୍ତୁ ବୋଲି ଦାବି କରିଥିଲେ। ବିରୋଧୀ କଂଗ୍ରେସ ଓ ଭାଜପା ସଦସ୍ୟମାନେ ଏହି ଦୁର୍ନୀତିର ସବିଆଇ ତଦନ୍ତ ଦାବିକରି ଗୃହର ମଧ୍ୟଭାଗକୁ ମାଡି ଆସି ହଙ୍ଗାମା କରିଥିଲେ। କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି, ପ୍ରକାଶ ବେହେରା, ଅଂଶୁମାନ ମହାନ୍ତି, ଚିରଞ୍ଜୀବ ବିଶ୍ୱାଳ, ଦେବେନ୍ଦ୍ର ଶର୍ମା, ଚନ୍ଦ୍ରଶେଖର ମାଝି ପ୍ରମୁଖ ଗୃହର ମଧ୍ୟଭାଗକୁ ଆସି ହଙ୍ଗାମା କଲେ। କଂଗ୍ରେସ ସହ ତାଳ ☞ପୃଷ୍ଠା-୨

## ତେଲ ଦର ୨ ଟଙ୍କା ହ୍ରାସ କଲା କର୍ନାଟକ



**ବେଙ୍ଗାଲୁରୁ,୧୭।୯**

କର୍ନାଟକ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ସୋମବାର ରାଜ୍ୟରେ ତେଲ ଦର ଲିଟର ପିଛା ୨ ଟଙ୍କା ହ୍ରାସ ଘୋଷଣା କରିଛନ୍ତି। ପୂର୍ବରୁ ଆନ୍ଧ୍ରପ୍ରଦେଶ, ରାଜସ୍ଥାନ ଓ ପଶ୍ଚିମବଙ୍ଗ ତେଲ ଦର ହ୍ରାସ ଘୋଷଣା କରିସାରିଛନ୍ତି। କାଲବୁର୍ଗୀ ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ କୁମାରସ୍ୱାମୀ ତେଲ ଦର ହ୍ରାସ ଘୋଷଣା କରିଛନ୍ତି। ସୂଚନାଥାଉ କି, କେନ୍ଦ୍ର ସରକାର ହସ୍ତକ୍ଷେପ କରୁ ନ ଥିବାରୁ ତେଲ ଦର ଆକାଶଛୁଆଁ ହେଲାଣି। ଦୈନିକ ତେଲ ଦର ବଢ଼ି ଚାଲିଛି। ସୋମବାର ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୮୪ ଟଙ୍କା ଏବଂ ଡିଜେଲ ଲିଟର ପିଛା ୭୬ ଟଙ୍କାରେ ପହଞ୍ଚିଛି। ତେଲର ଦରବୃଦ୍ଧି ପ୍ରତିବାଦରେ କଂଗ୍ରେସ ନେତୃତ୍ୱରେ ୨୨ଟି ବିରୋଧୀ ଦଳ ପକ୍ଷରୁ ଗତ ୧୦ ତାରିଖରେ ଭାରତ ବନ୍ଦ ଡାକରା ଦିଆଯାଇଥିଲା। ତେଲ ଦର କମାଇ ରାଜ୍ୟବାସୀଙ୍କୁ ଆଶ୍ୱସ୍ତ କରାଯିବ ବୋଲି କୁମାରସ୍ୱାମୀ ସେତେବେଳେ ପ୍ରତିଶ୍ରୁତି ଦେଇଥିଲେ।

**ଆଜିର ସମ୍ପାଦକୀୟ**

**ରୋଗୀ ବନ୍ଧକ**

**ଆଜିର ମନ୍ତବ୍ୟ**

"ଭାରତର ବିବିଧତା କଳହର କାରଣ ପାଲଟିବା ଉଚିତ ନୁହେଁ।
-ମୋହନ ଭାଗବତ, ଆର୍‌ଏସ୍‌ଏସ୍ ମୁଖ୍ୟ

**କିଛି ତଥ୍ୟ**

୨୦୧୭-୧୮ ଆର୍ଥିକ ବର୍ଷରେ ଭାରତରେ ମୋଟ ୧୦.୦୩ ଲକ୍ଷ କୋଟି ଟଙ୍କା ପ୍ରତ୍ୟକ୍ଷ ଟିକସ ଆଦାୟ ହୋଇଛି। ୨୦୧୬-୧୭ ଆର୍ଥିକ ବର୍ଷ ତୁଳନାରେ ଏହା ୧୮% ଅଧିକ।
-ସିବିଡିଟି

ଚିଲିକାରେ ସିପ୍ଲେନ ଉଡାଣ ଘଟଣାର ଭିନ୍ନମୋଡ଼

## ବୈଜୟନ୍ତଙ୍କ ହେଲିକପ୍ଟର ସିଜ୍

**ପୁରୀ ଅଫିସ,୧୭।୯**

ଚିଲିକାରେ ସିପ୍ଲେନ ଉଡ଼ିବା ଘଟଣା ଭିନ୍ନମୋଡ ନେଇଛି। ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଚଳାଉଥିବା ହେଲିକପ୍ଟର ଚିଲିକାରେ ଉଡ଼ିଥିବା ପୁରୀ ପୋଲିସ ସନ୍ଦେହ କରୁଛି। ତଦନୁଯାୟୀ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ରହିଥିବା ଇମ୍ପାର ହେଙ୍ଗର(ହେଲିକପ୍ଟର ରହୁଥିବା ପ୍ରକୋଷ୍ଠ)କୁ ପୁରୀ ପୋଲିସ ସିଲ୍ କରିଛି। ଉକ୍ତ ହେଙ୍ଗରରେ ବୈଜୟନ୍ତଙ୍କ ହେଲିକପ୍ଟର ରହିଛି, ଯାହାକୁ ସିଜ୍ କରାଯାଇଥିବା ଜଣାପଡ଼ିଛି। ହେଲିକପ୍ଟର ବ୍ଲାକ୍‌ବକ୍ସର ତଥ୍ୟକୁ ଯାଞ୍ଚ କରାଯିବ ବୋଲି ପୁରୀ ଏସ୍‌ପି ସାର୍ଥକ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

ପୁରୀ ଏସ୍‌ପି ଷଡ଼ଙ୍ଗୀ କହିଛନ୍ତି ଯେ, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ)ଙ୍କ ଏତଲାକୁ ଭିତ୍ତିକରି ଆମେ ତଦନ୍ତ ଆରମ୍ଭ କରିଛୁ। ଗତ ୧୫ତାରିଖରେ ହେଲିକପ୍ଟର ଉଡାଣ ନିମନ୍ତେ କାହାକୁ ଅନୁମତି ମିଳିଥିଲା ତାହା ଆମେ ବିଜୁ ପଟ୍ଟନାୟକ ବିମାନବନ୍ଦର ନିର୍ଦ୍ଦେଶକଙ୍କଠାରୁ ଜାଣିବାକୁ ଚାହିଁଥିଲୁ। ସେଥିରୁ ଜଣାପଡ଼ିଛି ଯେ, ବୈଜୟନ୍ତଙ୍କ ହେଲିକପ୍ଟରକୁ ଗତ ୧୫ତାରିଖରେ ଉଡାଣ ଲାଗି କୋଲକାତାର ଏୟାର ଡିଫେନ୍ସ କ୍ଲିୟରାନ୍ସ (ଏଡିସି)ଠାରୁ ଅନୁମତି ମିଳିଥିଲା। ଭୁବନେଶ୍ୱର- ରାଜହଂସ-ପୁରୀ-କୋଣାର୍କ-ଗରଦପୁର-ଜଗନ୍ନାଥପୁର ଫ୍ଲାଇଙ୍ଗ୍ ସେକ୍ଟରରେ ଶନିବାର ପୂର୍ବାହ୍ନ ୮ଟା ୪୬ରେ ଉଡ଼ାଣ ଆରମ୍ଭ କରି ଅପରାହ୍ନ ୧.୨୬ରେ ଫେରିବାକୁ ଅନୁମତି ମିଳିଥିଲା। ଉକ୍ତ ହେଲିକପ୍ଟରରେ ବୈଜୟନ୍ତ ପାଇଲଟ ଥିଲେ। ତାଙ୍କ ସହିତ ୨ ଯାତ୍ରୀ ଅଭିଜିତ୍ ଆୟାର ମିତ୍ର ଓ ଆରତି ଟିକୋ ଥିଲେ। ହେଲେ ଚିଲିକା ପରିବେଶ ସମ୍ବେଦନଶୀଳ ଅଞ୍ଚଳ ଏବଂ ନୋ ଫ୍ଲାଇଂ ଜୋନ ହୋଇଥିବା ବେଳେ କିଭଳି ହେଲିକପ୍ଟର ଉଡ଼ିଲା ତାହାର ତଦନ୍ତ ପ୍ରକ୍ରିୟା ଆମେ ଆରମ୍ଭ କରିଛୁ। ହେଲିକପ୍ଟରର ☞ପୃଷ୍ଠା-୨

- ଭୁବନେଶ୍ୱର ଏୟାରପୋର୍ଟରେ ଇମ୍ପା ହେଙ୍ଗର ସିଲ୍
- ଯାଞ୍ଚ ହେବ ବ୍ଲାକ୍‌ବକ୍ସ

## ତଥ୍ୟ ଚୋରି: ପେଡ଼ି ଖୋଲିଲା ସିବିଆଇ

**ନୂଆଦିଲ୍ଲୀ, ୧୭।୯(ପି.ଟି.)**

ବେଆଇନ ଭାବେ ସୋସିଆଲ ମିଡିଆରୁ ଭାରତୀୟଙ୍କ ବ୍ୟକ୍ତିଗତ ତଥ୍ୟ ଚୋରି ହୋଇଥିବା ନେଇ କିଛିମାସ ପୂର୍ବେ ପ୍ରଘଟ ହୋଇଥିଲା। ଏସବୁକୁ ନେଇ ଅପବ୍ୟବହାର କରିବା ସହ ନିର୍ବାଚନରେ ଭୋଟରଙ୍କୁ ପ୍ରଭାବିତ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଏହା ଚିନ୍ତାର ବିଷୟ ପାଲଟିଥିବାବେଳେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ତଥ୍ୟ ଚୋରି ମାମଲାର ପେଡ଼ି ଖୋଲିଛି। ଫେସ୍‌ବୁକ୍, କ୍ୟାମ୍ବ୍ରିଜ୍ ଆନାଲିଟିକା (ସିଏ) ଏବଂ ଗ୍ଲୋବାଲ ସାଇନ୍ସ ରିସର୍ଚ୍ଚ କମ୍ପାନୀକୁ ଚିଠି ଲେଖି ସଂଗୃହୀତ ତଥ୍ୟର ସବିଶେଷ ରିପୋର୍ଟ ଦେବାକୁ ସିବିଆଇ କହିଛି ।

ତଥ୍ୟ ଚୋରି ସମ୍ପର୍କରେ ଖୁଲାସା ହେବା ପରେ କେନ୍ଦ୍ର ସରକାର ଉଦ୍‌ବେଗ କରିବା ସହ ମାମଲାର ତଦନ୍ତ ଭାର ସିବିଆଇକୁ ନ୍ୟସ୍ତ କରିଥିଲେ। ଏହାପରେ କ୍ୟାମ୍ବ୍ରିଜ୍ ଆନାଲିଟିକା ଏବଂ ଗ୍ଲୋବାଲ ସାଇନ୍ସ ରିସର୍ଚ୍ଚ ବିରୋଧରେ ଗତମାସ ପ୍ରାଥମିକ ତଦନ୍ତ ଆରମ୍ଭ ହୋଇଥିଲା। ଅଭିଯୋଗ ଅନୁଯାୟୀ, ଗ୍ଲୋବାଲ ସାଇନ୍ସ ରିସର୍ଚ୍ଚ ଫେସ୍‌ବୁକ୍‌ରୁ ବେଆଇନ ଭାବେ ଭାରତୀୟଙ୍କ ବ୍ୟକ୍ତିଗତ ତଥ୍ୟ ସଂଗ୍ରହ କରି କ୍ୟାମ୍ବ୍ରିଜ୍ ଆନାଲିଟିକାକୁ ପ୍ରଦାନ କରିଛି। ଫେସ୍‌ବୁକ୍‌ରେ ପ୍ରାୟ ୨୦ କୋଟି ଭାରତୀୟ ୟୁଜର ଅଛନ୍ତି। ତଥ୍ୟ ସଂଗ୍ରହକାରୀ ଫାର୍ମ କ୍ୟାମ୍ବ୍ରିଜ୍ ଆନାଲିଟିକା ୮୭ ନିୟୁତ ଫେସ୍‌ବୁକ୍ ଆକାଉଣ୍ଟରୁ ତଥ୍ୟ ଚୋରି କରି ଏହା ୨୦୧୬ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କୁ ଜିତାଇବାରେ ସହଯୋଗ କରିଥିଲା ବୋଲି ପୂର୍ବରୁ ଅଭିଯୋଗ ହୋଇଥିଲା। ଏହାର ଚେର ଭାରତ ପର୍ଯ୍ୟନ୍ତ ଲମ୍ବିଛି ଏବଂ କଂଗ୍ରେସ ପାଇଁ ଏହା କାମ କରିଥିବା ପରେ ଜଣାପଡ଼ିଥିଲା। ତଥ୍ୟ ଚୋରି ମାମଲାର ତଦନ୍ତ ଦାୟିତ୍ୱ ସିବିଆଇକୁ ଦିଆଯିବ ବୋଲି ଜୁଲାଇରେ ରାଜ୍ୟ ସଭାରେ କେନ୍ଦ୍ର ଆଇନ ଓ ଆଇଟି ମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଥିଲେ।

- ଫେସ୍‌ବୁକ୍, କ୍ୟାମ୍ବ୍ରିଜ୍ ଆନାଲିଟିକାକୁ ଚିଠି
- ସଂଗୃହୀତ ତଥ୍ୟର ସବିଶେଷ ରିପୋର୍ଟ ଲୋଡ଼ିଲା





BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in : Gold, Diamond & Silver
Gold 24 CT - ₹ 31,900/- 10gm.
Gold 22 CT - ₹ 30,800/- 10gm.
Silver Rate - ₹ 370/- /10gm.
Making Charge - ₹100/- onwards / 1gm.
Condition Apply
Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE 17.09.2018 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 54 | 98 | 108 |
| CTC | 54 | 98 | 108 |
| DKL | 55 | 100 | 110 |
| BDK | 56 | 101 | 111 |
| BLS | 57 | 102 | 112 |
| ANG | 57 | 102 | 112 |

*Conditions Apply
Eggs Retail Price- 47/-Dozen
Issued in the Interest of Consumers




24x7 Roadside Assistance*** | Service once a year/15,000 Kilometres | Safer cars for India

ସର୍ତ୍ତାବଳୀ ଲାଗୁ । *ଉଲ୍ଲିଖିତ ମୂଲ୍ୟ ପୋଲୋ ଓ ଏମିଓ ପେଟ୍ରୋଲ୍ ଟ୍ରେଣ୍ଡଲାଇନ୍ ମାନୁଆଲ୍‌ର ଅଟେ । **ଏକ ଫୋକ୍ସୱେଗନ୍ କାର୍ ଜିତିବା ପାଇଁ ଟେଷ୍ଟ ଡ୍ରାଇଭ୍ କରନ୍ତୁ ଏବଂ ଏକ ସ୍ଲୋଗାନ୍ ଲେଖନ୍ତୁ । ପ୍ରତ୍ୟେକ ଗ୍ରାହକ, ଯାହାଙ୍କ ଦ୍ୱାରା ଟେଷ୍ଟ ଡ୍ରାଇଭ୍ ନିଆଯାଇଛି ଏବଂ ଏକ ସ୍ଲୋଗାନ୍ ଲେଖା ଯାଇଛି, ତାଙ୍କ ପାଖରେ ଏକ କାର୍ ଜିତିବାର ସୁଯୋଗ ରହିଛି । ବିଜେତାଙ୍କ ଚୟନ ଏକ ସର୍ବୋତ୍ତମ ମାଧ୍ୟମରେ କରାଯିବ । ଦୟାକରି ଆରମ ନିକଟତମ ଫୋକ୍ସୱେଗନ୍ ଡିଲରଶିପ୍‌କୁ ଯାଆନ୍ତୁ ବା www.volkswagen.co.in ରେ ଲଗ୍ ଅନ୍ କରନ୍ତୁ । ^ଫାଇନାନ୍ସ ଫୋକ୍ସୱେଗନ୍ ଫାଇନାନ୍ସ ଲିଃ ର ଏକମାତ୍ର ବିବେକାଧିନ ଅଟେ । ଫୋକ୍ସୱେଗନ୍ ଫାଇନାନ୍ସ ଲିଃ ଦ୍ୱାରା ଋଣ ପ୍ରାପ୍ତି ପାଇଁ ସେଲ୍ସ/ମାର୍କେଟିଂ ସେବାର ଉପଯୋଗ କରାଯାଇପାରେ । #ଏକ୍ସଚେଞ୍ଜ୍ ଲାଭ ପୋଲୋ ଉପରେ ₹20,000 ଏମିଓ ଉପରେ ₹30,000 ଏବଂ ଭେଣ୍ଟୋ ଉପରେ ₹40,000 । ^^ସୁଧ ହାର କାର୍‌ସ ଅଫର୍ ପ୍ରାଇସ୍ ଉପରେ ବୈଧ ନୁହେଁ । ତିନି ବର୍ଷର କେବଳ ତୃତୀୟ ପକ୍ଷ ବୀମା । ପ୍ରଦର୍ଶିତ ଫିଚର୍ ଓ ଏକ୍ସେସରିଜ୍ ମାନକ ଉପକରଣର ଅଂଶ ହୋଇ ନପାରେ । ପ୍ରକୃତ ରଙ୍ଗ ଭିନ୍ନ ହୋଇପାରେ । ଆପିୟରାନ୍ସ, ବିଶେଷତା ଓ ବିବରଣୀ ଭାରିଆଣ୍ଟସ ଅନୁସାରେ ଭିନ୍ନ ହୋଇପାରେ ଏବଂ ପ୍ରାକ୍ ସୂଚନା ବିନା ପରିବର୍ତ୍ତନଶୀଳ ଅଟେ । ରୋଡ୍‌ସାଇଡ୍ ସହାୟତା କେବଳ ଆବଦ୍ଧ ସୀମା ମଧ୍ୟରେ । ଅଧିକ ବିବରଣୀ ପାଇଁ ଦୟାକରି ଆମର ନିକଟତମ ଡିଲରଶିପ୍‌କୁ ଯାଆନ୍ତୁ ।

Powered by Volkswagen Financial Services
Exchange through Das WeltAuto. Pre-owned cars you can trust. Guaranteed.

Authorised Dealers: Volkswagen Bhubaneswar: N.H. 5, Pahal, Bhubaneswar - 752101
• Mobile: 8599011626 / 8599011591.



ମଧ୍ୟପ୍ରଦେଶର ଖାଲୱା ବ୍ଲକ୍‌ରେ ସ୍ଥାନୀୟ ଜନଜାତି ସମ୍ପ୍ରଦାୟ ଶିଶୁଙ୍କୁ କୁପୋଷଣରୁ ଦୂରେଇ ରଖିବା ପାଇଁ ଆପଣାଉଛନ୍ତି ନାନା ପ୍ରକାର ପାରମ୍ପରିକ ଚିକିତ୍ସା ପଦ୍ଧତି। କେହି କେହି ଶିଶୁଙ୍କ ପେଟରେ ଗରମ ଛୁରି ଚେଙ୍କ ଦେଉଥିବାବେଳେ କିଛି ଲୋକ ଶିଶୁଙ୍କ ଗଳାରେ ରସୁଣ ମାଳ ବାନ୍ଧୁଛନ୍ତି। ସରକାରୀ ହସ୍ପିଟାଲକୁ ଚିକିତ୍ସା ପାଇଁ ଆସୁଥିବା ଅନେକ ଶିଶୁଙ୍କ ଗଳାରେ ଏଭଳି ମାଳ ଦେଖିବାକୁ ମିଳୁଥିବା ଡାକ୍ତରମାନେ ସୂଚନା ଦେଇଛନ୍ତି।




## ସଂକ୍ଷେପରେ

### ବିଧାନସଭାରେ ବଦଳିଲା ଦାମଙ୍କ ସିଟ୍

**ଭୁବନେଶ୍ୱର,୧୭।୯(ବ୍ୟୁରୋ):** ବିଧାନସଭାରେ ପୂର୍ବତନ ମନ୍ତ୍ରୀ ତଥା ପାରାଦୀପ ବିଧାୟକ ଦାମୋଦର ରାଉତଙ୍କ ସିଟ୍ ବଦଳାଇ ଦିଆଯାଇଛି। ବିଜେଡିରୁ ବହିଷ୍କୃତ ହୋଇଥିବାରୁ ତାଙ୍କୁ ବିରୋଧୀ ଦଳ ବସୁଥିବା ବ୍ଲକକୁ ହଟାଇ ଦିଆଯାଇଛି। ଦାମ ଏଣିକି ଡି-୩ ସିଟ୍ ବଦଳରେ ଏଫ୍-୧୦ରେ ବସିବେ। ଏ ନେଇ ସୋମବାର ବିଧାନସଭାରେ ବାଚସ୍ପତି ପ୍ରଦୀପ ଅମାତ୍ ଘୋଷଣା କରିଛନ୍ତି। ବିଜେଡି ସଭାପତି ନବୀନ ପଟ୍ଟନାୟକ ଦାମୋଦରଙ୍କୁ ଦଳରୁ ବହିଷ୍କାର କରିଥିବା ବିଜେଡି ପକ୍ଷରୁ ବାଚସ୍ପତିଙ୍କୁ ଅବଗତ କରାଯାଇଛି। ଏହି ଆଧାରରେ ଦାମଙ୍କ ସିଟ୍‌କୁ ପରିବର୍ତ୍ତନ କରାଯାଇଥିବା ସେ ଘୋଷଣା କରିଥିଲେ।

### ପୂର୍ବତନ ମନ୍ତ୍ରୀ ଦୋଳଗୋବିନ୍ଦ ପ୍ରଧାନଙ୍କ ପରଲୋକ



ଦୋଳଗୋବିନ୍ଦ ପ୍ରଧାନ

**ଭୁବନେଶ୍ୱର/କଟକ ସଦର,୧୭।୯(ଡି.ଏନ୍.ଏ.):** ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ ଦୋଳଗୋବିନ୍ଦ ପ୍ରଧାନ(୯୩)ଙ୍କ ରବିବାର ରାତିରେ ଭୁବନେଶ୍ୱରସ୍ଥିତ ବାସଭବନରେ ପରଲୋକ ଘଟିଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ୧୯୮୦ ଓ ୧୯୮୫ ମସିହା ବିଧାନସଭା ନିର୍ବାଚନରେ ସେ କଟକ ସଦର ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ଭାବେ ବିଜୟୀ ହୋଇଥିଲେ। ୧୯୮୯ ମସିହା ଶେଷଆଡକୁ ହେମାନନ୍ଦ ବିଶ୍ୱାଳଙ୍କ ମନ୍ତ୍ରିମଣ୍ଡଳରେ କିଛିମାସ ନଗର ଉନ୍ନୟନ ମନ୍ତ୍ରୀ ଥିଲେ। ବିଧାୟକ ହେବା ପୂର୍ବରୁ ୧୯୭୫ ମସିହାରେ କଟକ ସଦର ପଞ୍ଚାୟତ ସମିତିର ଅଧ୍ୟକ୍ଷ ଥିଲେ। ୧୯୪୨ ମସିହାରେ ମହାତ୍ମା ଗାନ୍ଧୀ ଓ ଜାତୀୟ କବି ବୀରକିଶୋର ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାରତ ଛାଡ଼ ଆନ୍ଦୋଳନରେ ଯୋଗଦେଇଥିଲେ। ସେହି ସମୟରେ ଜେଲ ମଧ୍ୟ ଯାଇଥିଲେ। ସୋମବାର ବିଧାନସଭା ପରିସରରେ ତାଙ୍କ ମରଶରୀର ପହଞ୍ଚିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ଶେଷଦର୍ଶନ କରିବା ସହ ମାଲ୍ୟାର୍ପଣ କରିଥିଲେ। ସେଠାରେ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଛି। ରାଜ୍ୟପାଳ ଗଣେଶୀ ଲାଲ ଶୋକ ପ୍ରକାଶ କରି କହିଥିଲେ ଯେ, ସ୍ୱାଧୀନତା ସଂଗ୍ରାମରେ ପ୍ରଧାନଙ୍କ ଅବଦାନ ପାଇଁ ଲୋକେ ତାଙ୍କୁ ସବୁଦିନେ ମନେ ରଖିବେ। ପ୍ରଧାନ ଜୀବନସାରା ଗାନ୍ଧୀବାଦରେ ଅନୁପ୍ରାଣିତ ଥିଲେ, ଯାହା ତାଙ୍କ କଥା ଓ କର୍ମରେ ଦେଖିବାକୁ ମିଳୁଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ଗଭୀର ଶୋକ ବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ପ୍ରଧାନଙ୍କର ସହଧର୍ମିଣୀ ରମା ପ୍ରଧାନ, ୪ ପୁଅ ଦେବରାଜ, ପୁଷ୍ପରାଜ, ପୃଥ୍ୱୀରାଜ, ପ୍ରଜ୍ଞାରାଜ ଏବଂ ୨ ଝିଅ ସତ୍ୟଭାମା, ହୈମବତୀ ଅଛନ୍ତି। ଅପରାହ୍ନରେ ମରଶରୀରକୁ ଭୁବନେଶ୍ୱରରୁ ତାଙ୍କ ପୈତୃକ ବାସଭବନ କଟକ ସଦର ବ୍ଲକ ଅଧୀନ ଗତିରାଉତପାଟଣା(ଡିହସାହି)କୁ ନିଆଯାଇଥିଲା। ବାଟରେ ତେଲେଙ୍ଗାପେଣ୍ଠର ଗାନ୍ଧୀ ସ୍ମୃତିସ୍ଥଳ, ସ୍ୱରାଜ ଆଶ୍ରମ, କଟକ ଜିଲା କଂଗ୍ରେସ କାର୍ଯ୍ୟାଳୟ, ଶିଖରପୁର ଓ ଗଣ୍ଡରପୁର ପୂଜା କମିଟି କାର୍ଯ୍ୟାଳୟ, ଚାଉଳିଆଗଞ୍ଜ, ନୂଆବଜାର, ଗତିରାଉତପାଟଣା, ବିରିବାଟୀ, ଫକୀରପଡା ଓ କନ୍ଦରପୁର ଅଞ୍ଚଳରେ ଲୋକେ ପ୍ରଧାନଙ୍କର ଶେଷଦର୍ଶନ କରିଥିଲେ। ପରେ ଶୋଭାଯାତ୍ରା ତାଙ୍କ ଜନ୍ମସ୍ଥାନ ଡିହସାହିରେ ପହଞ୍ଚିବା ପରେ ରୀତିନୀତି ଅନୁଯାୟୀ ଶେଷକ୍ରିୟା କରାଯାଇଥିଲା। ହେଲେ ପୈତୃକ ବାସଭବନ ବାରିରେ ମା'ଙ୍କ ସମାଧି ପାଖରେ ତାଙ୍କର ସମାଧି ପାଇଁ ପ୍ରଧାନଙ୍କ ଇଚ୍ଛା ଥିଲା ବୋଲି ପରିବାର ସୂତ୍ରରୁ ଜଣାପଡ଼ିଛି। ସେହି ଅନୁଯାୟୀ ପ୍ରଧାନଙ୍କ ମରଶରୀରକୁ ସମାଧି ଦିଆଯାଇଥିଲା।




■ ଆସିଲା ବ୍ୟବଚ୍ଛେଦ ରିପୋର୍ଟ

# ମହିଳାଙ୍କୁ ମାଂସାଶୀ ପ୍ରାଣୀ ମାରିଛି

**ଭୁବନେଶ୍ୱର,(ବ୍ୟୁରୋ)/ ବନ୍ତଳା, ୧୭।୯(ଡି.ଏନ୍.ଏ.)**

- 'ସୁନ୍ଦରୀ' ବାଘୁଣୀ ମାରିଥିବା ଅଭିଯୋଗ ଥିଲା
- ରିପୋର୍ଟ ଆଧାରରେ ଆଗେଇବ ତଦନ୍ତ
- ପୁଣି ଉତ୍ତେଜନା ଆଶଙ୍କା, ପୋଲିସ ପ୍ରସ୍ତୁତ

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ ମହିଳାଙ୍କ ମୃତ୍ୟୁ ଘଟଣାର ବ୍ୟବଚ୍ଛେଦ ରିପୋର୍ଟ ସୋମବାର ଆସିଛି। ଜଙ୍ଗଲୀ ମାଂସାଶୀ ପ୍ରାଣୀ ଆକ୍ରମଣ କରିଥିବା ଓ ୨୪ ଘଣ୍ଟା ମଧ୍ୟରେ ମହିଳାଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ତେବେ ଏହି ରିପୋର୍ଟକୁ ଆଧାର କରି ତଦନ୍ତ ଆଗେଇବ। ପାରିପାର୍ଶ୍ୱିକ ପ୍ରମାଣକୁ ନେଇ ବରିଷ୍ଠ ଡିଏସ୍‌ପି ର‌୍ୟାଙ୍କ୍‌ର ଜଣେ ଅଧିକାରୀ ଘଟଣାର ତଦନ୍ତ କରିବେ ବୋଲି ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର ସୂଚନା ଦେଇଛନ୍ତି।

ଗତ ୧୨ ତାରିଖ ଦିନ ଟିକରପଡ଼ା ପଞ୍ଚାୟତ ହାତିବାରୀ ଗ୍ରାମର କୈଳାସ ସାଇଅଙ୍କୁ ବାଘୁଣୀ 'ସୁନ୍ଦରୀ' ଆକ୍ରମଣ କରି ଖାଇ ଦେଇଥିବା ଅଭିଯୋଗ ହୋଇଥିଲା। ଏହି ଅନୁଯାୟୀ ପୁରୁଣାକୋଟ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିଲା। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ଉକ୍ତ ଜଙ୍ଗଲରେ କେତେକ ଗୋରୁଙ୍କ ମୃତ୍ୟୁ ପରେ ସ୍ଥିତି ବିଗିଡି ଯାଇଥିଲା। ଏବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ଥାନୀୟ ଅଞ୍ଚଳରେ ପୁଣି ଉତ୍ତେଜନା ପ୍ରକାଶ ପାଇବାର ଆଶଙ୍କା ଦେଖାଦେଇଛି। ତେବେ କୌଣସି ପରିସ୍ଥିତିକୁ ସାମ୍ନା କରିବାକୁ ପୋଲିସ ପ୍ରସ୍ତୁତ ରହିଥିବା ଏସ୍‌ପି ମହାପାତ୍ର କହିଛନ୍ତି।

ଅନ୍ୟପଟେ ଏହି ଘଟଣାକୁ ଏକ ଦୁର୍ଘଟଣା ବୋଲି କହିଛନ୍ତି ୱାଇଲ୍ଡଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ଡ. ରମେଶ। ତାଙ୍କ କହିବାନୁଯାୟୀ, ସାତକୋଶିଆ ବାଘ ରହିବା ପାଇଁ ଏକ ପ୍ରକୃଷ୍ଟ ସ୍ଥାନ। ଏହା ଉପରେ ସମସ୍ତଙ୍କ ନଜର ରହିଛି। ବାଘୁଣୀ ବର୍ତ୍ତମାନ ସ୍ୱାଭାବିକ ଅଛି। ତାକୁ ଆୟତ୍ତକୁ ଅଣାଯିବ। ବାଘୁଣୀକୁ ବିପଦ ନ ଥିବା ଜାଗାରେ ସୁରକ୍ଷିତ ଭାବେ ରଖାଯିବ। ଲୋକମାନଙ୍କ ସହିତ ଆଲୋଚନା ପରେ ସବୁକିଛି କରାଯିବ। ଯେଉଁ ସ୍ଥିତି ଉପୁଜିଛି ତାହାର ଶୀଘ୍ର ସମାଧାନ ହେବ। ଜଙ୍ଗଲବାସୀଙ୍କ ବିନା ସାତକୋଶିଆରେ ବାଘ ବଂଶ ବୃଦ୍ଧି ଯୋଜନା ଅସମ୍ଭବ ହେବ। ଆମ ଟିମ୍ ସୁନ୍ଦରୀକୁ ପୂରା ନଜର ରଖିଛି। ବାଘୁଣୀକୁ ନେଇ କେହି ଭୟଭୀତ ହୁଅନ୍ତୁ ନାହିଁ ବୋଲି ରମେଶ କହିଛନ୍ତି। ଏ ନେଇ ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ସୁଦର୍ଶନ ପଣ୍ଡା କହିଛନ୍ତି, ବାଘୁଣୀ ଆଠମଲ୍ଲିକ ବନଖଣ୍ଡ ହାତିଧରା ଜଙ୍ଗଲରେ ରହିଛି। ମନିଟରିଂ ଚାଲିଛି। ଖୋଲ ପାହାଡ଼ରେ ରହୁଥିବା ଯୋଗୁ ଆୟତ୍ତକୁ ଅଣାଯାଇପାରୁନାହିଁ। ୨ରୁ ୪ଦିନ ମଧ୍ୟରେ ସୁଯୋଗ ମିଳିବା ମାତ୍ରେ ବାଘୁଣୀକୁ ଆୟତ୍ତକୁ ଅଣାଯିବ ବୋଲି ସେ କହିଛନ୍ତି।

# ସମବାୟ ବିଭାଗର ଲୋଗୋ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୭।୯(ବ୍ୟୁରୋ)**



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମବାୟ ବିଭାଗର ଲୋଗୋ ଉନ୍ମୋଚନ କରୁଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ସଚିବାଳୟଠାରେ ସମବାୟ ବିଭାଗର ଦୁଇଟି ପ୍ରତୀକ(ଲୋଗୋ)ର ଉନ୍ମୋଚନ କରିଛନ୍ତି। ଉକ୍ତ ବିଭାଗର ଦୁଇ ପ୍ରମୁଖ କାର୍ଯ୍ୟକ୍ରମ ଯଥା, ପ୍ରାଥମିକ କୃଷିଋଣ ସମବାୟ ସମିତି ଦ୍ୱାରା ଧାନ ସଂଗ୍ରହ ଏବଂ ନିୟନ୍ତ୍ରିତ ବଜାର କମିଟିଗୁଡିକ ଦ୍ୱାରା କୃଷିଜାତ ଦ୍ରବ୍ୟର ଉତ୍କର୍ଷ ନିର୍ଦ୍ଧାରଣ ଲାଗି ଦୁଇଟି ଲୋଗୋର ଉନ୍ମୋଚନ କରାଯାଇଛି।

କଳିଙ୍ଗ ପିଓର ଏବଂ ରାଜ୍ୟ ସଂଗ୍ରହ କେନ୍ଦ୍ର ନାମରେ ନାମିତ ଏହି ଲୋଗୋ ଦୁଇଟି ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ଦର୍ଶାଇବା ସହିତ ରାଜ୍ୟରେ ଉତ୍ପାଦିତ କୃଷିଜାତ ଦ୍ରବ୍ୟର ଏକ ବ୍ରାଣ୍ଡ ବିକଶିତ କରିବ। ଏହି ଦୁଇ ଲୋଗୋର ଗୁଣ ସଙ୍କେତ ସମ୍ପର୍କରେ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ, କଳିଙ୍ଗ ପିଓର ଲୋଗୋକୁ ବ୍ୟବହାର କରୁଥିବା ସଂସ୍ଥାର ଦୃଷ୍ଟି ସଂକ୍ରାନ୍ତ ଓ ସମ୍ପର୍କକୁ ଦର୍ଶାଇବ। ଏହା ନିର୍ଦ୍ଦିଷ୍ଟ ଉତ୍ପାଦନ ଦ୍ରବ୍ୟର ଶୁଦ୍ଧତା ଏବଂ ମାନଦଣ୍ଡକୁ ଦର୍ଶାଇବ। ଏହାସହ ରାଜ୍ୟ ସଂଗ୍ରହ କେନ୍ଦ୍ରର ଲୋଗୋ ସେହି ସଂସ୍ଥାର ସାଧାରଣ ଧାରଣାକୁ ଯଥାଯୋଗ୍ୟ ପ୍ରତିପାଦିତ କରୁଛି। କୃଷି ଅଂଶଚିତ୍ର ସେହି ସଂସ୍ଥାର କାର୍ଯ୍ୟଶୈଳୀକୁ ସୂଚିତ କରିବା ସହିତ ଏହାର ଆଗ୍ରହର ଉଦ୍ଦେଶ୍ୟକୁ ପ୍ରତିପାଦିତ କରୁଥିବା ଦର୍ଶାଯାଇଛି।

# ବକୁଳବନ ନିକଟରେ ହେବ ଓଡ଼ିଆ ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର, ୧୭।୯(ବ୍ୟୁରୋ)**

ପଞ୍ଚସଖାଙ୍କ କର୍ମଭୂମି ତଥା ସତ୍ୟବାଦୀର ବକୁଳବନ ନିକଟରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବ। ସୋମବାର ସଚିବାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଓଡ଼ିଆ ନବଜାଗରଣର ପୀଠ କୁହାଯାଉଥିବା ସତ୍ୟବାଦୀର ବକୁଳବନ ଶିକ୍ଷା କ୍ଷେତ୍ରରେ ଏକ ଆଦର୍ଶସ୍ଥଳୀ ଭାବେ ପ୍ରସିଦ୍ଧି ଲାଭ କରିଥିଲା। ଏହାର ଆଦର୍ଶକୁ ଜୀବିତ ରଖିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବକୁଳବନ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ, ଆଚାର୍ଯ୍ୟ ହରିହର, ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ ଓ ପଣ୍ଡିତ କୃପାସିନ୍ଧୁଙ୍କ ମଣିଷ ତିଆରି କାରଖାନା ଥିଲା। ବକୁଳବନ ନିକଟରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଏକ ଐତିହାସିକ ନିଷ୍ପତ୍ତି। ପଞ୍ଚସଖାଙ୍କ ଆଦର୍ଶର ପ୍ରଚାର ଓ ପ୍ରସାର ଦିଗରେ ଏହା ମଧ୍ୟ ବିଶେଷ ସହାୟକ ହେବ।

ଓଡ଼ିଆ ବିଶ୍ୱବିଦ୍ୟାଳୟ ବକୁଳବନ ନିକଟରେ ପ୍ରତିଷ୍ଠା ହେବାକୁଥିବାବେଳେ ସେହିପରିସରରୁ କିଛିଗଛ କଟାଯିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି। ପରିବେଶ ଏବଂ ଐତିହ୍ୟକୁ ଦୃଷ୍ଟିରେ ରଖି ବିଶ୍ୱବିଦ୍ୟାଳୟର ନିର୍ମାଣ କାର୍ଯ୍ୟ କରାଯିବ। ବାଲି ପଥରରେ ଏକ ମହଲା ବିଶିଷ୍ଟ କୋଠାରେ ହିଁ ଓଡ଼ିଆ ବିଶ୍ୱବିଦ୍ୟାଳୟ ନିର୍ମାଣ ହେବ। ଉପାଧ୍ୟୁତର ଶିକ୍ଷାଠାରୁ ଆରମ୍ଭ କରି ଏମ୍.ଫିଲ୍ ଓ ପିଏଚ୍‌ଡି ପର୍ଯ୍ୟନ୍ତ ଓଡ଼ିଆ ଭାଷାରେ ଉଚ୍ଚତର ଶିକ୍ଷା ଓ ଗବେଷଣା ଦିଗରେ ଏହି ବିଶ୍ୱବିଦ୍ୟାଳୟ କାର୍ଯ୍ୟ କରିବ। ଏଥିପାଇଁ ଖୁବ୍‌ଶୀଘ୍ର ଜଣେ ଓ.ଏସ୍.ଡି.ଙ୍କୁ ନିଯୁକ୍ତି ଦିଆଯିବ। ଏହାର ଅସ୍ଥାୟୀ କାର୍ଯ୍ୟାଳୟ ସତ୍ୟବାଦୀ ପାନ୍ଥନିବାସରେ ରହିବ ବୋଲି ସରକାରୀସ୍ତରରେ ନିଷ୍ପତ୍ତି ନିଆଯାଇଛି।

ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ବଜେଟ୍‌ରେ ଏଥିପାଇଁ ୧୦କୋଟି ଟଙ୍କାର ବ୍ୟୟବରାଦ ରଖାଯାଇଥିଲା। ଏହାସହ ଏଥିପାଇଁ କୁଳପତି, ରେଜିଷ୍ଟ୍ରାର ଆଦି ପଦବୀଗୁଡିକ ମଧ୍ୟ ସୃଷ୍ଟି କରାଯାଇଛି। ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଲାଗି ଆବଶ୍ୟକ ପ୍ରାରମ୍ଭିକ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପୁରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର ବକୁଳବନ ନିକଟରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ନ କରିବା ପାଇଁ ଗୃହରେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। ଏହାଦ୍ୱାରା ଗୋପବନ୍ଧୁ ଦାସଙ୍କ ନାମ ଏବଂ ବକୁଳବନକୁ ଲୋକେ ଭୁଲିଯିବେ ବୋଲି ସେ କହିଛନ୍ତି। ଗୋପବନ୍ଧୁ ଦାସଙ୍କୁ ଲୋକେ ବହୁତ ସମ୍ମାନ ଦେବାସହ ଭକ୍ତି କରନ୍ତି। ସେ ମଧ୍ୟ ତାଙ୍କୁ ବହୁତ ସମ୍ମାନ କରନ୍ତି। ଓଡ଼ିଆ ବିଶ୍ୱବିଦ୍ୟାଳୟ ହେବା ଦ୍ୱାରା ତାଙ୍କ ପ୍ରତି ରହିଥିବା ଲୋକଙ୍କ ସମ୍ମାନ ରହିବ ନାହିଁ । ତେଣୁ ଏହାର ସ୍ଥାନ ପରିବର୍ତ୍ତନ କରାଯାଉ ବୋଲି ନରସିଂହ କହିଛନ୍ତି।




CLASSIFIED DISPLAY















ଯେ ଅନ୍ୟଠାରୁ ପ୍ରେମ ପାଏ ଓ ତାକୁ ଭୋଗ କରେ- ସେହି ପ୍ରେମ ଦ୍ୱାରା ସେ ନିଜକୁ ଉଜ୍ଜ୍ୱଳ କରିପାରେନା କି ପରିପୂର୍ଣ୍ଣ କରିପାରେନା। କିନ୍ତୁ ଯେ ଅନ୍ୟକୁ ପ୍ରେମ ଦିଏ- ତା'ର ସେହି ପ୍ରେମ ହିଁ ତାକୁ ଉଜ୍ଜ୍ୱଳ ଓ ପରିପୂର୍ଣ୍ଣ କରିଦିଏ। -ଶ୍ରୀମା



# ରୋଗୀ ବନ୍ଧକ

କୌଣସି ଆର୍ଥିକ ସଂସ୍ଥାରୁ ଋଣ ଆଣିବାକୁ ହେଲେ ବ୍ୟକ୍ତିବିଶେଷଙ୍କୁ ମର୍ଟଗେଜ୍ ବା ବନ୍ଧକ ରଖିବାକୁ ପଡ଼େ। ଋଣ କରିଥିବା ବ୍ୟକ୍ତି ଯଦି ଭବିଷ୍ୟତରେ ତାହାକୁ ଶୁଝିବାକୁ ଅକ୍ଷମ ହୁଅନ୍ତି, ତେବେ ବନ୍ଧକ ଥିବା ଜିନିଷ ନିଲାମ କରାଯାଇ ଅର୍ଥ ଅସୁଲ କରାଯାଏ। ରୋଗୀଙ୍କୁ ବନ୍ଧକ ରଖାଯିବା ବିଷୟ ଶୁଣିବାକୁ ଅଡୁଆ ଲାଗୁଥିଲେ ମଧ୍ୟ ଏହା ବର୍ତ୍ତମାନ ଡାକ୍ତରଖାନା ବିଶେଷକରି ଘରୋଇ ହସ୍ପିଟାଲଗୁଡ଼ିକରେ ପ୍ରାୟତଃ ଦେଖିବାକୁ ମିଳୁଛି। ହସ୍ପିଟାଲ ଯାଉଥିବା ଦେଶର ଅଧିକାଂଶ ଲୋକ ଏଭଳି ପରିସ୍ଥିତିର ସାମ୍ନା କରୁଥିବେ। ରୋଗୀଙ୍କ ମୃତ୍ୟୁ ଘଟିଲେ ହସ୍ପିଟାଲ ପକ୍ଷରୁ ପ୍ରସ୍ତୁତ ବିଲ୍ ପଇଠ କରିବାରେ ସମ୍ପର୍କୀୟମାନେ ଅକ୍ଷମ ହେଲେ ସେମାନଙ୍କୁ ଶବ ହସ୍ତାନ୍ତର କରାଯାଉ ନ ଥିବାର ଅନେକ ନଜିର ରହିଛି। କେତେକ କ୍ଷେତ୍ରରେ ଘରୋଇ ହସ୍ପିଟାଲରେ ବଡ଼ ରୋଗ ହୋଇଛି କହି ଦୀର୍ଘଦିନ ରଖିବା ଏବଂ ଯାବତୀୟ ଡାକ୍ତରୀ ପରୀକ୍ଷା କରି ବିଲ୍ ବଢ଼ାଇବାର ଅଭିଯୋଗ ମିଳିଥାଏ। ସେହିପରି ହସ୍ପିଟାଲ ପରିସରରେ ଥିବା ଦୋକାନରୁ ଚଢ଼ାଦରରେ ଔଷଧ କିଣି ରୋଗୀ ହନ୍ତସନ୍ତ ହେଉଥିବା ମଧ୍ୟ ଦେଖିବାକୁ ମିଳୁଛି । କେଉଁ ରୋଗ ପାଇଁ କେତେ ଅର୍ଥ ଖର୍ଚ୍ଚ ହେବ ସେହି ସଂକ୍ରାନ୍ତ ତାଲିକାର ବିବରଣୀ ହସ୍ପିଟାଲ କାନ୍ଥରେ ଲଗାଯାଉ ନ ଥିବାରୁ ରୋଗୀଙ୍କୁ ମନଇଚ୍ଛା ବିଲ୍ ଧରାଇ ଦିଆଯାଉଛି।

ଏହି ପ୍ରଚ୍ଛଦପଟରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏବେ ପେମେଣ୍ଟ ବା ଅର୍ଥ ପ୍ରଦାନ ସମ୍ପର୍କିତ ଚିଠା ପେସେଣ୍ଟ ଚାର୍ଟର ଅଣାଯିବା ଲାଗି ସ୍ଥିର ହୋଇଛି। ପେମେଣ୍ଟ ବିବାଦକୁ କେନ୍ଦ୍ରକରି ରୋଗୀଙ୍କୁ ଅଟକାଇଲେ କିମ୍ବା ରୋଗୀଙ୍କ ମୃତଦେହକୁ ସମ୍ପର୍କୀୟଙ୍କୁ ଠିକ୍ ସମୟରେ ହସ୍ତାନ୍ତର କରା ନ ଗଲେ ଏହାକୁ ଅପରାଧ ଭାବେ ବିବେଚନା କରାଯିବ ବୋଲି ଉକ୍ତ ଚାର୍ଟରରେ ଉଲ୍ଲେଖ କରାଯାଇଛି। ହସ୍ପିଟାଲଗୁଡ଼ିକ ଯେପରି ସୁଚାରୁରୂପେ ସ୍ୱାସ୍ଥ୍ୟସେବା ଯୋଗାଇବେ ସେଥିଲାଗି ରାଜ୍ୟ ସରକାରଙ୍କ ମାଧ୍ୟମରେ ମନ୍ତ୍ରଣାଳୟ ଉକ୍ତ ଚାର୍ଟରକୁ ଲାଗୁ କରିବ। ଏଠାରେ ହସ୍ପିଟାଲଗୁଡ଼ିକ ଯୁକ୍ତି ବାଢ଼ିପାରନ୍ତି ଯେ, ଥରେ ରୋଗୀ ଭଲ ହେବା ପରେ ତାଙ୍କୁ କିମ୍ବା ସେମାନଙ୍କ ସମ୍ପର୍କୀୟଙ୍କୁ ଧରିବା କାଠିକର ପାଠ ହୋଇପାରେ। ଏହି ଯୁକ୍ତିକୁ ଖଣ୍ଡନ କରିବା ଲାଗି ଉକ୍ତ ଚିଠା ପ୍ରସ୍ତାବରେ କୁହାଯାଇଛି ଯେ ସେଥିପାଇଁ ହସ୍ପିଟାଲଗୁଡ଼ିକ ନିଜସ୍ୱ ବ୍ୟବସ୍ଥା ସୃଷ୍ଟି କରିବେ। ରୋଗ ଓ ଏଥିଲାଗି କେତେ ଖର୍ଚ୍ଚ ହେବ ତାହାର ଏକ ତାଲିକା ସମ୍ପୃକ୍ତ ଡାକ୍ତରଖାନାଗୁଡ଼ିକ ସେମାନଙ୍କ କାନ୍ଥରେ ଝୁଲାଇବେ। ଡିସ୍‌ପ୍ଲେ ବୋର୍ଡ କିମ୍ବା ସୂଚନା ପୁସ୍ତିକାରେ ଏସବୁ ସ୍ଥାନୀୟ ଭାଷା ଓ ଇଂଲିଶ ଭାଷାରେ ଉଲ୍ଲେଖ ରହିବା ଆବଶ୍ୟକ ବୋଲି ସମ୍ପୃକ୍ତ ଚିଠାରେ ଉଲ୍ଲେଖ ରହିଛି । ଏପର୍ଯ୍ୟନ୍ତ ତାହା ହେଉ ନ ଥିବାରୁ ରୋଗୀଙ୍କ ବାବଦକୁ ହୋଇଥିବା ଖର୍ଚ୍ଚ ପରିମାଣ ମନଇଚ୍ଛା ବଢ଼ାଇ ଦିଆଯାଉଛି । ଏଭଳି ସ୍ଥଳେ ପେସେଣ୍ଟ ରାଇଟ୍ସ ଟ୍ରିବ୍ୟୁନାଲ ଫୋରମ୍ ଅଥବା କ୍ଲିନିକାଲ ଏଷ୍ଟାବ୍ଲିଶମେଣ୍ଟ ରେଗୁଲେଟୋରୀ ଅଥରିଟିଙ୍କ ନିକଟରେ ରୋଗୀ କିମ୍ବା ସମ୍ପର୍କୀୟ ବିଲ୍ ବାବଦ ଅଭିଯୋଗ କରିପାରିବେ। ସ୍ଥଳବିଶେଷରେ ରୋଗୀ କିମ୍ବା ତାଙ୍କ ପରିବାର ସଦସ୍ୟ ରେକର୍ଡରୁମ୍‌ରେ ରଖାଯାଇଥିବା ଚିକିତ୍ସା ସମ୍ବନ୍ଧୀୟ ସବୁ କାଗଜପତ୍ର ଦେଖି ଯାଞ୍ଚ କରିପାରିବେ। ଏପରିକି ଚିକିତ୍ସା ନେଇ ସନ୍ଦେହ ଉପୁଜିଲେ ଅନ୍ୟ ହସ୍ପିଟାଲ ଡାକ୍ତରଙ୍କ ସହାୟତା ମଧ୍ୟ ନେଇପାରିବେ। ଏଥିସହିତ ରୋଗୀଙ୍କୁ ତାଙ୍କ ରୋଗ ସମ୍ପର୍କିତ ସବୁ କାଗଜପତ୍ରର ନକଲ ମାଗଣାରେ ଚିକିତ୍ସା ଯୋଗାଇଥିବା ଡାକ୍ତରଖାନା ଦେବାକୁ ବାଧ୍ୟ ବୋଲି ଚିଠା ପ୍ରସ୍ତାବରେ ରହିଛି।

ସ୍ୱାସ୍ଥ୍ୟ କ୍ଷେତ୍ରରେ ସ୍ୱଚ୍ଛତା ଅଣାଯିବା ଲାଗି ଚିଠା ପ୍ରସ୍ତାବରେ ସ୍ଥାନ ପାଇଥିବା ବିଷୟବସ୍ତୁକୁ ଦେଖିଲେ ତାହା ଅତ୍ୟନ୍ତ ଉପାଦେୟ ହୋଇପାରନ୍ତା। କେବଳ ଘରୋଇ ନୁହେଁ, ସରକାରୀ ହସ୍ପିଟାଲରେ ମଧ୍ୟ କେତେକ ଚିକିତ୍ସା କ୍ଷେତ୍ରରେ ଖର୍ଚ୍ଚ ବ୍ୟୟବହୁଳ ହେଉଛି। ଯେହେତୁ ସରକାରୀ ହସ୍ପିଟାଲ ଜନକଲ୍ୟାଣ ଲାଗି ଉଦ୍ଦିଷ୍ଟ ସେହେତୁ ସେଠାରେ ବିରାଟବଡ଼ ଅସଙ୍ଗତି ଲକ୍ଷ୍ୟ କରାଯାଉ ନାହିଁ। ଘରୋଇ ଡାକ୍ତରଖାନା କ୍ଷେତ୍ରରେ ଦେଖିଲେ ସେମାନଙ୍କ ମୁଖ୍ୟ ଉଦ୍ଦେଶ୍ୟ ରହୁଛି ଲାଭ। ଅତ୍ୟଧିକ ଲୋଭର ବଶବର୍ତ୍ତୀ ହୋଇ କର୍ପୋରେଟ ହସ୍ପିଟାଲଗୁଡ଼ିକ ରୋଗୀଙ୍କୁ ଶୋଷଣ କରୁଥିବାରୁ ଅନେକ ସମୟରେ ରୋଗୀ, ଡାକ୍ତର ଓ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଅପ୍ରୀତିକର ପରିସ୍ଥିତି ଏପରିକି ବାଡ଼ିଆପିଟା ଯାଏ କଥା ଯାଉଥିବା ଦେଖାଯାଉଛି। ଘରୋଇ ଡାକ୍ତରଖାନାଗୁଡ଼ିକ ସୁଲଭ ସ୍ୱାସ୍ଥ୍ୟସେବା ଯୋଗାଇବା କଥା କହି ରାଜ୍ୟ ସରକାରଙ୍କଠାରୁ ଜମି ସହ ଆନୁଷଙ୍ଗିକ ସୁବିଧା ହାତେଇଥାଆନ୍ତି। କିନ୍ତୁ ଲୋକଙ୍କୁ ସେଭଳି ସେବା ମିଳୁ ନ ଥିବା ଲକ୍ଷ୍ୟ କରାଯାଉଛି। ଏହି ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ ସେବାରେ ସଂସ୍କାର ସ୍ୱରୂପ ରୋଗୀଙ୍କ ଅଧିକାର ଲାଗି ଏହି ଚାର୍ଟର ଆସିପାରିଲେ ଲୋକେ ଉପକୃତ ହୋଇପାରନ୍ତେ। ଏଭଳି ପଦକ୍ଷେପର ଏକ ଓଲଟା ଦିଗ ବାହାରିପାରେ। କର୍ପୋରେଟ ହସ୍ପିଟାଲଗୁଡ଼ିକ ଆର୍ଥିକ ସ୍ୱଚ୍ଛଳ ନ ଥିବା ରୋଗୀଙ୍କଠାରୁ ବୀମା କାଗଜପତ୍ର ଦାବି କରିପାରନ୍ତି ଅଥବା ଆଗୁଆ ଅର୍ଥ ଦାବି କରିପାରନ୍ତି। ତାହା ନ ହୋଇପାରିଲେ ରୋଗୀଙ୍କୁ ଅନ୍ୟ ବାହାନା ଦେଖାଇ ଫେରାଇ ଦେବାର ଧାରା ମଧ୍ୟ ସୃଷ୍ଟି ହୋଇପାରେ। ଶେଷରେ ଏପରି ଚାର୍ଟରର ଉପଯୁକ୍ତ କାର୍ଯ୍ୟକାରିତା ଉପରେ ସବୁ ନିର୍ଭର କରେ।

## su | do | ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 4 | | | E | 9 | | | 8 | D | | 0 | | 3 |
| | | 9 | | | | | E | | 0 | A | | 2 | | |
| | | | | 5 | | | C | 0 | E | 9 | | | D | |
| | | | | 1 | | | | 7 | | C | | | 5 | |
| | 6 | | | | 4 | | | | 2 | | 5 | | 8 | |
| | | | | E | | C | | | | | | 8 | | |
| 1 | 7 | | | | A | | | | | | 0 | | 3 | |
| | B | | | | 8 | 2 | | 4 | | E | | 5 | 1 | |
| | C | | | D | | | | | 1 | 3 | | | 4 | 2 |
| 6 | D | | 9 | | | | 0 | 1 | 7 | | 2 | B | | |
| 0 | 4 | | C | | | | | 5 | 3 | | | 6 | | |
| | | B | A | | 7 | | | | 4 | 5 | | | | 8 |
| | | | 2 | | | | | | | | 9 | | | |
| | | 3 | | | | | 8 | A | | | | 4 | E | |
| | | 8 | | | | 1 | | | | | A | D | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ AରୁE ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 0 | 6 | C | 7 | 9 | E | 8 | 5 | B | 3 | 1 | 4 | D | A |
| 3 | 5 | D | 1 | 6 | 8 | 4 | A | 2 | 9 | E | C | B | 0 | 7 |
| 8 | 9 | C | A | 2 | 4 | B | 6 | D | 5 | 7 | 0 | E | 1 | 3 |
| E | B | 4 | 0 | 5 | 3 | 7 | 9 | 1 | A | D | 6 | C | 2 | 8 |
| 1 | 7 | A | E | D | B | 0 | C | 3 | 4 | 2 | 8 | 6 | 5 | 9 |
| A | 6 | 0 | 3 | 9 | D | C | 4 | 8 | 7 | 1 | B | 2 | E | 5 |
| B | D | E | 5 | 8 | 7 | A | 1 | 0 | 3 | 6 | 2 | 9 | C | 4 |
| 5 | 4 | 1 | B | C | 2 | 9 | 3 | 7 | D | 8 | E | A | 6 | 0 |
| 7 | C | 3 | 4 | 1 | A | 2 | E | 6 | 0 | 5 | 9 | 8 | B | D |
| 9 | 2 | 8 | 6 | E | 0 | 5 | D | B | C | A | 4 | 7 | 3 | 1 |
| 0 | E | 5 | 7 | A | C | D | B | 4 | 6 | 9 | 3 | 1 | 8 | 2 |
| 6 | A | 2 | 9 | 0 | 5 | 1 | 7 | C | 8 | B | D | 3 | 4 | E |
| 4 | 8 | 7 | 2 | B | E | 3 | 0 | A | 1 | C | 5 | D | 9 | 6 |
| D | 3 | B | 8 | 4 | 1 | 6 | 2 | 9 | E | 0 | 7 | 5 | A | C |
| C | 1 | 9 | D | 3 | 6 | 8 | 5 | E | 2 | 4 | A | 0 | 7 | B |

ଗତକାଲିର ଉତ୍ତର

# ଘରୋଇ ହିଂସାର କରାଳ ରୂପ



ବୈକୁଣ୍ଠନାଥ ମିଶ୍ର

ହିଂସା ଏକ ନକାରାତ୍ମକ ଶବ୍ଦ, ଯାହା ପରପୀଡ଼ନ, ପରର କ୍ଷତି ସାଧନ, ଏପରି କି ଧ୍ୱଂସ ଓ ମୃତ୍ୟୁଲୀଳା ସଂଯୋଜନାକୁ ବୁଝାଏ। ଯେତେବେଳେ ଏହା ଆତ୍ମୀୟସ୍ୱଜନ ବା ରକ୍ତ ସମ୍ପର୍କୀୟ ପ୍ରତି କରାଯାଏ, ତାହାକୁ ପାରିବାରିକ ବା ଘରୋଇ ହିଂସା କୁହାଯାଏ। ନିଜ ପୁତ୍ର ବା କନ୍ୟା ପରିବାରର ସମ୍ମାନକୁ ଭ୍ରୂକ୍ଷେପ ନ କରି ଏପରି କିଛି କରିବସନ୍ତି, ଯାହା ପରିବାର ସଦସ୍ୟଙ୍କ ମନରେ ସେମାନଙ୍କ ପ୍ରତି ଘୃଣାଭାବ ଜାତ କରାଏ ଏବଂ ପରିବାର ସଦସ୍ୟ ଆତ୍ମୀୟତାକୁ ଭୁଲି ନିଜ ପିଲାଙ୍କର ମୃତ୍ୟୁଲୀଳା ରଚନା କରନ୍ତି। ମା' ବାପାଙ୍କ ଇଚ୍ଛା ବିରୋଧରେ ଯଦି ଝିଅଟି କୌଣସି ପୁଅ, ବିଶେଷତଃ ନୀଚ ଜାତିର ପୁଅକୁ ଭଲ ପାଇ ବସେ ଓ ପରିବାରର ଅନିଚ୍ଛା ସତ୍ତ୍ୱେ ବିବାହ କରେ ତେବେ ମାତାପିତା ପ୍ରତ୍ୟକ୍ଷରେ କିଛି କରିପାରନ୍ତିନି ସିନା ହେଲେ ମନ ମଧ୍ୟରେ ହିଂସାର ବହ୍ନି ଜଳୁଥାଏ। କନ୍ୟା ଓ ଜାମାତାଙ୍କ ସହ ଛଳନାପୂର୍ଣ୍ଣ ଆଚରଣ କରି ତାଙ୍କ ମନରେ ପ୍ରତ୍ୟୟ ସୃଷ୍ଟି କରି ସୁଯୋଗ ଦେଖି ହତ୍ୟା କରାଯାଏ, ଯାହାକୁ କୁହାଯାଏ ଅନରକିଲିଂ।

ଅନେକ କ୍ଷେତ୍ରରେ ବିବାହ ପୂର୍ବରୁ ଝିଅର ଆତ୍ମୀୟମାନେ ପୁଅକୁ ହତ୍ୟା କରନ୍ତି ଓ ବିବାହ ପରେ ପୁଅଘର ଲୋକେ ଝିଅକୁ ହତ୍ୟା କରନ୍ତି। ନବବଧୂକୁ ଯୌତୁକ ଲୋଭରେ ଶାରୀରିକ ନିର୍ଯାତନା ଦେବା, ଏପରିକି ଜୀବିତ ଅଗ୍ନିସଂଯୋଗ କରି ହତ୍ୟା କରିବା ପାରିବାରିକ ହିଂସାର ନଗ୍ନରୂପ। ଝିଅ ପାଇଁ ପୁଅଟିଏ ଓ ପୁଅ ପାଇଁ ଝିଅଟିଏ- ଏହା ବିଧିନିର୍ଦ୍ଧାରିତ। ଏଥିରେ ଅନ୍ତରାୟ ସୃଷ୍ଟି କରିବା ମଣିଷର ଶକ୍ତିର ବାହାରେ। ଆମେ ଦୈବୀ ସଂଯୋଜନାର ବିରୋଧରେ ଯାଇ ବୃଥା ଗର୍ବ, ଅହଂକାରରେ ହିଂସାର ପଥ ବାଛିନେଉଛୁ।

ଓଡ଼ିଶା ସରକାର ଘରୋଇ ହିଂସା ଓ ଅନରକିଲିଂକୁ ରୋକିବା ପାଇଁ ଏସ୍.ଓ.ପି. (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିକ୍ୟୁଟର) ଜାରି କରିଛନ୍ତି। ଏଥିପାଇଁ ଗତ ୩୦ ଅଗଷ୍ଟ ୨୦୧୮ରେ ପ୍ରତ୍ୟେକ ଜିଲା ପ୍ରଶାସନ, ପୋଲିସ ଓ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ୭ ମାର୍ଚ୍ଚ ୨୦୧୮ର ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଅନେକ କ୍ଷେତ୍ରରେ ଗ୍ରାମ କମିଟି କିମ୍ବା ପଞ୍ଚାୟତ ବସି ଅନରକିଲିଂ ବା ଘରୋଇ ହିଂସା ଭଳି ସମ୍ବେଦନଶୀଳ ଘଟଣାର ସମାଧାନ କରିଥାନ୍ତି। ଏଥିରେ ଝିଅପୁଅଙ୍କ ଉପରେ ଚାପ ପ୍ରୟୋଗ କରାଯାଇ ବିଚ୍ଛେଦ ପାଇଁ ଉଦ୍ୟମ ହୁଏ। ଉତ୍ତର ଭାରତରେ ଏପରି ପଞ୍ଚାୟତ ମାଧ୍ୟମରେ ଆନ୍ତଃଜାତି ଓ ଆନ୍ତଃଧର୍ମ ବିବାହ ଉପରେ ନିଷ୍ପତ୍ତି ନିଆଯାଇ ଆଇନକୁ ହାତକୁ ନିଆଯାଏ। ଓଡ଼ିଶାରେ ଖାପ ପଞ୍ଚାୟତର ପ୍ରଚଳନ ନ ଥିଲେ ମଧ୍ୟ ଗ୍ରାମସଭା ଓ ପଞ୍ଚାୟତ ମାଧ୍ୟମରେ ଏପରି କରାଯାଏ। ଏପରି ନିଷ୍ପତ୍ତିର ଆବଶ୍ୟକତା ଅନୁଭୂତ ହେଲେ ଡିଏସ୍‌ପି ପାହ୍ୟାର ଜଣେ ପୋଲିସ ଅଧିକାରୀଙ୍କ ଉପସ୍ଥିତିକୁ ସୁନିଶ୍ଚିତ କରାଯିବା ଜରୁରୀ। ଭାରତୀୟ ପିଙ୍ଗଳ କୋଡର ଧାରା ୧୪୪ ଅନୁସାରେ ସମ୍ପୃକ୍ତ ପୋଲିସ ଅଧିକାରୀ ଉକ୍ତ ନିଷ୍ପତ୍ତିନାମାର ଏକ କପି ଜିଲା ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଦାଖଲ କରିବେ। ଫାଷ୍ଟଟ୍ରାକ୍ କୋର୍ଟରେ ଉକ୍ତ କେସ୍‌ର ବିଚାର କରାଯାଇ ୬ ମାସ ମଧ୍ୟରେ ବିଚାର ପ୍ରକ୍ରିୟା ଶେଷ ହୋଇ ଦୋଷୀକୁ ସମୁଚିତ ଦଣ୍ଡ ଦିଆଯିବ । ନିଷ୍ପତ୍ତି ଆନ୍ତଃଜାତି ବିବାହ ସପକ୍ଷରେ ଯିବା ଦରକାର। କୌଣସି ନବଦମ୍ପତି ଗ୍ରାମବାସୀ କିମ୍ବା ପରିବାର ପକ୍ଷରୁ ବିପଦ ଆଶଙ୍କା କରୁଥିଲେ ସେମାନଙ୍କୁ ସରକାରଙ୍କ ତରଫରୁ ସାଧାରଣ ଭଡାରେ ମାସକ ପାଇଁ ଘର ଯୋଗାଇ ଦିଆଯିବ। ଦମ୍ପତିଙ୍କୁ ଧମକ ମିଳିଲେ ଡିଏସ୍‌ପି ନିଜଆଡୁ ଏଫ୍‌ଆଇଆର୍ ରୁଜୁ କରିପାରିବେ। ସରକାରୀ ଘୋଷଣା ଅନୁସାରେ ୨୪ ଘଣ୍ଟିଆ ହେଲ୍‌ପଲାଇନ ସହ ପ୍ରତି ଜିଲାରେ ଏକ ସ୍ୱତନ୍ତ୍ର ସେଲ୍ ଖୋଲାଯାଇ ଆନ୍ତଃଜାତି ବିବାହ ସଂକ୍ରାନ୍ତ କୌଣସି ଅଘଟଣକୁ ଦୂର କରାଯିବ।

ଓଡ଼ିଶାର ଆଇନମନ୍ତ୍ରୀଙ୍କ ମତରେ, ଘରୋଇ ହିଂସା କେବଳ ପୀଡ଼ିତାଙ୍କୁ କଷ୍ଟ ଦିଏ ନାହିଁ, ବରଂ ଏହା ପରିବାର ଓ ସମାଜ ଉପରେ ଏକ ନକାରାତ୍ମକ ପ୍ରଭାବ ପକାଇଥାଏ। ମହିଳାମାନଙ୍କୁ ଘରୋଇ ହିଂସାରୁ ରକ୍ଷାକରିବା ପାଇଁ ୨୦୦୫ରେ ପ୍ରଣୀତ ଆଇନକୁ କଡ଼ାକଡ଼ି ପାଳନ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଶାସନ ସଚିବ ମଧ୍ୟ ଦୃଢ଼ୋକ୍ତି କରିଛନ୍ତି ଯେ, ତାଙ୍କ ବିଭାଗ ପାରିବାରିକ ହିଂସା ରୋକିବା ଓ ଆବଶ୍ୟକ ସ୍ଥଳେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବ। ସରକାର ଘରୋଇ ହିଂସାକୁ ପ୍ରତିହତ କରିବା ପାଇଁ ଏକ ସ୍ୱତନ୍ତ୍ର ବିଭାଗ ଖୋଲିବାକୁ ଚିନ୍ତା କରୁଛନ୍ତି।

କ୍ରମେ ଘରୋଇ ହିଂସାକାଣ୍ଡ ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଲାଣି। ଏକ ଆକଳନ ଅନୁସାରେ ଓଡ଼ିଶାର ୩୫.୨ ପ୍ରତିଶତ ମହିଳା ବିଭିନ୍ନ କାରଣରୁ ଘରୋଇ ହିଂସାର ଶିକାର ହେଉଛନ୍ତି। ଗତ ୩ ବର୍ଷରେ ଓଡ଼ିଶାରେ ୨୮ଟି ଅନରକିଲିଂ ଘଟିଛି। ନିକଟରେ ୨୨ ମେ ୨୦୧୮ରେ କଟକ ଜିଲା ନିଆଳିରେ ଘଟିଥିବା ଅନରକିଲିଂ ସବୁଠାରୁ ହୃଦୟବିଦାରକ। ପରିବାରର ସମ୍ମାନ ହାନି ଘଟାଇଥିବା ଅଭିଯୋଗରେ ବାପା, ଭାଇଙ୍କ ଦ୍ୱାରା ଏହି ନାରକୀୟ କାଣ୍ଡ ରଚିତ ହୋଇଥିଲା। ଦୁଇବର୍ଷ ତଳେ ଜଗତ୍‌ସିଂହପୁର ଜିଲା ଧଳତଙ୍ଗଗଡ଼ ଜଙ୍ଗଲରୁ ଏକ ଝିଅର ଗଳିତ ମୃତଦେହ ଉଦ୍ଧାର ହୋଇଥିଲା, ଯାହାକୁ ଅନରକିଲିଂ ବୋଲି ବିଶ୍ୱାସ କରାଯାଇଥିଲା।

ଆଜିର ମଣିଷ ବିବେକରହିତ। ମାନ, ସମ୍ମାନ, ସ୍ୱାର୍ଥପରତା, କ୍ରୂରତା ଓ ସର୍ବୋପରି ଅର୍ଥପିପାସା ମଣିଷକୁ ଅନ୍ଧ କରିଦେଇଛି। ପିଲାମାନଙ୍କୁ ସ୍ୱେଚ୍ଛାଚାରୀ ହେବାର ସମସ୍ତ ସୁବିଧା ସୁଯୋଗ ଆମେ ଯୋଗାଇ ଦେଉଛୁ। ଫଳସ୍ୱରୂପ ବଡ଼ ହେବା ପରେ ସେମାନେ ଅବାଟକୁ ଚାଲିଯାଉଛନ୍ତି। ତେଣୁ ସେମାନେ ନିଜ ଇଚ୍ଛାରେ ଜୀବନସାଥୀ ଚୟନ କରିବାରେ ଆମ୍ଭମାନଙ୍କର ପରୋକ୍ଷ ସହଯୋଗ ରହିଛି। ଅଭିଭାବକଙ୍କ କୋହଳ କଟକଣାର ସୁଯୋଗ ନେଇ ଝିଅପୁଅମାନେ ପ୍ରାକ୍ ବୈବାହିକ ସମ୍ପର୍କ ସ୍ଥାପନରେ ସଫଳ ହେଉଛନ୍ତି। ନେଡିଗୁଡ କହୁଣିକୁ ବହିଗଲା ପରେ ଅରଣ୍ୟରୋଦନର କିଛି ମାନେ ନାହିଁ। ଏ ସମୟରେ ପିଲାଙ୍କ ବିପକ୍ଷରେ କୌଣସି କାର୍ଯ୍ୟାନୁଷ୍ଠାନ ବିପଜ୍ଜନକ ହୋଇଥାଏ। ଅନେକ ମାତାପିତାଙ୍କର ବିଶ୍ୱାସ ଯେ ତାଙ୍କ କନ୍ୟାକୁ ଗୁଣି କରାଯାଇଛି, ଯଦ୍ଦ୍ୱାରା ସେ ମା'ବାପାଙ୍କ ସ୍ନେହକୁ ପାଦରେ ଆଡେଇ ପରପୁଅକୁ ଆପଣାର କରିନେଉଛି। ଏହା ସମ୍ପୂର୍ଣ୍ଣ ଭ୍ରମାତ୍ମକ ଓ ଅବିଶ୍ୱସନୀୟ। କାରଣ ଅନ୍ଧପ୍ରେମ ସବୁକିଛି ଅନ୍ଧକାର କରିଦିଏ। କେହି ଯଦି ତାଙ୍କ ପୁତ୍ର ବା କନ୍ୟାଙ୍କ ପ୍ରେମବିବାହକୁ ଗ୍ରହଣ କରୁ ନ ଥାନ୍ତି, ତେବେ ତାଙ୍କ ସହ ସମ୍ପର୍କ ଛିନ୍ନ କରିଦେବା ବରଂ ସମୀଚୀନ ହୋଇପାରେ, ମାତ୍ର ତାଙ୍କୁ ଜୀବନରୁ ମାରିଦେବା ଅପରାଧ ଓ ଅଧର୍ମ।

ସିଦ୍ଧଳ, ଜଗତ୍‌ସିଂହପୁର,
ମୋ-୯୯୩୭୪୫୦୫୪୦

# ଆଦର୍ଶ, ଦେଶ ଓ ଦେଶାତ୍ମବୋଧ

ନୃସିଂହ ପ୍ରସାଦ ତ୍ରିପାଠୀ

ଗୋଟିଏ ଦେଶର ସର୍ବାଙ୍ଗୀଣ ଉନ୍ନତି ପାଇଁ ତା'ର ନାଗରିକଙ୍କର ଦେଶ ପ୍ରତି ପ୍ରତିବଦ୍ଧତା ଜରୁରୀ। ଏହାର ଲୋକପ୍ରିୟ ନାମ ହେଉଛି ଦେଶାତ୍ମବୋଧ। ଗଣତନ୍ତ୍ର ଶାସନ ପଦ୍ଧତିରେ ଯେଉଁ ରାଜନୈତିକ ଦଳ କ୍ଷମତାକୁ ଆସନ୍ତି, ସେମାନେ ସବୁବେଳେ ଜାହିର କରିବାକୁ ଚାହାନ୍ତି ଯେ, ସେମାନଙ୍କର ଦେଶଭକ୍ତି ଅତି ଉଚ୍ଚ ଧରଣର ଏବଂ ସେମାନେ ହିଁ ଦେଶକୁ ପ୍ରଗତି ପଥରେ ଚଳାଇନେବେ। ସ୍ୱାଧୀନତା ପ୍ରାପ୍ତିର ସତୁରି ବର୍ଷରୁ ବେଶି ହେଲାଣି। କୋଠାବାଡ଼ି, ରାସ୍ତାଘାଟ, ଶିଳ୍ପ ଓ କୃଷିରେ କିଛି ପ୍ରଗତି ହୋଇଛି ନିଶ୍ଚୟ, କିନ୍ତୁ ହିଂସା, ଦ୍ୱେଷ, ପରଶ୍ରୀକାତରତା, ସାମ୍ପ୍ରଦାୟିକ ଦଙ୍ଗା, ହତ୍ୟା ବଢ଼ିବାରେ ଲାଗିଛି। ଭାରତର ନବେ ପ୍ରତିଶତ ଜାତୀୟ ଧନ ଦଶ ପ୍ରତିଶତ ଲୋକଙ୍କ ହାତରେ। ଗରିବ ଲୋକ ଆହୁରି ଗରିବ, କିନ୍ତୁ କେତେକ ଭାରତୀୟଙ୍କ ବିଦେଶୀ ବ୍ୟାଙ୍କରେ ଲୁଚାଚୋରା ସଞ୍ଚିତ ଧନ ବଢ଼ିବାରେ ଲାଗିଛି। ଗୋଟିଏ ସର୍ଭେରୁ ଜଣାଯାଇଛି ଯେ, ସୁବିଧା ପାଇଲେ ଭାରତର ପଞ୍ଚସ୍ତରି ପ୍ରତିଶତ ଲୋକ ଦେଶଛାଡ଼ି ଅନ୍ୟ ଦେଶକୁ ପଳାଇବେ। ଏଇ ଅବସ୍ଥାରେ ଆମେ ସ୍ଲୋଗାନ ଦେଇ ଚାଲିଛେ- ମେରା ଭାରତ ମହାନ୍। କାହିଁକି ଆମେ ସ୍ୱାଧୀନତା ପାଇସାରି ମଧ୍ୟ ହାରିଗଲେ- ଦେଶାତ୍ମବୋଧରେ, ଦେଶଭକ୍ତିରେ ଦେଶ ପାଇଁ ତ୍ୟାଗ କରିବାର ମାନସିକତାରେ ?

ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର (୧୮୮୮-୧୯୬୯) ଏ ବାବଦରେ କ'ଣ କହିଛନ୍ତି ତା'ର ସଂକ୍ଷିପ୍ତ ସୂଚନା ଦେବା ଏହି ଲେଖାର ଉଦ୍ଦେଶ୍ୟ। ସେ କହିଲେ, ଯେଉଁ ବ୍ୟକ୍ତିବିଶେଷ ସମ୍ପୂର୍ଣ୍ଣ ଭାବରେ ସାମ୍ୟ ଭାବାପନ୍ନ ତାଙ୍କୁ ଆମେ ମାନୁ ଆଦର୍ଶ। ତାଙ୍କର ସହଜ ସୁସମ୍ପନ୍ନ, ଚୌକସ ଦୃଷ୍ଟି ଓ ବୋଧ ଥାଏ (ଯେମିତି ଥିଲା ଯିଶୁଖ୍ରୀଷ୍ଟଙ୍କର, ମହମ୍ମଦଙ୍କର, ଗୌତମ ବୁଦ୍ଧଙ୍କର, ରାମକୃଷ୍ଣ ପରମହଂସଙ୍କର)। ଆମେ ସେମାନଙ୍କୁ ଅନୁସରଣ କଲେ ଏକ ନିର୍ବିଶେଷ ବିଶେଷତ୍ୱର ଅଭିମୁଖେ ଅଗ୍ରସର ହେଉ ; ତେଣୁ ଶ୍ରୀଶ୍ରୀଠାକୁର ଇଂଲିଶର ସେଇ ବାଣୀ- Country first, then religionକୁ ସାମାନ୍ୟ ବଦଳାଇ କହିଲେ- ପ୍ରଥମେ ଆଦର୍ଶ, ତା' ପରେ ଦେଶ। ତାହାଙ୍କୁ ଅନୁସରଣ କରିବା ଦ୍ୱାରା ଆତ୍ମିକ ସଂବେଗ ବା ଆତ୍ମବୋଧ ବିସ୍ତାରିତ ହେବାରୁ ଦେଶର ସାମୂହିକ ହିତ ହୁଏ। ତାହା ପ୍ରକୃତ ଦେଶାତ୍ମବୋଧ। (ଦୀପରକ୍ଷୀ)

ରାଷ୍ଟ୍ରୀୟ ସ୍ୱାଧୀନତା କିପରି ଶୀଘ୍ର ଶୀଘ୍ର ମିଳିଯିବ, ସେ ବାବଦରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀଙ୍କ ସହିତ ଆଲୋଚନା ବେଳେ ଶ୍ରୀଶ୍ରୀଠାକୁର କହିଲେ- ସ୍ୱାଧୀନତା ମିଳେ ନାହିଁ, ଦେଶ ବା ଜାତି ସ୍ୱାଧୀନ ହୁଏ। ଆମର ଚରିତ୍ର ଆମକୁ ପରାଧୀନ କରିରଖିଛି। ଆଜି ମଧ୍ୟ ଆମେ ହିଂସା, ଦଳାଦଳି ନେଇ ମାତିଛୁ, ପାରସ୍ପରିକ ପ୍ରୀତି ଓ ଦରଦ ଏବେ ମଧ୍ୟ ଫୁଟି ଉଠିନାହିଁ। ଆମେ ଯଦି ଏହି ଚରିତ୍ରକୁ ନ ବଦଳାଉ, ତେବେ ଇଂରେଜ ଚାଲିଗଲେ ମଧ୍ୟ ବର୍ତ୍ତମାନ ଯେଉଁ ସମସ୍ୟା ଅଛି, ସେ ସମସ୍ୟା ତ ରହିଯିବ, ବରଂ ସେତେବେଳେ ଆହୁରି ଗହନ ହୋଇଉଠିବ। ଈର୍ଷା, ଦ୍ୱେଷ, ସାମ୍ପ୍ରଦାୟିକତା, ଅନୈକ୍ୟ, ଅସଂହତି, ଅସାମର୍ଥ୍ୟ, ଅସାଧୁତା ଓ ସ୍ୱାର୍ଥାନ୍ଧତା ପରପ୍ରଦତ୍ତ କ୍ଷମତାବଳରେ ବଳୀୟାନ ହୋଇ ଦେଶ ବକ୍ଷରେ ପ୍ରେତିନୀର ନୃତ୍ୟ ଆରମ୍ଭ କରିଦେବ। (ଆ.ପ୍ର.-୪।୧୨।୪୧) ଏବେ ଆମେ



ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଜୟନ୍ତୀ ଉପଲକ୍ଷେ

ସେ ଅବସ୍ଥା ଆଡକୁ ଦ୍ରୁତଗତିରେ ଯାଉନାହେଁ କି ?

୧୯୨୪ ମସିହାରେ ତାଙ୍କର ଅନ୍ୟତମ ଭକ୍ତ-ଶିଷ୍ୟ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କୁ ନିର୍ଦ୍ଦେଶ ଦେଲେ: ଆପଣମାନେ ଦେଶ ସେବାରେ ଲାଗିଯାନ୍ତୁ। ଆଉ ଆପଣମାନଙ୍କର ସେବା, ଇଂରେଜମାନଙ୍କର ସେବା ଅପେକ୍ଷା ବେଶି ବୋଲି ଯଦି ଦେଶବାସୀ ଅନୁଭବ କରିବେ, ସେତେବେଳେ ସ୍ୱରାଜ, ସ୍ୱରାଜ ବୋଲି ଚିତ୍କାର ନ କଲେ ମଧ୍ୟ ସ୍ୱରାଜ ଆପଣାଛାଏଁ ଆସିବ। ଦେଶବନ୍ଧୁ ଶ୍ରୀଶ୍ରୀଠାକୁରଙ୍କ କଥାରେ ବେଶ୍ ପ୍ରଭାବିତ ହୋଇଥିଲେ କିନ୍ତୁ ୧୯୨୫ ମସିହାରେ ତାଙ୍କର ଦେହାନ୍ତ ହେଲା। ନେତାଜୀ ସୁଭାଷଚନ୍ଦ୍ରଙ୍କ ପିତାମାତା ଶ୍ରୀଶ୍ରୀଠାକୁରଙ୍କର ଶିଷ୍ୟ ଥିଲେ, ସେମାନେ ସୁଭାଷଙ୍କୁ ଶ୍ରୀଶ୍ରୀଠାକୁରଙ୍କ ନିକଟକୁ ପଠାଇଥିଲେ ଦେଶ ପାଇଁ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ । ଶ୍ରୀଶ୍ରୀଠାକୁର ତାଙ୍କୁ କହିଥିଲେ- ଦେଶର ପ୍ରକୃତ ସେବା କରିବାକୁ ହେଲେ ମଣିଷ ତିଆରି ପ୍ରୋଗ୍ରାମ୍ ନେବାକୁ ପଡିବ। ଭଲ ମଣିଷ ପାଇବାକୁ ହେଲେ ବିବାହ ସଂସ୍କାରର ଆଶୁ ପ୍ରୟୋଜନ। ସୁଭାଷ କହିଲେ ଯେ ଶିକ୍ଷା ସଂସ୍କାର ଉପରେ ସ୍ୱାମୀ ବିବେକାନନ୍ଦ ଜୋର ଦେଇଛନ୍ତି। ବିବାହ ସଂସ୍କାର, ଶିକ୍ଷା ସଂସ୍କାର ଏସବୁ ଅତି ସମୟସାପେକ୍ଷ, ସେତେ ପର୍ଯ୍ୟନ୍ତ କ'ଣ ଅପେକ୍ଷା କରିହେବ ?

ସ୍ୱାଧୀନତା ପ୍ରାପ୍ତି ପରେ ଶ୍ରୀଶ୍ରୀଠାକୁର କହିଲେ- ଆମେ ସ୍ୱାଧୀନତା ପାଇବା ଲାଗି ଦେଶର ମୂଳ ସମ୍ପଦକୁ ବରବାଦ୍ କରିଦେଇଛୁ। ସ୍ୱରାଜ ଲାଭ କରି ତା'ର ନିରାକରଣ କରିବୁ ନା ସେହି ସ୍ରୋତରେ ଦେଶକୁ ଭସାଇଦେବୁ ? ଆଜିକାଲି ଆନ୍ଦୋଳନ ସବୁ ବିଦ୍ୱେଷ, ଅଶ୍ରଦ୍ଧା, ସାମ୍ପ୍ରଦାୟିକତା ଓ ହୀନମନ୍ୟତାକୁ ଯେତେ ପୁଷ୍ଟ କରୁଛି, ଶ୍ରଦ୍ଧା ଓ ପାରସ୍ପରିକତାକୁ ତା'ର ଚାରି ଅଂଶରୁ ଏକ ଅଂଶ ପୁଷ୍ଟ କରୁ ନାହିଁ। ଏପରି ଯଦି ଚାଲେ ତେବେ ଶିକ୍ଷାକ୍ଷେତ୍ରରେ, କର୍ମକ୍ଷେତ୍ରରେ, ପରିବାରରେ ଘୋର ବିଶୃଙ୍ଖଳା ଦେଖାଦେବ।

୧୯୫୯-୬୦ରେ ଶ୍ରୀଶ୍ରୀଠାକୁରଙ୍କ ଜଣେ ଆମେରିକୀୟ ଶିଷ୍ୟ- ରେ ଆର୍ଚର ହାଉଜରମ୍ୟାନ୍ ଗୁରୁଙ୍କ ଜୀବନଦର୍ଶନକୁ ନେଇ ଏକ ପୁସ୍ତକର ପାଣ୍ଡୁଲିପି (Ocean in a Tea cup) ବିଖ୍ୟାତ ପ୍ରକାଶନ ସଂସ୍ଥା ହାର୍ପର ବ୍ରଦର୍ସଙ୍କୁ ଦେଇଥିଲେ। ପାଣ୍ଡୁଲିପିଟି ପ୍ରକାଶ ପାଇଁ ମନୋନୀତ ହେବା ସହ ସଂସ୍ଥାର ବିଶିଷ୍ଟ ଡାଇରେକ୍ଟର ଇଉଜନ୍ ଏକ୍ସମ୍ୟାନଙ୍କୁ ଭୀଷଣ ପ୍ରଭାବିତ କଲା। ସେ, ହାଉଜରମ୍ୟାନ୍‌ଙ୍କ ସାହାଯ୍ୟ ନେଇ ଭାରତ ଆସିଲେ ଓ ଶ୍ରୀଶ୍ରୀଠାକୁରଙ୍କ ସହ ତାଙ୍କ ଦେଓଘର ଆଶ୍ରମରେ ଗୋଟିଏ ସପ୍ତାହ ବିତାଇଲେ। ଦୀର୍ଘ ସମୟର ପ୍ରଶ୍ନୋତ୍ତରବେଳେ ଏକ୍ସମ୍ୟାନ କହିଥିଲେ- ଆମେ ଆମେରିକାରେ ଆତ୍ମନିୟନ୍ତ୍ରଣ ପୁସ୍ତକରୁ ଶିଖୁ କିନ୍ତୁ ଜଣେ ଆତ୍ମନିୟନ୍ତ୍ରିତ ମଣିଷର ଅନୁସରଣ ନ କଲେ ତାହା ଫଳପ୍ରସୂ ହେବ ନାହିଁ ବୋଲି ମୁଁ ଜାଣି ନ ଥିଲି। ଶ୍ରୀଶ୍ରୀଠାକୁର କହିଲେ- ଡିସିପ୍ଲିନ୍‌ଡ (disciplined) ହେବାକୁ ହେଲେ ଶିଷ୍ୟ (disciple) ହେବାକୁ ପଡ଼ିବ। ଯିଶୁଖ୍ରୀଷ୍ଟ ଥିଲେ ଲୋକଶିକ୍ଷକ। ତାଙ୍କ ପରି ଲୋକ ଶିକ୍ଷକଙ୍କୁ ଅନୁସରଣ କଲେ ଆତ୍ମନିୟନ୍ତ୍ରଣ ହେବ ଓ ସନ୍ତୁଳିତ ପ୍ରଗତି ସମ୍ଭବ ହେବ। ସେ ପୁଣି କହିଲେ- କେବଳ ଗୁଡାଏ ଅନୁଷ୍ଠାନ ଠିଆ କରିଦେଲେ ହେବ ନାହିଁ, ତାକୁ ଚଳାଇବା ଲୋକଙ୍କ ଆଚରଣ ଯଦି ଠିକ୍ ନ ହୁଏ, ତେବେ କୁଫଳ ମିଳିବ।

ଶ୍ରୀଶ୍ରୀଠାକୁରଙ୍କ କଥାକୁ କେହି ଗୁରୁତ୍ୱ ଦେଇନାହାନ୍ତି ଏବଂ ଆମେ ତା'ର ବିଷମ ଫଳ ଭୋଗୁଛେ। ତେଣୁ ଦୁଃଖ କରି ସେ କହିଥିଲେ: ମୁଁ ତ ମୂର୍ଖ ଲୋକ, ମୋ କଥା ଶୁଣିବ କିଏ ? କିନ୍ତୁ ଦାସୀର କଥା ବାସି ହେଲେ ବି କାମରେ ଲାଗିବ।

ଭୁବନେଶ୍ୱର, ମୋ: ୯୪୩୭୦୨୯୩୪୩

## ଏଇ ଭାରତରେ

ପେଟ୍ରୋଲକୁ ତରଳ ସୁନା କହିବାର ଯଥାର୍ଥତା ବର୍ତ୍ତମାନ ଉପଲବ୍ଧି କରିହେଉଛି। କାରଣ ଏହାର ଲିଟର ପ୍ରତି ଦର ୧୦୦ଟଙ୍କା ଛୁଇଁବାକୁ ଆଉ ବେଶି ଦିନ ବାକି ନାହିଁ। ଭାରତର କେତେକ ରାଜ୍ୟରେ ପେଟ୍ରୋଲ ଲିଟର ପିଛା ୮୫ ଟଙ୍କା ଛୁଇଁଛି। ଏହା ବାସ୍ତବରେ ମୋଟରଗାଡି ଚାଳକଙ୍କୁ ଖୁବ୍ ବାଧୁଛି। ଏହାର ମହାର୍ଘ ମୂଲ୍ୟ ଦୃଷ୍ଟିରୁ କେତେକେ ଏହାକୁ ନବଦମ୍ପତିଙ୍କୁ ଉପହାର ଦେବାକୁ ଉଚିତ ମଣୁଛନ୍ତି। ତାମିଲନାଡୁର କୁଡାଲୋରଠାରେ ନବଦମ୍ପତି କେ. ପ୍ରଭୁ ଏବଂ ପି. ଦିବ୍ୟାଙ୍କୁ ସେମାନଙ୍କ ଅଭ୍ୟର୍ଥନା ଉତ୍ସବରେ ୪ ଲିଟର ପେଟ୍ରୋଲ୍ ଥିବା ଏକ କ୍ୟାନ୍ ପ୍ରଦାନ କରାଯାଇଥିଲା। ଏହାକୁ ଦେଖି ସେମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏଠାରେ ଉଲ୍ଲେଖନୀୟ ଯେ, ପ୍ରଭୁ ହେଉଛନ୍ତି ଜଣେ ଅଟୋରିକ୍ସା ଚାଳକ। ଦୈନିକ ଅଟୋରିକ୍ସା ଚଳାଇ ସେ ଜୀବିକା ନିର୍ବାହ କରିଥାନ୍ତି। ପ୍ରଭୁଙ୍କର ପ୍ରାୟ ୨୦ଜଣ ସାଙ୍ଗସାଥୀ ଏକ ପ୍ଲାଷ୍ଟିକ୍ କ୍ୟାନ୍‌ରେ ୪ ଲିଟର ପେଟ୍ରୋଲ ଉପହାର ଦେବାବେଳେ ସମବେତ ଅତିଥି ଓ ଅଭ୍ୟାଗତ ଚକିତ ହୋଇଯାଇଥିଲେ। ତାଙ୍କ ଅଟୋରିକ୍ସା ପାଇଁ ଏହାକୁ ବ୍ୟବହାର କରିବେ କି ବୋଲି ପ୍ରଶ୍ନରେ ପ୍ରଭୁ କହିଥିଲେ, ଏହି ଉପହାରକୁ ସେ କିଛିଦିନ ସାଇତି ରଖିବେ। ତାଙ୍କ କହିବାନୁଯାୟୀ, ବର୍ତ୍ତମାନ ପେଟ୍ରୋଲ୍ ଦର ଆଶାତୀତଭାବେ ବୃଦ୍ଧି ପାଇଥିବାରୁ ତାଙ୍କୁ ବାଧିଲେ ବି ଗ୍ରାହକଙ୍କଠାରୁ ସେ ଅଧିକ ଭଡା ଆଦାୟ କରିପାରୁ ନାହାନ୍ତି। ତେଣୁ ପେଟ୍ରୋଲ ଜନିତ ବ୍ୟୟଭାରକୁ ଲାଘବ କରିବା ପାଇଁ ସାଙ୍ଗସାଥୀମାନେ ତାଙ୍କ ମନକଥା ବୁଝି ତାଙ୍କୁ ବିବାହ ଅବସରରେ ଏପରି ଉପହାର ପ୍ରଦାନ କରିଛନ୍ତି ବୋଲି ସେ ପ୍ରକାଶ କରିଥିଲେ।

## ଚିରନ୍ତନୀ

ଚାନ୍ଦତଳେ କାନ୍ଦେ ଚକୋର,
ମୋହରି ବିରହେ କାତର,
ବରଷା ଆଗମେ ଡାହୁକ ଡାକିଲା
ମୋହରି ବିରହ ଭାଷାରେ,
ଆଜି ସରବେ ମୋହରି ଆଶାରେ !
(ବିଶ୍ୱର ଆହ୍ୱାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୮ ସେପ୍ଟେମ୍ବର ୧୯୯୩

- ଗଙ୍ଗାନଦୀରେ ପ୍ରଦୂଷଣ ରୋକିବା ପାଇଁ ଉତ୍ତରପ୍ରଦେଶରେ ଏହି ନଦୀ କୂଳରେ ଅବସ୍ଥିତ ୧୯୦ଟି ଶିଳ୍ପସଂସ୍ଥାକୁ ବନ୍ଦ କରିଦେବା ଲାଗି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ।
- ବୋସ୍‌ନିଆରେ ମୁସଲମାନ ଏବଂ ସର୍ବୀୟ ପକ୍ଷ ମଧ୍ୟରେ ଏକ ଶାନ୍ତିଚୁକ୍ତି ସ୍ୱାକ୍ଷରିତ।
- ମୋଜାମ୍ବିକରେ ଏକ ଟ୍ରେନ୍ ଲାଇନଚ୍ୟୁତ ହେବା ଫଳରେ ୭୭ଜଣଙ୍କ ମୃତ୍ୟୁ।

## ପାଠକ ଶ୍ରେଷ୍ଠ ବିଚାରକ

### ହିତାଧିକାରୀ ଚୟନ ପ୍ରକ୍ରିୟାରେ ସ୍ୱଚ୍ଛତା ରହୁ

ମହାଶୟ,

ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଜ୍ୟର ପ୍ରାୟ ୭୦ଲକ୍ଷ ପରିବାର ଉପକୃତ ହେଉଛନ୍ତି। କିନ୍ତୁ ହିତାଧିକାରୀ ଚୟନ ପ୍ରକ୍ରିୟାରେ ବ୍ୟାପକ ତ୍ରୁଟି ଓ ଅନିୟମିତତା ହେତୁ ବହୁ ଅଯୋଗ୍ୟ ହିତାଧିକାରୀ ଏହାର ଫାଇଦା ଉଠାଇ ଚାଲିଛନ୍ତି। ଗାଇଡ୍‌ଲାଇନ୍ ପାଳନରେ ଗୁରୁତ୍ୱ ଦିଆଯାଇନାହିଁ। ଯାଞ୍ଚ ପ୍ରକ୍ରିୟା ମଧ୍ୟ ସୁଚାରୁରୂପେ କରାଯାଇନାହିଁ। ଏତଦ୍‌ବ୍ୟତୀତ ସମସ୍ତ ଏପିଏଲ୍ କାର୍ଡଧାରୀ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଖୋଲା ବଜାରରେ ଗହମ, କିରୋସିନ କିଣିବାକୁ ମିଳୁନାହିଁ। ରାଜ୍ୟର ସମସ୍ତ ପରିବାର ଖାଦ୍ୟ ସୁରକ୍ଷା ପାଇବା ଉଚିତ। ଏବେ ରାଜ୍ୟ ସରକାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ୨୫ଲକ୍ଷ ହିତାଧିକାରୀଙ୍କୁ ସାମିଲ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। କିନ୍ତୁ ଚୟନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ନିରପେକ୍ଷତା ଅବଲମ୍ବନ କରାଯିବା ଆବଶ୍ୟକ।

ବସନ୍ତ କୁମାର ସୁନ୍ଦରାୟ, ପ୍ରଭାତୀ ନିଳୟ, ଗୁରୁଜଙ୍ଗ, ଖୋର୍ଦ୍ଧା

### ସମୟସୀମା ଧାର୍ଯ୍ୟ ହେଉ

ବାରବର୍ଷରୁ କମ୍ ବୟସର ବାଳିକାଙ୍କୁ ବଳାତ୍କାର ନିମନ୍ତେ ଫାଶୀ ଦଣ୍ଡାଦେଶକୁ ଦେଶବ୍ୟାପୀ ସମର୍ଥନ ମିଳିଛି। ତତ୍‌ସହିତ ଅନ୍ୟାନ୍ୟ ବଳାତ୍କାର ମାମଲା ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ହେବା ଉଚିତ। ନ୍ୟାୟପାଳିକା ଉପରେ ଭରସା ରଖୁଥିବା ଅସଂଖ୍ୟ ଭାରତୀୟ ଏବେ ବି ସାଧାରଣ ଚେକ୍ ବାଉନ୍ସ ମାମଲାଟିଏର ସମାଧାନ ପାଇଁ ବର୍ଷ ବର୍ଷ ଧରି ଅପେକ୍ଷା କରନ୍ତି। ଏଥିପାଇଁ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ ହେଉ।

ସ୍ୱୟଂସିଦ୍ଧା ପରିଡ଼ା, ପାଇକନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଆଫଗାନିସ୍ତାନର ସେନା କ୍ୟାମ୍ପ ଉପରେ ସୋମବାର ତାଲିବାନ ଆତଙ୍କବାଦୀଙ୍କ ଆକ୍ରମଣ ଫଳରେ ୧୦ ସୁରକ୍ଷାକର୍ମୀଙ୍କ ମୃତ୍ୟୁ ଘଟିଥିବା ସୂଚନାମିଳିଛି। ଉତ୍ତରପୂର୍ବ ବାଘିସ ଅଞ୍ଚଳରେ ହୋଇଥିବା ଏହି ଆକ୍ରମଣରେ ୪ ପୋଲିସ ଅଧିକାରୀଙ୍କ ସମେତ ଜଣେ କମାଣ୍ଡରଙ୍କ ମୃତ୍ୟୁ ହୋଇଛି। ବାଘିସ ରାଜ୍ୟପାଳଙ୍କ ପ୍ରବକ୍ତା ଜାମସିଦ ସାହାବିଙ୍କ ସୂଚନା ଅନୁଯାୟୀ, ଆଫଗାନ ସେନାଙ୍କ ପାଲଟା ଆକ୍ରମଣରେ ୨୨ ତାଲିବାନ ଆତଙ୍କବାଦୀଙ୍କ ମୃତ୍ୟୁ ହେବା ସହ ୧୬ ଆହତ ହୋଇଛନ୍ତି।

## ସଂକ୍ଷେପରେ

### ବିଧାନସଭାରେ ଆଗତ ହେଲା ୬ ବିଲ୍

**ଭୁବନେଶ୍ୱର,୧୭।୯(ବ୍ୟୁରୋ):** ସୋମବାର ବିଧାନସଭାରେ ୬ଟି ବିଲ୍ ଆଗତ କରାଯାଇଛି। ଓଡ଼ିଶା ମ୍ୟୁନିସିପାଲିଟି (ସଂଶୋଧନ) ବିଲ୍-୨୦୧୮, ଓଡ଼ିଶା ମହାନଗର ନିଗମ(ସଂଶୋଧନ) ବିଲ୍-୨୦୧୮ ଏବଂ ବିହାର ଓ ଓଡ଼ିଶା ତୀର୍ଥଯାତ୍ରୀ (ସଂଶୋଧନ) ବିଲ୍-୨୦୧୮କୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଧାନସଭାର ଅନୁମୋଦନ ପାଇଁ ଆଗତ କରିଥିବା ବେଳେ ଓଡ଼ିଶା ଦ୍ରବ୍ୟ ଓ ସେବା ଟିକସ(ସଂଶୋଧନ) ବିଲ୍-୨୦୧୮ ଏବଂ ଓଡ଼ିଶା ମୂଲ୍ୟଯୁକ୍ତ ଟିକସ(ସଂଶୋଧନ) ବିଲ୍-୨୦୧୮କୁ ବିଧାନସଭାରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଆଗତ କରିଛନ୍ତି। ଓଡ଼ିଶା ହିନ୍ଦୁ ଧର୍ମ ଦେବୋତ୍ତର (ସଂଶୋଧନ) ବିଲ୍-୨୦୧୮କୁ ମଧ ଆଗତ କରାଯାଇଛି। ଏହି ବିଲ୍‌ଗୁଡ଼ିକ କାର୍ଯ୍ୟ ପରାମର୍ଶଦାତା କମିଟିକୁ ପଠାଇବାକୁ ସରକାରୀ ଦଳ ମୁଖ୍ୟ ସଚେତକ ଅମର ଶତପଥୀ ବାଚସ୍ପତିଙ୍କୁ ପ୍ରସ୍ତାବ ଦେଇଥିଲେ।

### ଦୋଳଗୋବିନ୍ଦ ପ୍ରଧାନଙ୍କ ବିୟୋଗରେ ବିଧାନସଭାରେ ଶୋକ

**ଭୁବନେଶ୍ୱର,୧୭।୯(ବ୍ୟୁରୋ):** ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ ଦୋଳଗୋବିନ୍ଦ ପ୍ରଧାନଙ୍କ ବିୟୋଗରେ ଗୃହରେ ଶୋକ କରାଯାଇଛି। ସୋମବାର ବିଧାନସଭା ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତି ପ୍ରଦୀପ ଅମାତ ପ୍ରଧାନଙ୍କ ବିୟୋଗରେ ଗୃହରେ ଶୋକ ପ୍ରସ୍ତାବ ଆଗତ କରିବାକୁ ମୁଖ୍ୟମନ୍ତ୍ରୀ ତଥା ଗୃହର ନେତା ନବୀନ ପଟ୍ଟନାୟକଙ୍କୁ କହିଥିଲେ। ମୁଖ୍ୟମନ୍ତ୍ରୀ ଶୋକ ପ୍ରସ୍ତାବ ଆଗତ କରିବା ପରେ ଦିବଂଗତଙ୍କ ଜୀବନୀ ବିଷୟରେ ସଂକ୍ଷିପ୍ତରେ ଉଲ୍ଲେଖ କରିଥିଲେ। ପରଲୋକଗତ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ବିରୋଧୀ ଦଳ ନେତା ନରସିଂହ ମିଶ୍ର ଏବଂ ଭାଜପା ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂଦେଓ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଗତ ଶୋକ ପ୍ରସ୍ତାବକୁ ସମର୍ଥନ କରିବା ସହ ବର୍ଷୀୟାନ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବାଚସ୍ପତି ସ୍ୱର୍ଗତ ନେତାଙ୍କ ଜୀବନୀ ବିଷୟରେ ସଂକ୍ଷେପରେ ଉଲ୍ଲେଖ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶୋକ ପ୍ରସ୍ତାବ ଉପରେ ଗୃହରେ ୬ ମିନିଟ ଧରି ଆଲୋଚନା ହୋଇଥିଲା।

# ଅତିରିକ୍ତ ବଜେଟ୍‌କୁ ଅନୁମୋଦନ

ଭୁବନେଶ୍ୱର,୧୭।୯(ବ୍ୟୁରୋ)



- ବ୍ୟୟବରାଦ ୧୨,୭୯୦ କୋଟି
- ସ୍ୱାସ୍ଥ୍ୟ, ଶିକ୍ଷା, ସାମାଜିକ ଭିତ୍ତିଭୂମି କ୍ଷେତ୍ରକୁ ଗୁରୁତ୍ୱ
- ବିରୋଧୀଙ୍କ କକ୍ଷତ୍ୟାଗ

ବିଧାନସଭାରେ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ସୋମବାର ୧୨ ହଜାର ୭୯୦ କୋଟି ଟଙ୍କାର ଅତିରିକ୍ତ ବଜେଟକୁ ବିଧାନସଭାର ଅନୁମୋଦନ ମିଳିଛି। ଏହି ଅତିରିକ୍ତ ବଜେଟ ମୂଳ ବଜେଟର ୧୦.୫ ପ୍ରତିଶତ। ଏଥିରେ ରାଜ୍ୟ ସରକାରଙ୍କ ନୂତନ ଯୋଜନା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା, ଅନୁସୂଚିତ ଜାତି, ଜନଜାତି ଛାତ୍ରୀଛାତ୍ରଙ୍କୁ ମେଧା ବୃତ୍ତି , ସ୍ୱାସ୍ଥ୍ୟ ଭିତ୍ତିଭୂମି, ଉନ୍ନୟନ, ଗ୍ରାମ୍ୟ ଉନ୍ନୟନ, ସାମାଜିକ ଓ ଉଦ୍ୟୋଗ କ୍ଷେତ୍ର ପାଇଁ ସ୍ୱତନ୍ତ୍ର ବ୍ୟୟବରାଦ କରାଯାଇଛି। ଏଥିରେ କେନ୍ଦ୍ର ଯୋଜନା ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ସହିତ କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷିତ ନୂତନ ଯୋଜନା ପାଇଁ ୭୫ ପ୍ରତିଶତ ବ୍ୟୟବରାଦ କରାଯାଇଛି। ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଅତିରିକ୍ତ ବଜେଟରେ ଗ୍ରାମାଞ୍ଚଳ ଲୋକଙ୍କ ବିକାଶ ଉପରେ ଅଧିକ ଫୋକସ ଦିଆଯାଇଛି। ଏଥିରେ ପୁଞ୍ଜି ଖର୍ଚ୍ଚ ପାଇଁ ପ୍ରାୟ ୩୬୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

ଆଲୋଚନା ଶେଷରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି ଯେ, ଅତିରିକ୍ତ ବଜେଟରେ ପ୍ରଶାସନିକ ଖର୍ଚ୍ଚ ପାଇଁ ୧୮୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଶିକ୍ଷା ସହାୟକଙ୍କୁ ଦରମା ପାଇଁ ୭୫୦ କୋଟି, ସୁଧରାଶି ପଇଠ ପାଇଁ ୩୫୦ କୋଟି, ଲୋକ ସଭା ଓ ରାଜ୍ୟ ବିଧାନସଭା ପାଇଁ ଏକକ ନିର୍ବାଚନ ପରିଚାଳନା ଲାଗି ୪୧ କୋଟି, ସଡ଼କ ରକ୍ଷଣାବେକ୍ଷଣ ପାଇଁ ୧୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ୯୬୧୧, ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୧,୩୬୪ କୋଟି ଏବଂ ରାଜ୍ୟ ବଜେଟରୁ ଆସିଥିବା ୧୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

ଅତିରିକ୍ତ ବଜେଟରେ ଭିତ୍ତିଭୂମି ପାଇଁ ୯୬୧୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଗ୍ରାମ୍ୟ ଉନ୍ନୟନ ପାଇଁ ୬୦୯୭ କୋଟି, ବସୁଧା ଯୋଜନାରେ ପାନୀୟ ଜଳ ଯୋଗାଣ ପାଇଁ ୪୦୦ କୋଟି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)- ବିଜୁ ପକ୍କାଘର ପାଇଁ ୧୫୦୦ କୋଟି, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ପାଇଁ ୨୦୬୫ କୋଟି ଟଙ୍କା, ସ୍ୱଚ୍ଛ ଭାରତ ମିଶନ ପାଇଁ ୧ ହଜାର ଏବଂ ଜାତୀୟ ଗ୍ରାମୀଣ ଜୀବିକା ମିଶନ ଲାଗି ୨୧୧ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ବିଜୁ ଗ୍ରାମ ଜ୍ୟୋତି ପାଇଁ ୭୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଆମ ଘରେ ଏଲ୍‌ଇଡି ପାଇଁ ୧୦୦ କୋଟି, କେନାଲ ବନ୍ଧ ରାସ୍ତାର ନବୀକରଣ ପାଇଁ ୨୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଭୂତଳ ଜଳ ସଂଚରଣ ପାଇଁ ୧୨ କୋଟି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ସହରାଞ୍ଚଳ) ପାଇଁ ୩୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ସର୍ବଶିକ୍ଷା ଅଭିଯାନ ପାଇଁ ୨୪୨ କୋଟି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ୧୦୦ କୋଟି, ଏସ୍‌ସି/ଏସ୍‌ଟି ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି ପାଇଁ ୨୬୩ କୋଟି, ଅନ୍ୟାନ୍ୟ ପଛୁଆବର୍ଗ ତଥା ସଂଖ୍ୟାଲଘୁଙ୍କ ଆବାସ ନିର୍ମାଣ ପାଇଁ ୨୦ କୋଟି, ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ବୀମା ପାଇଁ ୬୨ କୋଟି, ସ୍ୱାସ୍ଥ୍ୟ ସହାୟ ପାଇଁ ୮୨ କୋଟି, ସମ୍ପୂର୍ଣ୍ଣା ପାଇଁ ୨୫ କୋଟି, ନିଦାନ ପାଇଁ ୧୨ କୋଟି, ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ପାଇଁ ୧୨ କୋଟି, ବସ୍ ଟର୍ମିନାଲ ପାଇଁ ୨୦ କୋଟି, ସବୁଜ ମହାନଦୀ ମିଶନ ପାଇଁ ୩୦ କୋଟି, ଆଦିବାସୀ ଅଞ୍ଚଳରେ ମକାଚାଷ ପାଇଁ ୧୦୦ କୋଟି, ଜାତୀୟ ଉଦ୍ୟାନ ମିଶନ ପାଇଁ ୪୫ କୋଟି, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ପ୍ରିମିୟମ ପାଇଁ ୨୦୦ କୋଟି, ଶସ୍ୟଋଣ ରିହାତି ସୁଧ ବାବଦକୁ ୧୩୬ କୋଟି, ବରଗଡ଼ ଚିନିକଳର ପୁନରୁଦ୍ଧାର ପାଇଁ ୬ କୋଟି, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ପାଇଁ ୩୪ କୋଟି, ବିଶ୍ୱକପ୍ ହକି ପାଇଁ ୨୩ କୋଟି, କ୍ରୀଡ଼ା ଭିତ୍ତିଭୂମି ପାଇଁ ୧୬ କୋଟି, ଭାଗବତ ଟୁଙ୍ଗିର ପୁନରୁଦ୍ଧାର ପାଇଁ ୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ପାଇଁ ଅତିରିକ୍ତ ବଜେଟରେ ୧ ଟଙ୍କିଆ ଚାଉଳ ଯୋଗାଇ ଦେବାକୁ ୮୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

ରାଜସ୍ୱ ଆଦାୟ ସନ୍ତୋଷଜନକ ରହିଛି। ଟିକସ ଓ ଅଣଟିକସ ଆଦାୟରେ ୩୩ ପ୍ରତିଶତ ବୃଦ୍ଧି ଘଟିଛି। କୋଇଲା କ୍ଷେତ୍ରରୁ ଟିକସ ଓ ଅଣଟିକସ ବାବଦରେ ୧୩୪୮ କୋଟି ଟଙ୍କା ରାଜସ୍ୱ ଆଦାୟ କରାଯାଇଛି। ଦ୍ରବ୍ୟ ଓ ସେବା ଟିକସ(ଜିଏସ୍‌ଟି) ବାବଦରେ ରାଜ୍ୟ ସରକାର ୨୦୧୭-୧୮ରେ ୨୨୬୪ କୋଟି ଟଙ୍କା ପାଇଥିବା ବେଳେ ୨୦୧୮-୧୯ରେ ୯୬୮ କୋଟି ଟଙ୍କା ପାଇବେ। ଘରୋଇ ଉତ୍ପାଦ କ୍ଷେତ୍ରରେ ୩.୫ ପ୍ରତିଶତ ଅଭିବୃଦ୍ଧି ଘଟିଥିବା ବେଳେ ଚଳିତ ଆର୍ଥିକ ବର୍ଷ ଶେଷସୁଦ୍ଧା ଏହି ଅଭିବୃଦ୍ଧି ୬ ପ୍ରତିଶତ ଲକ୍ଷ୍ୟ ରଖାଯାଇଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ବିରୋଧୀ ଦଳ ନେତାଙ୍କ ପ୍ରଶ୍ନର ଉତ୍ତରରେ ଅର୍ଥମନ୍ତ୍ରୀ କହିଛନ୍ତି ଯେ, ୨୦୧୪-୧୫ରୁ ଆଜିଯାଏ ରାଜ୍ୟ ସରକାର ୬୪ ହଜାର ପଦବୀ ପୂରଣ କରିଛନ୍ତି। ଅର୍ଥମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୋଷ ବ୍ୟକ୍ତ କରି କଂଗ୍ରେସ ଓ ଭାଜପା ସଦସ୍ୟମାନେ ଗୃହ ଛାଡ଼ି ବାହାରକୁ ଚାଲିଯାଇଥିଲେ। ବିରୋଧୀଙ୍କ ଉପସ୍ଥିତି ବିନା ବାଚସ୍ପତି ବାଚନିକ ମତଦାନରେ ଅତିରିକ୍ତ ବ୍ୟୟ ମଞ୍ଜୁରୀ ବିଲ୍‌କୁ ବିଧାନସଭାରେ ଗୃହୀତ କରିଛନ୍ତି।

ଝାରସୁଗୁଡ଼ା ବିମାନବନ୍ଦର ଲୋକାର୍ପଣ ଉତ୍ସବ

# ସ୍ଥିତି ସମୀକ୍ଷା କଲେ ଧର୍ମେନ୍ଦ୍ର



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଝାରସୁଗୁଡ଼ା ବିମାନବନ୍ଦର ଟର୍ମିନାଲ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

ଝାରସୁଗୁଡ଼ା ଅଫିସ,୧୭।୯

- ଉଡ଼ାଣ ପରେ ଏୟାରବସ୍ ସେବା
- ଯୋଗଦେବେ ପ୍ରଧାନମନ୍ତ୍ରୀ, ୩ କେନ୍ଦ୍ରମନ୍ତ୍ରୀ

ଝାରସୁଗୁଡ଼ା ବିମାନବନ୍ଦର ସେପ୍ଟେମ୍ବର ୨୨ ତାରିଖରେ ଲୋକାର୍ପଣ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିମାନବନ୍ଦରର ଉଦ୍‌ଘାଟନ କରିବେ। ଏହାକୁ ନେଇ ଜିଲା, ରାଜ୍ୟ ଏବଂ ଜାତୀୟସ୍ତରର ଭାଜପା ନେତାଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଏହାସହ ଆଉ ୨ଟି ପ୍ରକଳ୍ପର ଲୋକାର୍ପଣ ମଧ ଝାରସୁଗୁଡ଼ାରୁ ପ୍ରଧାନମନ୍ତ୍ରୀଙ୍କ ହାତରେ ହେବ ବୋଲି କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସୋମବାର କେନ୍ଦ୍ରମନ୍ତ୍ରୀ ପ୍ରଧାନ ଝାରସୁଗୁଡ଼ା ବିମାନବନ୍ଦର, ଅମଲିପାଲିସ୍ଥିତ ସଭାସ୍ଥଳ ଏବଂ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା ପୂର୍ବକ କାର୍ଯ୍ୟ ତଦାରଖ ଓ ସମୀକ୍ଷା କରିଛନ୍ତି। ବିମାନବନ୍ଦର କର୍ତ୍ତୃପକ୍ଷ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ବିମାନବନ୍ଦରରେ ଉପଲବ୍ଧ ହେବାକୁ ଥିବା ବିଭିନ୍ନ ସେବା ଓ ସୁବିଧା ବିଷୟରେ ଅବଗତ କରାଇଛନ୍ତି।

୧୦୨୭.୫ ଏକର ପରିମିତ ଜମିରେ ଝାରସୁଗୁଡ଼ା ବିମାନବନ୍ଦର ନିର୍ମିତ। ଉଦ୍‌ଘାଟନ ଦିନହିଁ ଝାରସୁଗୁଡ଼ାରୁ ଉଡାନ ଯୋଜନାରେ ୩ଟି ପ୍ରମୁଖ ସ୍ଥାନକୁ ବିମାନ ଉଡିବ। ଆଗାମୀ ଦିନରେ ଏୟାର ବସ୍ ଭଳି ବୋଇଂ ବିମାନ ମଧ ଝାରସୁଗୁଡ଼ାରୁ ଉଡିବା ଆରମ୍ଭ କରିବ। ସେଥିପାଇଁ ସେ ସ୍ପାଇସ୍ ଜେଟ୍ ଓ ଇଣ୍ଡିଗୋ ମୁଖ୍ୟଙ୍କ ସହ କଥାବାର୍ତ୍ତା କରିଛନ୍ତି। ସେମାନଙ୍କ ତରଫରୁ ପଜିଟିଭ୍ ରେସପନ୍ସ ମିଳିଥିବା କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି। ଉଡାନ୍ ଯୋଜନାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦି ସମେତ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁ, ରସାୟନ ଓ ସାର ମନ୍ତ୍ରୀ ଅନନ୍ତ କୁମାର, କେନ୍ଦ୍ର ଆଦିବାସୀ ବ୍ୟାପାରମନ୍ତ୍ରୀ ଜୁଏଲ ଓରାମ, ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରମୁଖ ଯୋଗଦେବେ। ଏହି ଅବସରରେ ହିଁ ଝାରସୁଗୁଡ଼ା ବିମାନବନ୍ଦର ସହିତ ଝାରସୁଗୁଡ଼ା-ସରଡେଗା ରେଳ ଲାଇନ୍ ଏବଂ ସୁନ୍ଦରଗଡ଼ ଜିଲାର ୨ଟି କୋଇଲା ଖଣି ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ। ସୋମବାର ତଦାରଖ ଏବଂ ସ୍ଥିତି ସମୀକ୍ଷା ପାଇଁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ସମେତ, ମନ୍ତ୍ରୀ ଓରାମ, ଭାଜପା ରାଷ୍ଟ୍ରୀୟ ସଚିବ ସୁରେଶ ପୂଜାରୀ, ବ୍ରଜରାଜନଗର ବିଧାୟିକା ରାଧାରାଣୀ ପଣ୍ଡା, ବିମାନବନ୍ଦର ନିର୍ଦ୍ଦେଶକ ଏସ୍.କେ. ଚୌହାନ ସମେତ ବହୁ ଭାଜପା କାର୍ଯ୍ୟକର୍ତ୍ତା ସୁବାସ ଚୌହାନ, ଟଙ୍କଧର ତ୍ରିପାଠୀ, ଦିନେଶ ଜୈନ, ରଞ୍ଜନ ପଟେଲ, ସୁନୀଲ ପଣ୍ଡା, ନରେଶ ନାଏକ, ବିମଳେନ୍ଦୁ ଭୋଳ, ବଳବିନ୍ଦର ସିଂ ପ୍ରମୁଖ ଝାରସୁଗୁଡ଼ା ବିମାନବନ୍ଦର ବୁଲି ଦେଖିଥିଲେ।

# ଏନ୍‌ଟିପିସି ପ୍ରକଳ୍ପକୁ ଅନୁମୋଦନ ନ ଦେବାକୁ ରାଜ୍ୟକୁ କଂଗ୍ରେସର ପରାମର୍ଶ

ଭୁବନେଶ୍ୱର,୧୭।୯(ବ୍ୟୁରୋ)

ଜାତୀୟ ତାପଜ ବିଦ୍ୟୁତ ନିଗମ(ଏନଟିପିସି) ଦ୍ୱାରା ତଳଚେରଠାରେ ପ୍ରସ୍ତାବିତ ୯,୭୮୫କୋଟି ଟଙ୍କାର ତାପଜ ବିଦ୍ୟୁତ୍ କେନ୍ଦ୍ର ପ୍ରକଳ୍ପକୁ ନେଇ ରାଜ୍ୟ ଓ କେନ୍ଦ୍ର ସରକାର ଟଣାଓଟରା ହେଉଛନ୍ତି। ଆସନ୍ତା ୨୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଳଚେରଠାରେ ଏହି ପ୍ରକଳ୍ପକୁ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ତେବେ ରାଜ୍ୟ ସରକାର ଉକ୍ତ ପ୍ରକଳ୍ପକୁ ଏ ପର୍ଯ୍ୟନ୍ତ ଅନୁମୋଦନ କରିନାହାନ୍ତି। ବିଦ୍ୟୁତ୍ ଶୁଳ୍କ ବୃଦ୍ଧି କରିଥିବାରୁ ରାଜ୍ୟ ସରକାର ଏହି ପ୍ରକଳ୍ପକୁ ଅନୁମୋଦନ କରୁ ନାହାନ୍ତି। ଏହି ପ୍ରକଳ୍ପକୁ ଅନୁମୋଦନ ନ କରିବାକୁ ରାଜ୍ୟ କଂଗ୍ରେସ ମଧ ଦାବି କରିଛି। ସୋମବାର ବ୍ୟୟମଞ୍ଜୁରୀ ବିଲ୍ ଆଲୋଚନା ବେଳେ ବିରୋଧୀ ଦଳ ନେତା ନରସିଂହ ମିଶ୍ର ଏହି ପ୍ରସଙ୍ଗ ଉଠାଇ କହିଛନ୍ତି ଯେ, ଉକ୍ତ ପ୍ରକଳ୍ପକୁ ଅନୁମୋଦନ କରିବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। ତେବେ ରାଜ୍ୟ ସରକାର ବିଦ୍ୟୁତ୍ ଦର ବୃଦ୍ଧିକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ଉଲ୍ଲେଖ କରିଛନ୍ତି ଯେ, ୧୩୨୦ ମେଗାୱାଟ୍‌ର ତାଳଚେର ପ୍ରକଳ୍ପରୁ ୟୁନିଟ୍ ପିଛା ୩.୪୦ ଟଙ୍କା କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ୟୁନିଟ୍ ପିଛା ୨.୬୮ ପଇସା ରହିଛି। ଏହା ଦ୍ୱାରା ରାଜ୍ୟବାସୀଙ୍କ ଉପରେ ବିଦ୍ୟୁତ ବୋଝ ପଡିବ। ରାଜ୍ୟ ସରକାରଙ୍କ ଉଦ୍‌ବେଗ ସହ କଂଗ୍ରେସ ସହମତ ହୋଇଛି। ଯଦି ଏହା ସତ୍ୟ ହୋଇଥାଏ ତେବେ ପ୍ରକଳ୍ପକୁ ଆଦୌ ଅନୁମୋଦନ ନ କରିବାକୁ ନରସିଂହ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଏନେଇ ଗୃହ କମିଟି ପୁଙ୍ଖାନୁପୁଙ୍ଖ ତର୍ଜମା କରୁ ବୋଲି ସେ କହିଛନ୍ତି।

# ଆରମ୍ଭ ହେଲା ଷ୍ଟାର ରେଟିଂ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୭।୯(ବ୍ୟୁରୋ)

**ପ୍ରଦୂଷଣ ଚିନ୍ତା**

ଶିଳ୍ପଜନିତ ବାୟୁ ପ୍ରଦୂଷଣକୁ ରୋକିବାକୁ ରାଜ୍ୟ ସରକାର ଏକ ଷ୍ଟାର ରେଟିଂ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ସଚିବାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ପ୍ରଦୂଷଣକୁ ନିୟନ୍ତ୍ରଣ କରିବାକୁ ଶିଳ୍ପାନୁଷ୍ଠାନଗୁଡ଼ିକ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିଶ୍ଚିତ କରିବେ ବୋଲି କୁହାଯାଇଛି। ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସପିସିବି) ଏବଂ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ କରାଯିବ। ଶିଳ୍ପଗୁଡିକୁ ୧ରୁ ୫ କାଟେଗୋରୀରେ ବିଭକ୍ତ କରାଯିବ। ଯେଉଁ ଶିଳ୍ପାନୁଷ୍ଠାନ ପ୍ରଦୂଷଣ ରୋକିବାକୁ ଉତ୍ତମ ପଦକ୍ଷେପ ନେବେ ସେମାନଙ୍କୁ ଭଲ ର୍ୟାଙ୍କ ମିଳିବ। ଏହାଦ୍ୱାରା ଶିଳ୍ପଗୁଡିକ ପରିବେଶ ପ୍ରଦୂଷଣ ରୋକିବା ପାଇଁ ବୈଷୟିକ ଜ୍ଞାନ କୌଶଳର ସହାୟତା ନେଇ ପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାଛଡା କେଉଁ ଶିଳ୍ପ କେତେ ପ୍ରଦୂଷଣ କରୁଛନ୍ତି ତାହା ମଧ ଜନସାଧାରଣ ଜାଣି ପାରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ www.ospcb.info ନାମକ ୱେବ୍‌ସାଇଟକୁ ମଧ ଉନ୍ମୋଚନ କରିଛନ୍ତି। ଲୋକମାନେ ଏହି ସାଇଟକୁ ଯାଇ ଶିଳ୍ପ ବାୟୁ ପ୍ରଦୂଷଣ ସମ୍ପର୍କରେ ସୂଚନା ପାଇପାରିବେ ବୋଲି ଓଏସପିସିବିର ଅଧ୍ୟକ୍ଷ ତଥା ଉନ୍ନୟନ କମିଶନର ଆର. ବାଲକ୍ରିଷ୍ଣନ କହିଛନ୍ତି।

# ବ୍ୟୟ ମଞ୍ଜୁରୀ ବିଲ୍ ଆଲୋଚନା

ଭୁବନେଶ୍ୱର,୧୭।୯(ବ୍ୟୁରୋ)

- ଆମ ଗାଁ ଆମ ବିକାଶ ନାଁରେ ଦଳୀୟ କର୍ମୀ ପୋଷୁଛନ୍ତି ସରକାର; ବିରୋଧୀ
- ଅନାହାର ମୃତ୍ୟୁ ରୋକିବାକୁ ଟଙ୍କିକିଆ ଚାଉଳ: ଶାସକ

ରାଜ୍ୟରେ ଦୁର୍ନୀତି ବଢ଼ି ଚାଲିଛି। ଆମେ କେବଳ ଗୃହ ଭିତରେ ନୁହେଁ, ଗୃହ ବାହାରେ ମଧ ବହୁ ଦୁର୍ନୀତି ବିଷୟ ଉତ୍ଥାପନ କରିଛୁ। ସେ ସବୁକୁ ଅଣଦେଖା କରାଯାଇଛି। ଯେନତେନ ପ୍ରକାରେ ନିର୍ବାଚନ ଜିତିବା ଏହି ସରକାରଙ୍କ ମୂଳ ଲକ୍ଷ୍ୟ। ଗତ ୪ଟା ନିର୍ବାଚନରେ ଏହାକୁ ଶାସକ ଦଳ ପ୍ରମାଣିତ କରିସାରିଛି। ନିକଟରେ ଗଣମାଧ୍ୟମ ଚାରା ଦୁର୍ନୀତି ନେଇ ଖବର ପ୍ରକାଶ କରିସାରିଛି। ଶାସକ ଦଳର ଜଣେ ପୂର୍ବତନ ମନ୍ତ୍ରୀ ଦୁର୍ନୀତି ହେଉଥିବା କଥା ଚିତ୍କାର କରି କହୁଛନ୍ତି। ଏହା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ। ବିରୋଧୀ ଦଳ ନେତା ନରସିଂହ ମିଶ୍ର ସୋମବାର ଖର୍ଚ୍ଚ ଦାବି ଆଲୋଚନା ବେଳେ ସରକାରଙ୍କୁ ଏଭଳି ଆକ୍ରମଣ କରିଛନ୍ତି। ସେ କହିଛନ୍ତି ଯେ, ରାଜ୍ୟରେ ପ୍ରତି ବ୍ଲକରେ ୫ ବର୍ଷ ମଧ୍ୟରେ ୩୫ ପ୍ରତିଶତ ଜଳସେଚନ ସୁବିଧା ଯୋଗାଇ ଦିଆଯିବ ବୋଲି ସରକାର ପ୍ରତିଶ୍ରୁତି ଦେଇଥିଲେ। ୨୦୦୯ରେ ଚାଷୀଙ୍କୁ ମାଗଣା ବିଦ୍ୟୁତ୍ ବିଲ୍ ଦେବାକୁ ଯୋଜନା କରିଥିଲେ ଦେଲେ ନାହିଁ। ରାଜ୍ୟ ଓ କେନ୍ଦ୍ର ସରକାର ପରସ୍ପର ମଧ୍ୟରେ ପ୍ରତିଯୋଗିତା ଚଳାଇଛନ୍ତି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀଙ୍କୁ ବାରମ୍ବାର ଚିଠି ଲେଖିଲେ ମଧ ଉତ୍ତର ମିଳୁନାହିଁ। ରାଜ୍ୟ ସରକାର ମଧ ଅନେକ ପ୍ରତିଶ୍ରୁତି ଦେଇ ତାହା ପାଳନ କରୁନାହାନ୍ତି। ଲୋକାୟୁକ୍ତ ନିଯୁକ୍ତି ଏ ପର୍ଯ୍ୟନ୍ତ ହୋଇପାରିଲା ନାହିଁ। ଦୁର୍ନୀତି ଭରି ରହିଥିବାରୁ ସରକାର ଲୋକାୟୁକ୍ତ ନିଯୁକ୍ତି କରିବାକୁ ଭୟଭୀତ ହେଉଛନ୍ତି ବୋଲି ନରସିଂହ କହିଛନ୍ତି।

ଆଲୋଚନାରେ ଅଂଶଗ୍ରହଣ କରି ବିଜେଡି ସଭ୍ୟ ଅରୁଣ ସାହୁ କହିଛନ୍ତି ଯେ, ଏ ସରକାର ସବୁବେଳେ ଗରିବମାନଙ୍କ ଉନ୍ନତି ଉପରେ ଗୁରୁତ୍ୱ ଦେଇଆସିଛି। ବହୁ ଲୋକ କହୁଛନ୍ତି ଟଙ୍କିକିଆ ଚାଉଳ ଲୋକମାନଙ୍କୁ ଅଳସୁଆ କରିଦେଲା। ହେଲେ ଏହା ଉପରେ ମୁଁ ବହୁ ମାତ୍ରାରେ ତର୍ଜମା କରିବା ପରେ ଜାଣିବାକୁ ପାଇଲି, ସେତେବେଳେ ଆମ ରାଜ୍ୟର ବହୁ ଲୋକ ଅନାହାରରେ ମୃତ୍ୟୁବରଣ କରୁଥିଲେ। ଏଥିପାଇଁ ବିରୋଧୀ ଦଳ ପକ୍ଷରୁ ବହୁବାର ସରକାରକୁ ଟାର୍ଗେଟ କରାଯାଉଥିଲା। ସେଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଗୁରୁତର ସହ ନେଇ ଲୋକଙ୍କୁ ଟଙ୍କିକିଆ ଚାଉଳ ଯୋଗାଇଦେଲେ, ଯାହାଫଳରେ ଅନାହାର ମୃତ୍ୟୁସଂଖ୍ୟା ହ୍ରାସ ପାଇଲା ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୪ ପୂର୍ବରୁ ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବାବେଳେ କହିଥିଲେ ତେଲ ଦର ବୃଦ୍ଧି ଦେଶଦ୍ରୋହ। ମାତ୍ର ଏବେ ଯେଉଁ ତୈଳଦର ବୃଦ୍ଧି ପାଇଛି ତାକୁ ନେଇ ନୂଆ ମନ୍ତବ୍ୟ ରଖୁଛନ୍ତି। ସିଏଜି ରିପୋର୍ଟ ଅନୁଯାୟୀ ତୈଳଦର ଉପରୁ ସାଢେ ୪ବର୍ଷରେ ଅତିରିକ୍ତ ସାଢେ ୫ହଜାର କୋଟି ଟଙ୍କା କେନ୍ଦ୍ର ନେଇଛି। ଆଉ କିଛିଦିନ ମଧ୍ୟରେ ତୈଳ ବିଭାଗର ଏକ ମହାଦୁର୍ନୀତିର ମୁଖା ଖୋଲିବ। ଧାନର ଏମ୍‌ଏସ୍‌ପି ବୃଦ୍ଧି ହେଲା ନାହିଁ। କେନ୍ଦ୍ର ସରକାରଙ୍କ ମେକ୍ ଇନ୍ ଇଣ୍ଡିଆ ବିଫଳ ହୋଇଛି। ବାଣିଜ୍ୟ ନିଅଣ୍ଟ ଗତ ୫ବର୍ଷ ମଧ୍ୟରେ ସର୍ବାଧିକ ସ୍ତରରେ ପହଞ୍ଚିଛି। କେନ୍ଦ୍ର ସରକାର ୭୫ଲକ୍ଷ କୋଟି ଟଙ୍କା ଋଣଭାରରେ ଅଛନ୍ତି। ଫଳରେ ପ୍ରତ୍ୟେକ ବ୍ୟକ୍ତିଙ୍କ ମୁଣ୍ଡ ପିଛା ଋଣ ୧୬ହଜାର ଟଙ୍କାରେ ପହଞ୍ଚିଲାଣି ବୋଲି ଅରୁଣ କହିଛନ୍ତି।

ଭାଜପା ସଭ୍ୟ ରବି ନାୟକ କହିଥିଲେ, ରାଜ୍ୟ ସରକାର ସବୁବେଳେ କେନ୍ଦ୍ର ସରକାରଙ୍କ ଅବହେଳା କଥା କହି ନିଜ ଦୋଷ ଲୁଚାଇବାକୁ ପ୍ରୟାସ କରୁଛନ୍ତି। ମାତ୍ର ଉପା ସରକାର ସମୟରେ ଓଡ଼ିଶାକୁ ଯେତିକି କେନ୍ଦ୍ରୀୟ ଅନୁଦାନ ଆସୁଥିଲା ଏନ୍‌ଡିଏ ସରକାର ତା'ଠାରୁ ବହୁ ଅଧିକ ଅନୁଦାନ ଦେଉଛି। ବିଭିନ୍ନ ଯୋଜନା ବାବଦରେ ଉପା ସରକାରଠାରୁ ଅଧିକ ଅନୁଦାନ ଓଡ଼ିଶାକୁ ପ୍ରଦାନ କରୁଛି। ମାତ୍ର ରାଜ୍ୟ ସରକାର କେନ୍ଦ୍ରୀୟ ଅନୁଦାନ ଖର୍ଚ୍ଚ କରି ନ ପାରିବା କାରଣରୁ ତାହା ଫେରିଯାଉଛି। ଆମ ଗାଁ ଆମ ବିକାଶ ନାଁରେ ରାଜ୍ୟ ସରକାର ଦଳୀୟ କର୍ମୀଙ୍କୁ ପୋଷୁଛନ୍ତି। ଅନ୍ୟପଟେ ବିଜୁ ଯୁବ ବାହିନୀ ନାଁରେ ସରକାର ରାଜ୍ୟବାସୀଙ୍କ ଅର୍ଥକୁ ଦଳୀୟ ଭିତ୍ତିରେ ଖର୍ଚ୍ଚ କରୁଛନ୍ତି। କେନ୍ଦ୍ରୀୟ ଅର୍ଥ ଏବଂ ଯୋଜନାକୁ ରାଜ୍ୟ ସରକାରଙ୍କ ନାମ ଦେଇ ବାହାବା ନେବାକୁ ପ୍ରୟାସ କରୁଛନ୍ତି। ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଲାଗି ରାଜ୍ୟ ସରକାର ଉପଯୁକ୍ତ ତଥ୍ୟ ରଖିବା ପରିବର୍ତ୍ତେ କେନ୍ଦ୍ରକୁ ଦୋଷ ଦେଇ ନିଜ ଦୋଷ ଖସାଇବାକୁ ପ୍ରୟାସ କରୁଥିବା ସେ କହିଛନ୍ତି।

ବିରୋଧୀ ଦଳ ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତି କହିଛନ୍ତି, ସରକାର ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରିବାକୁ ଚାହୁଁନାହାନ୍ତି। ଏଥିପାଇଁ କୌଣସି ପଦକ୍ଷେପ ନେବା ବଦଳରେ ରାଜ୍ୟ ସରକାର ରାଜନୀତି କରୁଛନ୍ତି। ଏହା ଏକ ମୁଖ୍ୟ ସମସ୍ୟା ହୋଇଥିବା ବେଳେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହାକୁ ଅଣଦେଖା କରୁଛନ୍ତି। ଆମ ଗାଁ ଆମ ବିକାଶ ନାଁରେ ରାଜ୍ୟ ସରକାର ଦଳୀୟ କର୍ମୀମାନଙ୍କୁ ପାଣ୍ଠି ଯୋଗାଇ ସରକାରୀ ନିୟମର ଉଲ୍ଲଂଘନ କରୁଛନ୍ତି। ମଧୁବାବୁ ପେନ୍‌ସନ୍ ଯୋଜନାରେ ବୃଦ୍ଧଙ୍କୁ ୩୦୦ଟଙ୍କା ଦେଉଛନ୍ତି। ଏବେ ସରକାରୀ କର୍ମଚାରୀ, ବିଧାୟକ, ମନ୍ତ୍ରୀଙ୍କ ପାଇଁ ମହଙ୍ଗା ଭତ୍ତା ଲାଗୁ କରାଯାଉଛି। ତେବେ ବାର୍ଦ୍ଧକ୍ୟ ଭତ୍ତା କାହିଁକି ବୃଦ୍ଧି କରାଯାଉ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଯାଜପୁର ଜିଲାରେ ଗୋଟିଏ ନଗଡା ସାମ୍ନାକୁ ଆସିବା ପରେ ସବୁ ଅଫିସର ସେଠାକୁ ଧାଇଁଲେ। ମାତ୍ର କୋରାପୁଟ ଜିଲାରେ ଶହ ଶହ ନଗଡା ରହିଛି। ଏଥିପ୍ରତି ସରକାର କାହିଁକି ଧ୍ୟାନ ଦେଉନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଏହି ଆଲୋଚନାରେ ବିଧାୟକ ବେଦପ୍ରକାଶ ଅଗ୍ରୱାଲ, ଅମର ପ୍ରସାଦ ଶତପଥୀ, ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ସୁଶୀଲ ହାଁସଦା ଏବଂ ଭୁଜବଳ ମାଝି ପ୍ରମୁଖ ଭାଗ ନେଇଥିଲେ।



> ମହିଳାଙ୍କ ପାଇଁ ବୃତ୍ତି ଓ ପରିବାର ଜଞ୍ଜାଳ ହୋଇପାରେ । କିନ୍ତୁ ମା' ହେବାପରେ ଅଭିନୟ ଏବଂ ପିଲାଙ୍କ ଦାୟିତ୍ୱ ଭଲ ଭାବେ ତୁଲାଇ ପାରୁଥିଲି ।
> – ମନ୍ଦିରା ବେଦୀ, ବଲିଉଡ୍ ଅଭିନେତ୍ରୀ



# ୨୦୨୫ ସୁଦ୍ଧା ମାନବଙ୍କୁ ଟପିଯିବ ମେଶିନ

**ନୂଆଦିଲ୍ଲୀ:** ୨୦୨୫ ବେଳକୁ ଅଧାରୁ ଅଧିକ କାର୍ଯ୍ୟ ମେଶିନ ଦ୍ୱାରା ହେବ । ରୋବୋ ବିପ୍ଳବ ଫଳରେ ଆସନ୍ତା ୫ବର୍ଷ ମଧ୍ୟରେ ଅଧିକାଂଶ କାର୍ଯ୍ୟ ମେଶିନ ଦ୍ୱାରା କରାଯିବ ବୋଲି ଏକ ଅଧ୍ୟୟନରୁ ଜାଣିବାକୁ ମିଳିଛି । ୱାର୍ଲଡ ଇକୋନୋମିକ୍ ଫୋରମ୍ ଦ୍ୱାରା କରାଯାଇଥିବା ନୂତନ ଗବେଷଣା ଅନୁଯାୟୀ, ସ୍ୱୟଂକ୍ରିୟ ବ୍ୟବସ୍ଥା ଏବଂ ରୋବୋ ଦ୍ୱାରା ମାନବର କାର୍ଯ୍ୟ ପଦ୍ଧତିରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିବ । ସର୍ବେକ୍ଷଣ ରିପୋର୍ଟ ଅନୁଯାୟୀ, ବର୍ତ୍ତମାନ ବିଭିନ୍ନ ସଂସ୍ଥାରେ ସମୁଦାୟ କାର୍ଯ୍ୟର ୭୧% ମଣିଷ ଦ୍ୱାରା କରାଯାଉଥିବା ବେଳେ ୨୯% ମେଶିନ୍ ଦ୍ୱାରା କରାଯାଉଛି । ୨୦୨୨ ବେଳକୁ ୫୮% କାର୍ଯ୍ୟ ମଣିଷ ଦ୍ୱାରା ଏବଂ ୪୨% ମେଶିନ୍ ଦ୍ୱାରା କରାଯାଉଥିବ । ୨୦୨୫ ବେଳକୁ ସମୁଦାୟ କାର୍ଯ୍ୟର ୫୨% ମେଶିନ୍ ଦ୍ୱାରା ହେଉଥିବ ବୋଲି ଉକ୍ତ ସର୍ବେକ୍ଷଣ ରିପୋର୍ଟରୁ ସୂଚନା ମିଳିଛି ।



# ୧୮ ମିଶନ ଲଞ୍ଚ୍ କରିବ ଇସ୍ରୋ

**ଚେନ୍ନାଇ:** ପିଏସ୍ଏଲ୍‌ଭି ମିଶନ୍‌ର କ୍ରମାଗତ ସଫଳତା ପରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଆସନ୍ତା ୬ମାସ ମଧ୍ୟରେ ୧୮ଟି ମିଶନ୍ ଲଞ୍ଚ୍ କରିବାକୁ ସ୍ଥିର କରିଛି । ପ୍ରତି ୨ ସପ୍ତାହରେ ହାରାହାରି ଗୋଟିଏ ଲେଖା ମିଶନ୍ ଲଞ୍ଚ୍ ହେବ । ରବିବାର ରାତିରେ ଇସ୍ରୋ ସଫଳତାର ସହିତ 'ନୋଭାସାର' ଏବଂ 'ଏସ୍୧-୪' ନାମକ ଦୁଇଟି ବିଦେଶୀ ସାଟେଲାଇଟ୍ ଲଞ୍ଚ୍ କରି ପୃଥିବୀର କକ୍ଷପଥରେ ଅବସ୍ଥାନ କରିପାରିଛି । ଭୂପୃଷ୍ଠ ପର୍ଯ୍ୟବେକ୍ଷଣକାରୀ ଏହି ଦୁଇଟି ସାଟେଲାଇଟ୍‌କୁ ବ୍ରିଟେନ୍‌ର ସୁରେ ସାଟେଲାଇଟ୍ ଟେକ୍ନୋଲୋଜିକ୍ ଲିମିଟେଡ୍ ଦ୍ୱାରା ନିର୍ମାଣ କରାଯାଇଥିଲା ।

ଇସ୍ରୋ ଚେୟାରମ୍ୟାନ୍ କେ. ଶିବନ୍ ଏକ ପ୍ରେସ୍ ଇସ୍ତାହାରରେ ୧୮ଟି ମିଶନ୍ ଲଞ୍ଚ୍ ବିଷୟ ପ୍ରକାଶ କରିଛନ୍ତି । ବରିଷ୍ଠ ବୈଜ୍ଞାନିକଙ୍କ କହିବାନୁଯାୟୀ, ଲଞ୍ଚ୍ ହେବାକୁ ଥିବା ସାଟେଲାଇଟ୍‌ଗୁଡିକ ମଧ୍ୟରେ ଜିଏସ୍ଏଟି-୧୧, ଚାନ୍ଦ୍ରାୟଣ-୨ ମୁନ୍ ମିଶନ୍ ଏବଂ ଜିଏସ୍ଏଲ୍‌ଭି-ଏମ୍‌କେ ୩-ଡି୨ ମିଶନ୍ ।

ଜିଏସ୍ଏଟି-୧୧ ହେଉଛି ଏକ ଯୋଗାଯୋଗକାରୀ ସାଟେଲାଇଟ୍ । ଏହାକୁ ଫ୍ରେଞ୍ଚ୍ ଗୁଏନାରୁ ଉତ୍କ୍ଷେପଣ କରାଯିବ । ଚନ୍ଦ୍ରକୁ ଦ୍ୱିତୀୟ ମିଶନ୍ କ୍ରମରେ ଇସ୍ରୋ ୬ ଚକ ବିଶିଷ୍ଟ ଏକ ରୋଭର ଯାନକୁ ଚାନ୍ଦ୍ରାୟଣ-୨ ଦ୍ୱାରା ଚନ୍ଦ୍ରପୃଷ୍ଠରେ ଅବତରଣ କରାଇବ । ଜିଏସ୍ଏଲ୍‌ଭି-ଏମ୍‌କେ୩-ଡି୨ ମିଶନ୍ ପ୍ରଥମ ଥର ପାଇଁ ଯୋଗାଯୋଗକାରୀ ଯନ୍ତ୍ରାଂଶ ପରିବହନ କରିବ । ଗ୍ରାମାଞ୍ଚଳରେ ଡିଜିଟାଲ୍ ଯୋଗାଯୋଗ କ୍ଷେତ୍ରରେ ଏହା ସହାୟକ ହେବ ।




# 'ବେବି'ଙ୍କୁ ଚୁମ୍ବନ ଦେଲେ ପ୍ରିୟଙ୍କା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ପ୍ରେମିକ ବନ୍ଧୁ ନିକ୍ ଜୋନାସ୍‌ଙ୍କୁ ତାଙ୍କ ଜନ୍ମଦିନରେ ଚୁମ୍ବନ ଦେଇଥିଲେ । ଉକ୍ତ ଫଟୋଗ୍ରାଫ୍‌କୁ ପ୍ରିୟଙ୍କା ସୋସିଆଲ୍ ମିଡିଆରେ ଶେୟାର କରିଛନ୍ତି । ପ୍ରିୟଙ୍କା ଆମେରିକୀୟ ପପ୍ ଗାୟକ ନିକ୍ ଜୋନାସ୍‌ଙ୍କୁ ଶ୍ରଦ୍ଧାରେ 'ବେବି' ସମ୍ବୋଧନ କରନ୍ତି । ରବିବାର ନିକ୍ ୨୬ତମ ଜନ୍ମଦିବସ ପାଳନ କରିବା ଅବସରରେ ପ୍ରିୟଙ୍କା ଚୋପ୍ରା ତାଙ୍କୁ ଖୁସିରେ ଏହି ମହାର୍ଘ ଉପହାର ଦେଇଛନ୍ତି । ପ୍ରିୟଙ୍କା ବର୍ତ୍ତମାନ ଡଲାସ୍‌ରେ ଅଛନ୍ତି ଏବଂ ପପ୍‌ଷ୍ଟାର ଜୋନାସ୍‌ଙ୍କ ଚିବୁକରେ ଚୁମ୍ବନ ଦେଉଥିବାର ଫଟୋଗ୍ରାଫ୍‌କୁ ସେ ସୋସିଆଲ୍ ମିଡିଆରେ ଶେୟାର କରିଛନ୍ତି ।

ପ୍ରିୟଙ୍କାଙ୍କ ସମ୍ପର୍କୀୟ ପରିଣିତୀ ଚୋପ୍ରା ମଧ୍ୟ ଟୁଇଟ୍ କରି ନିକ୍‌ଙ୍କୁ ଜନ୍ମଦିନ ଅଭିନନ୍ଦନ ଜଣାଇଛନ୍ତି । ବିଶ୍ୱର ସକଳ ସୁଖ ତୁମର ପ୍ରାପ୍ୟ ହେଉ ବୋଲି ସେ କାମନା କରିଛନ୍ତି । ସୂଚନାଯୋଗ୍ୟ ଯେ, ଅଗଷ୍ଟ ୧୮ରେ ମୁମ୍ବାଇରେ ପ୍ରିୟଙ୍କା ଚୋପ୍ରା ଏବଂ ନିକ୍ ଜୋନାସ୍‌ଙ୍କର ପାରମ୍ପରିକ ରୀତିରେ 'ରୋକା'(ନିର୍ବନ୍ଧ) ଉତ୍ସବ ପାଳିତ ହୋଇଥିଲା । ଏହି ଉତ୍ସବରେ ଉଭୟଙ୍କ ପରିବାର ସଦସ୍ୟ ଏବଂ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ । ଏହାର ଦିନକ ପରେ ନିକ୍ ଆମେରିକା ଫେରିଯାଇଥିବା ବେଳେ ପ୍ରିୟଙ୍କା ତାଙ୍କର ନୂଆ ହିନ୍ଦୀ ଫିଲ୍ମ 'ଦି ସ୍କାଏ ଇଜ୍ ପିଙ୍କ୍'ର ଶୁଟିଂ ପାଇଁ ଯାଇଥିଲେ ।



## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି । ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ପୂର୍ବାନୁମାନ କରାଯାଇଛି ।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ । ଘଡ଼ଘଡ଼ି ସହ ବର୍ଷା ମଧ୍ୟ ହୋଇପାରେ । ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି । ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା ।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୦ | ୨୩.୬ |
| ଚାନ୍ଦବାଲି | ୩୪.୦ | ୨୪.୯ |
| କଟକ | ୩୪.୦ | ୨୨.୬ |
| ପାରାଦ୍ୱୀପ | ୩୩.୬ | ୨୫.୪ |
| ଭୁବନେଶ୍ୱର | ୩୪.୨ | ୨୪.୦ |
| ଗୋପାଳପୁର | ୩୬.୧ | ୨୪.୮ |
| ପୁରୀ | ୩୩.୮ | ୨୪.୪ |
| ଅନୁଗୋଳ | ୩୩.୭ | ୨୦.୬ |
| ବାରିପଦା | ୩୪.୪ | ୨୫.୦ |
| ଝାରସୁଗୁଡ଼ା | ୩୩.୪ | ୨୪.୭ |
| କେନ୍ଦୁଝର | ୩୧.୮ | ୨୧.୬ |
| ସମ୍ବଲପୁର | ୩୧.୫ | ୨୩.୨ |
| ସୁନ୍ଦରଗଡ଼ | --- | ୨୦.୦ |
| ହୀରାକୁଦ | ୩୨.୫ | ୨୩.୫ |
| ତାଳଚେର | ୩୩.୨ | ୨୪.୬ |
| ଭବାନୀପାଟଣା | ୩୨.୨ | ୨୩.୦ |
| ବଲାଙ୍ଗୀର | ୩୨.୫ | ୨୨.୬ |
| କୋରାପୁଟ | ୨୬.୪ | ୧୯.୦ |
| ଫୁଲବାଣୀ | --- | ୧୯.୦ |
| ଟିଟିଲାଗଡ଼ | --- | ୨୦.୦ |
| ମାଲକାନଗିରି | ୩୦.୦ | --- |
| ସୋନପୁର | ୩୨.୮ | ୨୨.୦ |
| ଦାରିଙ୍ଗିବାଡ଼ି | ୨୭.୨ | ୧୯.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍


ସୋମବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର


# ଭାରତୀୟ ସୀମା ଶୁଳ୍କ

ସହଜ ଅନୁପାଳନ, ବ୍ୟବସାୟିକ ବ୍ୟୟ, ରିଲିଜ୍ ସମୟକୁ ହ୍ରାସ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛି ।



## ବ୍ୟବସାୟକୁ ସହଜ କରିବା ପାଇଁ ଭାରତୀୟ ସୀମା ଶୁଳ୍କ ଅନେକ ସୁଧାର କରିଛି ।

- ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ବିଲ୍ ଫାଇଲିଂକୁ ଜରୁରୀ କରିବା ଦ୍ୱାରା ବ୍ୟବସାୟରେ ଅନୁଶାସନ ଆସିଛି, ଏବଂ ଏହାର ପରିଣାମସ୍ୱରୂପ ଆମଦାନୀର ରିଲିଜ୍ ସମୟ ହ୍ରାସ ପାଇଛି ।
- କାଗଜବିହୀନ ଅନ୍‌ଲାଇନ୍ ଆବେଦନ ପ୍ରକ୍ରିୟା, ଇ-ସଞ୍ଚିତ, ଦ୍ୱାରା ବ୍ୟବସାୟୀଙ୍କୁ ମାଲ କ୍ଲିୟରାନ୍ସ ସମ୍ବନ୍ଧୀୟ ସମସ୍ତ ଆବଶ୍ୟକ କାଗଜପତ୍ର ଇଲେକ୍ଟ୍ରୋନିକ୍ ଭାବେ ଜମା କରିବାର ସୁବିଧା ମିଳିଛି ।
- ଆପଦ ପରିଚାଳନା ତନ୍ତ୍ର ମାଧ୍ୟମରେ ସୁବିଧା ବୃଦ୍ଧି କରିବାର ଫଳସ୍ୱରୂପ କ୍ଲିୟରାନ୍ସ ସମୟ ହ୍ରାସ ପାଇଛି ।
- ପ୍ରାଧିକୃତ ଇକୋନୋମିକ ଅପରେଟର (ଏଇଓ) ଯୋଜନା ଦ୍ରୁତ କଷ୍ଟମ୍ କ୍ଲିୟରାନ୍ସ ଉପଲବ୍ଧ କରାଇଥାଏ ଏବଂ ବ୍ୟବସାୟିକ ସଂସ୍ଥାଗୁଡ଼ିକ ପାଇଁ କଷ୍ଟମ୍ ପ୍ରକ୍ରିୟା ସହଜ କରିଥାଏ । ଏ ପର୍ଯ୍ୟନ୍ତ ୧୪୦୫ରୁ ଅଧିକ ସଂସ୍ଥା (୩୧।୦୮।୨୦୧୮ ସୁଦ୍ଧା) ଏହି ସୁବିଧାର ଲାଭ ଉଠାଉଛନ୍ତି ।
- ଡାଇରେକ୍ଟ ପୋର୍ଟ ଡେଲିଭରୀ (ଡିପିଡି), ପଞ୍ଜୀକୃତ ଆମଦାନୀକାରୀଙ୍କୁ ଟର୍ମିନାଲରୁ ହିଁ କଷ୍ଟମ୍ କ୍ଲିୟରାନ୍ସ ପୂରା କରିବାର ସୁବିଧା ପ୍ରଦାନ କରିଥାଏ ଯାହା ଫଳସ୍ୱରୂପ କଣ୍ଟେନରଗୁଡ଼ିକୁ ସିଏଫ୍‌ଏସ୍‌କୁ ନିଆ ନ ଯାଇ, ସିଧାସଳଖ କାରଖାନା ପର୍ଯ୍ୟନ୍ତ ନିଆଯାଇପାରିବ ।
- ଡାଇରେକ୍ଟ ପୋର୍ଟ ଏଣ୍ଟ୍ରି (ଡିପିଇ) ରପ୍ତାନି କରାଯାଉଥିବା କାର୍ଗୋକୁ ବିନା ସିଏଫ୍‌ଏସ୍‌କୁ ନ ପଠାଇ ସିଧାସଳଖ ଟର୍ମିନାଲକୁ ନେଇଯିବାର ଅନୁମତି ପ୍ରଦାନ କରିଥାଏ ।
- ବିଭାଗୀୟ ଅଧିକାରୀଙ୍କ ଦ୍ୱାରା କଣ୍ଟେନରଗୁଡ଼ିକର ପୂର୍ବରୁ କରାଯାଉଥିବା ସୁପରଭାଇଜ୍‌ଡ ସିଲିଂ ପରିବର୍ତ୍ତେ କଣ୍ଟେନରଗୁଡ଼ିକର ଇ-ସିଲିଂ ଆରମ୍ଭ କରାଯାଇଛି । ଏବେ ଆର୍‌ଏଫ୍‌ଆଇଡି ଟ୍ୟାମ୍ପର୍-ପ୍ରୁଫ୍ ଇ-ସିଲ୍ ପ୍ରୟୋଗ ଦ୍ୱାରା କଣ୍ଟେନରରେ ରଖାଯାଇଥିବା କାର୍ଗୋର ବିଶ୍ୱସନୀୟତା ବୃଦ୍ଧି ପାଇଛି ।

## ଆମଦାନୀ ଓ ରପ୍ତାନି ପ୍ରସଙ୍ଗରେ ଉପରୋକ୍ତ ସୁଧାରଗୁଡ଼ିକର ସମୟ ଓ ବ୍ୟୟ ଉପରେ ସମ୍ପୂର୍ଣ୍ଣ ପ୍ରଭାବ ଜେଏନ୍‌ସିଏଚ୍, ମୁମ୍ବାଇ ଦ୍ୱାରା ସଞ୍ଚାଳିତ ଟାଇମ୍ ରିଲିଜ୍ ଷ୍ଟଡି (ଟିଆର୍‌ଏସ୍), ୨୦୧୮ର ଡାଟାରେ ଦେଖାଯାଇପାରିବ, ଯାହା ନିମ୍ନରେ ଦିଆଗଲା:

- ଆଡ୍‌ଭାନ୍ସ ବିଲ୍ ଅଫ୍ ଏଣ୍ଟ୍ରି ଫାଇଲ୍ କରାଯିବା ମାମଲା ୫୮ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି ।
- ଆମଦାନୀର ହାରାହାରି ରିଲିଜ୍ ଟାଇମ୍, ବର୍ଷ ୨୦୧୮ରେ, ଉନ୍ନତ ହୋଇ ୧୪୪.୧୮ ଘଣ୍ଟା ହୋଇଯାଇଛି ।
- ଡିପିଡି ସୁବିଧାବିଶିଷ୍ଟ ବିଲ୍ ଅଫ୍ ଏଣ୍ଟ୍ରିର ହାରାହାରି ରିଲିଜ୍ ଟାଇମ୍ ୮୪.୪୮ ଘଣ୍ଟା ହୋଇଯାଇଛି ।
- ସୀମା ଶୁଳ୍କ ଟାରିଫ୍ ହେଡିଂ ୮୭୦୮ ଅଧୀନରେ ଆସୁଥିବା ଅଟୋ-ଯନ୍ତ୍ରାଂଶ ମାମଲାରେ ବିଲ୍ ଅଫ୍ ଏଣ୍ଟ୍ରିର ହାରାହାରି ରିଲିଜ୍ ଟାଇମ୍ ୯୧.୫୨ ଘଣ୍ଟା ହୋଇଯାଇଛି ।
- ମୋଟ ହାରାହାରି ରପ୍ତାନୀ ରିଲିଜ୍ ଟାଇମ୍, ଘରୋଇ ପରିବହନରେ ଲାଗୁଥିବା ସମୟକୁ ଛାଡ଼ି, ନେଟ୍ ହାରାହାରି ରପ୍ତାନି ରିଲିଜ୍ ଟାଇମ୍ ୮୪.୧ ଘଣ୍ଟା ହୋଇଯାଇଛି ।

## ଆମଦାନୀକାରୀ ଏବଂ ରପ୍ତାନିକାରୀ ନିଜର ଦଲିଲ୍ ଏବଂ କଣ୍ଟେନର ଆଇସ୍‌ଗେଟ୍ ୱେବ୍‌ସାଇଟ୍‌ରେ ଟ୍ରାକ୍ କରିପାରିବେ ।

- www.icegate.gov.in ରେ "କଣ୍ଟେନର ଟ୍ରାକ୍ କରନ୍ତୁ" ଦ୍ୱାରା ଆପଣ କେବଳ ନହାବା ଶେବା, ହଜିରା ଏବଂ ମୁନ୍ଦ୍ରା ପୋର୍ଟରେ ମାଲ କଣ୍ଟେନରଗୁଡ଼ିକର ସ୍ଥିତି ଜାଣିପାରିବେ ।
- ଆଇସ୍‌ଗେଟ୍ ୱେବ୍‌ସାଇଟ୍‌ରେ ବିଲ୍ ଅଫ୍ ଏଣ୍ଟ୍ରି କିମ୍ବା ଶିପିଂ ବିଲ୍‌ର ବର୍ତ୍ତମାନ ସ୍ଥିତି ହାସଲ କରାଯାଇପାରିବ ।
- ସୀମା ଶୁଳ୍କ ଦ୍ୱାରା ନେପାଳ ଅଭିମୁଖୀ କାର୍ଗୋଗୁଡ଼ିକୁ ଇଲେକ୍ଟ୍ରୋନିକ୍ ମାଧ୍ୟମରେ ଟ୍ରାକ୍ କରିବାର ସୁବିଧା ପୂର୍ବରୁ ଆରମ୍ଭ କରାଯାଇସାରିଛି ।

davp 15502/13/0034/1819

କେନ୍ଦ୍ରୀୟ ଅପ୍ରତ୍ୟକ୍ଷ ଟିକସ ଏବଂ ସୀମା ଶୁଳ୍କ ପରିଷଦ
www.cbic.gov.in



ଭୋକ ହେଲେ ଖାଇବା ହେଉଛି ପ୍ରକୃତି, ଅନ୍ୟର ଖାଦ୍ୟ ପଦାର୍ଥକୁ ଛଡ଼ାଇ ଖାଇବା ବିକୃତି ଏବଂ ନିଜର ଭାଗକୁ ଦିନ ଦୁଃଖୀ, ଭୋକିଲାଙ୍କୁ ବାଣ୍ଟି ଦେବା ହେଉଛି ସଂସ୍କୃତି।
- ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ



## ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ସ୍ୱାମୀ ଶ୍ରୀ ଚିଦାନନ୍ଦ ସରସ୍ୱତୀଙ୍କ ପୁଣ୍ୟତିଥି ଆରାଧନା ଦିବସ, ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ର, ଅଶୋକନଗର, ସକାଳ ୬ଟାରୁ ଆରମ୍ଭ। ସନ୍ଧ୍ୟା ଅଧିବେଶନ, ସନ୍ଧ୍ୟା ୬ଟା।
- ବିନତାଶ୍ୱ ମଲ୍ଲିକ ସ୍ମାରକୀ ନ୍ୟାସ ପକ୍ଷରୁ ବାର୍ଷିକ ଶ୍ରୀଅରବିନ୍ଦ ପାଠଚକ୍ର ଓ ବିନତାଶ୍ୱ ମଲ୍ଲିକ ସ୍ମାରକୀ ବକ୍ତୃତା, ମିରା ପଦ୍ମର, ୩୩୧/୧୯୦୫/୪୦, ଶ୍ରୀଅରବିନ୍ଦ ନଗର, ଚନ୍ଦ୍ରଶେଖରପୁର, ପୂର୍ବାହ୍ନ ୧୦ଟା।
- ୧୦ମ କଟନଫାବ୍-୨୦୧୮, ଗେଟ୍ ନଂ. ୩, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।
- ଜାତୀୟ ସ୍ତରୀୟ ପେନ୍‌ସନ ଅଦାଲତ, ପ୍ରଧାନ ମହାଲେଖାକାର(ଏ ଆଣ୍ଡ ଇ) ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା।
- ଉତ୍କଳ-ସଂସ୍କୃତ-ଶିକ୍ଷକ ମହାସଂଘ ପକ୍ଷରୁ ରାଜ୍ୟସ୍ତରୀୟ ସଂସ୍କୃତ ଦିବସ ସମାରୋହ, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ପକ୍ଷରୁ ଆଧ୍ୟାତ୍ମିକ ପୁସ୍ତକ ମହୋତ୍ସବ, ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୧ଟା। ଆଲୋଚନାଚକ୍ର, ସନ୍ଧ୍ୟା ୬ଟା।
- ଅଖିଳ ଭାରତ ଟ୍ରେଡ୍ ୟୁନିୟନ କଂଗ୍ରେସ ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା, ରେଲଓ୍ୱେ ଷ୍ଟେଶନ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସବୁଜ ପତ୍ରିକା ମହିଳା ମହାସଂଘ ଓ ରାଜ୍ୟ ସବୁଜ ପତ୍ରିକାଧାରୀ ଉନ୍ନୟନ ପରିଷଦ ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା, ରେଲଓ୍ୱେ ଷ୍ଟେଶନ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ବିକ୍ଷୋଭ, ଲୋୟର୍ ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ଉତ୍କଳ ଭାରତ ପକ୍ଷରୁ ରାଲି, ମାଷ୍ଟରକ୍ୟାଣ୍ଟିନ୍ ଛକ, ପୂର୍ବାହ୍ନ ୧୧ଟା ୩୦।
- ମା' ମଙ୍ଗଳା ୟୁଥ୍ କ୍ଲବ ଆଣ୍ଡ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ଗଣେଶ ପୂଜା ଅବସରରେ ସଙ୍ଗୀତ ସନ୍ଧ୍ୟା, ବୁଦ୍ଧେଶ୍ୱରୀ କଲୋନୀ, କଟକ ରୋଡ୍, ସନ୍ଧ୍ୟା ୬ଟା।
- ମୂର୍ଚ୍ଛନାର ବାର୍ଷିକୋତ୍ସବ ଓ ସଙ୍ଗୀତ ଉତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ଓ୍ୱିନର ଆସୋସିଏଶନ ପକ୍ଷରୁ ଗଣେଶ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଆସୋସିଏଶନ ପରିସର, ଇନ୍ଦିରା ପାର୍କ ପଛ, ଶହୀଦନଗର, ରାତି ୭ଟା।

### କଟକ

- ରଘୁନାଥଜୀଉ ଜୁନିୟର ମହାବିଦ୍ୟାଳୟ ପକ୍ଷରୁ କିଶୋରୀ କନ୍ୟାଙ୍କ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ସମ୍ପର୍କରେ ଆଲୋଚନାଚକ୍ର, ମହାବିଦ୍ୟାଳୟ ପରିସର, ଦେଉଳସାହି, ତୁଳସୀପୁର, ପୂର୍ବାହ୍ନ ୧୧ଟା।

### ପୁରୀ

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ, ସାତଲହଡ଼ି ମଠ, ପୂର୍ବାହ୍ନ ୧୦ଟା ୩୦। ଭଜନ ପରିବେଷଣ, ଅପରାହ୍ନ ୫ଟା ୩୦।
- ଗଣପତି ମହୋତ୍ସବ, ମାର୍କେଟ ଛକ, ସନ୍ଧ୍ୟା ୬ଟା ୩୦।
- ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ବାର୍ଷିକ ଉତ୍ସବ, ଗୁଣ୍ଡିଚା ମନ୍ଦିର, ରାତି ୭ଟା ୩୦।

## ମନ୍ଦିର ପୋଖରୀରେ ବୁଡ଼ି ପୂଜକଙ୍କ ମୃତ୍ୟୁ

**ବାରଙ୍ଗ,୧୭।୯(ଡି.ଏନ୍.ଏ.):** ଭୁବନେଶ୍ୱର ବ୍ଲକ ଢାଉଆ ଗ୍ରାମରେ ଥିବା ସୋମନାଥ ମନ୍ଦିର ପୋଖରୀରେ ବୁଡ଼ି ସୋମବାର ସକାଳେ ମନ୍ଦିର ପୂଜକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ମାନସ ପଣ୍ଡା(୨୮)। ମାନସ ଠାକୁରଙ୍କ ସକାଳ ନୀତି କରିବା ପାଇଁ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ବୁଡ଼ି ଯାଇଥିଲେ। ବହୁ ସମୟ ଧରି ପୋଖରୀ ହୁଡ଼ାରେ ଗାମୁଛା ଓ ଚପଲ ଥୁଆ ହୋଇଥିବାର ଦେଖି ସ୍ଥାନୀୟ କେତେଜଣ ଯୁବକ ସନ୍ଦେହରେ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ପ୍ରଥମେ ଗ୍ରାମରେ ଖୋଜାଖୋଜି କରିଥିଲେ ମଧ ମାନସଙ୍କୁ ପାଇ ନ ଥିଲେ। ଶେଷରେ ଗ୍ରାମବାସୀଙ୍କ ସହାୟତାରେ ମନ୍ଦିର ପୋଖରୀରେ ଖୋଜାଖୋଜି କରାଯିବା ପରେ ତାଙ୍କ ମୃତଦେହକୁ ଉଦ୍ଧାର କରାଯାଇଥିଲା। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ଟ୍ରିପ୍ ଆଡ୍‌ଭାଇଜର ସହ ଓଡ଼ିଶା ପର୍ଯ୍ୟଟନର ଚୁକ୍ତି

**ଭୁବନେଶ୍ୱର,୧୭।୯(ବ୍ୟୁରୋ)**

**ହକି ବିଶ୍ୱକପ୍ ପ୍ରସ୍ତୁତି**
- ୬ ମାସ ପାଇଁ କଣ୍ଟେଣ୍ଟ୍ ପାର୍ଟନର୍ ଭାବେ କାର୍ଯ୍ୟ କରିବ
- 'ଓଡ଼ିଶା ପର୍ଯ୍ୟଟନ' ବ୍ରାଣ୍ଡର ବ୍ୟାପକତା ବଢ଼ିବ

ହକି ବିଶ୍ୱକପ୍ ପାଇଁ ଦେଶର ସର୍ବବୃହତ୍ ବଜେଟ୍ ହୋଟେଲ ନେଟ୍‌ୱାର୍କ 'ଓୟୋ ରୁମ୍ସ' ସହ ଏମ୍‌ଓୟୁ ସ୍ୱାକ୍ଷର କରିବା ପରେ ଓଡ଼ିଶା ପର୍ଯ୍ୟଟନ ଏବେ ଆଉ ଏକ ସହବନ୍ଧିତା କରିବାକୁ ଯାଉଛି। ପୁରୁଷ ହକି ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ରାଜ୍ୟକୁ ପର୍ଯ୍ୟଟକ ଆଗମନ ବୃଦ୍ଧି କରିବାକୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଟ୍ରାଭେଲ ଓ ଅନ୍‌ଲାଇନ୍ ବୁକିଂ ସାଇଟ୍ 'ଟ୍ରିପ୍‌ଆଡ୍‌ଭାଇଜର' ସହ ଏକ ନୂଆ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ୬ ମାସ ପାଇଁ ସ୍ୱାକ୍ଷର ହୋଇଥିବା ଏହି କଣ୍ଟେଣ୍ଟ୍ ପାର୍ଟନରଶିପ ଅଧୀନରେ ଟ୍ରିପ୍‌ଆଡ୍‌ଭାଇଜର ତା'ର ୱେବ୍‌ସାଇଟ୍‌ରେ 'ଓଡ଼ିଶା ପର୍ଯ୍ୟଟନ' ବ୍ରାଣ୍ଡକୁ ପ୍ରଚାର ପ୍ରସାର କରିବ। ଏଥିଲାଗି ଟ୍ରିପ୍‌ଆଡ୍‌ଭାଇଜର ପକ୍ଷରୁ ଏକ ମାଇକ୍ରୋସାଇଟ୍ HTTPS://WWW.TRIPADVISOR.IN/TOURISM-G297660-ODISHA-VACATIONS.HTML ସୃଷ୍ଟି କରାଯାଇ ଓଡ଼ିଶା ପର୍ଯ୍ୟଟନସ୍ଥଳୀ ସମ୍ପର୍କିତ ସମସ୍ତ ତଥ୍ୟ ଉପଲବ୍ଧ କରାଯାଇଛି। ରାଜ୍ୟର ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ, ଉତ୍ସବ, ମହୋତ୍ସବ ସମ୍ପର୍କିତ ତଥ୍ୟ, କେଉଁଠାକୁ ଯିବେ, କ'ଣ କରିବେ ଆଦି ସମ୍ପର୍କରେ ଏଥିରେ ଉଲ୍ଲେଖ ରହିଛି। ଫଳରେ ଦେଶ ବାହାରୁ ଆସୁଥିବା ପର୍ଯ୍ୟଟକ ନିଜର ସୁବିଧା ପାଇଁ ଏଠାରୁ ସମସ୍ତ ତଥ୍ୟ ପାଇପାରିବେ।

ଭାରତ ସହ ସିଙ୍ଗାପୁର, ମାଲେସିଆ, ଥାଇଲାଣ୍ଡ ଏବଂ ଇଂଲଣ୍ଡରୁ ଆସିବାକୁ ଥିବା ପର୍ଯ୍ୟଟକ ଟ୍ରିପ୍‌ଆଡ୍‌ଭାଇଜର ମାଧ୍ୟମରେ ଏହାର ଲାଭ ପାଇପାରିବେ। ହକି ବିଶ୍ୱକପ୍‌ର ହୋଷ୍ଟ ପାର୍ଟନର ଥିବା ଓଡ଼ିଶା ଟୁରିଜମ୍‌ର କ୍ୟାମ୍ପେନ୍ ବ୍ରାଣ୍ଡିଂ ଏହି ସାଇଟ୍‌ରେ ରହିଥିବା ବେଳେ ଏହା ପର୍ଯ୍ୟଟନ ବିଭାଗର ଡିଜିଟାଲ ଷ୍ଟ୍ରାଟେଜିକୁ ଆଉ ପାଦେ ଆଗକୁ ନେବାରେ ସାହାଯ୍ୟ କରିବ। ବିଭାଗୀୟ ସଚିବ ବିଶାଲ ଦେବ ଏ ନେଇ କହିଛନ୍ତି, ହକି ବିଶ୍ୱକପ୍ ଆଗକୁ ଥିବାରୁ ଟ୍ରିପ୍‌ଆଡ୍‌ଭାଇଜର ସହ ସହବନ୍ଧିତା ଆମକୁ ବହୁଳ ଭାବେ ସାହାଯ୍ୟ କରିବ। ଅଧିକରୁ ଅଧିକ ପର୍ଯ୍ୟଟକ ଏହି ବିଶ୍ୱସ୍ତରୀୟ ଆୟୋଜନ ସମ୍ପର୍କରେ ଅବଗତ ହୋଇପାରିବେ ଏବଂ ଏଠାକୁ ଆସି ଓଡ଼ିଶାର ପର୍ଯ୍ୟଟନସ୍ଥଳୀ ମଧ୍ୟ ବୁଲିପାରିବେ। ଓଡ଼ିଶା ଟୁରିଜମ୍ ହକି ବିଶ୍ୱକପ୍‌ର ହୋଷ୍ଟ ପାର୍ଟନର୍ ଥିବାରୁ ଓଡ଼ିଶା ଅଧିକରୁ ଅଧିକ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ଆଶା କରୁଛି ବୋଲି ସେ କହିଛନ୍ତି। ସେହିଭଳି ଟ୍ରିପ୍‌ଆଡ୍‌ଭାଇଜର ଏସିଆ ପ୍ୟାସିଫିକ୍‌ର ଡେଷ୍ଟିନେଶନ ମାର୍କେଟିଂ ହେଡ୍ ସାରା ମାଥ୍ୟୁ କହିଛନ୍ତି, ବିଶ୍ୱର ସର୍ବବୃହତ୍ ଟ୍ରାଭେଲ ସାଇଟ୍ ଭାବେ ଟ୍ରିପ୍‌ଆଡ୍‌ଭାଇଜର ଲୋକଙ୍କୁ ନୂଆ ନୂଆ ସ୍ଥାନ ସମ୍ପର୍କରେ ଅବଗତ କରାଇଥାଏ ଓ ସେଠାକୁ ବୁଲିଯିବାର ସୁଯୋଗ ପ୍ରଦାନ କରିଥାଏ। ଏହି କ୍ରମରେ ଓଡ଼ିଶା ଟୁରିଜମ୍ ସହ କାମ କରିବାକୁ ଆମକୁ ସୁଯୋଗ ମିଳିଥିବା ବେଳେ ଭାରତ ଭ୍ରମଣ କରିବାକୁ ଯାଉଥିବା ପର୍ଯ୍ୟଟକମାନଙ୍କୁ ଆମେ ଓଡ଼ିଶା ପର୍ଯ୍ୟଟନର ଉତ୍କୃଷ୍ଟତା ସମ୍ପର୍କରେ ଅବଗତ କରାଇବୁ। ଭାରତର ଜଣାଶୁଣା ପର୍ଯ୍ୟଟନ ସ୍ଥାନକୁ ଛାଡ଼ି ଓଡ଼ିଶାର ଅନାଲୋଚିତ ପର୍ଯ୍ୟଟନସ୍ଥଳୀକୁ ଭ୍ରମଣ କରିବାକୁ ଆମେ ପରାମର୍ଶ ଦେବୁ ବୋଲି ସେ କହିଛନ୍ତି।



ଭାରତୀୟ ବିଦ୍ୟାଭବନ ଓ ଇନ୍ଫୋସିସ୍ ଫାଉଣ୍ଡେଶନ ପକ୍ଷରୁ ଭୁବନେଶ୍ୱରସ୍ଥିତ ଭାରତୀୟ ବିଦ୍ୟାଭବନଠାରେ ଅନୁଷ୍ଠିତ ଲୁପ୍ତପ୍ରାୟ ଲୋକକଳାରେ 'ତୁମ୍ବା ସଙ୍ଗୀତ' ପରିବେଷଣ କରାଯାଉଛି।

# ହାତ କାଟି ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

**କଟକ ସଦର,(ଡି.ଏନ.ଏ.)/କଟକ ଅଫିସ୍, ୧୭।୯**

- ମୋମୋ ଖେଳୁଥିବା ସନ୍ଦେହ
- ଗୁରୁତର ଅବସ୍ଥାରେ ଏସ୍‌ସିବିରେ ଭର୍ତ୍ତି

ନିଜ ଡାହାଣ ହାତର ଧମନି କାଟି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି ୨୨ ବର୍ଷୀୟ ଯୁବକ ସୁନୀଲ ଦାସ। ସେ ଏକ ମସଲା କମ୍ପାନୀରେ କାର୍ଯ୍ୟ କରନ୍ତି। ତାଙ୍କ ଘର ହେଉଛି କଟକ ସଦର ଥାନା ଅନ୍ତର୍ଗତ ୪୨ ମୌଜା ଝାରକଟାରେ। ଗୁରୁତର ଅବସ୍ଥାରେ ତାଙ୍କୁ ରବିବାର କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ସୁନୀଲ ବିଗତ କିଛି ଦିନ ହେବ ମୋବାଇଲ ଫୋନରେ ବେଶି ସମୟ ବିତାଉଥିଲେ। ପରିବାର ଲୋକଙ୍କଠାରୁ ଦୂରେଇ ରହୁଥିଲେ। ତାଙ୍କୁ କିଛି ପଚାରିଲେ ସେ ଉତ୍ତର ଦେଉ ନ ଥିଲେ ବୋଲି ତାଙ୍କ ବାପା ବାସୁଦେବ ଦାସ କହିଛନ୍ତି। ଏଥିରୁ ସେ ମୋବାଇଲ ଫୋନରେ ଅନଲାଇନ ଗେମ୍ 'ମୋମୋ ଚ୍ୟାଲେଞ୍ଜ' ଖେଳୁଥିବା ସନ୍ଦେହ କରାଯାଉଛି। କିନ୍ତୁ ଏନେଇ କୌଣସି ସୁରାକ ମିଳି ନ ଥିବା ୪୨ ମୌଜା ଫାଣ୍ଡି ପୋଲିସ କହିଛି।

ମିଳିଥିବା ସୂଚନାନୁଯାୟୀ, ଗତ ଶନିବାର ସକାଳେ ସୁନୀଲ କୌଣସି ଏକ ଧାରୁଆ ଅସ୍ତ୍ରରେ ତାଙ୍କ ହାତ କାଟି ଦେଇଥିଲେ। ଅଚେତ୍ ଅବସ୍ଥାରେ ସୁନୀଲ ଘର ବିଛଣାରେ ପଡିଥିବା ତାଙ୍କ ମା' ଦେଖିବାକୁ ପାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ସଙ୍ଗେ ସଙ୍ଗେ ତାଙ୍କୁ ସ୍ଥାନୀୟ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ନ ଆସିବାରୁ ତାଙ୍କୁ ରବିବାର କଟକ ଏସ୍‌ସିବି ଅଣାଯାଇଥିଲା। ବାସୁଦେବଙ୍କ କହିବା ଅନୁଯାୟୀ, ହାତ କାଟିବାର ୩ ଦିନ ପୂର୍ବରୁ ସୁନୀଲ ଦିନ ଏବଂ ରାତିରେ ରୁମ୍ ଭିତର କବାଟ ବନ୍ଦକରି ରହୁଥିଲେ। ସେ ସବୁବେଳେ ମୋବାଇଲ ଫୋନ ପାଖରେ ରଖୁଥିବା ବେଳେ ସକାଳୁ ଉଠିବା ବେଳେ ତାଙ୍କ ଆଖି ଲାଲ ଦେଖାଯାଉଥିଲା ବୋଲି ବାସୁଦେବ କହିଛନ୍ତି। ଏସ୍‌ସିବି ମେଡିକାଲର ଜରୁରିକାଳୀନ ଅଧିକାରୀ ଭୁବନାନନ୍ଦ ମହାରଣାଙ୍କ କହିବା ଅନୁଯାୟୀ, ସୁନୀଲ ତାଙ୍କ ଡାହାଣ ହାତ ଧମନୀକୁ ୪ ଇଞ୍ଚ କାଟି ଦେଇଛନ୍ତି। ତାଙ୍କର ଏବେ ଚିକିତ୍ସା ଚାଲୁଥିବାବେଳେ ସୁସ୍ଥ ହେବା ପରେ ପଚରାଉଚରା ପାଇଁ ତାଙ୍କୁ ମାନସିକ ୱାର୍ଡକୁ ସ୍ଥାନାନ୍ତର କରାଯିବ। ସୁନୀଲ ଏକ ଭିଡିଓ ଗେମ୍ ଖେଳୁଥିଲେ ବୋଲି ଡାକ୍ତରଙ୍କୁ କହିଛନ୍ତି। ହେଲେ ସେ କେଉଁ ଗେମ୍ ଖେଳୁଥିଲେ ଅବା କ'ଣ ପାଇଁ ହାତ କାଟିଛନ୍ତି ତାହା ସେ ସୁସ୍ଥ ହେବା ପରେ ଜଣାପଡିବ ବୋଲି ମହାରଣା କହିଛନ୍ତି।

ଅନ୍ୟପକ୍ଷରେ ୪୨ ମୌଜା ଫାଣ୍ଡି ପୋଲିସ ସୁନୀଲଙ୍କ ମୋବାଇଲ ଫୋନକୁ ଜବତ କରିବା ସହ ସାଇବର ଏକ୍ସପର୍ଟଙ୍କ ଦ୍ୱାରା ଯାଞ୍ଚ କରାଇଛି। ଫାଣ୍ଡି ଅଧିକାରୀ ନୃସିଂହ ଚରଣ ସ୍ୱାଇଁ କହିଛନ୍ତି ଯେ, ଏବେ ସୁଦ୍ଧା ହୋଇଥିବା ଯାଞ୍ଚରୁ ସୁନୀଲ ମୋମୋ ଚ୍ୟାଲେଞ୍ଜ ଖେଳୁଥିବା ନେଇ କୌଣସି ସୁରାକ ମିଳିନାହିଁ। ଏନେଇ ଅଧିକ ଯାଞ୍ଚ କରାଯାଉଛି। ଏହାଛଡ଼ା ପ୍ରେମ ବ୍ୟାପାର ସନ୍ଦେହ କରାଯାଇ ତଦନ୍ତ କରାଯାଉଛି ବୋଲି ସ୍ୱାଇଁ କହିଛନ୍ତି।

## ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଛାତ୍ରୀଙ୍କୁ ଅସଦାଚରଣ: ୩ ଗିରଫ

**କଟକ ଅଫିସ୍, ୧୭।୯**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଜଣେ ଛାତ୍ରୀଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ମାଲଗୋଦାମ ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜଗତ୍‌ପୁର ଥାନା ଅନ୍ତର୍ଗତ ନଜରପୁର ଅଞ୍ଚଳର ଲକ୍ଷ୍ମୀଧର ବେହେରା, ଭଗବତ ଦାସ ଓ ପ୍ରତାପ ମହାନ୍ତି। ସେମାନଙ୍କ ଠାରୁ ଏକ ବାଇକ(ଓଡ଼ି ୦୫ କ୍ୟୁ ୬୫୭୧)ଜବତ କରାଯିବା ସହ ଏକ ମାମଲା(ନଂ.୧୮୯/୧୮) ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ଗତ ରବିବାର ଛାତ୍ରୀ ଜଣଙ୍କ କୌଣସି କାମ ପାଇଁ ବାହାରକୁ ଯାଇଥିଲେ। ସନ୍ଧ୍ୟା ୭ଟାରେ ସେ ତାଙ୍କର ଜଣେ ସାଙ୍ଗଙ୍କ ସହିତ କଲେଜ ଛକରୁ ହଷ୍ଟେଲକୁ ଫେରୁଥିବାବେଳେ ତିନି ଜଣ ବ୍ୟକ୍ତି ଏକ ବାଇକରେ ସେମାନଙ୍କୁ ପିଛା କରିଥିଲେ। ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଅଭିଯୁକ୍ତମାନେ ଛାତ୍ରୀଙ୍କୁ ଗାଳିଗୁଲଜ କରିବା ସହ ଟଣାଓଟରା କରିଥିଲେ। ଛାତ୍ରୀ ଜଣଙ୍କ ପାଟି କରିବାରୁ ସେମାନେ ସେଠାରୁ ପଳାଇଯିବାକୁ ଚେଷ୍ଟା କରିଥିଲେ। ହେଲେ ସ୍ଥାନୀୟ ଲୋକେ ସେମାନଙ୍କ ମଧ୍ୟରୁ ଲକ୍ଷ୍ମୀଧରଙ୍କୁ କାବୁ ନିସ୍ତୁକ ମାଡ ମାରିବା ସହ ପୋଲିସ ଜିମା ଦେଇଥିଲେ। ପରେ ଜଗତ୍‌ପୁର ଥାନା ଅଞ୍ଚଳରେ ପୋଲିସ ଚଢ଼ାଉ କରି ଅନ୍ୟ ଦୁଇଜଣଙ୍କୁ ଗିରଫ କରିଥିଲା।

# ପୂର୍ବତନ ଆଇଆଇସି ସଞ୍ଜୀବ ମହାନ୍ତିଙ୍କ ଜାମିନ ଆବେଦନ ଖାରଜ

**କଟକ ଅଫିସ, ୧୭।୯**

୫୦ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ଜଟଣୀ ଥାନାର ପୂର୍ବତନ ଆଇଆଇସି ସଞ୍ଜୀବ ମହାନ୍ତିଙ୍କ ଜାମିନ ଆବେଦନ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ଖାରଜ ହୋଇଯାଇଛି। ସେହିପରି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ଓପେପାର ପୂର୍ବତନ ଅଧିକାରୀ ନଳିନୀ କୁମାରୀ ପୃଷ୍ଟି ଓ ତାଙ୍କ ସ୍ୱାମୀ ତଥା ଛତ୍ରପୁର ତହସିଲର ପୂର୍ବତନ ତହସିଲଦାର ବିଜୟ କେତନ ସାହୁଙ୍କ ଜାମିନ ଆବେଦନକୁ ମଧ୍ୟ ସ୍ୱତନ୍ତ୍ର କୋର୍ଟ ବିଚାରପତି ଖାରଜ କରିଛନ୍ତି। ଉଭୟ ପୃଷ୍ଟି ଓ ସାହୁଙ୍କୁ ଭିଜିଲାନ୍ସ ରିମାଣ୍ଡରେ ନେଇଥିଲା। ଏହାପରେ ସେମାନେ ଜାମିନ ପାଇଁ ଆବେଦନ କରିଥିଲେ। ଭିଜିଲାନ୍ସ ପକ୍ଷରୁ ସ୍ୱତନ୍ତ୍ର ପିପି ହେମନ୍ତ କୁମାର ସ୍ୱାଇଁ ମାମଲା ପରିଚାଳନା କରୁଥିଲେ।



ନୌସେନା କର୍ମଚାରୀମାନେ ଚିଲିକା କୂଳରେ ସଫେଇ କରୁଛନ୍ତି।

# ଆଇଏନ୍‌ଏସ୍ ଚିଲିକା ପକ୍ଷରୁ ତଟ ସଫେଇ ଦିବସ ପାଳିତ

**ଭୁବନେଶ୍ୱର,୧୭।୯(ବ୍ୟୁରୋ)**

ଆଇଏନ୍‌ଏସ୍ ଚିଲିକା ପକ୍ଷରୁ ଅନ୍ତର୍ଜାତୀୟ ତଟ ସଫେଇ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଚିଲିକା ତଟବର୍ତ୍ତୀ ଅଞ୍ଚଳରେ ସମ୍ପୂର୍ଣ୍ଣ ଶ୍ରମଦାନ କରାଯାଇଥିଲା। ୨୫୦ରୁ ଅଧିକ ନୌସେନା କର୍ମଚାରୀ ମିଳିତ ଭାବେ ଦୀର୍ଘ ଏକ ମାଇଲ ପର୍ଯ୍ୟନ୍ତ ହ୍ରଦତଟରୁ ଆବର୍ଜନା ଓ ଅନ୍ୟ ବର୍ଜ୍ୟବସ୍ତୁ ସଫା କରିଥିଲେ। ନୌସେନା କର୍ମଚାରୀଙ୍କୁ ବର୍ଜ୍ୟବସ୍ତୁର କ୍ଷତିକାରକ ଦିଗ ଏବଂ ପ୍ରାଣୀ ଓ ଉଦ୍ଭିଦ ଉପରେ ଏହାର କୁପ୍ରଭାବ ସମ୍ପର୍କରେ ଅବଗତ କରାଇବା ପାଇଁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରୟାସ କରାଯାଇଥିଲା। ପ୍ରତିବର୍ଷ ସେପ୍ଟେମ୍ବର ମାସର ତୃତୀୟ ଶନିବାରକୁ ଅନ୍ତର୍ଜାତୀୟ ତଟ ସଫେଇ ଦିବସ ଭାବେ ପାଳନ କରାଯାଇଥାଏ।

# ସବୁ ଜିଲାରେ ହେବ ମଡର୍ନ ଥାନା

**ଏସ୍‌ପି, ଡିସିପିଙ୍କ ସହ ଆଲୋଚନା କଲେ ଡିଜିପି**

**କଟକ ଅଫିସ୍, ୧୭।୯**

ଓଡ଼ିଶାର ସବୁ ଜିଲାରେ ଗୋଟିଏ ଲେଖାଏ ମର୍ଡନ ଥାନା ଖୋଲାଯିବ। ସେଥିରେ ରିସେପଶନ ସେଣ୍ଟର, ପିଇବା ପାଣି, ସ୍ୱତନ୍ତ୍ର ମହିଳା ଓ ଶିଶୁ ଡେସ୍କ ରହିବ। ଅପରାଧୀମାନଙ୍କ ଫଟୋ ସହ ନାମ ଥାନା ନୋଟିସ୍ ବୋର୍ଡରେ ଲଗାଯିବ ଏବଂ ଏକା ରହୁଥିବା ବୟସ୍କ ଲୋକଙ୍କ ନମ୍ବର ଥାନାରେ ପଞ୍ଜୀକରଣ କରାଯିବ। ଆମ ପୋଲିସ ଯୋଜନାର ପରିଚାଳନା, ମାମଲାଗୁଡିକର ତଦନ୍ତ ପାଇଁ ସ୍ୱତନ୍ତ୍ର ସମୟ ନିର୍ଦ୍ଧାରଣ, ସ୍ଥାନୀୟ ଅଞ୍ଚଳରେ ସଚେତନାମୂଳକ କାର୍ଯ୍ୟକ୍ରମ, ଉଭୟ ଦିନ ଏବଂ ରାତିରେ ପାଟ୍ରୋଲିଂ ବ୍ୟବସ୍ଥା ସହ ରାତିରେ ରାସ୍ତା ବ୍ଲକ କରି ଯାଞ୍ଚ କରାଯିବ, ହୋଟେଲ ଏବଂ ଲଜ୍‌ଗୁଡିକୁ ନିୟମିତ ବ୍ୟବଧାନରେ ଯାଞ୍ଚ ଭଳି କେତେକ ବ୍ୟବସ୍ଥା ଏହି ଥାନା ମାଧ୍ୟମରେ କରାଯିବ। ଏନେଇ ଡିଜିପି ରଜେନ୍ଦ୍ର ପ୍ରସାଦ ଶର୍ମା ରାଜ୍ୟ ପୋଲିସ ମୁଖ୍ୟାଳୟରେ ସୋମବାର ଭିଡିଓ କନଫେରେନ୍ସିଂ ମାଧ୍ୟମରେ ସମସ୍ତ ଜିଲାର ଏସ୍‌ପି ଏବଂ ଡିସିପିଙ୍କ ସହ ଆଲୋଚନା କରିଛନ୍ତି। ଅଧିକାଂଶ ଜିଲାରେ ଥାନା କାର୍ଯ୍ୟ ତୁଲାଇବା ପାଇଁ ଆବଶ୍ୟକ କର୍ମଚାରୀ ନ ଥିବାବେଳେ କିପରି ଏହି ଥାନା ପରିଚାଳିତ ହେବ ସେ ନେଇ ଏସ୍‌ପିମାନେ ପ୍ରଶ୍ନ କରିଥିଲେ। ତେବେ ଏହି ଥାନା ପାଇଁ ସମସ୍ତ ସୁବିଧା ଏବଂ କର୍ମଚାରୀ ଯୋଗାଇ ଦେବାକୁ ଡିଜିପି ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଏହି ଥାନାରେ ଦକ୍ଷ ପୋଲିସ ଅଧିକାରୀଙ୍କୁ ନିଯୁକ୍ତ କରିବା ପାଇଁ ବିଭାଗ ପକ୍ଷରୁ ଯୋଜନା କରାଯାଇଥିବା ବେଳେ ଏସ୍‌ପିମାନଙ୍କୁ ନାମ ପଠାଇବା ପାଇଁ କୁହାଯାଇଛି। ଆଲୋଚନାରେ ଅତିରିକ୍ତ ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆଙ୍କ ସମେତ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୨୦ ଦିନରେ ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**କଟକ ଅଫିସ, ୧୭।୯**

**୨୦ ତାରିଖଯାଏ ଚାଲିବ**

ଓକିଲ-ପୋଲିସ ବିବାଦର ସମାଧାନ ବାଟ ଫିଟୁନି। ଗତ ଅଗଷ୍ଟ ୨୯ ତାରିଖରୁ ଓକିଲମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ସୋମବାର ଏହି ଆନ୍ଦୋଳନକୁ ୨୦ ଦିନ ପୂରିଛି। ଅନ୍ୟପକ୍ଷରେ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ସୋମବାର ହାଇକୋର୍ଟ ବାର୍ ପକ୍ଷରୁ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଛି। ରାଜ୍ୟର ସମସ୍ତ ବାର୍ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ କାର୍ଯ୍ୟବନ୍ଦ ଜାରି ରଖିବେ ବୋଲି ସୂଚନା ମିଳିଛି। ହାଇକୋର୍ଟ ବାର୍ ସଭାପତି ଆଡଭୋକେଟ ଶ୍ରୀକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ହାଇକୋର୍ଟ ବାର୍ ପରିସରରେ ଅନୁଷ୍ଠିତ ବୈଠକରେ ପୋଲିସର କାର୍ଯ୍ୟଧାରାକୁ ନିନ୍ଦା କରାଯାଇଥିଲା। ତେବେ ବାର୍‌ର ଏକ ପ୍ରତିନିଧିମଣ୍ଡଳୀ ଇତିମଧ୍ୟରେ ରାଜ୍ୟ ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କୁ ଭେଟି ଆଲୋଚନା କରିଥିବା ଜଣାପଡ଼ିଛି। ମନ୍ତ୍ରୀ ଜେନା ଏ ସମ୍ପର୍କରେ ସମାଧାନ ନିମନ୍ତେ ଦୁଇଦିନ ସମୟ ମାଗିଛନ୍ତି। ଫଳରେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଆଉ ଦୁଇଦିନ ଅର୍ଥାତ୍ ୨୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେହିପରି ଏ ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ମାମଲା ସମ୍ପର୍କରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଜବାବ ଦାଖଲ କରାଯାଇ ନ ଥିବା ଜଣାପଡ଼ିଛି। ମଙ୍ଗଳବାର ମାମଲାର ଶୁଣାଣି କରାଯିବ। ଆୟୋଜିତ ବୈଠକରେ ହାଇକୋର୍ଟ ବାର୍ ସମ୍ପାଦକ ସତ୍ୟବ୍ରତ ମହାନ୍ତିଙ୍କ ସମେତ ବାର୍‌ର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଫଟୋରେ ଖବର



୭ ଦଫା ଦାବିରେ ନିଖିଳ ଓଡ଼ିଶା ଗ୍ରାମରକ୍ଷୀ ସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ସୋମବାର ଦିଆଯାଇଥିବା ଧାରଣା।



ଗଣେଶ ଓ ବିଶ୍ୱକର୍ମା ପୂଜା ପାଇଁ ସଜ୍ଜିତ ଆଲୋକମାଳାରେ ଝଲସି ଉଠୁଥିବା ପୁରୀ ବଡ଼ଦାଣ୍ଡ।




ନିମାପଡ଼ାକୁ ରାଜସ୍ୱ ସବ୍‌ଡିଭିଜନ ଦାବିରେ ନିମାପଡ଼ା, ଗୋପ, କାକଟପୁର ଓ ଅସ୍ତରଙ୍ଗ ବ୍ଲକ୍‌ସ୍ତରୀୟ ରାଜସ୍ୱ ଉପଖଣ୍ଡ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଦିଆଯାଇଥିବା ଧାରଣାସ୍ଥଳରେ ବିକ୍ଷୋଭ ପ୍ରଦର୍ଶନ।



"ଭୋଜନ ଦ୍ୱାରା ବ୍ରାହ୍ମଣମାନେ ସନ୍ତୁଷ୍ଟ ହୁଅନ୍ତି। ମୟୂରମାନେ ମେଘଗର୍ଜନ ଶୁଣିଲେ, ସାଧୁମାନେ ଅନ୍ୟର ସମ୍ପଦ ଜାଣିଲେ ଓ ଖଳଲୋକମାନେ ପରର ବିପଦରେ ଆନନ୍ଦିତ ହୁଅନ୍ତି।
-କୌଟିଲ୍ୟ ଚାଣକ୍ୟ





ଧରିତ୍ରୀ ଓ ଓଡ଼ିଶା ପୋଷ୍ଟର 'ପ୍ଲାଷ୍ଟିକ୍ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଉଛନ୍ତି କଟକ ସିଡିଏ ସେକ୍ଟର-୯ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ଛାତ୍ରୀମାନେ।

**ଚିଲିକା ଉପରେ ସିପ୍ଲେନ୍ ଉଡ଼ିବା ଘଟଣା**

# ଅରଖକୁଦା ସାମୁଦ୍ରିକ ଥାନାରେ ମାମଲା ରୁଜୁ

**ପୁରୀ ଅଫିସ/ବ୍ରହ୍ମଗିରି, (ଡି.ଏନ.ଏ), ୧୭।୯**

ଚିଲିକାର ଅରଖକୁଦା ମୁହାଣରେ ସିପ୍ଲେନ୍ ଉଡ଼ିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହାକୁ ନେଇ ବିଭିନ୍ନ ଚର୍ଚ୍ଚା ଜାରି ରହିଥିବା ବେଳେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ପକ୍ଷରୁ ସୋମବାର ଅରଖକୁଦା ସାମୁଦ୍ରିକ ଥାନାରେ ଅଭିଯୋଗ କରାଯାଇଛି। ଚିଲିକା ଉପରେ ବେନିୟମ ଭାବେ କମ୍ ଉଚ୍ଚତାରେ ଜୋର ଶବ୍ଦରେ ଏକ ଚପର (ହେଲିକପ୍ଟର) ଉଡ଼ିଥିବା ଅଭିଯୋଗରେ ଦର୍ଶାଯାଇଛି। ତଦନୁଯାୟୀ ସାମୁଦ୍ରିକ ଥାନାରେ ଏକ ମାମଲା ରୁଜୁ ହୋଇଛି।

ପ୍ରାପ୍ତ ସୂଚନା ଅନୁଯାୟୀ, ଚିଲିକାର ଅରଖକୁଦା ତଥା ନୂଆ ମୁହାଣ ଇଲାକାରେ ଶନିବାର ସିପ୍ଲେନ ଉଡ଼ିଥିବା ଚର୍ଚ୍ଚା ହୋଇଥିଲା। ଅରଖକୁଦା ଗ୍ରାମର ପ୍ରତ୍ୟକ୍ଷଦର୍ଶୀ ପ୍ରଦୀପ ବେହେରା ଓ ବଳରାମ ବେହେରା ଏ ସଂକ୍ରାନ୍ତରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଚିଲିକା ଜଳରାଶିର ଅତି ନିକଟରୁ ଉଡ଼ିଥିବା ସେମାନେ କହିଥିଲେ। ଏହି ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଏହାକୁ ନେଇ ଖୋଳତାଡ ଆରମ୍ଭ ହୋଇଥିଲା। ସୋମବାର ସିଡିଏର ଏକ ଟିମ୍ ଅରଖକୁଦା ଅଞ୍ଚଳକୁ ଯାଇ ତଦନ୍ତ କରିଥିଲେ। ଏହାପରେ ସିଡିଏର ଏସିଏଫ୍ ବିନୋଦ ଆଚାର୍ଯ୍ୟ ଅରଖକୁଦା ଥାନାରେ ଏତଲା ଦେଇଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଗତ ୧୫ତାରିଖ ଅପରାହ୍ନ ୧ଟା ୩୦ମିନିଟ୍‌ରେ ଏକ ଧଳାରଙ୍ଗର ହେଲିକପ୍ଟର ଚିଲିକା ଉପରେ ଅତି ଜୋର ଶବ୍ଦ କରି ଉଡ଼ିଥିବା ସ୍ଥାନୀୟ ଲୋକ ଏବଂ ମତ୍ସ୍ୟଜୀବୀ ଦେଖିଥିଲେ। ଉକ୍ତ ଅଞ୍ଚଳରେ ପାଇଲଟ୍ ହେଲିକପ୍ଟରକୁ ଅବତରଣ କରିବାକୁ ମଧ୍ୟ ଚେଷ୍ଟା କରିଥିବା ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି। ହେଲିକପ୍ଟର ଅତି ନିକଟରେ ଜୋର ଶବ୍ଦ କରି ଉଡୁଥିବାରୁ ପର୍ଯ୍ୟଟକ, ମତ୍ସ୍ୟଜୀବୀ ଏବଂ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଥିଲେ। ଚିଲିକା ଏକ ପରିବେଶ ସମ୍ବେଦନଶୀଳ ଅଞ୍ଚଳ। ପରିବେଶ ସମ୍ବେଦନଶୀଳ ଅଞ୍ଚଳରେ ହେଲିକପ୍ଟର ଉଡାଇବା ବେଆଇନ। ଏଭଳି କାର୍ଯ୍ୟକଳାପ ଦ୍ୱାରା ଚିଲିକାର ଜୈବ ବିବିଧତା, ପର୍ଯ୍ୟଟକ, ମତ୍ସ୍ୟଜୀବୀ, ଚିଲିକା ମାଛ ଓ ଡଲ୍‌ଫିନ୍‌ଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବ ବୋଲି ଆଚାର୍ଯ୍ୟ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ସାମୁଦ୍ରିକ ଥାନା ପୋଲିସ ଆଇପିସି ଦଫା ୨୭୭, ୨୭୮, ୩୩୬, ୪୩୧ ଏବଂ ୧୧ ଏୟାରକ୍ରାଫ୍ଟ ଆକ୍ଟ-୧୯୩୪ ବଳରେ ଏକ କେସ୍ (ନଂ. ୧୬/୧୮) ରୁଜୁ କରିଛି। ସୂଚନାଯୋଗ୍ୟ ଯେ, ଚିଲିକାରେ ୱାଟର ଏରୋଡ୍ରମ ଏବଂ ସି ପ୍ଲେନ ଉଡାଣ ଲାଗି କେନ୍ଦ୍ର ସରକାରଙ୍କ ବେସାମରିକ ବିମାନ ଚଳାଚଳ ବିଭାଗ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହାକୁ ନେଇ ବିଭିନ୍ନ ସ୍ତରରେ ବିରୋଧ ହେବା ପରେ କେନ୍ଦ୍ର ସରକାର ଏହି ପ୍ରକଳ୍ପକୁ ବାତିଲ କରିଛନ୍ତି।

**ସଂକ୍ଷେପରେ**

## ଆମିକସ୍‌କ୍ୟୁରିଙ୍କ ଗସ୍ତ ନେଇ ଶଙ୍କରାଚାର୍ଯ୍ୟଙ୍କ ମତ
## ଶ୍ରୀମନ୍ଦିର ନୀତିକାନ୍ତି ଧର୍ମୀୟ ବ୍ୟବସ୍ଥା ମଧ୍ୟରେ ହୁଏ



**ପୁରୀ ଅଫିସ, ୧୭।୯:** ଆସନ୍ତା ୨୦ ତାରିଖରେ ପୁରୀ ଗସ୍ତରେ ଆସିବେ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍‌କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍। ସେ ୨୧ ଓ ୨୨ ତାରିଖ ଦୁଇଦିନ ଧରି ଶଙ୍କରାଚାର୍ଯ୍ୟ, ଗଜପତି ମହାରାଜା, ଜିଲାଜଜ୍, ଶ୍ରୀମନ୍ଦିର ପ୍ରଶାସନ ଓ ଛତିଶା ନିଯୋଗ ସହ ଶ୍ରୀମନ୍ଦିର ସଂସ୍କାର ନେଇ ଆଲୋଚନା କରିବେ। ବିଶେଷକରି ସୁପ୍ରିମ୍‌କୋର୍ଟଙ୍କ ୧୨ଟି ପ୍ରସ୍ତାବ ଉପରେ ସମସ୍ତଙ୍କଠାରୁ ମତ ସଂଗ୍ରହ କରିବେ। ଆମିକସ୍‌କ୍ୟୁରିଙ୍କ ଗସ୍ତ ନେଇ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମୁହଁ ଖୋଲିଛନ୍ତି। ସୋମବାର ଗୁରୁଜୀ ଗଣମାଧ୍ୟମ ଆଗରେ କହିଛନ୍ତି, ଆମିକସ୍‌କ୍ୟୁରି କ'ଣ ଚାହୁଁଛନ୍ତି, ସୁପ୍ରିମ୍‌କୋର୍ଟଙ୍କ ରାୟ ବାସ୍ତବିକ କ'ଣ ରହିଛି ସେ ନେଇ ପ୍ରଥମେ ଅବଗତ ହେବି। ଆମିକସ୍‌କ୍ୟୁରିଙ୍କ ଭାବନାକୁ ଜାଣିବା ପରେ ମୁଁ ମୋର ମତ ରଖିବି। ଶ୍ରୀମନ୍ଦିର ରୀତିନୀତି ଓ ପରମ୍ପରା ଅନ୍ୟ ମନ୍ଦିରଠାରୁ ସ୍ୱତନ୍ତ୍ର। ଏଠାରେ ଯାହାବି ନୀତିକାନ୍ତି ହୁଏ ତାହା ଧାର୍ମିକ ବ୍ୟବସ୍ଥା ମଧ୍ୟରେ ହୋଇଥାଏ। ଅନ୍ୟ ମନ୍ଦିର ଭଳି ଏଠାରେ ପ୍ରସାଦ ତିଆରି ହୁଏ ନାହିଁ। ସ୍ୱତନ୍ତ୍ର ଭାବେ ଧାର୍ମିକ ନିୟମାବଳୀରେ ମହାପ୍ରସାଦ ପ୍ରସ୍ତୁତ କରାଯାଏ। ଶ୍ରୀମନ୍ଦିର ସ୍ୱତ୍ୱଲିପି, ଶ୍ରୀମନ୍ଦିର ବିଧି ବ୍ୟବସ୍ଥା ମଧ ଧାର୍ମିକ ବ୍ୟବସ୍ଥା ଅଧୀନରେ ରହିଛି। ଏହି ବ୍ୟବସ୍ଥାକୁ ଉଲ୍ଲଂଘନ କରାଯାଇ ଶ୍ରୀମନ୍ଦିରରେ ସଂସ୍କାର ପାଇଁ କୌଣସି ନିଷ୍ପତ୍ତି କାର୍ଯ୍ୟକାରୀ କରାଯାଇ ପାରିବ ନାହିଁ। ଅନ୍ୟପକ୍ଷରେ କେତେକ ଧର୍ମୀୟ ପ୍ରସଙ୍ଗରେ କୋର୍ଟ ମଧ ଜଗଦ୍‌ଗୁରୁଙ୍କ ନିଷ୍ପତ୍ତିକୁ ଗ୍ରହଣ କରିଛନ୍ତି। ତେଣୁ ଏ ସବୁକୁ ବିଚାରକୁ ନେଇ ଯାହା କିଛି ହେବ ବୋଲି କହିଛନ୍ତି ଶଙ୍କରାଚାର୍ଯ୍ୟ।

**କପିଳେଶ୍ୱରପୁରରେ ଅତିବଡ଼ୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**

# 'ପ୍ରତି ଘରେ ଓଡ଼ିଆ ଭାଗବତ ପଢ଼ାଯାଉ'





ସୋମବାର ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜନ୍ମପୀଠ କପିଳେଶ୍ୱରପୁରରେ ସୋମବାର ଉନ୍ମୋଚିତ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି। ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥି।

**ଅତିବଡ଼ୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚିତ**

**ବ୍ରହ୍ମଗିରି, ୧୭।୯(ଡି.ଏନ୍.ଏ.)**

ଓଡ଼ିଆ ଭାଷାକୁ ସମୃଦ୍ଧ କରିଥିବା ଅତିବଡୀ ଜଗନ୍ନାଥ ଦାସଙ୍କ ରଚିତ ଓଡିଆ ଭାଗବତ ପ୍ରତିଟି ଓଡ଼ିଆଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହି ଭାଗବତକୁ ସୁରକ୍ଷା ଓ ଭାଗବତ ଟୁଙ୍ଗିର ଉଦ୍ଧାର ପାଇଁ ପ୍ରତିଟି ଓଡ଼ିଆ ତାଙ୍କ ଘରେ ଭାଗବତ ବହିକୁ ରଖି ପଢିବାର ଆବଶ୍ୟକତା ରହିଛି। ଏହା ହେଲେ ଆମ ଭାଗବତ ସବୁଠାରେ ଆଦୃତ ହେବ। କପିଳେଶ୍ୱରପୁର ଗାଁର ପ୍ରତ୍ୟେକ କାନ୍ଥରେ ଭାଗବତର ପ୍ରତିଟି ପଦ ଲେଖାହେଲା ଭଳି ରାଜଧାନୀର ପ୍ରତ୍ୟେକ ସ୍ଥାନରେ ଲିପିବଦ୍ଧ ହୋଇପାରିଲେ ଏହା ସମାଜର ଉନ୍ନତିରେ ସହାୟକ ହେବ। ସୋମବାର ଅତିବଡୀ ଜଗନ୍ନାଥ ଦାସଙ୍କ ଜନ୍ମପୀଠ କପିଳେଶ୍ୱରପୁର ଗ୍ରାମରେ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଏହା କହିଥିଲେ। ଏହି ରାଜ୍ୟସ୍ତରୀୟ ଜନ୍ମ ଜୟନ୍ତୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ କପିଳେଶ୍ୱରପୁର ଗ୍ରାମରେ ପାଳିତ ହୋଇଥିଲା। ଏହି ଅବସରରେ ଅତିବଡ଼ୀଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମଗିରି ବିଧାୟକ ସଞ୍ଜୟ ଦାସ ବର୍ମା, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଜୟନ୍ତୀ ରଥ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଡ. କୈଳାସ ଚନ୍ଦ୍ର ଟିକାୟତରାୟ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଏହାପରେ ମନ୍ତ୍ରୀ ସାମଲ ଆହୁରି କହିଥିଲେ ଯେ, ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ପ୍ରସାର ପ୍ରଚାର ପାଇଁ ଅତିବଡୀଙ୍କ ଅବଦାନ ଅବିସ୍ମରଣୀୟ। ତାଙ୍କ ରଚିତ ସମସ୍ତ ପୋଥିକୁ ସଂଗ୍ରହ କରାଯାଇ ତାକୁ ପୁସ୍ତକ ଭାବେ ପ୍ରକାଶ କରିବା ପାଇଁ ଉଦ୍ୟମ କରାଯିବ। ଏହା ହୋଇପାରିଲେ ଆମେ ଅତିବଡୀଙ୍କୁ ଆମ ହୃଦୟ ମଧ୍ୟରେ ସ୍ଥାନ ଦେଇପାରିବା। ସ୍ଥାନୀୟ ବିଧାୟକ ଦାସ ବର୍ମା ଏହି ପୀଠର ଉନ୍ନତୀକରଣ ପାଇଁ ରାଜ୍ୟ ସରକାର ଏକ କୋଟି ଟଙ୍କା ମଞ୍ଜୁର କରିଛନ୍ତି ବୋଲି କହିଥିଲେ। ପ୍ରଥମ ପର୍ଯ୍ୟାୟରେ ଅତିବଡୀଙ୍କ ପ୍ରତିମୂର୍ତ୍ତି ଅନାବରଣ ହୋଇଥିବାବେଳେ ପରେ ଅତିବଡୀ ସ୍ମୃତି କମିଟିର ସୁପାରିସରେ ଅନ୍ୟାନ୍ୟ କାର୍ଯ୍ୟ କରାଯିବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ବିଜୟ କୁମାର ନାୟକ କହିଥିଲେ ଯେ, ଭାଗବତ କେବଳ ଏକ ଆଧ୍ୟାତ୍ମିକ ଗ୍ରନ୍ଥ ନୁହେଁ। ଏହା ଓଡ଼ିଆ ସାହିତ୍ୟକୁ ଉତ୍କୃଷ୍ଟ କରିଛି। ଶେଷରେ ଅତିଥିମାନେ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକ ଓ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରିଥିଲେ।

## ଭାଗବତ ଗ୍ରନ୍ଥ ସମଗ୍ର ବିଶ୍ୱକୁ ଏକ ଅନବଦ୍ୟ ଦାନ

**ଭୁବନେଶ୍ୱର, ୧୭।୯(ବ୍ୟୁରୋ)**

ଓଡ଼ିଆ ଜାତିକୁ ଭାଗବତ ବାନ୍ଧି ରଖିଛି। ଭାଗବତ ଟୁଙ୍ଗି ଓଡ଼ିଆ ଜାତିର ସ୍ୱାଭିମାନ ଓ ଅସ୍ମିତାକୁ ଉତ୍ତୋଳିତ କରିଛି। ଆମ ଧମନୀରେ ଭାଗବତ ବାଣୀ ରକ୍ତ ପରି ପ୍ରବାହିତ ହେଉଛି ବୋଲି ବିଧାୟକ ସଞ୍ଜୟ ଦାସବର୍ମା କହିଛନ୍ତି। ସୋମବାର ରବୀନ୍ଦ୍ର ମଣ୍ଡପଠାରେ ଭାଗବତ ରଚୟିତା ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ଦାସବର୍ମା କହିଲେ, ଓଡ଼ିଆ ଜାତିର ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଋଦ୍ଧିମନ୍ତ କରିଥିବା ଏହି ଭାଗବତକୁ ଆଜିର ପିଢ଼ି ନିକଟରେ ଆଦୃତ କରିବା ପାଇଁ ଡିଜିଟାଲ ମାଧ୍ୟମକୁ ଗ୍ରହଣ କରିବାରେ ଅସୁବିଧା ନାହିଁ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ଏହି ସମାରୋହରେ ବିଶିଷ୍ଟ ବିଦ୍ୱାନ ପ୍ରଫେସର ରାଜକିଶୋର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଜଗନ୍ନାଥ ଦାସ ଓ ତାଙ୍କ ରଚିତ ଓଡ଼ିଆ ଭାଗବତ ଉପରେ ଆଲୋକପାତ କରିଥିଲେ। ସେ କହିଲେ, ସାହିତ୍ୟ, ସଂସ୍କୃତ, ବ୍ୟାକରଣ ଓ ଜ୍ୟୋତିଷ ବିଦ୍ୟାରେ ପାରଙ୍ଗମ ଅତିବଡ଼ୀଙ୍କ ରଚିତ ଭାଗବତ ଗ୍ରନ୍ଥ ସମଗ୍ର ବିଶ୍ୱକୁ ଏକ ଅନବଦ୍ୟ ଦାନ। ଭାଗବତ ଟୁଙ୍ଗିଗୁଡ଼ିକ ଆଜି ଓଡ଼ିଆଙ୍କ ଆଧ୍ୟାତ୍ମିକ ଓ ସାମାଜିକ ମାର୍ଗଦର୍ଶନର ପ୍ରମୁଖ ମାଧ୍ୟମ ବୋଲି ପ୍ରଫେସର ମିଶ୍ର କହିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି କବି ହରିହର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଓ ବିଭାଗୀୟ ନିର୍ଦ୍ଦେଶକ ବିଜୟ ନାୟକ ବକ୍ତବ୍ୟ ରଖି ଭାଗବତ ଓଡ଼ିଆ ସ୍ୱାଭିମାନ ଓ ସଂସ୍କୃତିକୁ ପରିପୁଷ୍ଟ କରିଛି ବୋଲି ମତ ଦେଇଥିଲେ। ଏକାଡେମୀ ସଚିବ ଡ. ଜୟନ୍ତୀ ରଥ ପ୍ରାରମ୍ଭିକ ସୂଚନା, ସୁନୀତା ନାୟକ କାର୍ଯ୍ୟକ୍ରମ ସଂଯୋଜନା ଓ କାର୍ଯ୍ୟକାରୀ କମିଟି ସଦସ୍ୟ ଭାଗୀରଥି ମହାସୁଆର ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ମହାପାତ୍ର ମିନତି ଭଞ୍ଜ ଓ କରୁଣାକର ସେଠୀ ଭାଗବତ ଆବୃତ୍ତି କରିଥିଲେ।

**ଶ୍ରୀମନ୍ଦିରରେ ରାଧାଷ୍ଟମୀ**



ରାଧାଷ୍ଟମୀରେ ଶ୍ରୀ ସୁଦର୍ଶନ ଶ୍ରୀମନ୍ଦିରରୁ ଜମ୍ବେଶ୍ୱରଙ୍କ ନିକଟକୁ ପାଲିଙ୍କିରେ ବିଜେ କରୁଛନ୍ତି।

# ଜମ୍ବେଶ୍ୱରଙ୍କଠାରୁ ହିସାବ ବୁଝିଲେ ସୁଦର୍ଶନ

**ପୁରୀ ଅଫିସ, ୧୭।୯**

ମହାପ୍ରଭୁଙ୍କ ଭଣ୍ଡାର ରକ୍ଷକ ହେଉଛନ୍ତି ଶ୍ରୀଲୋକନାଥ। ସେହିପରି ଶ୍ରୀମନ୍ଦିରର ବର୍ଷକ ଯାକର ହିସାବ ବୁଝାଶୁଝା କରନ୍ତି ପ୍ରଭୁ ଜମ୍ବେଶ୍ୱର। ତେଣୁ ଜମ୍ବେଶ୍ୱରଙ୍କୁ ଶ୍ରୀମନ୍ଦିରର ହିସାବ ରକ୍ଷକ କୁହାଯାଏ। ପବିତ୍ର ରାଧାଷ୍ଟମୀରେ ମହାପ୍ରଭୁଙ୍କ ପ୍ରତିନିଧି ସୁଦର୍ଶନ ଜମ୍ବେଶ୍ୱରଙ୍କ ନିକଟକୁ ଯାଇ ଶ୍ରୀମନ୍ଦିରର ବର୍ଷକ ଯାକର ଆୟ ବ୍ୟୟ ହିସାବ ବୁଝି ବଡ଼ଦେଉଳକୁ ବାହୁଡା ବିଜେ କରିଥାନ୍ତି।

ସୋମବାର ଭାଦ୍ରବ ଶୁକ୍ଳ ଅଷ୍ଟମୀ ତଥା ରାଧାଷ୍ଟମୀ ନୀତି ଶ୍ରୀମନ୍ଦିରରେ ପାଳିତ ହୋଇଛି। ସକାଳ ଧୂପ ବଢ଼ିବା ପରେ ଶ୍ରୀଦେବୀ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ସାତପାହାଚ ତଳେ ଥିବା ପାଲିଙ୍କିରେ ବିଜେ ହୋଇ ମହାଲକ୍ଷ୍ମୀଙ୍କ ମନ୍ଦିରକୁ ଯାଇଥିଲେ। ଲକ୍ଷ୍ମୀ ମନ୍ଦିର ଜଗମୋହନରେ ପଡିଥିବା ଖଟଶେଯ ଉପରେ ବିଜେ ହୋଇଥିଲେ। ସେଠାରେ ମାଜଣା, ଶୀତଳଭୋଗ ଏବଂ ବନ୍ଦାପନା ହୋଇଥିଲା। ମଧ୍ୟାହ୍ନ ଧୂପ ଉଠିବା ପରେ ଶ୍ରୀଦେବୀ ରତ୍ନସିଂହାସନ ଉପରକୁ ବିଜେ କରିଥିଲେ। ପରେ ଶ୍ରୀଦେବୀ, ଭୂଦେବୀଙ୍କୁ ପୁଷ୍ପାଳକ ସେବକମାନେ ଖଟଶେଯ ଉପରେ ବିଜେ କରାଇଥିଲେ। ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ସୁଦର୍ଶନ ଜଗମୋହନରେ ଥିବା ଚଉଦୋଳରେ ବିଜେ ହୋଇଥିଲେ। ବିମାନବଡୁମାନେ ଚଉଦୋଳ ଝୁଲଣ ମଣ୍ଡପ ତଳକୁ ନେଇଥିଲେ। ସୁଦର୍ଶନ ଜମ୍ବେଶ୍ୱରଙ୍କ ଜହ୍ନିମୁଣ୍ଡିଆ ଉପରେ ବିଜେ ହୋଇଥିଲେ। ସେଠାରେ ପ୍ରସାଦ ଲାଗି ହୋଇ ଶୀତଳ ଭୋଗ ବନ୍ଦାପନା ପରେ ସେଠାକାର ପୂଜାପଣ୍ଡା ଆୟ ବ୍ୟୟ ବୁଝାଇଥିଲେ। ଏହାପରେ ବିଭିନ୍ନ ଜାଗାରେ ପନ୍ତି ଖାଇ ଶ୍ରୀମନ୍ଦିରକୁ ବାହୁଡା ବିଜେ କରିଥିଲେ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା



ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

## ସେଲ୍‌ଫି କର୍ଣ୍ଣର



@ ଜ୍ୟୋତି



@ କିଙ୍



@ ସୋନୁ



@ ଗୁଡ୍‌ଲି



@ ଶୁଭଶ୍ରୀ



@ ସସ୍ମିତା

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | metroselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)



ମାଛ ବିନା ପୋଖରୀ ଥାଇପାରେ, କିନ୍ତୁ ନିନ୍ଦୁକ ବିନା ଗ୍ରାମ ନାହିଁ।
-ଫକୀର ମୋହନ



ରସୁଲଗଡ଼ସ୍ଥିତ ଇଲେକ୍ଟ୍ରିକାଲ ସେସୁ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ବିଶ୍ୱକର୍ମା ପୂଜା।



ମଞ୍ଚେଶ୍ୱରସ୍ଥିତ ରେଳ କୋଚିଂ ଡିପୋଠାରେ ଇଷ୍ଟକୋଷ୍ଟ ରେଲୱେ ଠିକା ଶ୍ରମିକ ୟୁନିଅନ ପକ୍ଷରୁ ବିଶ୍ୱକର୍ମା ପୂଜା।



ରସୁଲଗଡ଼ ଶିଳ୍ପାଞ୍ଚଳସ୍ଥିତ ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ବିଶ୍ୱକର୍ମା ପୂଜା।



ଜୟଦେବ ବିହାରସ୍ଥିତ ଅଟୋ ଆସୋସିଏଶନ।



କେଶରୀ ଟକିଜ୍ ଛକସ୍ଥିତ କେଶରୀ ଅଟୋ ଆସୋସିଏଶନ ।



ୟୁନିଟ୍-୯ ରୋଡ୍ ଜୋନ୍ ପାଣିଟାଙ୍କି ପରିସର।



ଜୟଦେବ ବିହାରସ୍ଥିତ ବିଶ୍ୱକର୍ମା ମନ୍ଦିର।



ଚନ୍ଦ୍ରଶେଖରପୁର ସେସୁ ଅଫିସ୍ ସେକ୍ସନ-୧ ପରିସରରେ ଅନୁଷ୍ଠିତ ବିଶ୍ୱକର୍ମା ପୂଜା।



ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦର ଟାକ୍ସି ଆସୋସିଏଶନ ।



ୟୁନିଟ୍-୩ସ୍ଥିତ ଇଲେକ୍ଟ୍ରିକାଲ ଜେଇ କାର୍ଯ୍ୟାଳୟ ପରିସରରେ ଆୟୋଜିତ ବିଶ୍ୱକର୍ମା ପୂଜା।

## ସଂକ୍ଷେପରେ

### ସିପି ଅଫିସରେ କାର୍ଯ୍ୟକ୍ଷମ ହେଲା ଅଭିଯୋଗ ପ୍ରକୋଷ୍ଠ
### ଲୋକଙ୍କ ଅଭିଯୋଗ ଶୁଣିଲେ କମିଶନର

**ଭୁବନେଶ୍ୱର, ୧୭।୯(ବ୍ୟୁରୋ):** କମିଶନରେଟ ପୋଲିସ ଅଧୀନରେ ଥିବା ଏକାଧିକ ଥାନା ଓ ଫାଣ୍ଡି ଅନେକ ସମୟରେ ଲୋକଙ୍କ ଅଭିଯୋଗ ଗ୍ରହଣ ନ କରି ସେମାନଙ୍କୁ ଗାଳିଗୁଲଜ କରି ତଡି ଦେଉଛି। ନ୍ୟାୟ ନ ପାଇ ଲୋକମାନେ ହଇରାଣ ହରକତ ହେଉଛନ୍ତି। ତେଣୁ ଏହାକୁ ଦୃଷ୍ଟିରେ ରଖି ସୋମବାର ଭୁବନେଶ୍ୱର ପୋଲିସ କମିଶନର ମୁଖ୍ୟାଳୟରେ ଅଭିଯୋଗ ପ୍ରକୋଷ୍ଠ ଖୋଲାଯାଇଛି। ପ୍ରଥମ ଦିନରେ ପୋଲିସ କମିଶନର (ସିପି) ସତ୍ୟଜିତ୍ ମହାନ୍ତି ୫ଟି ଅଭିଯୋଗ ଶୁଣିବା ସହ ତାହାର ସମାଧାନ କରିଛନ୍ତି। ପ୍ରତ୍ୟେକ ସୋମବାର ସିପି ଉକ୍ତ ପ୍ରକୋଷ୍ଠରେ ବସିବା ସହ ଲୋକଙ୍କ ଅଭିଯୋଗ ଶୁଣିବେ। ସିପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଡିସିପି ଓ ଅତିରିକ୍ତ ସିପି ଅଭିଯୋଗ ପ୍ରକୋଷ୍ଠରେ ବସିବେ ବୋଲି ଜଣାପଡିଛି। ଏନେଇ ପୋଲିସ କମିଶନର ମହାନ୍ତି କହିଛନ୍ତି, ଅନ୍ୟ ଦିନଗୁଡ଼ିକରେ ଲୋକମାନେ ମୋ ଚାମ୍ବରକୁ ଆସି ସେମାନଙ୍କର ଅଭିଯୋଗ କହୁଥିଲେ। ଏବେ ସେମାନେ ଅଭିଯୋଗ ପ୍ରକୋଷ୍ଠକୁ ଆସି ଅଭିଯୋଗ ଜଣାଇପାରିବେ। ଏହାଦ୍ୱାରା ଲୋକେ ତ୍ୱରିତ ନ୍ୟାୟ ପାଇବେ ବୋଲି କମିଶନର କହିଛନ୍ତି।

### ଗବେଷଣା କ୍ଷେତ୍ରରେ ଦିଆଯାଉଛି ୨୫୦ ଫୁଲ୍‌ବ୍ରାଇଟ୍ ଫେଲୋଶିପ୍

**ଭୁବନେଶ୍ୱର,୧୭।୯(ବ୍ୟୁରୋ):** ଆମେରିକାସ୍ଥିତ ଫୁଲ୍‌ବ୍ରାଇଟ୍ ଫେଲୋଶିପ୍ କାର୍ଯ୍ୟକ୍ରମ ସମ୍ପର୍କରେ ଗବେଷଣାରତ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇବା ପାଇଁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ସୋମବାର ଏକ ଶିକ୍ଷା ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର କମଳକାନ୍ତ ମିଶ୍ରଙ୍କ ଅଧକ୍ଷତାରେ ମଦନପୁରସ୍ଥିତ କ୍ୟାମ୍ପସ୍‌ରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ଜଗନ୍ନାଥ କୁଅଁର ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ସୁମନ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ୟୁଏସ୍‌ଆଇଇଏଫ୍‌ର ଅନ୍ୟତମ କାର୍ଯ୍ୟକାରୀ ନିର୍ଦ୍ଦେଶକ ଆଦାମ ଜେ. ଗ୍ରଟ୍‌ସ୍କି କହିଥିଲେ, ପ୍ରତିବର୍ଷ ଗବେଷଣା କ୍ଷେତ୍ରରେ ୨୫୦ ଫୁଲ୍‌ବ୍ରାଇଟ୍ ଫେଲୋଶିପ୍ ପ୍ରଦାନ କରାଯାଇଥାଏ। କେବଳ ଗବେଷଣାରତ ଛାତ୍ରୀଛାତ୍ର ନୁହନ୍ତି, ଅଧାପନା କ୍ଷେତ୍ରରେ ମଧ ଫୁଲ୍‌ବ୍ରାଇଟ୍ ବିଭିନ୍ନ ପ୍ରୋତ୍ସାହନଭିତ୍ତିକ କାର୍ଯ୍ୟକ୍ରମ କରୁଛି। ଅନ୍ୟତମ ବକ୍ତା ଭାବେ ଭାରତୀୟ କାର୍ଯ୍ୟକ୍ରମ ଅଧିକାରୀ ଡ. ସୁଦର୍ଶନ ଦାସ ଫୁଲ୍‌ବ୍ରାଇଟ୍ ଫେଲୋଶିପ୍ ଆବେଦନ ପ୍ରଣାଳୀ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ଓଡ଼ିଶୀ ନୃତ୍ୟ ବିଭାଗ ଛାତ୍ରୀଛାତ୍ର ଗୁରୁ ମନୋରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶନାରେ ଦଶାବତାର ଓ ଲୋକନୃତ୍ୟ ପରିବେଷଣ କରିଥିଲେ। ଡ. ସଙ୍ଗୀତା ଗୋସାଇଁଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ର ଓଡ଼ିଶୀ ସଙ୍ଗୀତ ପରିବେଷଣ କରିଥିଲେ। କଲ୍‌ଚର ଷ୍ଟଡ଼ିଜ୍ ବିଭାଗ ଅଧାପକ ଡ. ଆଶିଷ ମହାପାତ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ।

### ଜନ ପ୍ରତିନିଧିଙ୍କ ଆନ୍ଦୋଳନ ୩ୟ ଦିନରେ

**ବାଲିପାଟଣା, ୧୭।୯(ଡି.ଏନ୍.ଏ.):** ବିଭିନ୍ନ କଲ୍ୟାଣକାରୀ ଯୋଜନାର କାର୍ଯ୍ୟକାରିତା ଓ ଉନ୍ନୟନ କାର୍ଯ୍ୟ ସମ୍ପାଦାନ କ୍ଷେତ୍ରରେ ଜନ ପ୍ରତିନିଧିଙ୍କୁ ବାଲିପାଟଣା ବ୍ଲକ ବିଡିଓ ରଶ୍ମିରେଖା ଦାସ ଉପେକ୍ଷା କରି ମନମୁଖି କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଏହାର ପ୍ରତିବାଦରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବ୍ଲକର ବହୁ ପଞ୍ଚାୟତ ସରପଞ୍ଚ, ସମିତିସଭ୍ୟ, ୱାର୍ଡ ସଭ୍ୟଙ୍କ ଧାରଣା ତୃତୀୟ ଦିନରେ ପହଞ୍ଚିଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଆବାସଯୋଜନା, ବିଭିନ୍ନ ଯୋଜନାରେ ଭତ୍ତା ପାଇଁ ହିତାଧିକାରୀ ମନୋନୟନ କ୍ଷେତ୍ରରେ ବିଡିଓ ମନମୁଖି ନିଷ୍ପତ୍ତି ନେଇ କାର୍ଯ୍ୟ କରୁଛନ୍ତି। ଏ ନେଇ ଜିଲାପାଳଙ୍କୁ ଲିଖିତ ଅଭିଯୋଗ ହୋଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଉନି। ବିଡିଓଙ୍କ ବଦଳି ଓ ଜନମଙ୍ଗଳ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ ନେବାକୁ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ସୋମବାର ଦିଆଯାଇଛି ବୋଲି ଆବାହକ ରମେଶ ଚନ୍ଦ୍ର ସାହାଣି କହିଛନ୍ତି। ବ୍ଲକ ପରିଚାଳନା କ୍ଷେତ୍ରରେ ସ୍ୱଚ୍ଛତା ନ ଆସିବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ଆନ୍ଦୋଳନକାରୀ ନିର୍ବାଚନ ପ୍ରତିନିଧିମାନେ କହିଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ବିଡିଓ ଦାସ କୁହନ୍ତି, ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ଭିତ୍ତିହୀନ ବୋଲି ସେ କହିଛନ୍ତି।

■ ବିଶ୍ୱକପ୍ ହକି ପାଇଁ କମିଶନରେଟ ପୋଲିସର ସୁରକ୍ଷା ଚିନ୍ତା

# ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ୍ ଉପରେ ନଜର ରଖିବ ଡ୍ରୋନ୍

**ଭୁବନେଶ୍ୱର,୧୭।୯(ବ୍ୟୁରୋ)**

ଆଗକୁ ଆସୁଛି ବିଶ୍ୱକପ୍ ହକି। ଭୁବନେଶ୍ୱରକୁ ବିଭିନ୍ନ ଦେଶର ଖେଳାଳି ଓ ଖେଳପ୍ରେମୀ ଏଠାକୁ ଆସିବେ। ତେଣୁ ରାଜଧାନୀରେ ଲୋକଙ୍କ ଗହଳି ବଢ଼ିବା ସହ ଟ୍ରାଫିକ୍ ସମସ୍ୟା ଉପୁଜିବ। ଏଭଳି ଆଶଙ୍କାକୁ ନେଇ କମିଶନରେଟ ପୋଲିସର ଚିନ୍ତା ବଢ଼ିଛି। ବିଶ୍ୱ ହକିକପ୍ ସମୟରେ ସୁରକ୍ଷା ଓ ଶୃଙ୍ଖଳା ରକ୍ଷା ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଥିବାରୁ ମୁକାବିଲା ପାଇଁ ଏବେଠୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ସମସ୍ୟାର ସମାଧାନ ପାଇଁ ଡ୍ରୋନ୍‌ର ସାହାରା ନେବାକୁ ଯୋଜନା ରହିଥିବା ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି। ସେ କହିଛନ୍ତି, ଏଥିପାଇଁ ଗୋଟିଏ ହାଇଟେକ୍ନୋଲୋଜି ଡ୍ରୋନ୍ ଅଣାଯିବ। ଏହି ଡ୍ରୋନ୍ ଆକାଶ ମାର୍ଗରୁ ଷ୍ଟାଡିୟମ୍ ଓ ଏହାର ଆଖପାଖ ଅଞ୍ଚଳ ଉପରେ ନଜର ରଖିବ। ଗହଳି ଓ ଟ୍ରାଫିକ୍ ସ୍ଥାନର ଚିତ୍ର ଉତ୍ତୋଳନ କରି ସଙ୍ଗେ ସଙ୍ଗେ କଣ୍ଟ୍ରୋଲ ରୁମ୍‌କୁ ପଠାଇବ। ତୁରନ୍ତ ପୋଲିସ ଅଧିକାରୀମାନେ ସେଠାରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବେ। ସେହିଭଳି ଡ୍ରୋନ୍ ଦ୍ୱାରା ଆକାଶମାର୍ଗରୁ ଷ୍ଟାଡିୟମ୍ ଭିତରେ ଥିବା ଲୋକଙ୍କ ଉପରେ ମଧ ନଜର ରଖିବ। କଣ୍ଟ୍ରୋଲରୁମ୍‌ରେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀ ଷ୍ଟାଡିୟମ



■ ଆକାଶ ମାର୍ଗରୁ ପ୍ରତି ମୁହୂର୍ତ୍ତର ଫଟୋ ପଠାଇବ

■ ବିକ୍ଷୋଭ ସ୍ଥଳ ଓ ସମ୍ବେଦନଶୀଳ ଅଞ୍ଚଳ ଉପରେ ନଜର ରଖିବ

■ ରାଜଧାନୀର ଆଇନଶୃଙ୍ଖଳା ନିୟନ୍ତ୍ରଣରେ ସାହାରା ହେବ

ସୁରକ୍ଷା ଉପରେ ଟିକିନିଖି ରିପୋର୍ଟ ପାଇପାରିବେ। ଏହି ଆଧାରରେ ଦର୍ଶକଙ୍କ ବିଶୃଙ୍ଖଳାକୁ ଏଡାଇଦେଇ ହେବ। ଅନ୍ୟପକ୍ଷରେ ଷ୍ଟାଡିୟମ୍ ଆଖପାଖରେ ଅସାମାଜିକ ଯୁବକମାନେ ଅନେକ ସମୟରେ ଆଡ୍ଡା ଜମାଉଥିବା ଦେଖିବାକୁ ମିଳୁଛି। ସେମାନଙ୍କ ସାବାଡ୍ କରିବା ପାଇଁ ଡ୍ରୋନ୍‌ର ସହାୟତା ନିଆଯିବ ବୋଲି ଜଣାପଡିଛି। ହକି ବିଶ୍ୱକପ ଶେଷ ହେବା ପରେ ମଧ ଏହି ଡ୍ରୋନକୁ କମିଶନରେଟ୍ ପୋଲିସ ଭୁବନେଶ୍ୱରରେ ରଖିବ। ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ସମ୍ଭାବନା ଥିବା ସ୍ଥାନ, ବିକ୍ଷୋଭ ସ୍ଥଳ ଓ ବିଧାନସଭା ନିକଟବର୍ତ୍ତୀ ଅଞ୍ଚଳରେ ରେ ଏହି ଡ୍ରୋନକୁ ବ୍ୟବହାର କରାଯିବ। ଏଥିସହ ରାଜଧାନୀର ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ମଧ ଏହି ଡ୍ରେନ ବୁଲିବ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ, ପୂର୍ବରୁ ପୋଲିସ ଡିଜି ଡ୍ରୋନ୍ ସଂକ୍ରାନ୍ତରେ ସୂଚନା ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ଆସିବାକୁ ଥିବା ଦୁଇଟି ଡ୍ରୋନ ଆସିବ। ଗୋଟିଏର ମୂଲ୍ୟ ୧୫ଲକ୍ଷ ଟଙ୍କା ହେବ। ଏଥିମଧ୍ୟରୁ ଗୋଟିଏ ଗୁରୁପ୍ରିୟା ସେତୁ ଉପରେ ପଇଁତରା ମାରିବା ସହ ଅନ୍ୟଟି ରାଜଧାନୀରେ ରହିବ। ରାଜଧାନୀରେ ରହିବାକୁ ଥିବା ଡ୍ରୋନ୍‌କୁ ପ୍ରଥମେ ହକି ବିଶ୍ୱକପ୍ ସମୟରେ ବ୍ୟବହାର କରାଯିବ। ଏନେଇ ପୋଲିସ କମିଶନର ମହାନ୍ତି କହିଛନ୍ତି, ହକି ବିଶ୍ୱକପ୍‌କୁ ନଜରରେ ରଖି ଷ୍ଟାଡିୟମ୍‌ର ସୁରକ୍ଷାକୁ ବଢାଇ ଦିଆଯାଇଛି। ଷ୍ଟାଡିୟମ୍ ଚାରିପଟରେ ଏକାଧିକ ସିସିଟିଭି ଲାଗିଲେ ମଧ ଟ୍ରାଫିକ ଓ ଗହଳି ପାଇଁ ଆମେ ଡ୍ରୋନର ସାହାରା ନେବାକୁ ଯାଉଛୁ। ଏହି ଡ୍ରୋନ ହାଇଟେକ୍ ଟେକ୍ନୋଲୋଜିରେ ନିର୍ମିତ ହୋଇଥିବାରୁ ଆକାଶମାର୍ଗରୁ ପୂରା ସ୍ପଷ୍ଟ ଚିତ୍ର କଣ୍ଟ୍ରୋଲ ରୁମ୍‌କୁ ପଠାଇ ପାରିବ। ଏହି ଡ୍ରୋନ୍ କମିଶନରେଟ୍ ପୋଲିସ ମୁଖ୍ୟାଳୟ କଣ୍ଟ୍ରୋଲ ରୁମ୍‌ରେ ରହିବ। ଆବଶ୍ୟକ ସମୟରେ ବ୍ୟବହାର କରାଯିବ ବୋଲି ସେ କହିଛନ୍ତି।

## ବିଏଟି ତରଫରୁ କଳାକାରଙ୍କ ନାମ ଘୋଷଣା

**ଭୁବନେଶ୍ୱର, ୧୭।୯ (ବ୍ୟୁରୋ)**

ଭୁବନେଶ୍ୱର ଆର୍ଟ ଟ୍ରେଲ (ବିଏଟି) ପରିଚାଳନା ଦାୟିତ୍ୱ ନେଇଥିବା ଉତ୍ସ ଫାଉଣ୍ଡେଶନ୍ ସୋମବାର ୨୦ ଚିତ୍ରଶିଳ୍ପୀଙ୍କ ନାମ ଘୋଷଣା କରିଛି। ଏହି କଳାକାରମାନେ ତାଙ୍କ କଳାକୃତିକୁ ବିଭିନ୍ନ ଚିତ୍ର ମାଧମରେ ପରିପ୍ରକାଶ କରିବେ। ନଭେମ୍ବର ୧୮ରେ ବିଏଟି ଉଦ୍‌ଘାଟନ ହେବ। ଏହା ସର୍ବସାଧାରଣଙ୍କ ପାଇଁ ନଭେମ୍ବର ୧୯ରୁ ଡିସେମ୍ବର ୧୮ ଯାଏ ଖୋଲା ରହିବ ବୋଲି ଶିଳ୍ପୀ ଜଗନ୍ନାଥ ପଣ୍ଡା ଏବଂ ପ୍ରେମଜିତ୍ ଆଚାରୀ କହିଛନ୍ତି।

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ), ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଏବଂ ପର୍ଯ୍ୟଟନ ବିଭାଗ ସହିତ ସଂଯୁକ୍ତ ହୋଇ ଉତ୍ସ ଫାଉଣ୍ଡେଶନ ବିଏଟି ପରିଚାଳନା କରୁଛି। ଏହି ଉତ୍ସବର କଳା ସଞ୍ଚାଳନ ଆନ୍ତର୍ଜାତିକ ଶିଳ୍ପୀ ଜଗନ୍ନାଥ ପଣ୍ଡା ଏବଂ ପ୍ରେମଜିତ୍ ଆଚାରୀ କରିବେ।

## ବରିଷ୍ଠ ନାଗରିକଙ୍କ ପାଇଁ ଗଠନ ହେଲା ରାଜ୍ୟସ୍ତରୀୟ ଆସୋସିଏଶନ

**ଭୁବନେଶ୍ୱର,୧୭।୯(ବ୍ୟୁରୋ)**

ବରିଷ୍ଠ ନାଗରିକମାନଙ୍କର ଏକ ରାଜ୍ୟସ୍ତରୀୟ ଆସୋସିଏଶନ ଗତ ଶୁକ୍ରବାର ଗଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ରହୁଥିବା ବରିଷ୍ଠ ନାଗରିକଙ୍କୁ ସେମାନଙ୍କ ଅଧିକାର ସମ୍ପର୍କରେ ସଚେତନ କରାଇବା ଆସୋସିଏଶନର ଆଭିମୁଖ୍ୟ ବୋଲି କୁହାଯାଇଛି। ଏଥିସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କୁ ଯେଉଁ ସହାୟତା ଯୋଗାଇ ଦିଆଯାଉଛି, ତାହା ଯେପରି ସେମାନେ ପାଇପାରିବେ, ସେଥିପ୍ରତି ଦୃଷ୍ଟି ଦିଆଯିବ। ସେହିପରି ବରିଷ୍ଠ ନାଗରିକମାନେ ରାଜ୍ୟ, ଦେଶ ଏବଂ ବିଦେଶକୁ ବୁଲିଯିବା ନିମନ୍ତେ ବ୍ୟବସ୍ଥା କରାଯିବ। ସେମାନେ ଯେପରି ପୋଲିସଠାରୁ ସୁରକ୍ଷା ପାଇପାରିବେ, ସେ କ୍ଷେତ୍ରରେ ଆସୋସିଏଶନ ପୋଲିସ ସହ ଯୋଗାଯୋଗ ରକ୍ଷା କରିବ। ମାଗଣା ଚିକିତ୍ସା ସୁବିଧା, ବିଶେଷକରି ଚକ୍ଷୁ ଚିକିତ୍ସା କ୍ଷେତ୍ରରେ ପଦକ୍ଷେପ ନିଆଯିବ। ଏତଦ୍‌ବ୍ୟତୀତ ସେମାନଙ୍କ ସୁବିଧା, ସୁଯୋଗ, ସୁରକ୍ଷା ଆଦି ସମ୍ପର୍କରେ ଅବଗତ କରାଇବା ନିମନ୍ତେ ଆସୋସିଏଶନ ସରକାରଙ୍କ ବିଭିନ୍ନ ବିଭାଗ ସହିତ ସମନ୍ୱୟ ରକ୍ଷା କରିବ।

ବିଭିନ୍ନ କ୍ଷେତ୍ରରେ ଖ୍ୟାତିଅର୍ଜନ କରିଥିବା ବରିଷ୍ଠ ନାଗରିକଙ୍କୁ ଆସୋସିଏଶନର ପରାମର୍ଶଦାତା କମିଟିରେ ରଖାଯାଇଥିବା ବେଳେ ବରିଷ୍ଠ ସାମ୍ବାଦିକ, ଲେଖକ ତଥା ସ୍ତମ୍ଭକାର ଜୀମୂତ ମଙ୍ଗରାଜ ଏହାର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସାଧାରଣ ସମ୍ପାଦକ ଭାବେ ନିରଞ୍ଜନ ସ୍ୱାଇଁଙ୍କୁ ମନୋନୟନ କରାଯାଇଛି। ପୂର୍ବତନ ଏମ୍‌ପି ଦୂତୀକୃଷ୍ଣ ପଣ୍ଡା, ପୂର୍ବତନ ବାଚସ୍ପତି ଶରତ କୁମାର କର, ବିଶିଷ୍ଟ ଚିକିତ୍ସାବିତ୍ ଡା. ଜଗନ୍ନାଥ ମହାପାତ୍ର, ଇଣ୍ଡିଆନ୍ ଏକ୍ସପ୍ରେସର ପୂର୍ବତନ ସମ୍ପାଦକ ଶ୍ରୀମୟ କର, ବିଶିଷ୍ଟ ପ୍ରଶାସକ ସର୍ବେଶ୍ୱର ମହାନ୍ତି, ସାମାଜିକ କର୍ମୀ କସ୍ତୁରୀ ମହାପାତ୍ର, ପୂର୍ବତନ ମୁଖ୍ୟ ଆୟକର କମିଶନର ଅଶୋକ କୁମାର ଚାଟାର୍ଜୀ, ଅବସରପ୍ରାପ୍ତ ପୋଲିସ ଅଫିସର ଶରତ ଚନ୍ଦ୍ର ମିଶ୍ର ପ୍ରମୁଖ ପରାମର୍ଶଦାତା କମିଟିରେ ସଦସ୍ୟ ରହିଛନ୍ତି।



**ପୁରୁଣା ଭୁବନେଶ୍ୱରଃ** ସ୍ଥାନୀୟ ବାଙ୍କୁଆଳ ଗାଁରେ ପ୍ରଥମଥର ପାଇଁ ହେବାକୁ ଥିବା ସାର୍ବଜନୀନ ଦୁର୍ଗାପୂଜା ଲାଗି କୁଆଖାଇ ନଦୀପଠାସ୍ଥିତ ଶ୍ରୀବାଲୁଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମାଟି ଅନୁକୂଳ କରାଯାଉଛି।



ମାଆ ପୁଅକୁ, ମାଛ ପାଣିକୁ ଓ ଲୋଭୀ ଧନକୁ ଭଲ ପାଇବା ପରି,
ଯିଏ ପ୍ରକୃତ ଭକ୍ତ ସିଏ ଭଗବାନଙ୍କ ନାମକୁ ଭଲ ପାଇଥାଏ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ଆଖି ବୁଜିଲେ ରାନୀ କିନ୍ନର

କଟକ ଅଫିସ,୧୭।୯- ଏସସିବି ମେଡିକାଲରେ ସୋମବାର ଆଖି ବୁଜିଲେ ରାନୀ କିନ୍ନର। ରାନୀଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରିଛନ୍ତି ଜିଲା ଆଇନସେବା ପ୍ରାଧିକରଣ ଚେୟାରମ୍ୟାନ ଜଷ୍ଟିସ ସତ୍ୟ ନାରାୟଣ ମିଶ୍ର। ରାନୀଙ୍କ ମୃତଦେହକୁ ମହାପ୍ରୟାଣ ଗାଡି ଯୋଗେ ତାଙ୍କ ନୟାଗଡସ୍ଥିତ ବାସଭବନକୁ ପଠାଯାଇଛି। ସୂଚନାଯୋଗ୍ୟ, ଭଦ୍ରକରୁ ଭୁବନେଶ୍ୱର ଫେରୁଥିବା ସମୟରେ ଯାଜପୁର ରୋଡ୍ ନିକଟରେ ଅସାବଧାନତାବଶତଃ ଟ୍ରେନରୁ ଗଳିପଡି ରାନୀଙ୍କ ଗୋଡ଼ କଟିଯାଇଥିଲା। ଗତ ୧୨ ତାରିଖରେ ରାନୀ ଏସ୍‌ସିବିରେ ଭର୍ତ୍ତି ହୋଇଥିଲେ।

### ଚାନ୍ଦା ପାଇଁ ମରଣାନ୍ତକ ଆକ୍ରମଣ ଘଟଣା, ୧୦ ଗିରଫ

ଭୁବନେଶ୍ୱର,୧୭।୯(ବ୍ୟୁରୋ)- ଶହୀଦନଗର ଥାନା ଅନ୍ତର୍ଗତ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଗଣେଶ ପୂଜା ଚାନ୍ଦାକୁ କେନ୍ଦ୍ର କରି ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ୧୦ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବାଣୀବିହାର ୱାର୍କର୍ସ କଲୋନୀରେ ରହୁଥିବା ବଜ୍ରବନ୍ଧୁ ପାଇକରାଏ, ବିଶ୍ୱରଞ୍ଜନ ରାଉତ, ଆନନ୍ଦ ବାରା, ଦିବ୍ୟଲୋଚନ ଦାସ, ସତ୍ୟଜିତ ଜେନା, ଶ୍ରୀକାନ୍ତ ମହାରଣା, ମୁକେଶ ରାଣା, ଆଶୁତୋଷ ମହାନ୍ତି ଓ ବିକାଶ କୁମାର ସାହୁ। ଏହି ଅଭିଯୁକ୍ତମାନ ଶହୀଦ ନଗରରେ ରହୁଥିବା ବାଙ୍କ ବିହାରୀ ମହାପାତ୍ରଙ୍କୁ ଗଣେଷପୂଜା ଚାନ୍ଦା ମାଗିଥିଲେ। ମାତ୍ର ବାଙ୍କ ସ୍ୱଳ୍ପ ଆୟ କରୁଥିବାରୁ ଚାନ୍ଦା ଦେବାକୁ ମନା କରିଥିଲେ। ଏ ନେଇ ଅଭିଯୁକ୍ତମାନେ ଶୁକ୍ରବାର ରାତିରେ ତାଙ୍କୁ ସଂଘବଦ୍ଧ ଭାବେ କାଠ ଫାଳିଆରେ ଆକ୍ରମଣ କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ବାଙ୍କବିହାରୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଏହି ଘଟଣାରେ ପୋଲିସ ମାମଲା ନଂ. ୪୨୫/୧୮ ରୁଜୁ କରିବା ସହ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଧରିଥିଲା।

### ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୭।୯(ବ୍ୟୁରୋ)- ନୟାପଲ୍ଲୀ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ କନ୍ଧମାଳ ଜିଲା ଟିକାବାଲି ଅଞ୍ଚଳର ଅନିଲ ଦିଗଲ (୨୭)ଙ୍କୁ ସୋମବାର ଗିରଫ କରିଛି। ଅନିଲ ନୟାପଲ୍ଲୀ ଥାନା ଅଧୀନ ସାଲିଆ ସାହିସ୍ଥିତ ମେ ଫେୟାର ବସ୍ତିରେ ରହୁଥିଲେ। ସେ ଜଣେ ନାବାଳିକା ଛାତ୍ରୀଙ୍କୁ ପ୍ରେମ କରୁଥିଲେ। ଗତ ଜୁଲାଇ ୧୮ରେ ନାବାଳିକା ଜଣକ ବଜାରରୁ ଘରକୁ ଫେରୁଥିବାବେଳେ ଅନିଲ ତାଙ୍କୁ ଅପହରଣ କରିଥିବା ନେଇ ନାବାଳିକାଙ୍କ ମା’ ନୟାପଲ୍ଲୀ ଥାନରେ ଅଭିଯୋଗ କରିଥିଲେ। ପୋଲିସ ନଂ.୩୦୮/୧୮ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ରବିବାର ରାତିରେ ପୋଲିସ ତାଙ୍କ ସମ୍ପର୍କୀୟଙ୍କ ଘର ଉପରେ ଚଢ଼ାଉ କରି ଅଭିଯୁକ୍ତ ଅନିଲଙ୍କୁ ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଛି। ସୋମବାର ଉଭୟଙ୍କ ଡାକ୍ତରୀ ମାଇନା ପରେ ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଅନିଲଙ୍କୁ ପଚରାଉଚରା ପରେ ଆଇପିସି ଦଫା ୩୬୩, ୩୬୬, ୩୭୬ ଓ ପୋକ୍‌ସୋ ଆକ୍ଟ ଅନୁଯାୟୀ କୋର୍ଟ ଚାଲାଣ କରିଛି।

### ରାଜଧାନୀ କଲେଜରେ ପ୍ରାକ୍ ନିର୍ବାଚନୀ ହିଂସା ମାମଲା ରୁଜୁ, ୨ ଅଟକ

ଭୁବନେଶ୍ୱର, ୧୭।୯(ବ୍ୟୁରୋ): ରାଜଧାନୀ କଲେଜରେ ଛାତ୍ର ସଂସଦ ନିର୍ବାଚନକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଛି। ଏଥିରେ ଗୋଟିଏ ଗୋଷ୍ଠୀର ସମର୍ଥକମାନେ ଅନ୍ୟ ଗୋଷ୍ଠୀର ଆଶାୟୀ ପ୍ରାର୍ଥୀଙ୍କୁ ନିର୍ବାଚନରୁ ଓହରିଯିବା ନେଇ ଆକ୍ରମଣ କରିଛନ୍ତି। ଏହି ଘଟଣାରେ ପୋଲିସ ଜଣେ ଛାତ୍ର ଓ ଜଣେ ଅଣଛାତ୍ରଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଯୁକ୍ତ ୩ ତୃତୀୟ ବର୍ଷର ଛାତ୍ର ପ୍ରଶାନ୍ତ ଦଳେଇ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ପ୍ରଚାର ବନ୍ଦ ପାଇଁ ଅପରପକ୍ଷ ଗୋଷ୍ଠୀ ତାଙ୍କୁ ବାରମ୍ବାର ବାରଣ କରିବା ସତ୍ତ୍ୱେ ସେ ମାନି ନ ଥିଲେ। ଦୁଇ ଜଣ ଅଣଛାତ୍ର ଓ ଦୁଇ ଜଣ ଛାତ୍ର କଲେଜରେ ପ୍ରଶାନ୍ତଙ୍କୁ ଏକୁଟିଆ ଦେଖି ସୋମବାର ମଧ୍ୟାହ୍ନରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏପରି କି ପ୍ରଶାନ୍ତଙ୍କୁ ମାଡ଼ ମାରି ସାଇକେଲ ଷ୍ଟାଣ୍ଡ ପାଖରେ ପକାଇ ଚାଲିଯାଇଥିଲେ। ଖବରପାଇ ପ୍ରଶାନ୍ତଙ୍କ ସହଯୋଗୀମାନେ ପହଞ୍ଚି ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏ ନେଇ ସେମାନେ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ ମଧ ପୋଲିସ ଅଭିଯୋଗ ଗ୍ରହଣ କରି ନ ଥିଲା। ପରେ ଛାତ୍ରମାନେ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଡିସିପିଙ୍କ କାର୍ଯ୍ୟାଳୟରେ ହୋହଲ୍ଲା କରିଥିଲେ। ଡିସିପିଙ୍କ ନିର୍ଦ୍ଦେଶ ପରେ ଖଣ୍ଡଗିରି ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

■ଗଣେଶ ପୂଜାକୁ ନେଇ ଆକ୍ରମଣ ଘଟଣା

# ଦୁଇ ଗୋଷ୍ଠୀର ୧୧ ଗିରଫ

ଭୁବନେଶ୍ୱର,୧୭।୯(ବ୍ୟୁରୋ)

ଖାରବେଳନଗର ଥାନା ଅନ୍ତର୍ଗତ ୟୁନିଟ୍-୪ ମାଛ ମାର୍କେଟ ହାଉସିଂବୋର୍ଡ ଛକ ନିକଟରେ ଗଣେଶ ପୂଜାକୁ ନେଇ ରବିବାର ରାତିରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। କାତି, ଲୁହାରଡ୍ ଓ ହକି ଷ୍ଟିକ୍‌ରେ ପରସ୍ପରକୁ ଆକ୍ରମଣ କରିଥିଲେ। ଏପରି କି ଖାରବେଳ ନଗର ଓ କ୍ୟାପିଟାଲ ଥାନା ପୋଲିସ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଏଥିରେ ୪ଜଣ ପୋଲିସ କର୍ମଚାରୀଙ୍କ ସମେତ ୮ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ସ୍ଥିତି ନିୟନ୍ତ୍ରଣ କରିବାକୁ ଯାଇ ପୋଲିସକୁ ମୃଦୁ ଲାଠି ଚାଳନା କରିବାକୁ ପଡିଥିଲା। ଏହି ଘଟଣାରେ କାଦିର ଅଲ୍ଲୀ ଖାଁ ଓ ସୁଶାନ୍ତ କୁମାର ପାଢୀଙ୍କ ଅଭିଯୋଗକ୍ରମେ ସୋମବାର ପୃଥକ ଦୁଇଟି ମାମଲା (ନଂ.୨୫୩ ଓ ୨୫୪/୧୮)ରୁଜୁ କରାଯାଇ ଦୁଇ ଗୋଷ୍ଠୀର ୧୧ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମଞ୍ଚେଶ୍ୱରର ବିଶ୍ୱଜିତ୍ ବିଶ୍ୱାଳ, ଶହୀଦନଗର ଅଞ୍ଚଳର ଅମ୍ରିତ ଚକ୍ରବର୍ତ୍ତୀ (୨୦), ୟୁନିଟ୍-୯ର ଅଭିଜିତ୍ ଦାଶ(୨୫), ପ୍ରଶାନ୍ତିବିହାରର ମାନସ ରଞ୍ଜନ ନାୟକ(୩୫), ଜଗନ୍ନାଥ ନଗରର ସୁଭାଶିଷ ଗୁରୁ(୩୨) ଓ ଅନ୍ୟ ଏକ ଗୋଷ୍ଠୀର ୟୁନିଟ୍-୪ ଅଞ୍ଚଳର ଶିବ ବେହେରା(୨୨), ବାଲୁଗାଁର ବିଜୟ ବେହେରା(୨୧), ଯଦୁପୁରର ଏସ୍.କେ ରାଜା(୨୩), ଭଗବତୀପାଟଣା ବାଲୁଗାଁର ସନ୍ତୋଷ ବେହେରା(୨୧), ବାଲୁଗାଁର ପଞ୍ଚୁଆ ବିଶ୍ୱାଳ(୨୩) ଏବଂ ମାଛ ମାର୍କେଟରେ ରହୁଥିବା ରାକେଶ ବେହେରା(୨୧)। ଆଇପିସି ଦଫା ୧୪୭,୧୪୮, ୩୪୧, ୩୨୩, ୨୯୪, ୩୦୭, ୫୦୬ ଓ ୧୪୯ରେ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି।

■୪ ପୋଲିସ କର୍ମଚାରୀ ସମେତ ୮ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ

■ସ୍ଥିତି ନିୟନ୍ତ୍ରଣ ପାଇଁ ହୋଇଥିଲା ମୃଦୁ ଲାଠି ଚାଳନା

ପୋଲିସ ସୂଚନାନୁଯାୟୀ, ହାଉସିଂବୋର୍ଡ ଛକ ନିକଟରେ ଏକ ଗୋଷ୍ଠୀ ଗଣେଶ ପୂଜା କରୁଥିଲେ। ମାଛ ମାର୍କେଟର ଅନ୍ୟ ଏକ ଗୋଷ୍ଠୀ ଏହାକୁ ସହ୍ୟ କରି ନ ପାରି ସେମାନଙ୍କ ପୂଜା ବନ୍ଦ କରିବା ପାଇଁ ଚେଷ୍ଟା କରିଥିଲେ। ରାତି ପ୍ରାୟ ସାଢ଼େ ୯ଟାରେ ଶିବ ବେହେରା ସମେତ ୧୫ରୁ ଊର୍ଦ୍ଧ୍ୱ ଯୁବକ ହାତରେ ବୋମା, ଭୁଜାଲି, ହକି ଷ୍ଟିକ୍, କାତି ଓ କାଠ ଫାଳିଆ ଧରି ସେଠାରେ ପହଞ୍ଚିଥିଲେ। ପୂଜା କରୁଥିବା ସୁଶାନ୍ତ ଓ ସହଯୋଗୀଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଫଳରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। କିଛି ସମୟ ପରେ ପୂଜା କମିଟିର କେତେଜଣ ଯୁବକ ମାରଣାସ୍ତ୍ର ଧରି ମଙ୍ଗଳାବସ୍ତି ପଛପଟେ କାଦିରଙ୍କ ଦୋକାନକୁ ଯାଇ ତାଙ୍କୁ ଆକ୍ରମଣ କରିଥିଲେ। ସେଠାରେ ଥିବା କାଦିରଙ୍କ ସହଯୋଗୀମାନେ ପହଞ୍ଚିବା ପରେ ଦୁଇଗୋଷ୍ଠୀ ମଧ୍ୟରେ ଆକ୍ରମଣ ଓ ପ୍ରତିଆକ୍ରମଣ ହୋଇଥିଲା। ଖବରପାଇ ଖାରବେଳନଗର ଥାନାର ଦୁଇଟି ଟିମ୍ ଓ କ୍ୟାପିଟାଲ ଥାନାର ଗୋଟିଏ ଟିମ୍ ପହଞ୍ଚିଥିଲା। ହେଲେ ସେମାନେ ପୋଲିସକୁ ନିସ୍ତୁକ ମାଡ଼ ମାରିଥିଲେ।

# ବିଶ୍ୱକର୍ମାଙ୍କୁ ପୂଜିଲେ, ପଥପ୍ରାନ୍ତରେ ଚାରା ଲଗାଇଲେ



ପୁରୁଣା ଭୁବନେଶ୍ୱର,୧୭।୯ (ଡି.ଏନ.ଏ.)

ସୋମବାର ସ୍ଥପତି ଦେବତା ବିଶ୍ୱକର୍ମାଙ୍କ ପୂଜା ଧୁମଧାମରେ ଚାଲୁଥିବା ବେଳେ ରାଜଧାନୀ ଉପକଣ୍ଠ ଗୁଡିଆପୋଖରୀସ୍ଥିତ ମା’ ଧନେଶ୍ୱର ଅଟୋ ଆସୋସିଏଶନ ସଦସ୍ୟମାନେ କରିଛନ୍ତି ଏକ ମହତ କାର୍ଯ୍ୟ। ବିଶ୍ୱକର୍ମାଙ୍କୁ ଆବାହନ କରି ସାରିବା ପରେ ନଂ. ୩୧୬ ପୁରୀ-ଭୁବନେଶ୍ୱର ରାଜପଥ ପାର୍ଶ୍ୱରେ ଚାରାରୋପଣ କରିଥିଲେ। ବିଭିନ୍ନ ପ୍ରକାର ଚାରାଗୁଡିକୁ ବୁଲା ଗୋରୁଙ୍କଠାରୁ ଦୂରେଇ ରଖି ତାହାକୁ ବଢାଇବା ଭଳି ସମସ୍ତ ପଦକ୍ଷେପ ସଦସ୍ୟମାନେ ପାଳି କରି ଦାୟିତ୍ୱ ନେବାକୁ ସଙ୍କଳ୍ପ କରିଥିଲେ।




ହରିୟାଣାର ସିବିଏସ୍‌ଇ ଟପ୍ପର ଛାତ୍ରୀଙ୍କୁ ଗଣ ବଳାତ୍କାର ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ କଠୋର ଶାସ୍ତି ଦାବିକରି ବିଭିନ୍ନ ସଂଗଠନ ପକ୍ଷରୁ କଟକ କଲେଜ୍ ଛକଠାରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

### ଠିକାଦାରଙ୍କ ଗାଡ଼ିକୁ ଭଙ୍ଗାରୁଜା କରିବା ଘଟଣା ଦୁଇ ମୁଖ୍ୟ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୭।୯(ବ୍ୟୁରୋ)

ଠିକାଦାର ରାଜେଶ ପାତ୍ରଙ୍କ ଗାଡ଼ି ଭଙ୍ଗାରୁଜା କରିବା ଘଟଣାରେ ଦୁଇ ମୁଖ୍ୟ ଅଭିଯୁକ୍ତଙ୍କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ଝାରପଡାର ମହମ୍ମଦ ରସିଦ୍(୨୦) ଓ ପଳାଶୁଣୀର ପ୍ରତୀକ୍ ପଣ୍ଡା(୨୧)। ଦୁଇ ଜଣଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ଏହାସହ ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଥିବା ଜଣାପଡିଛି। ଦୁଇ ଅଭିଯୁକ୍ତଙ୍କ ନାମରେ ହତ୍ୟା ଉଦ୍ୟମ ଓ ଲୁଟପାଟ ଭଳି ଏକାଧିକ ମାମଲା ରହିଥିବା ପୋଲିସ କହିଛି। ସେମାନେ ପୂର୍ବର ସମ୍ ହସ୍ପିଟାଲରେ ଜଣେ ବାଉନ୍ସରକୁ ଖଣ୍ଡାରେ ହାଣି ହତ୍ୟା ଉଦ୍ୟମ କରିଥିଲେ। ସେହିଭଳି ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କୁ ହାଣି ୟୁନିଟ-୮ ଅଞ୍ଚଳରେ ଥିବା ଏକ ନାଳରେ ଫିଙ୍ଗି ଦେଇଥିଲେ। ସୂଚନାଯୋଗ୍ୟ, ଦୁଇ ଗୋଷ୍ଠୀ ଶନିବାର ଗଣ୍ଡମୁଣ୍ଡା ଅଞ୍ଚଳରେ ଭୋଜି କରୁଥିଲେ। ଏକ ଗୋଷ୍ଠୀର ଦୁଇ ଜଣ ଯୁବକ କାର ନେଇ ଯାଉଥିଲେ। ଏହି ସମୟରେ ଠିକାଦାର ରାଜେଶ କାରରେ ଘରକୁ ଫେରୁଥିଲେ। ରାଜେଶ ସମ୍ପୃକ୍ତ ପିଲାଙ୍କ କାରକୁ ଅତିକ୍ରମ କରିବାରୁ ସେମାନେ ତାଙ୍କୁ ଅଟକାଇ କ’ଣ ପାଇଁ ସାଇଡ୍ ମାରିଲ ବୋଲି କହି ଗାଳିଗୁଲଜ କରିଥିଲେ। ବିଳମ୍ବିତ ରାତିରେ ୨୦ ଜଣ ଯୁବକ ହାତରେ ମାରଣାସ୍ତ୍ର ଧରି ରାଜେଶଙ୍କ ଘରକୁ ଯାଇଥିଲେ। ରାଜେଶଙ୍କୁ ସେମାନେ ନ ପାଇ ତାଙ୍କ କାରକୁ ଭଙ୍ଗାରୁଜା କରିଥିଲେ।

### ଛାତ୍ରୀଙ୍କୁ ଅସଦାଚରଣ, ଯୁବକ ଗିରଫ

ବାଲକାଟୀ,୧୭।୯(ଡି.ଏନ୍.ଏ.)- ଦଶମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ରବିବାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ କଟକ ସଦର ଥାନା ଅଞ୍ଚଳର ହିମାଞ୍ଚଳ ପ୍ରଧାନ। ପାହାଳ ଫାଣ୍ଡି ଅଞ୍ଚଳର ଜନୈକା ଛାତ୍ରୀଙ୍କୁ ହିମାଞ୍ଚଳ ଦୀର୍ଘଦିନ ଧରି ଫୋନରେ ଅଶ୍ଳୀଳ ଆଚରଣ କରୁଥିବାବେଳେ ଶନିବାର ସ୍କୁଲରୁ ଫେରୁଥିବା ସମୟରେ ହଇରାଣ କରିଥିଲେ। ପରେ ଛାତ୍ରୀଜଣକ ଘରେ କହିବା ସହ ପରିବାର ପକ୍ଷରୁ ପାହାଳ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ବାଲିଅନ୍ତା ଥାନାରେ ମାମଲା (ନଂ.୨୪୧/୧୮)ରୁଜୁ ହୋଇଥିଲା।

■୩୩ ଦିନରେ ଶିକ୍ଷକଙ୍କ ଅହୋରାତ୍ର ଆନ୍ଦୋଳନ

# ଗାଁ ବୁଲିଲେ, ଲୋକଙ୍କ ସମର୍ଥନ ଲୋଡ଼ିଲେ

ଭୁବନେଶ୍ୱର, ୧୭।୯(ବ୍ୟୁରୋ)

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଭୁବନେଶ୍ୱରରେ ଚାଲିଥିବା ଆନ୍ଦୋଳନ ଗାଁମୁହାଁ ହୋଇଛି। ସୋମବାର ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀ ପଦଯାତ୍ରାରେ ରାଜ୍ୟର ବିଭିନ୍ନ ଗାଁକୁ ଯାଇ ଘର ଘର ବୁଲିଛନ୍ତି। ଆନ୍ଦୋଳନ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ସହ ସହଯୋଗ କରିବାକୁ ନିବେଦନ କରିଥିଲେ। ଏଥିସହ କେତେକ ସ୍ଥାନରେ ସଭାର ଆୟୋଜନ କରାଯାଇଥିଲା। ତେବେ ସାଧାରଣ ଲୋକେ ଏହି ଆନ୍ଦୋଳନକୁ ସମର୍ଥନ ଦେବା ସହ ଆଗାମୀ ଦିନରେ ପ୍ରତ୍ୟକ୍ଷ ଭାବରେ ସାମିଲ୍ ହେବେ ସହମତି ଦେଇଥିବା ମିଳିତ ମଞ୍ଚ ଆବାହକ ମଣ୍ଡଳୀ ସଦସ୍ୟ ପବିତ୍ର ମହଲା, ଗୋଲକ ନାୟକ ଓ ପ୍ରକାଶ ଚନ୍ଦ୍ର ମହାନ୍ତି ଜଣାଇଛନ୍ତି।

ଇତିମଧ୍ୟରେ ମିଳିତ ମଞ୍ଚର ଅହୋରାତ୍ର ଧାରଣା ୩୩ ଦିନରେ ପହଞ୍ଚିଥିବାବେଳେ ସୋମବାରଠାରୁ ଆନ୍ଦୋଳନର ଧାରା ପରିବର୍ତ୍ତନ ହୋଇଛି। ପୂର୍ବ ନିଷ୍ପତ୍ତି ଅନୁଯାୟୀ ସକାଳ ୯ଟାରେ ଭୁବନେଶ୍ୱର ଧାରଣାସ୍ଥଳରୁ ୨ ହଜାରରୁ ଅଧିକ ଶିକ୍ଷକ ଅଧ୍ୟାପକ ଓ ଶିକ୍ଷା କର୍ମଚାରୀ ସୁସଜ୍ଜିତ ଗାଡ଼ିରେ ଡାକବାଜି ଯନ୍ତ୍ର ସହିତ ଶୋଭାଯାତ୍ରାରେ ଗାଁ ଅଭିମୁଖେ ବାହାରିଥିଲେ। ବିଭିନ୍ନ ଗ୍ରାମରେ ପଦଯାତ୍ରା କରି ପ୍ରତି ଘରେ ଘରେ ଶିକ୍ଷାର ବିପର୍ଯ୍ୟୟ ସ୍ଥିତିର ପ୍ରଚାରପତ୍ର ବଣ୍ଟନ କରିଥିଲେ। ଏହି ସମୟରେ ଗ୍ରାମର ମୁରବି, ଜନ ପ୍ରତିନିଧି, ଛାତ୍ର ଅଭିଭାବକ ଓ ଶିକ୍ଷାନୁଷ୍ଠାନ ପରିଚାଳନା କମିଟି ସଦସ୍ୟଙ୍କୁ ଭେଟି ପଞ୍ଚାୟତର ଏକ ମୁଖ୍ୟ ସ୍ଥାନକୁ ନିମନ୍ତ୍ରଣ କରିଥିଲେ। ଅପରାହ୍ନରେ ଉକ୍ତ ସ୍ଥାନରେ ସାଧାରଣ ସଭାକରି ଶିକ୍ଷାନୁଷ୍ଠାନଗୁଡିକ ପ୍ରତି ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ନେଇ ଆଲୋଚନା କରିଥିଲେ। ଉପସ୍ଥିତ ସାଧାରଣ ଜନତା, ଗ୍ରାମବାସୀ, ଜନପ୍ରତିନିଧି ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ଶିକ୍ଷକ ଆନ୍ଦୋଳନକୁ ବ୍ୟାପକ ସମର୍ଥନ ମିଳିଥିଲା। ଆବଶ୍ୟକ ହେଲେ ସିଧାସଳଖ ଆନ୍ଦୋଳନରେ ଯୋଗଦେବେ ବୋଲି ପ୍ରତିଶ୍ରୁତି ରଖିଥିଲେ। କେହି କେହି ତାଙ୍କ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାର ଭାଙ୍ଗିବାକୁ ଚେଷ୍ଟା କଲେ ଆଗାମୀ ନିର୍ବାଚନରେ ଉଚିତ ଜବାବ ଦେବୁ ଓ ସରକାରୀ ଦଳର ପ୍ରତିନିଧିମାନଙ୍କୁ ଗାଁ ଗଣ୍ଡାରେ ପୂରାଇ ଦେବୁ ନାହିଁ ବୋଲି ସରକାରଙ୍କୁ କଡ଼ା ଜବାବ ରଖିଥିଲେ। ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ସମସ୍ତ ପଞ୍ଚାୟତରେ ଏହିଭଳି ପଦଯାତ୍ରା ଚାଲିବ। ୨୦ତାରିଖରେ ପୁନର୍ବାର ଭୁବନେଶ୍ୱରରେ ଏକ ସମାବେଶ କରାଯିବ। ବିଧାନସଭା ପରବର୍ତ୍ତୀ ସମୟର ଆନ୍ଦୋଳନ ପନ୍ଥା ସମ୍ପର୍କରେ ଶିକ୍ଷକମାନଙ୍କୁ ଜଣାଇ ଦିଆଯିବ ବୋଲି ମିଳିତ ମଞ୍ଚ ସଭାପତି ପ୍ରକାଶ ଚନ୍ଦ୍ର ଜେନା କହିଛନ୍ତି।

■ଭିଏସ୍‌ଏସ୍ ନଗର ଉନ୍ନୟନ ପରିଷଦ ବୈଠକ

# ଓଭରବ୍ରିଜ ଆଲୋକୀକରଣ, ଡାକ୍ତରଖାନା କାର୍ଯ୍ୟକ୍ଷମ ଦାବି

ଭୁବନେଶ୍ୱର, ୧୭।୯(ବ୍ୟୁରୋ)

ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦର କାର୍ଯ୍ୟନିର୍ବାହୀ ସମିତି ବୈଠକ ସୋମବାର ଭୁବନେଶ୍ୱରୀ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପୋଷ୍ଟାଲ କଲୋନୀ ପାଖରେ ଥିବା ରେଲ୍‌ୱେ ଫ୍ଲାଇ ଓଭର ବ୍ରିଜ୍ ବହୁ ଦିନରୁ ନିର୍ମାଣ ଶେଷ ହୋଇ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ ଏହା ଉପରେ ଆଲୋକ ବ୍ୟବସ୍ଥା ନ ଥିବା ଯୋଗୁ ବହୁ ସମସ୍ୟା ଉପୁଜୁଛି। ସେହିପରି ଡାକ୍ତରଖାନାର ଗୃହ ନିର୍ମାଣ ହୋଇ ସାରିଥିଲେ ମଧ ଆଜିପର୍ଯ୍ୟନ୍ତ ଡାକ୍ତର କି ଅନ୍ୟ କର୍ମଚାରୀଙ୍କୁ ନିଯୁକ୍ତି କରାଯାଉଛି। ଏପରିକି ଡାକ୍ତରଖାନା ପାଇଁ ଆବଶ୍ୟକ ଯନ୍ତ୍ରପାତି ଓ ଉପକରଣ କିଣା ହୋଇନି। ନିୟମିତ ବ୍ୟବଧାନରେ ବ୍ଲିଚିଙ୍ଗ୍ ପାଉଡର ଓ ମସା ତେଲ ପକାଯାଉ ନ ଥିବାବେଳେ ମଶାଧୂଆଁ ଛାଡ଼ିବା କାର୍ଯ୍ୟ ଠିକ୍ ଭାବରେ ହେଉନାହିଁ। ବହୁ ଦିନରୁ ଡାକ୍ତରଖାନା ଓ ଉନ୍ନୟନ ପରିଷଦର ପାଚେରି ଜାଇକା ସଂସ୍ଥା ଭାଙ୍ଗି ଦେଇଥିବାବେଳେ ଆଜିପର୍ଯ୍ୟନ୍ତ ନିର୍ମାଣ କରୁ ନାହିଁ। ଏ ସମସ୍ତ ସମସ୍ୟାର ସମାଧାନ ପାଇଁ ଉନ୍ନୟନ ପରିଷଦ ପକ୍ଷରୁ ସୋମବାର ମହାନଗର ନିଗମ ଦ୍ୱାରା ଆୟୋଜିତ ଜନ ଶୁଣାଣିରେ ଅଭିଯୋଗ କରାଯିବା ସହ ଦାବି ରଖାଯାଇଥିଲା ବୋଲି ପରିଷଦର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା କହିଛନ୍ତି। ବୈଠକରେ ପରିଷଦର ସଭାପତି କୃପାସିନ୍ଧୁ ସାହୁ ଅଧକ୍ଷତା କରିଥିଲେ। କୋଷାଧ୍ୟକ୍ଷ ମହେଶ୍ୱର ବିଶ୍ୱାଳ ଆର୍ଥିକ ବିବରଣୀ ରଖିଥିଲେ। ଉପସଭାପତି ଇଂ. ଶିବ ପ୍ରସାଦ ମିଶ୍ର, କାର୍ଯ୍ୟାଳୟ ସମ୍ପାଦକ ପ୍ରତାପ ନନ୍ଦ, ଯୁଗ୍ମ-ସମ୍ପାଦକ ନିମାଇଁ ଦାସ, ତ୍ରିଲୋଚନ ରଥ, କ୍ଷେତ୍ର ମୋହନ ନାୟକ ଓ ସମ୍ବିତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଆଇଆଇଟି ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଲେ ଏ.ବି. ସିଂ

ଭୁବନେଶ୍ୱର, ୧୭।୯



ହିନ୍ଦୁସ୍ତାନରେ ହିନ୍ଦୀ ଭାଷାକୁ ବଞ୍ଚାଇବା ପାଇଁ ହିନ୍ଦୀ ଦିବସ ପାଳନ କରିବାକୁ ପଡୁଛି। ଏହା ଆମ ପାଇଁ ଏକ ଦୁଃଖର ବିଷୟ ନୁହେଁ ତ ଆଉ କ’ଣ। ଖଡଗପୁରସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ଆଇଆଇଟି) ଠାରେ ଆୟୋଜିତ ହିନ୍ଦୀ ଦିବସ ପାଳନ ଅବସରରେ ଆକାଶ ଇନ୍‌ଷ୍ଟିଚ୍ୟୁଟ୍‌ର ଭୁବନେଶ୍ୱର ନିର୍ଦ୍ଦେଶକ ଏ.ବି. ସିଂ ଏହା କହିଛନ୍ତି। ସେ କହିଥିଲେ, ଭାରତର ସ୍ୱାଧୀନତା ଆନ୍ଦୋଳନରେ ଏହି ହିନ୍ଦୀ ଭାଷା ହିଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା। କିନ୍ତୁ ଆଜି ନିଜ ମାତୃଭାଷା ଅପେକ୍ଷା ଯୁବପିଢି ଇଂଲିଶ୍ ଭାଷାରେ କହିପାରିଲେ ବାହାଦୁରି କାମ ବୋଲି ଭାବୁଛନ୍ତି। ଯେତେ ଅଧିକ ଭାଷା ଜାଣିବା ଜ୍ଞାନର ପରିସର ସେତ ବୃଦ୍ଧି ପାଇବ। କିନ୍ତୁ ନିଜ ମାତୃଭାଷାକୁ ନ ଭୁଲିବା ଉଚିତ ବୋଲି ସେ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ ଓଡିଶାରେ ତାଙ୍କ ଦ୍ୱାରା ପରିଚାଳିତ ଜୀନ୍ଦେଗି ପ୍ରୋଗ୍ରାମ୍‌ରେ ପାଠ ପଢିଥିବା ଛାତ୍ରୀ ଟ୍ୱିଙ୍କିଲ୍ ସାହୁ ଏବଂ ଛାତ୍ର ସନ୍ତୋଷ ନାହକଙ୍କ ଉଦାହରଣ ଦେଇ କହିଥିଲେ ଏମାନେ ଓଡ଼ିଆରେ ପାଠ ପଢି ଡାକ୍ତରୀ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଛନ୍ତି। ରାଜ୍ୟ ସରକାର ତାଙ୍କ ଜିନ୍ଦେଗି କାର୍ଯ୍ୟକ୍ରମକୁ ପ୍ରଶଂସା କରିଛନ୍ତି। ଖଡଗପୁର ଆଇଆଇଟି ତାଙ୍କୁ ଅତିଥି ଭାବେ ଆମନ୍ତ୍ରଣ କରିଥିବାରୁ ଅନୁଷ୍ଠାନର କର୍ତ୍ତୃପକ୍ଷଙ୍କୁ ସିଂ ସାଧୁବାଦ ଜଣାଇଛନ୍ତି।

# କେନାଲ୍ ରାସ୍ତାରେ ଲୁଟ୍ ଘଟଣା: ୨ ଗିରଫ

ବାଲକାଟୀ,୧୭।୯(ଡି.ଏନ୍.ଏ.)-

ରବିବାର ପାହାଳ ଫାଣ୍ଡି ଅଧୀନ ପୁରୀ ମୁଖ୍ୟ କେନାଲ ରାସ୍ତାରେ ଜଣେ ଯୁବକଙ୍କଠାରୁ ହୋଇଥିବା ଲୁଟ ଘଟଣାରେ ସୋମବାର ବାଲିଅନ୍ତା ପୋଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବାଙ୍ଗୁଆରୀ ଅଞ୍ଚଳର ଅରୁଣ ବାରିକ(୩୧) ଓ ଧମ୍ବରୁ ବେହେରା(୨୦) । ସୂଚନା ଅନୁଯାୟୀ ଶନିବାର ସନ୍ଧ୍ୟା ୬ଟାରେ କଟକ ଜିଲା କନ୍ଦରପୁର ଅଲାରପୁର ଗ୍ରାମର ବିପ୍ଲବ କୁମାର ମହାନ୍ତି(୨୮) ମଞ୍ଚେଶ୍ୱର ସ୍ଥିତ ଅଫିସରୁ କାମ ସାରି ବାଇକ ଯୋଗେ ପୁରୀ ମୁଖ୍ୟ କେନାଲ ରାସ୍ତାରେ ନିଜ ଘରକୁ ଯାଉଥିଲେ। ଏହି ସମୟରେ ଗିରଫ ଅଭିଯୁକ୍ତଦ୍ୱୟ ଏକ ସ୍କୁଟି ଯୋଗେ ଆସି ବିପ୍ଲବକୁ ମାରଣାସ୍ତ୍ର ଦେଖାଇ ନଗଦ ୧୨ହଜାର ଟଙ୍କା ସହ ପିନ୍ଧିଥିବା ୨୦ଗ୍ରାମର ସୁନା ଚେନକୁ ଲୁଟି ନେଇଯାଇଥିଲେ। ଏନେଇ ବିପ୍ଳବ ସଙ୍ଗେ ସଙ୍ଗେ ପାହାଳ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ନେଇ ବାଲିଅନ୍ତା ଥାନାରେ କେସ ନଂ ୨୭୯/୧୮ ରେ ପୋଲିସ ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣାରେ ସୁରାକ ପାଇ ପାହାଳ ତ୍ରିନାଥ ବଜାରରୁ ୨ଅଭିଯୁକ୍ତଙ୍କୁ ଗିରଫ କରିଥିବା କହିଛି।

# ସନ୍‌ଗ୍ରୀନ ଜିମ୍ ଉଦ୍‌ଘାଟିତ



ଭୁବନେଶ୍ୱର,୧୭।୯

ସତ୍ୟନଗର ସ୍ଥିତ ହୋଟେଲ ସନ୍‌ଗ୍ରୀନଠାରେ ନୂଆ ଜିମ୍ ଉଦ୍‌ଘାଟିତ ହୋଇଛି। ଏଠାରେ ଉଭୟ ପୁରୁଷ ତଥା ମହିଳା ସେବା ଲାଭ କରିପାରିବେ। ଉକ୍ତ ଜିମ୍‌ଟି ଏୟାର କଣ୍ଡିସନିଂ ହୋଇଥିବା ବେଳେ ଏଠାରେ ବଡି ବିଲଡିଂ, ୱେଟ୍ ଲସ୍ ଟ୍ରେନିଂ, କାର୍ଡିଓ ୱାର୍କ ଆଉଟ, ଏରୋବିକ୍, ପର୍ସନାଲ ଟ୍ରେନିଂ , ସ୍ୱିମିଂ ଭଳି ବିଭିନ୍ନ ସୁବିଧା ଉପଲବ୍ଧ ହେବ। ଆଡମିଶନ ପାଇଁ କୌଣସି ଦେୟ ଦେବାକୁ ପଡିବ ନାହିଁ ବୋଲି ସନ୍ ଗ୍ରିନ ଜିମ୍ ପକ୍ଷରୁ ସୂଚନା ରହିଛି। କାର୍ଯ୍ୟକ୍ରମ ଅବସରରେ ଅଭିନେତା ଅଶ୍ୱିନୀ ତ୍ରିପାଠୀ ଜିମ୍‌ର ସ୍ୱତ୍ୱାଧିକାରୀ ରାଜେନ୍ଦ୍ର ନାୟକ ଏବଂ ଦେବାଶିଷ୍ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

■ଏଟିଏମ୍ ଲୁଟ୍ ରୋକିବା ପାଇଁ ପଦକ୍ଷେପ

# ଏଟିଏମ୍ ସମ୍ମୁଖରେ ପାଟ୍ରୋଲିଂ ହେବ କଡ଼ାକଡ଼ି

ଭୁବନେଶ୍ୱର, ୧୭।୯(ବ୍ୟୁରୋ)

ଜଟଣୀ ଥାନା ଯାଁଳା ଫାଣ୍ଡି ଅଞ୍ଚଳରେ ଗତ ୧୪ ତାରିଖ ରାତିରେ ଦୁର୍ବୃତ୍ତମାନେ ୟୁକୋ ବ୍ୟାଙ୍କ୍‌ର ଏଟିଏମ୍ ଲୁଟ୍ କରିବା ପାଇଁ ଉଦ୍ୟମ କରିଥିଲେ। ହେଲେ ଏଥିରେ ସଫଳ ହୋଇନଥିଲେ। ଉକ୍ତ ଏଟିଏମ୍‌ରେ ଲାଗିଥିବା ସିସିଟିଭି ଅଚଳ ଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା। ଏହି ଘଟଣା ପରେ ପୋଲିସର ଚେତା ପଶିଛି। କିଭଳି କମିଶନରେଟ୍ ପୋଲିସ ଅଞ୍ଚଳରେ ଥିବା ଏକାଧିକ ଏଟିଏମ୍‌କୁ ସୁରକ୍ଷା ଦିଆଯିବ ସେଥିଲାଗି ସୋମବାର ପୋଲିସ କମିଶନର ମୁଖ୍ୟାଳୟରେ ଆଲୋଚନା ହୋଇଛି।

ଆଲୋଚନାରୁ ଜଣାପଡ଼ିଛି ଯେ, ଏଟିଏମ୍‌ରେ ସିକ୍ୟୁରିଟି ଗାର୍ଡ ରଖିବା ସହ ଦୁଇଟି ସିସିଟିଭି ଲଗାଇବା ପାଇଁ ବ୍ୟାଙ୍କ୍‌ଗୁଡ଼ିକୁ ପୂର୍ବରୁ କୁହାଯାଇଥିବା ବେଳେ ସେମାନେ ତାହାକୁ ପାଳନ କରୁ ନାହାନ୍ତି। ଏଟିଏମ୍‌ର ସୁରକ୍ଷା ପାଇଁ ଯାହାସବୁ ନିୟମ ରହିଛି ସେ ସବୁକୁ ବ୍ୟାଙ୍କଗୁଡ଼ିକ ପାଳନ କରିବା ପାଇଁ ପୁଣି କମିଶନରେଟ୍ ପୋଲିସ ବିଭିନ୍ନ ବ୍ୟାଙ୍କ୍‌ର ଅଧିକାରୀଙ୍କୁ ନେଇ ଏକ ବୈଠକର ଆୟୋଜନ କରିବ ବୋଲି ଜଣାପଡିଛି। ଏହି ବୈଠକରେ ଏଟିଏମ୍‌ର ସୁରକ୍ଷା ପାଇଁ ଆଲୋଚନା ହେବ। ଏଥିସହ ସିସିଟିଭି ଓ ଏଟିଏମ୍‌ରେ ସୁରକ୍ଷାକର୍ମୀ ମୁତୟନ କରିବା ବାଧ୍ୟତାମୂଳକ କରାଯିବ। ପୂର୍ବରୁ ଏଟିଏମ୍‌ର ସୁରକ୍ଷା ନେଇ ପୋଲିସ ବ୍ୟାଙ୍କ ଅଧିକାରୀଙ୍କୁ ନୋଟିସ କରିଥିଲେ ମଧ୍ୟ ଏକାଧିକ ଏଟିଏମ୍‌ରେ ସେ ସବୁ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏପରି କି ଏକାଧିକ ଏଟିଏମ୍‌ରେ ସିସିଟିଭି କ୍ୟାମେରା ଲାଗିନାହିଁ। ଏଟିଏମ୍ ଥିବା ଅଞ୍ଚଳରେ ପାଟ୍ରୋଲିଂ ଜୋରଦାର କରାଯିବା ସହ ଏଟିଏମ୍ ଆଗରେ କନଷ୍ଟେବଲ ମୁତୟନ କରାଯିବ ବୋଲି ଆଲୋଚନାରୁ ଜଣାପଡ଼ିଛି।

ଏନେଇ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ଯାଁଳାରେ ଏଟିଏମ୍ ଲୁଟ୍ ପଟେ ଟ୍ୱିନ୍ ସିଟିରେ ଥିବା ଏକାଧିକ ଏଟିଏମ୍ ଆଗରେ ପାଟ୍ରୋଲିଂ କଡାକଡି କରାଯିବ। ଏପରି କି ରାତିରେ ଜଣେ କନଷ୍ଟେବଲଙ୍କୁ ମୁତୟନ କରାଯିବ। ଏଟିଏମ୍ ସୁରକ୍ଷା ପାଇଁ ପୁଣି ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କୁ ନୋଟିସ କରାଯିବ ବୋଲି ସେ କହିଛନ୍ତି।



ତେଲ ଏବଂ ପାଣି କଦାପି ମିଶିପାରିବେ ନାହିଁ । ଠିକ୍ ସେହିପରି ବିରୋଧୀ ଦଳଗୁଡ଼ିକର ମହାମେଣ୍ଟ କରିବା ପ୍ରୟାସ ପୂରା ଅସମ୍ଭବ । ତେଣୁ ଭାଜପା ଏକଥାକୁ ନେଇ ଚିନ୍ତାରେ ନାହିଁ ।
- ରଘୁବର ଦାସ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ



## ସଂକ୍ଷେପରେ

### ବିକ୍ରି ହେଲା ଟାଇମ୍ ମାଗାଜିନ୍



**ୱାଶିଂଟନ୍,୧୭।୯(ପି.ଟି.)-** ବିକ୍ରି ହେଲା 'ଟାଇମ୍' ମାଗାଜିନ୍। ବିଶ୍ୱବ୍ୟାପୀ ଆଦୃତିଲାଭ କରିଥିବା ଟାଇମ୍ ପତ୍ରିକାକୁ ମେରେଡିଥ୍ କର୍ପ ଏହାର ସେଲ୍ସଫୋର୍ସର ଜଣେ ସହ ପ୍ରତିଷ୍ଠାତା ମାର୍କ ବେନିଅଫ୍ ପତ୍ରିକାକୁ ୧୯୦ ନିୟୁତ ଆମେରିକୀୟ ଡଲାର ମୂଲ୍ୟରେ ବିକ୍ରି କରିଛନ୍ତି। ମେରେଡିଥ୍ ରବିବାର ଏ ସମ୍ପର୍କରେ ଘୋଷଣା କରିଛନ୍ତି। ଚଳିତବର୍ଷ ଆରମ୍ଭରୁ ମାଗାଜିନ୍‌ର ବିକ୍ରୟ ପ୍ରକ୍ରିୟା ମେରେଡିଥ୍ ସମ୍ପୂର୍ଣ୍ଣ କରି ସାରିଥିଲେ। ବେନିଅଫ୍ ଏହାର ଏକମାତ୍ର ମାଲିକ ରହିବେ। ଏଥିରେ ସେ ସହ ପ୍ରତିଷ୍ଠାତା ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ପଦରେ ରହିବେ। ତେବେ ସହ ପ୍ରତିଷ୍ଠାତା ରହିଥିଲେ ସୁଦ୍ଧା ବେନିଅଫ୍ ନିଜେ ଏହି ପତ୍ରିକାର ନିତିଦିନିଆ ସମ୍ପାଦନା ବିଭାଗରେ ରହିବେ ନାହିଁ ବୋଲି ଜଣାପଡ଼ିଛି।

### ଦୁଇ ସାଥୀଙ୍କୁ ଗୁଳିକରି ହତ୍ୟାକଲେ ଯବାନ

**ଶିମ୍ଲା,୧୭।୯(ପି.ଟି.)-**ହିମାଚଳ ପ୍ରଦେଶର ଧର୍ମଶାଳା କ୍ୟାଣ୍ଟନ୍‌ମେଣ୍ଟରେ ସୋମବାର ଜଣେ ଯବାନ ନାରକୀୟ କାଣ୍ଡ ଭିଆଇଛନ୍ତି। ନିଜ ସର୍ଭିସ୍ ବନ୍ଧୁକରେ ଦୁଇ ସାଥୀ ଯବାନ୍‌ଙ୍କୁ ଗୁଳି ହତ୍ୟା କରିବା ପରେ ନିଜକୁ ଗୁଳିମାରିଛନ୍ତି। ଏଥିରେ ସେ ମଧ ପ୍ରାଣ ହରାଇଥିବା ସେନା ମୁଖପାତ୍ର କଲୋନେଲ ଦାବିନ୍ଦର ଆନନ୍ଦ ସୂଚନା ଦେଇଛନ୍ତି। ୬ମାସ ପୂର୍ବରୁ ଯବାନ ଜଣକ ସେନାର ଏହି ୟୁନିଟ୍‌ରେ ମୁତୟନ ହୋଇଥିଲେ। ହଠାତ୍ ମଧାହ୍ନ ୨ଟା ୩୦ ମିନିଟ୍‌ରେ ସେ ବାରାକ୍‌ରେ ଥିବା ଅନ୍ୟ ଦୁଇ ଯବାନଙ୍କୁ ଗୁଳିକରି ଥିଲେ। ଏହାର କାରଣ ଜଣାପଡ଼ି ନାହିଁ। ଘଟଣାର କୋର୍ଟ ଅଫ୍ ଏନ୍‌କ୍ୱାରି ନିର୍ଦ୍ଦେଶ ଦିଆଯାଇଥିବା କଲୋନେଲ୍ ଆନନ୍ଦ ପ୍ରକାଶ କରିଛନ୍ତି।

### ପ୍ରଧାନମନ୍ତ୍ରୀଙ୍କୁ ଚାରିଆଡୁ ଜନ୍ମଦିନ ଶୁଭେଚ୍ଛା

**ନୂଆଦିଲ୍ଲୀ,୧୭।୯(ପି.ଟି.)-** ୬୮ତମ ଜନ୍ମଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସୋମବାର ଚାରିଆଡୁ ଶୁଭେଚ୍ଛା ସୁଅ ଛୁଟିଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ, ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହ, ମୁଖ୍ୟମନ୍ତ୍ରୀମାନଙ୍କ ମଧରେ ମମତା ବାନାର୍ଜୀ, ଅରବିନ୍ଦ କେଜ୍‌ରିୱାଲ, ଅମରିନ୍ଦର ସିଂ, କେ. ପାଲାନିସାମୀ, କେ. ଚନ୍ଦ୍ରଶେଖର ରାଓ ପ୍ରମୁଖ ଜନ୍ମଦିନ ଶୁଭେଚ୍ଛା ବାର୍ତ୍ତା ଦେଇଛନ୍ତି। ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ, ରାଜନାଥ ସିଂ, ଅରୁଣ ଜେଟ୍‌ଲୀ, ସୁଷମା ସ୍ୱରାଜଙ୍କ ସମେତ ବହୁ ମନ୍ତ୍ରୀ ଏବଂ ନେତା ମଧ ଅଭିନନ୍ଦନ ଜଣାଇଛନ୍ତି। ମେଗାଷ୍ଟାର୍ ଅମିତାଭ ବଚ୍ଚନ, ଅଭିନେତା ଅକ୍ଷୟ କୁମାର, ମାଧୁରୀ ଦୀକ୍ଷିତ, ଋଷି କପୁର ମଧ ଜନ୍ମଦିନ ବାର୍ତ୍ତା ପଠାଇଛନ୍ତି। ଏବର୍ଷ ଜନ୍ମଦିନରେ ମୋଦି ନିଜ ନିର୍ବାଚନ ମଣ୍ଡଳୀ ବାରାଣସୀରେ ସମୟ ବିତାଇଛନ୍ତି। ସ୍କୁଲ ପିଲାଙ୍କ ସହ ସେ ଭାବବିନିମୟ କରିଛନ୍ତି।

### ଯବାନଙ୍କୁ ହତ୍ୟା

**ଶ୍ରୀନଗର,୧୭।୯(ପି.ଟି.)-** ଜମ୍ମୁ-କଶ୍ମୀରର କୁଲ୍‌ଗାମ୍ ଜିଲାରେ ପୁଅର ମୃତ୍ୟୁ ପରେ ଘରକୁ ଛୁଟିରେ ଯାଇଥିବା ଜଣେ ସେନା ଯବାନଙ୍କୁ ସୋମବାର ଆତଙ୍କବାଦୀମାନେ ଗୁଳିକରି ହତ୍ୟା କରିଛନ୍ତି। ଶହୀଦ ଯବାନ ହେଉଛନ୍ତି ମୁଖ୍‌ତାର ଅହମଦ ମଲିକ୍। ଚୁରାଟ ଅଞ୍ଚଳରେ ଥିବା ମଲିକ୍‌ଙ୍କ ଘରକୁ ଆତଙ୍କବାଦୀମାନେ ପ୍ରବେଶ କରି ତାଙ୍କୁ ଅତିକ ନିକଟରୁ ଗୁଳି କରିଥିଲେ। ଘଟଣାସ୍ଥଳରେ ସେ ଟଳିପଡ଼ିଥିଲେ।

### [ଇତିହାସର ଆଇନାରେ]

### ସେପ୍ଟେମ୍ବର ୧୮ର ପ୍ରମୁଖ ଘଟଣା

୧୯୬୧ ସେପ୍ଟେମ୍ବର ୧୮ ରେ ଜାତିସଂଘର ଦ୍ୱିତୀୟ ମହାସଚିବ ଡାଗ୍ ହାମ୍ମାର୍ସ୍କଜୋଡ୍ ଏକ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। କଙ୍ଗୋରେ ଶାନ୍ତି ପ୍ରତିଷ୍ଠା ପାଇଁ ଆଲୋଚନା କରିବାକୁ ଯାଉଥିବା ବେଳେ ଉତ୍ତର ରୋଡେସିଆ(ବର୍ତ୍ତମାନ ଜାମ୍ବିଆ)ରେ ବିମାନ ଦୁର୍ଘଟଣାରେ ସେ ଓ ଅନ୍ୟ ୧୮ ଜଣ ପ୍ରାଣ ହରାଇଥିଲେ।

୨୦୧୬ ସେପ୍ଟେମ୍ବର ୧୮ରେ ଜମ୍ମୁ-କଶ୍ମୀରର ଉରି ସେକ୍ଟରରେ ଥିବା ଭାରତୀୟ ସେନାର ସ୍ଥାନୀୟ ମୁଖ୍ୟାଳୟ ଉପରେ ୪ ଜଣ ଆତଙ୍କବାଦୀ ଆକ୍ରମଣ କରିଥିଲେ। ଏଥିରେ ୧୮ ଜଣ ଯବାନ୍ ଶହୀଦ ହୋଇଥିବା ବେଳେ ସମସ୍ତ ଆତଙ୍କବାଦୀ ମଧ ନିହତ ହୋଇଥିଲେ।

## ■ ହସ୍ପିଟାଲରେ ପାରିକର: ଗୋଆ ରାଜନୀତି ସରଗରମ

# ଗାଦି ପାଇଁ କଂଗ୍ରେସର ଅଣ୍ଟାଭିଡ଼ା

**ପଣଜୀ/ନୂଆଦିଲ୍ଲୀ, ୧୭।୯(ପି.ଟି.)**

କର୍କଟ ରୋଗରେ ପୀଡ଼ିତ ଗୋଆ ମୁଖ୍ୟମନ୍ତ୍ରୀ ମନୋହର ପାରିକର ଆମେରିକାରୁ ଚିକିତ୍ସିତ ହୋଇ ଫେରିବା ପରେ ଏବେ ଦିଲ୍ଲୀ ଏମ୍‌ସରେ ଶଯ୍ୟାଶାୟୀ। ତାଙ୍କ ଅସୁସ୍ଥତା କାରଣରୁ ରାଜ୍ୟର ଶାସନ କଳ ଏକପ୍ରକାର ସ୍ଥାଣୁ ପାଲଟିଯାଇଛି। ତେଣୁ ସରକାରରେ ନେତୃତ୍ୱ ପରିବର୍ତ୍ତନ ପାଇଁ ଦାବି ଜୋର୍ ଧରିଛି। ମୁଖ୍ୟମନ୍ତ୍ରୀ ପଦ ଲାଗି ପାରିକରଙ୍କ ବିକଳ୍ପ ଖୋଜିବାକୁ ଭାଜପାର ସହଯୋଗୀ ଦଳ ଏମ୍‌ଜିପି କହିଆସୁଛି। ସେହିପରି କୌଣସି ଗୋଟିଏ ସୁଯୋଗକୁ ଚାହିଁରହିଥିବା କଂଗ୍ରେସ ଏବେ ଗୋଟିଚାଳନା କରିଛି। ସୋମବାର ସରକାର ଗଠନ ପାଇଁ ଦାବି କରିଛି କଂଗ୍ରେସ। ରାଜ୍ୟପାଳ ମୃଦୁଳା ସିହ୍ନାଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦାଖଲ କରିଛି। ତେବେ ଗୋଆରେ ମୁଖ୍ୟମନ୍ତ୍ରୀ ପଦ ଖାଲି ନାହିଁ ବୋଲି ଗୋଆ ମନ୍ତ୍ରୀ କହିଛନ୍ତି।

ଗୋଆରେ ଭାଜପା ନେତୃତ୍ୱାଧୀନ ମେଣ୍ଟ ସରକାର ଚାଲିଛି, ଯାହାର ମୁଖ୍ୟ ହେଉଛନ୍ତି ୬୨ ବର୍ଷୀୟ ପାରିକର। ସେ ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ଦେଇ ଗତି କରୁଥିବାରୁ ରାଜ୍ୟର ବିକାଶ କାର୍ଯ୍ୟ ଆଗେଇପାରୁ ନାହିଁ। ଏନେଇ ସହଯୋଗୀ ଦଳ ଏମ୍‌ଜିପି ଅସନ୍ତୋଷ ବ୍ୟକ୍ତ କରିବା ପରେ ଭାଜପା ହାଇ



ମନୋହର ପାରିକର



ଚନ୍ଦ୍ରକାନ୍ତ କାଭଲେକର

- ସରକାର ଗଠନ ଲାଗି ରାଜ୍ୟପାଳଙ୍କୁ କଂଗ୍ରେସ ବିଧାୟକଙ୍କ ଦାବିପତ୍ର
- ସ୍ଥିତି ପରଖୁଛନ୍ତି ଭାଜପା କେନ୍ଦ୍ରୀୟ ଟିମ୍
- ମୁଖ୍ୟମନ୍ତ୍ରୀ ପଦ ଖାଲି ନାହିଁ: ଗୋଆ ମନ୍ତ୍ରୀ

କମାଣ୍ଡ ଦଳର ତିନି ବରିଷ୍ଠ ନେତା ରାମଲାଲ, ବି.ଏଲ୍. ସନ୍ତୋଷ ଏବଂ ବିନୟ ପୁରାଣିକଙ୍କୁ ଗୋଆ ପଠାଇଛନ୍ତି। କେନ୍ଦ୍ରୀୟ ଟିମ୍ ଦଳୀୟ ନେତାଙ୍କୁ ଭେଟି ରାଜ୍ୟର ରାଜନୈତିକ ସ୍ଥିତିକୁ ଅନୁଧ୍ୟାନ କରିବେ ଏବଂ ତଦନୁଯାୟୀ ନିଷ୍ପତ୍ତି ଗ୍ରହଣ ହେବ। ଏବେସୁଦ୍ଧା ଭାଜପା ପଦରେ ଅନ୍ୟ କାହାକୁ ଅବସ୍ଥାପିତ କରିବା କଥା ଚିନ୍ତା କରିନାହିଁ। ଏତିକିବେଳେ ସରକାର ଗଠନ କରିବାକୁ ଅଣ୍ଟା ଭିଡ଼ିଲାଣି କଂଗ୍ରେସ। ୪୦ ଆସନ ବିଶିଷ୍ଟ ଗୋଆ ବିଧାନସଭାରେ କଂଗ୍ରେସର ୧୬ ସଦସ୍ୟ ଅଛନ୍ତି। ବିଧାନସଭା ଭଙ୍ଗ ନ କରି କଂଗ୍ରେସକୁ ସରକାର ଗଢ଼ିବା ଲାଗି ରାଜ୍ୟପାଳ ଆମନ୍ତ୍ରଣ କରନ୍ତୁ ବୋଲି ବିରୋଧୀ ଦଳ ନେତା ଚନ୍ଦ୍ରକାନ୍ତ କାଭଲେକର କହିଛନ୍ତି। ଶାସନ କରିବାରେ ବିଫଳ ହେଲେ ରାଜ୍ୟରେ ରାଜ୍ୟପାଳ ଶାସନ ଜାରି କରିବା ଭାଜପାର ଅଭ୍ୟାସ ପାଲଟିଗଲାଣି। କିନ୍ତୁ ଗୋଆରେ ଏପରି ଘଟିବାକୁ କଂଗ୍ରେସ ପ୍ରଶ୍ରୟ ଦେବ ନାହିଁ ବୋଲି ସେ କହିଛନ୍ତି। କାଭେଲକରଙ୍କ ନେତୃତ୍ୱରେ କଂଗ୍ରେସର ବିଧାୟକ ରାଜଭବନ ଯାଇଥିଲେ। କିନ୍ତୁ ରାଜ୍ୟପାଳ ରାଜ୍ୟ ବାହାରେ ଥିବାରୁ ସେମାନେ ଭେଟିପାରିଲେ ନାହିଁ। କଂଗ୍ରେସ ସହ ଅନ୍ୟ ଦଳର ସମର୍ଥନ ରହିଛି ଏବଂ ସେମାନେ ବିଧାନସଭାରେ ସଂଖ୍ୟାଗରିଷ୍ଠତା ପ୍ରମାଣ କରିବେ ବୋଲି କାଭେଲକର ଜୋର୍‌ଦେଇ କହିଛନ୍ତି।

ଗୋଆ ବିଧାନସଭାରେ ଭାଜପାର ୧୪ ସଦସ୍ୟ ଅଛନ୍ତି। ଗୋଆ ଫରୱାର୍ଡ ପାର୍ଟି (ଜିଏଫ୍‌ପି)ଏବଂ ଏମ୍‌ଜିପିର ୩ ଜଣ ଲେଖାଏ ସଦସ୍ୟ, ୩ ସ୍ୱାଧୀନ ବିଧାୟକ ଏବଂ ଏନ୍‌ସିପିର ଜଣେ ବିଧାୟକଙ୍କ ସମର୍ଥନ ପାଇ ଭାଜପା ସରକାର ଚଳାଇଛି। ଭାଜପା ନେତା ରାମଲାଲ କହିଛନ୍ତି ଯେ, ଗୋଆ ସରକାର ସ୍ଥିର ରହିଛି। ନେତୃତ୍ୱରେ ପରିବର୍ତ୍ତନ ପାଇଁ କୌଣସି ଦାବି ହୋଇ ନାହିଁ। ତା'ଛଡ଼ା ଭାଜପା ଯେଉଁ ନିଷ୍ପତ୍ତି ନେବ, ତାହାକୁ ମାନିନେବାକୁ ସହଯୋଗୀ ଦଳ ଜିଏଫ୍‌ପି, ଏମ୍‌ଜିପି ଓ ଅନ୍ୟମାନେ ରାଜି ଅଛନ୍ତି। ସେହିପରି ହସ୍ପିଟାଲରେ ଥାଇ ପାରିକର ଫାଇଲ ମଞ୍ଜୁର କରୁଛନ୍ତି। ତେଣୁ ଅନ୍ୟ କାହାକୁ ମୁଖ୍ୟମନ୍ତ୍ରୀ ପଦରେ ବସାଇବା ଆବଶ୍ୟକ ନାହିଁ ବୋଲି ପୂର୍ତ୍ତବିଭାଗ ମନ୍ତ୍ରୀ ସୁଦିନ୍ ଧାବଳିକର କହିଛନ୍ତି। ସେହିପରି ପଞ୍ଚାୟତ ମନ୍ତ୍ରୀ ମୌଭିନ୍ ଗୋଦିହ୍ନା କହିଛନ୍ତି ଯେ, ପାରିକରଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁଛି। ସେ ବେଶ୍ ଖୁସି ଅଛନ୍ତି ଏବଂ ବିଶ୍ରାମ କରୁଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ପଦ ଖାଲି ପଡ଼ିଛି ବୋଲି ଯେଉଁମାନେ ଭାବୁଛନ୍ତି, ସେମାନଙ୍କ ମନରେ ଭ୍ରମ ସୃଷ୍ଟି ହୋଇଛି। ସେପଟେ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହ ଓ ଦଳର ଅନ୍ୟ ନେତାମାନେ ଏମ୍‌ସ ଯାଇ ପାରିକରଙ୍କୁ ଭେଟିଛନ୍ତି।

## ଆଇବିରେ ସ୍ମାର୍ଟ ବର୍ଡର ଫେନ୍ସିଂ

**ଜମ୍ମୁ,୧୭।୯(ପି.ଟି.)**

ଜମ୍ମୁ-କଶ୍ମୀରରେ ଅନ୍ତର୍ଜାତୀୟ ସୀମାରେଖା (ଆଇବି)ରେ କାର୍ଯ୍ୟକାରୀ ହେଲା ସ୍ମାର୍ଟ ବର୍ଡର ଫେନ୍ସିଂ ସିଷ୍ଟମ୍। ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର କମ୍ପ୍ରେହେନ୍‌ସିଭ୍ ଇଣ୍ଟିଗ୍ରେଟେଡ୍ ବୋର୍ଡର୍ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ୍ (ସିଆଇବିଏମ୍‌ଏସ୍) ଜରିଆରେ ନିର୍ମିତ ଦୁଇଟି ସ୍ମାର୍ଟ ବର୍ଡର ଫେନ୍ସିଂ ପ୍ରକଳ୍ପକୁ ସୋମବାର ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ ଉଦ୍‌ଘାଟନ କରିଛନ୍ତି। ସିଆଇବିଏମ୍‌ଏସ୍‌କୁ ଜମ୍ମୁ-କଶ୍ମୀରରୁ ଆସାମ ପର୍ଯ୍ୟନ୍ତ ୨୬୦୦ କିଲୋମିଟର୍ ସୁଦୀର୍ଘ ସୀମାରେ ବ୍ୟବସ୍ଥା କରିବା ଲାଗି କେନ୍ଦ୍ର ସରକାର ଯୋଜନା କରୁଛନ୍ତି। ବର୍ତ୍ତମାନ ଦୁଇଟି ପାଇଲଟ୍ ପ୍ରୋଜେକ୍ଟରେ ଆଇବି ନିକଟରେ ୫ କିଲୋମିଟର ଲେଖାଏ ସୀମାରେ ଏହାକୁ କାର୍ଯ୍ୟକାରୀ କରାଯାଇଛି। ପରବର୍ତ୍ତୀ ସମୟରେ ଏହାକୁ ଅନ୍ୟ ସ୍ଥାନରେ ବ୍ୟବସ୍ଥା କରାଯିବ।

ବିଏସ୍‌ଏଫ୍‌ର ଏହି ମହତ୍ୱାକାଙ୍କ୍ଷୀ ପ୍ରକଳ୍ପ ସୀମାପାର ଆତଙ୍କବାଦୀ ଅନୁପ୍ରବେଶ ଉପରେ ଲଗାମ ଲଗାଇବାରେ ଅଧିକ ସଫଳ ହେବ। ଏହି ନୂଆ ଟେକ୍ନୋଲୋଜି ଜରିଆରେ ସ୍ଥଳ,



ଜଳ, ଆକାଶ ହେଉ ଅବା ଭୂତଳ ମାର୍ଗ, ସୀମାନ୍ତରେ କୌଣସି ପ୍ରକାର ଗତିବିଧିକୁ ଏହି ସ୍ମାର୍ଟ ଫେନ୍ସିଂ ଠାବ କରିପାରିବ। କୁହୁଡ଼ି, ବନ୍ୟା, ଝଡ଼ତୋଫାନ ହେଉ ଅବା କୌଣସି ସ୍ଥିତିରେ ଏହା କାର୍ଯ୍ୟ କରିବ ବୋଲି ବିଏସ୍‌ଏଫ୍ ଅତିରିକ୍ତ ମହାନିର୍ଦ୍ଦେଶକ ଏ.କେ. ଶର୍ମା ସୂଚନା ଦେଇଛନ୍ତି। ସ୍ମାର୍ଟ ବର୍ଡର ଫେନ୍ସିଂ ଉଦ୍‌ଘାଟନ କାର୍ଯ୍ୟକ୍ରମ ପରେ ରାଜନାଥ ଆଇବି ସଂଲଗ୍ନ ଫରୱାର୍ଡ ଏରିଆକୁ ଗସ୍ତ କରିଥିଲେ। ଏହି ଅବସରରେ ସେ ସହରୀ ମାଓବାଦୀଙ୍କ ବିଷୟରେ କହିଥିଲେ। ସହରୀ ମାଓବାଦୀ ବିପଦ ଆକଳନ କରିବା ଜଟିଳ। କିନ୍ତୁ ଉଚିତ ଢଙ୍ଗରେ ଏହାର ମୁକାବିଲା କରାଯିବ ବୋଲି ରାଜନାଥ କହିଛନ୍ତି।

## ଏମ୍‌ପିଙ୍କ ପାଦ ଧୋଇ ପାଣି ପିଇଲେ ଭାଜପା କର୍ମୀ

**ଗୋଡ୍ଡା, ୧୭।୯(ପି.ଟି.)**

ଝାଡ଼ଖଣ୍ଡର ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ବିବାଦ ଘେରକୁ ଚାଲିଆସିଛନ୍ତି। ଗୋଡ୍ଡା ଜିଲାରେ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇଥିବା ଏମ୍‌ପିଙ୍କ ପାଦ ଧୋଇ ପାଦୁକା ପାଣି ପିଇଛନ୍ତି ଜଣେ ଭାଜପା କର୍ମୀ। ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଗୋଡ୍ଡା ଅନ୍ତର୍ଗତ କାନ୍‌ଭରା ଗ୍ରାମରେ ରବିବାର ଏକ ବ୍ରିଜ୍‌ର ଶିଳାନ୍ୟାସ କରିବାକୁ ଯାଇଥିଲେ ଏମ୍‌ପି ଦୁବେ। ଲୋକ ପ୍ରତିନିଧି ହୋଇ ସୁଦ୍ଧା ସେଠାରେ ସେ ରାଜକୀୟ ଠାଣି ଦେଖାଇଥିଲେ। ଓବିସି ସମ୍ପ୍ରଦାୟର ଭାଜପା କର୍ମୀ ପୱନ୍ କୁମାର ଶାହ ଏକ ପାତ୍ର ଉପରେ ତାଙ୍କ ପାଦକୁ ଥୋଇ ଧୋଇଦେଇଥିଲେ। ସେହି ପାଣିକୁ ସେ ପିଇଦେଇଥିଲେ। ଏମ୍‌ପି ମଧ ବିନା ଦ୍ୱିଧାରେ ପାଦ ବଢ଼ାଇଦେଇଥିଲେ। ସମସ୍ତଙ୍କ ସାମ୍ନାରେ ଘଟିଥିବା ଏହି ଘଟଣାର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଯିବା ପରେ ବିବାଦ ଉପୁଜିଛି। ବିରୋଧୀ ନେତାମାନେ ଦୁବେଙ୍କୁ ସମାଲୋଚନା କରିଛନ୍ତି।




# ପାକ୍‌ରେ ଏବେ ବି ଚାଲିଛି ସେନା ଶାସନ

**ନୂଆଦିଲ୍ଲୀ/ଜମ୍ମୁ,୧୭।୯(ପି.ଟି.)**

ଇସାରା ଇସାରାରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କୁ ଟାର୍ଗେଟ୍ କରିଛନ୍ତି ବହିର୍ବ୍ୟାପାର ମନ୍ତ୍ରୀ ଭି.କେ. ସିଂ। ସେ କହିଛନ୍ତି, ଇସ୍‌ଲାମାବାଦରେ ଏବେ ବି ସେନା ଶାସନ ଚାଲିଛି। ଭାରତକୁ ନେଇ ପାକିସ୍ତାନର ଆଗାମୀ ପଦକ୍ଷେପ ଉପରେ ନୂଆଦିଲ୍ଲୀର ନଜର ରହିଛି। ଇସ୍‌ଲାମାବାଦରେ ନୂଆ ସରକାର ଆସିବା ପରେ ଭାରତ ବର୍ତ୍ତମାନ 'ୱେଟ୍ ଆଣ୍ଡ ୱାଚ୍ ପଲିସି' ଆପଣାଇଛି ବୋଲି ସିଂ କହିଛନ୍ତି। ସୀମାନ୍ତରେ ଅନୁପ୍ରବେଶ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ଇମ୍ରାନଙ୍କ ନାମ ନ ନେଇ ସିଂ କହିଛନ୍ତି, ସେହି ବ୍ୟକ୍ତି ଜଣକ ପରିବର୍ତ୍ତନ ଆଣିବେ କି ନାହିଁ ତାହା ଦେଖିବାକୁ ବାକି ରହିଲା। ପାକିସ୍ତାନ ପ୍ରତି ଭାରତର ନୀତି ହେଲା ଏକ ଅନୁକୂଳ ବାତାବରଣ ମଧରେ ଆଲୋଚନା ପ୍ରକ୍ରିୟାକୁ ଆଗେଇ ନେବା। ଇମ୍ରାନଙ୍କ ନେତୃତ୍ୱରେ ପାକିସ୍ତାନ ଭାରତ ପ୍ରତି ନିଜର ମାନସିକତା ପରିବର୍ତ୍ତନ କରୁଛି କି ନାହିଁ ତାହା ଭବିଷ୍ୟତ କହିବ। କିନ୍ତୁ ଇମ୍ରାନଙ୍କ ଶାସନରେ ସେଭଳି କିଛି ବାତାବରଣ ଦେଖାଯାଉ ନାହିଁ। ତଥାପି ଆଶାବାଦୀ ଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ ସ୍ପଷ୍ଟ କରିସାରିଛନ୍ତି ବୋଲି ଭି.କେ. ସିଂ କହିଛନ୍ତି।



## ■ ରେୱାଡ଼ି ଗଣବଳାତ୍କାର: ଅଭିଯୁକ୍ତଙ୍କୁ ଧରିବାକୁ ତନାଘନା

# ପୀଡ଼ିତାଙ୍କ ପାଇଁ ବସିଲା ମହାପଞ୍ଚାୟତ

**ରେୱାଡ଼ି,୧୭।୯(ପି.ଟି.)**

ରେୱାଡ଼ି ଗଣବଳାତ୍କାର ଘଟଣାକୁ ନେଇ ହରିୟାଣା ସରକାରଙ୍କୁ ଘେରିଛନ୍ତି ବିରୋଧୀ ଏବଂ ବିଭିନ୍ନ ସଙ୍ଗଠନ। ଚାରିଆଡୁ ଚାପ ପଡ଼ିବା ପରେ ପୋଲିସ ଏବଂ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଅଭିଯୁକ୍ତଙ୍କ ବିରୋଧରେ ଯଥାସମ୍ଭବ କଠୋର କାର୍ଯ୍ୟାନୁଷ୍ଠାନ ଲାଗି ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିବା ସୋମବାର ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ ମଧ କହିଛନ୍ତି। ସେପଟେ ଏହି ଘଟଣାକୁ କେନ୍ଦ୍ରକରି ରାଜ୍ୟର କୋଶି ସହରରେ ୨୫ଟି ଗ୍ରାମର ପଞ୍ଚାୟତକୁ ନେଇ 'ମହାପଞ୍ଚାୟତ' ଅନୁଷ୍ଠିତ ହୋଇଥିଲା। କୌଣସି ଓକିଲ ଅଭିଯୁକ୍ତଙ୍କ ମାମଲା ନ ଲଢ଼ିବାକୁ ଏହି ବୈଠକରେ ନିଷ୍ପତ୍ତି ହୋଇଛି। ସେହିପରି



ଅଭିଯୁକ୍ତଙ୍କୁ ଫାଶୀଦଣ୍ଡ ପାଇଁ ରେୱାଡ଼ି ଓକିଲ ସଂଘ ଦାବି କରିଛି। ପ୍ରକାଶ ଯେ, ହରିୟାଣାର କନିନା ସହରରେ ବୁଧବାର ଜଣେ ୧୯ ବର୍ଷୀୟା ସ୍କୁଲ୍ ଟପ୍ପର ଛାତ୍ରୀ କୋଚିଂ କ୍ଲାସ୍‌ରୁ ଫେରୁଥିବାବେଳେ କିଛି ଦୁର୍ବୃତ୍ତ ତାଙ୍କୁ ଅପହରଣ ପରେ ଗଣବଳାତ୍କାର କରିଥିଲେ।

ଘଟଣାର ଦୁଇ ମୁଖ୍ୟ ଅଭିଯୁକ୍ତ ଏବେ ବି ଫେରାର ଅଛନ୍ତି। ସେମାନଙ୍କୁ ଧରିବା ଲାଗି ସୋମବାର ହରିୟାଣା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। କିନ୍ତୁ ଏପର୍ଯ୍ୟନ୍ତ ସଫଳତା ହାତକୁ ଆସିନାହିଁ। ଜଣେ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ଜଣଙ୍କୁ ପୋଲିସ ଗିରଫ କରିଛି। ସୋମବାର ସେମାନଙ୍କୁ କନିନା କୋର୍ଟରେ ହାଜର କରାଯିବା ପରେ ୫ ଦିନିଆ ନ୍ୟାୟିକ ହେପାଜତକୁ ପଠାଇ ଦିଆଯାଇଛି। ତେବେ ଫେରାର ଅଭିଯୁକ୍ତଙ୍କ ଗିରଫଦାରି ଉପରେ ବର୍ତ୍ତମାନ ପ୍ରାଧାନ୍ୟ ଦିଆଯାଉଛି ବୋଲି ରେୱାଡ଼ିର ନୂଆ ଏସ୍‌ପି ରାହୁଲ ଶର୍ମା କହିଛନ୍ତି। ଏହି ଘଟଣା ପରେ ରାଜେଶ ଦୁଗ୍ଗଲ୍‌ଙ୍କୁ ବଦଳି କରାଯାଇ ତାଙ୍କ ସ୍ଥାନରେ ଶର୍ମାଙ୍କୁ ନିଯୁକ୍ତି ଦିଆଯାଇଛି। ଦୁଇ ମୁଖ୍ୟ ଅଭିଯୁକ୍ତ ସେନା ଯବାନ ପଙ୍କଜ ଏବଂ ମନୀଷଙ୍କୁ ଧରିବା ଲାଗି ଏକ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରାଯାଇଥିବା ଏସ୍‌ପି କହିଛନ୍ତି।

## ପ୍ରତିରକ୍ଷା ମନ୍ତ୍ରୀଙ୍କୁ ହତ୍ୟା ଯୋଜନାରେ ୨ ଗିରଫ

**ପିଥୋରାଗଡ,୧୭।୯(ପି.ଟି.)**

ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରାମନଙ୍କ ହତ୍ୟା କରିବାର ଯୋଜନା କରି ଉତ୍ତରାଖଣ୍ଡର ପିଥୋରାଗଡରୁ ୨ ଜଣ ଯୁବକ ସୋମବାର ଗିରଫ ହୋଇଛନ୍ତି। ଏମାନେ ହ୍ୱାଟସ୍‌ଆପ୍‌ରେ ଯୋଜନା ସମ୍ପର୍କରେ ଚାଟିଂ କରୁଥିଲେ। ପୋଲିସକୁ ରବିବାର ରାତିରେ ଏହି ସୂଚନା ମିଳିଥିଲା। ଦୁହେଁ ମେସେଜ୍‌ରେ ସୀଥାରାମନଙ୍କୁ ଗୁଳିକରିବେ ବୋଲି କଥା ହେଉଥିଲେ।

## ଜେଲକୁ ଫେରିଲେ ଶରିଫ

**ଲାହୋର,୧୭।୯(ପି.ଟି.)-**ପାରୋଲ ମିଆଦ ଶେଷ ହେବା ପରେ ସୋମବାର ଝିଅ ଓ ଜାମାତାଙ୍କ ସହ ଜେଲକୁ ଫେରିଛନ୍ତି ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫ। ସ୍ତ୍ରୀ କୁଲ୍‌ସୁମ୍‌ଙ୍କ ପରଲୋକ ପରେ ସେ ୫ଦିନିଆ ପାରୋଲ୍‌ରେ ବାହାରିଥିଲେ।

## କଂଗ୍ରେସର ଗୁଣ ଗାଇଲେ ଭାଗବତ

**ନୂଆଦିଲ୍ଲୀ,୧୭।୯(ପି.ଟି.)**

ଭାରତର ବିବିଧତାକୁ ସମ୍ମାନ ଦିଆଯାଉ। ଏହାକୁ ଉତ୍ସବ ଭାବେ ପାଳନ ହେଉ, କିନ୍ତୁ ସମାଜରେ କଳହର କାରଣ ନ ହେଉ ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ ସୋମବାର କହିଛନ୍ତି। ଏଠାରେ ଅନୁଷ୍ଠିତ ନିଜର ତିନିଦିନିଆ ବକ୍ତୃତାମାଳାରେ ଭାଗବତ ସଂଘର ଉଦ୍ଦେଶ୍ୟକୁ ସକାରାତ୍ମକ ଢଙ୍ଗରେ ଲୋକାଭିମୁଖୀ କରିବା ଲାଗି ଆହ୍ୱାନ ଦେଇଛନ୍ତି। 'ଭବିଷ୍ୟ କା ଭାରତ-ଏନ୍ ଆର୍‌ଏସ୍‌ଏସ୍ ପ୍ରସ୍‌ପେକ୍ଟିଭ୍' କାର୍ଯ୍ୟକ୍ରମରେ ଭାଗବତ ସଂଘର ଉତ୍‌ଥାନ ବିଷୟରେ ଆଲୋକପାତ କରିଛନ୍ତି। ଏହା କୌଣସି ସଙ୍ଗଠନ ସହ ତୁଳନୀୟ ନୁହେଁ ବୋଲି ସେ କହିଛନ୍ତି।

୮୦ ମିନିଟ୍‌ର ଉଦ୍‌ବୋଧନରେ ଭାଗବତ ଏକାଧିକ ପ୍ରସଙ୍ଗରେ ଆଲୋକପାତ କରିଛନ୍ତି। ଏପରି କି ସ୍ୱାଧୀନତା ସଂଗ୍ରାମରେ କଂଗ୍ରେସର ଭୂମିକା ବିଷୟରେ ମଧ ସେ କହିଥିଲେ। ବର୍ତ୍ତମାନ ସମୟରେ କଂଗ୍ରେସ ସଂଘର ସବୁ ସମାଲୋଚକ ଭାବେ ଉଭା ହୋଇଥିଲେ ସୁଦ୍ଧା ଦଳ ଦେଶକୁ କେତେ ମହାନ୍ ବ୍ୟକ୍ତିତ୍ୱ ଦେଇଛି ସେ ବିଷୟରେ କହିଛନ୍ତି। ସମାଜର ସବୁ ଦୁର୍ବଳତାକୁ ପରାହତ କରି ସମଗ୍ର ସମାଜକୁ ନିଜର କରି ଏହାର ଗଠନ ହେଲା ଆର୍‌ଏସ୍‌ଏସ୍‌ର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି।

**ବକ୍ତୃତାମାଳାକୁ ବିରୋଧୀଙ୍କ ବର୍ଜନ**

ଭାଗବତଙ୍କ ଉକ୍ତ କାର୍ଯ୍ୟକ୍ରମକୁ ପ୍ରାୟ ସମସ୍ତ ବିରୋଧୀ ଦଳ ବର୍ଜନ କରିଥିବାବେଳେ ବହୁ ଭାଜପା ନେତାଙ୍କ ସମେତ ବଲିଉଡ୍ ସେଲିବ୍ରିଟି ଏବଂ ଶିକ୍ଷାବିତ୍ ଉପସ୍ଥିତ ଥିଲେ। ଏହା ପ୍ରାକ୍ ନିର୍ବାଚନୀ ଏଜେଣ୍ଡା ବୋଲି ବିରୋଧୀମାନେ ମତ ଦେଇଛନ୍ତି।

## ■ ଲେଭଲ୍ କ୍ରସିଂ ଗେଟ୍ ଖୋଲିଲେନି ବୋଲି...

# ଜଗୁଆଳିଙ୍କ ହାତ କାଟିଦେଲେ

**ନୂଆଦିଲ୍ଲୀ, ୧୭।୯(ପି.ଟି.)**

ଉତ୍ତର ଦିଲ୍ଲୀର ନରେଲା ଅଞ୍ଚଳରେ ଏକ ନୃଶଂସ କାଣ୍ଡ ଘଟିଛି। ରେଳପଥ ନିକଟରେ ଥିବା ଲେଭଲ୍ କ୍ରସିଂ ଗେଟ୍ ନ ଖୋଲିବାରୁ ଜଣେ ଜଗୁଆଳିଙ୍କ ହାତ କାଟିଦେଇଛନ୍ତି ଦୁର୍ବୃତ୍ତ। ୩ ବାଇକ୍ ଆରୋହୀ ଯୁବକ ଏହି ବର୍ବରତା ରଚିଥିବା ସୋମବାର ଜଣେ ରେଲୱେ ଅଧିକାରୀ କହିଛନ୍ତି। କର୍ତ୍ତବ୍ୟ ସମ୍ପାଦନ କରିବାକୁ ଯାଇ ଆକ୍ରମଣର ଶିକାର ହୋଇଥିବା ରେଲୱେ ଫାଟକ ଜଗୁଆଳିଙ୍କ ନାମ କୁନ୍ଦନ ପାଠକ। ଅପରେଶନ ପରେ ତାଙ୍କ କଟାହାତକୁ ସଫଳତାର ସହ ଯୋଡ଼ାଯାଇଛି। ଏହି ଅସ୍ତ୍ରୋପଚାର ପାଇଁ ପାଖାପାଖି ୪ ଘଣ୍ଟା ଲାଗିଥିଲା। ପାଠକଙ୍କ ଗୋଡ଼ ଏବଂ ବେକକୁ ମଧ ସେମାନେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ।

ମିଳିଥିବା ସୂଚନା ମୁତାବକ, କୁନ୍ଦନ ନରେଲା ଓ ରଥଧାନା ମଧରେ ଥିବା ଏକ ଲେଭଲ କ୍ରସିଂରେ ଜଗୁଆଳି ଭାବେ କାର୍ଯ୍ୟ କରନ୍ତି। ସୋମବାର ଭୋର ସମୟରେ ଏକ ଟ୍ରେନ୍ ଆସିବା ସମୟ ପାଖେଇ ଆସିଥିବାରୁ ନିୟମ ଅନୁଯାୟୀ ସେ ରେଳ ଫାଟକ ପକାଇଦେଇଥିଲେ। ଏତିକିବେଳେ ୩ ଯୁବକ ଆସି ତାଙ୍କୁ ଫାଟକ ଖୋଲିବାକୁ କହିଥିଲେ। କିନ୍ତୁ ପାଠକ ସେମାନଙ୍କ କଥା ନ ମାନିବାରୁ ସେମାନେ ଆକ୍ରମଣ କଲେ। ସିଗ୍‌ନାଲ ସମସ୍ୟା ଦେଖାଦେବାରୁ ମୁରି ଏକ୍ସପ୍ରେସ୍ ସେଠାରେ ଅଟକିଥିଲା। ସେଥିରେ ଥିବା ରେଳ କର୍ମଚାରୀମାନେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପାଠକଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ।



# ନିର୍ବାଚନ ପରେ ଜେଏନ୍‌ୟୁ ଅଶାନ୍ତ

**ନୂଆଦିଲ୍ଲୀ, ୧୭।୯(ପି.ଟି.)**

ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ଛାତ୍ର ସଂସଦ (ଜେଏନ୍‌ୟୁଏସ୍‌ୟୁ) ନିର୍ବାଚନରେ ବାମମେଣ୍ଟ କେନ୍ଦ୍ରୀୟ କମିଟିର ଚାରୋଟି ଯାକ ପଦରେ ଜିତିଯାଇଛି। ଆର୍‌ଏସ୍‌ଏସ୍‌ର ଛାତ୍ରଶାଖା ଏବିଭିପିକୁ ପରାଜୟର ମୁଖ ଦେଖିବାକୁ ପଡ଼ିଛି। ଭୋଟ ଫଳାଫଳ ପ୍ରକାଶ ପାଇବାର କିଛିଘଣ୍ଟା ପରେ କ୍ୟାମ୍ପସ୍ ଅଶାନ୍ତ ହୋଇପଡ଼ିଛି। ସୋମବାର ପୂର୍ବାହ୍ନରେ ଏବିଭିପି ଏବଂ ବାମ ସମର୍ଥିତ ଏଆଇଏସ୍‌ଏର ସଦସ୍ୟମାନେ ହାତାହାତି ହୋଇଯାଇଛନ୍ତି। ନିଜର ସମର୍ଥକଙ୍କ ଉପରେ ଆକ୍ରମଣ ହୋଇଥିବା ପରସ୍ପର ବିରୋଧରେ ଅଭିଯୋଗ ଆଣୁଛନ୍ତି। ଉଭୟ ପକ୍ଷଙ୍କ ବିରୋଧରେ ୫ ଏତଲା ଦାଏର ହୋଇଛି।

ଜେଏନ୍‌ୟୁ ଛାତ୍ର ସଂସଦ ନିର୍ବାଚନରେ ଏବିଭିପି ପ୍ରାର୍ଥୀଙ୍କୁ ଅନେକ ଭୋଟ ବ୍ୟବଧାନରେ ହରାଇଛନ୍ତି ବାମ ପ୍ରାର୍ଥୀ। ତେବେ ନିର୍ବାଚନ କମିଟି ପକ୍ଷପାତିତା କରିଥିବା ଏବଂ ବିଶ୍ୱବିଦ୍ୟାଳୟରେ ହିଂସା ଘଟିଥିବା ଶନିବାର ଏବିଭିପି ଅଭିଯୋଗ ଆଣିଥିଲା। ଉଭୟ ଗୋଷ୍ଠୀ ମଧରେ ମାରପିଟ ହେବା ଯୋଗୁ ଭୋଟଗଣତି ସାମୟିକ ବନ୍ଦ ରହିଥିଲା। ରବିବାର ଫଳାଫଳ ଘୋଷଣା ହେବାପରେ ଅସନ୍ତୋଷର ବହ୍ନି ଅଧିକ କୁହୁଳୁଛି। ସୋମବାର ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ପୁଣି ଦ୍ୱିତୀୟ ଥର ଛାତ୍ର ସଂଘର୍ଷ ଘଟିଛି। ଗଣ୍ଡଗୋଳ ହେବା ପରେ ଏବିଭିପି ଏବଂ ବାମମେଣ୍ଟର ଛାତ୍ର ନେତାମାନେ ପରସ୍ପରକୁ କାଦୁଅ ଫିଙ୍ଗୁଛନ୍ତି। ଏଆଇଏସ୍‌ଏର ଅଭିଯୋଗ ଅନୁଯାୟୀ, ଏବିଭିପି ସଦସ୍ୟମାନେ ଛାତ୍ରମାନଙ୍କୁ ଅନେକଥର ଆକ୍ରମଣ କରିଛନ୍ତି ଏବଂ ଜଣେ ପୂର୍ବତନ ଛାତ୍ରଙ୍କୁ ହତ୍ୟା କରିଛନ୍ତି। ଜେଏନ୍‌ୟୁଏସ୍‌ୟୁର ନୂଆ ସଭାପତି ଏନ୍. ସାଇ ବାଲାଜୀଙ୍କୁ ଏବିଭିପି ସଦସ୍ୟ ନିସ୍ତୁକ ମାଡ଼ ମାରିଛନ୍ତି। ଅନ୍ୟପଟେ ଆର୍‌ଏସ୍‌ଏସ୍ ସମର୍ଥିତ ଏବିଭିପି ପାଲଟା ଅଭିଯୋଗ କରିଛି। ବାମ ସମର୍ଥକମାନେ ଏହାର କର୍ମୀମାନଙ୍କୁ ଆକ୍ରମଣ କରିବା ଯୋଗୁ ୩ ଜଣ ଆହତ ହୋଇଥିବା ଏହା ଦର୍ଶାଇଛି।



- ଛାତ୍ରଙ୍କୁ ଆକ୍ରମଣ ଅଭିଯୋଗ
- ପରସ୍ପରକୁ ଦୋଷ ଲଦିଲେ ଏବିଭିପି, ବାମମେଣ୍ଟ
- ନୂଆ ସଭାପତିଙ୍କୁ ମାଡ଼

ନୂଆ ସଭାପତି ବାଲାଜୀ ମଧ କହିଛନ୍ତି ଯେ, ଏବିଭିପି କର୍ମୀଙ୍କ ଦ୍ୱାରା ଆକ୍ରମଣର ଶିକାର ହୋଇଥିବା ଜଣେ ଛାତ୍ରଙ୍କ ସୁରକ୍ଷା ସମ୍ପର୍କରେ ତଦାରଖ କରିବା ପାଇଁ ସେ ଏକ ହଷ୍ଟେଲକୁ ଯାଇଥିଲେ। ସାଙ୍ଗରେ ଥିଲେ ପୂର୍ବତନ ସଭାପତି ଗୀତା କୁମାରୀ। ସେଠାରେ ପହଞ୍ଚିବା କ୍ଷଣି ଏବିଭିପି ସଦସ୍ୟମାନେ ଦଳବଦ୍ଧ ହୋଇ ସେମାନଙ୍କୁ ଆକ୍ରମଣ କରିବା ସହ ଧମକ ଦେଇଥିଲେ। କିନ୍ତୁ ସେମାନେ ଦୌଡ଼ି ପଳାଇଆସିଥିଲେ। ଏବିଭିପିର ଅଭିଯୋଗ ଯେ, ଏଆଇଏସ୍‌ଏ କର୍ମୀମାନେ ଦିବ୍ୟାଙ୍ଗ ଛାତ୍ରଙ୍କ ସମେତ ସେମାନଙ୍କ ସମର୍ଥକଙ୍କୁ ମାଡ଼ ମାରିଛନ୍ତି। ତେବେ ଏବିଭିପି କ୍ୟାମ୍ପସ୍‌ରେ ହିଂସା ସୃଷ୍ଟି କରୁଥିବା ଜେଏନ୍‌ୟୁର ପୂର୍ବତନ ଛାତ୍ରନେତା ଉମର ଖାଲିଦ ଅଭିଯୋଗ କରିଛନ୍ତି।

ଅନ୍ୟପଟେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ଇଭିଏମ୍ ଜାଲିଆତି ହୋଇଥିବା ଅଭିଯୋଗ ଆସିବା ପରେ ମାମଲା କୋର୍ଟ ପର୍ଯ୍ୟନ୍ତ ଯାଇଛି। ଇଭିଏମ୍‌କୁ ସାଇତି ରଖିବା ଲାଗି ସୋମବାର ଦିଲ୍ଲୀ ହାଇକୋର୍ଟ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୌନ୍ଦର୍ଯ୍ୟ

# ତ୍ୱଚାକୁ ଆକର୍ଷଣୀୟ କରେ କମଳା

କମଳା ଦେଖିବାକୁ ଯେତିକି ସୁନ୍ଦର ଖାଇବାକୁ ସେତିକି ବି ଟେଷ୍ଟି। ତେବେ ଏଥିରେ ଭରି ରହିଥିବା ଅନେକ ଉପକାରୀ ପୋଷକ ତତ୍ତ୍ୱ କେବଳ ଶରୀରକୁ ସୁସ୍ଥ ରଖି ନ ଥାଏ ବରଂ ଏହାକୁ ଉଭୟ ଖାଇବା ଏବଂ ଲଗାଇବା ଦ୍ୱାରା ସୌନ୍ଦର୍ଯ୍ୟ ବୃଦ୍ଧି ମଧ୍ୟ ହୋଇଥାଏ। ଜାଣି ରଖନ୍ତୁ ଏହାର ଉପକାରିତା ସମ୍ପର୍କରେ...



■ଏଜିଂ ସମସ୍ୟା ଦେଖାଦେବା ମାତ୍ରେ କମଳା ରସ ମୁହଁରେ ଲଗାନ୍ତୁ। ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଆପଣଙ୍କୁ ୟଙ୍ଗରଲୁକ୍ ଦେବ। ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍ ସି ଭରି ରହିଛି, ଯାହା କି ସ୍କିନ୍ ଟୋନ୍ ବଢାଇଥାଏ।

■କମଳା ଚୋପାକୁ ଗୁଣ୍ଡ କରି ସ୍କ୍ରବ୍ ଭାବେ ବ୍ୟବହାର କରିପାରିବେ। ଏଥିରେ କ୍ଷୀର ମିଶାଇ ପ୍ୟାକ୍ ପ୍ରସ୍ତୁତ କରି ମୁହଁରେ ଲଗାଇଲେ ଇନ୍‌ଷ୍ଟାଣ୍ଟ ଗ୍ଲୋ ମିଳିବା ସହ ଡାର୍କ ସ୍ପଟ୍ ବି ଦୂର ହୋଇଥାଏ।

■କମଳା ଚୋପୋକୁ ବାଟି ଏହି ପ୍ୟାକ୍‌କୁ ମୁହଁରେ ଲଗାଇବା ଦ୍ୱାରା ତ୍ୱଚାର ତୈଳୀୟାଂଶ ହ୍ରାସ ପାଇଥାଏ। ଫଳରେ ବ୍ରଣର ସମସ୍ୟା ଏବଂ ଏହାର ଦାଗ ମଧ୍ୟ ଧୀରେ ଧୀରେ କମିଥାଏ।

■ସନ୍‌ଟ୍ୟାନ୍ ସମସ୍ୟା ଦୂର କରିବାରେ କମଳା ବେଶ୍ ଉପକାରୀ। ଏହାର ଚୋପା ନାଚୁରାଲ୍ ବ୍ଲିଚିଂ ଏଜେଣ୍ଟ ଭାବେ କାର୍ଯ୍ୟ କରିଥାଏ। ତେଣୁ ଏହାକୁ ଲଗାଇବା ଦ୍ୱାରା ସୂର୍ଯ୍ୟକିରଣର ହାନିକାରକ ରଶ୍ମି ଯୋଗୁ ହେଉଥିବା ସନ୍‌ଟ୍ୟାନ୍ ଦୂର ହୋଇଥାଏ।

■ଯଦି ବ୍ଲାକ୍‌ହେଡ୍ ସମସ୍ୟା ପାଇଁ ଚିନ୍ତିତ ତେବେ କମଳା ଚୋପା ଗୁଣ୍ଡକୁ ସ୍କ୍ରବ୍ ଭାବେ ବ୍ୟବହାର କରନ୍ତୁ, ଉପକୃତ ହୋଇପାରିବେ।

■କମଳା ରସକୁ ଆଇସ୍ ଟ୍ରେରେ ରଖି ଫ୍ରିଜ୍‌ରେ ରଖି ଦିଅନ୍ତୁ। ଯଦି ସ୍କିନ୍ ତେଲିଆ ଏବଂ ଡଲ୍ ଲାଗୁଛି ତେବେ ଉକ୍ତ କମଳାରସ ବରଫ ହେବା ପରେ ତାହାକୁ ମୁହଁରେ ଘଷନ୍ତୁ। ଏହା ସ୍କିନ୍‌ରେ ଗ୍ଲୋ ଆଣିବା ସହ ବ୍ରାଇଟ୍ କରିଥାଏ।

■ସ୍କିନ୍ ଗ୍ଲୋ ଆଣିବା ପାଇଁ ଗରମ ପାଣିରେ କମଳା ଚୋପାକୁ ଗୋଟିଏ ଦିନ ଭିଜାଇ ଦିଅନ୍ତୁ। ପରଦିନ ଏହାକୁ ଛାଣି ପାଣି ଅଲଗା କରିଦିଅନ୍ତୁ। ତୁଳାରେ ଏହି ପାଣିକୁ ମୁହଁରେ ଲଗାଇ ସୁଖିବାକୁ ଛାଡି ଦିଅନ୍ତୁ।

■କମଳା ରସରେ ଅଳ୍ପ ପାଣି ଏବଂ ଏକ ଚାମଚ ମହୁ ମିଶାଇ ଆପଣ ଉକ୍ତ ମିଶ୍ରଣକୁ ଶାମ୍ପୁ କରିବା ପରେ କଣ୍ଡିସନର୍ ଭାବେ କେଶରେ ଲଗାଇ ପାରିବେ। ଏହା କେଶକୁ ମଜଭୁତ ଏବଂ ଚମକଦାର କରିଥାଏ।

■ରୁପି ସମସ୍ୟା ଥିଲେ କେଶରେ କମଳାଚୋପା ରସ କିମ୍ବା ବଟା ଲଗାନ୍ତୁ ଉପକୃତ ହେବେ।



# ଭାବୀ ସନ୍ତାନର ଚେହେରା

ସନ୍ତାନଟିଏ ଜନ୍ମନେବାର କଥା ଜାଣିଲେ ଉଭୟ ମା'ବାପା ଭାବୀସନ୍ତାନଟିର ରୂପରେଖର କଳ୍ପନାରେ ଏକ ଆଶ୍ଚର୍ଯ୍ୟଜନକ ଆବେଗ ଓ କଂପନରେ ଅସ୍ଥିର ହୋଇଯାଆନ୍ତି। ତେବେ ଜନନୀର ଚିନ୍ତାଧାରାର ପ୍ରାବଲ୍ୟ ଶିଶୁଟିର ଚେହେରା ଉପରେ ଅନେକ ପ୍ରଭାବ ପକାଇଥାଏ...

ଡା. ସରୋଜିନୀ ଷଡ଼ଙ୍ଗୀ







ନିଜର ଅବିକଳ ରୂପର ପ୍ରତିଫଳନ ନିରକ୍ତମାଂସର ଶରୀରରେ ଦେଖିବା ପାଇଁ କିଏ ବା ନ ଚାହେଁ ? ବାପା ଓ ମା' ଉଭୟ ଭାବୀସନ୍ତାନଟିର ରୂପରେଖର କଳ୍ପନାରେ ଏକ ଆଶ୍ଚର୍ଯ୍ୟଜନକ ଆବେଗ ଓ କଂପନରେ ଅସ୍ଥିର ହୋଇଯାଆନ୍ତି । ମା'ଟି ଭାବେ ଏତେ ଦିନର ଅସୀମ ପ୍ରତୀକ୍ଷା ପରେ ଶିଶୁଟି ମୋରି ରୂପନେଇ ପୃଥିବୀକୁ ଆସିବ, ପୁଣି ପିତା ଭାବନ୍ତି ହୁଏତ ଶିଶୁଟି ତା'ର ପିତାର ହିଁ ରୂପନେଇ ଜନ୍ମହେବ । ଜେଜେ ବାପା, ଜେଜେ ମା', ଅଜା, ଆଈ, ମାଉସୀ, ପିଉସୀ ତଥା ମାମୁଁ ସମସ୍ତେ ଶିଶୁଟିର ରୂପନେଇ ଆସିବାର ପରିକଳ୍ପନାରେ ଅଥୟ ହୋଇପଡନ୍ତି । ଜନ୍ମ ମୃତ୍ୟୁ ଉପରେ ତନ୍ନ ତନ୍ନ କରି ପରୀକ୍ଷା ନିରୀକ୍ଷା ଚଳାଇଥିବା ଜଣେ ବିଶେଷଜ୍ଞ କୁହନ୍ତି ଯେ, ଜନନୀର ଜରାୟୁରେ ଭ୍ରୁଣସଂଚାର ହେବାମାତ୍ରେ, ଶିଶୁଟିର ଶରୀର ଗଠନ ଆରମ୍ଭ ହୋଇଥାଏ । ତେବେ ଜନନୀର ଚିନ୍ତାଧାରାର ପ୍ରାବଲ୍ୟ ଶିଶୁଟିର ଚେହେରା ଉପରେ ଅନେକ ପ୍ରଭାବ ପକାଇଥାଏ ।

ମହିଳା ଜଣକ ଯାହାକୁ ସବୁଠୁ ବେଶି ଜୀବନରେ ଭଲ ପାଆନ୍ତି ପ୍ରାୟ ସେହି ରୂପନେଇ ସନ୍ତାନଟି ଜନ୍ମ ହୋଇଥାଏ । ତା'ଛଡା ଗୋଟିଏ ସୁନ୍ଦର ଶିଶୁର ମୁହଁ, ବା ହସ ବା ଚେହେରା ଅନବରତ ଚିନ୍ତାକଲେ ଶିଶୁର ଚେହେରା ସେହିଭଳି ହୋଇଥାଏ । ମା'ର ଚିନ୍ତାଧାରା ଶିଶୁର ମାନସିକ ବିକାଶ କ୍ଷେତ୍ରରେ ଅନେକ ପ୍ରଭାବ ପକାଇଥାଏ । ସେଥିପାଇଁ ଗର୍ଭବତୀ ନାରୀଙ୍କୁ ଧାର୍ମିକ ଚିନ୍ତାଧାରା ଥିବା ବହି ପଢିବାକୁ ଦିଆଯାଇଥାଏ । ଗର୍ଭଧାରଣ ସମୟରେ କୁଚିନ୍ତା କଲେ ବା' ଅସ୍ୱାସ୍ଥ୍ୟକର ଶାରୀରିକ ତଥା ମାନସିକ ପରିବେଶ ମଧ୍ୟରେ ରହିଲେ ଶିଶୁର ମାନସିକ ତଥା ଶାରୀରିକ ବିକାଶ ହୋଇପାରେନାହିଁ ଏବଂ ଏହି ଭାବନାଧାରା ତା'ର ଚେହେରାରେ ପ୍ରତିଫଳିତ ହୋଇଥାଏ ।

ତେବେ ଆଜିକାଲି ବିଜ୍ଞାନର ହାତ, ଭାବୀସନ୍ତାନର ଚେହେରା ଅବିକଳ ଭାବରେ ଆଙ୍କିବାକୁ ସକ୍ଷମ ହେଲାଣି । ଗୋଟିଏ ବିଦ୍ୟୁତ୍ କମ୍ପାନୀର କମ୍ପ୍ୟୁଟର ଏଇ ଚିତ୍ର ସବୁ ଆଙ୍କି ପାରୁଛି । ମା' ଓ ବାପାଙ୍କର ଫଟୋକୁ ଏକାଠି ରଖି ଏବଂ ତାଙ୍କର ମୁହଁର ରେଖାକୁ ନେଇ କମ୍ପ୍ୟୁଟରଟି ଶିଶୁର ପୋଟ୍ରେଟ୍ ତିଆରି କରିପାରୁଛି । ଏହି ଯନ୍ତ୍ରରେ ଗୋଟିଏ ନିଜସ୍ୱ କମ୍ପ୍ୟୁଟର (ପର୍‌ସନାଲ୍ କମ୍ପ୍ୟୁଟର ) ସହ ସ୍ୱତନ୍ତ୍ର କାର୍ଯ୍ୟସୂଚୀ ଏବଂ ଗୋଟିଏ ସିର୍କଟ୍ ବୋର୍ଡ ରହିଛି । ବିଭିନ୍ନ ଫଟୋଚିତ୍ରର ରେଖା ଏବଂ ରଙ୍ଗର ସମାଗମରେ ଗୋଟିଏ ଥ୍ରୀ ଡାଇମେନ୍‌ସନାଲ୍ ଚିତ୍ର ହୋଇପାରୁଛି । କେବଳ ଏତିକି ନୁହେଁ କିଶୋର ବା କିଶୋରୀମାନେ ପ୍ରୌଢାବସ୍ଥା ଓ ବୃଦ୍ଧାବସ୍ଥାରେ ମଧ୍ୟ କିଭଳି ଦେଖାଯିବେ ତାହା ମଧ୍ୟ କମ୍ପ୍ୟୁଟର ଦ୍ୱାରା କରାଯାଇପାରୁଛି । ପ୍ଲାଷ୍ଟିକ୍ ସର୍ଜରି ଦ୍ୱାରା ମୁହଁର ବିଭିନ୍ନ ଅଂଶ ପରିବର୍ତ୍ତନ, ନିଜର ଚେହେରା କେଉଁଭଳି ଦେଖାଯିବ, ସେ କଥା ମଧ୍ୟ କମ୍ପ୍ୟୁଟର ଦ୍ୱାରା ସ୍ଥିରୀକୃତ ହେବାପରେ ପ୍ଲାଷ୍ଟିକ୍ ସର୍ଜରି ଅସ୍ତ୍ରୋପଚାର କରାଯାଇପାରୁଛି । ଅପରାଧ କ୍ଷେତ୍ରରେ ମଧ୍ୟ ଏହାର ଅନେକ ଅବଦାନ ରହିଛି । ଗୋଟିଏ ଅପରାଧୀ ଆସାମୀର ମୁହଁର କେତେ ଗୁଡିଏ ଅଙ୍ଗଭଙ୍ଗୀ ବା' ରେଖାଚିତ୍ର ଦେଲେ ଚେହେରାଟି ଅବିକଳ ଆଙ୍କି ହୋଇପାରୁଛି ଏବଂ ଏ କ୍ଷେତ୍ରରେ ପୋଲିସ୍ ପକ୍ଷରେ ଅପରାଧୀକୁ ଧରିବା ସହଜ ହୋଇପାରୁଛି । ଏହି କମ୍ପ୍ୟୁଟରଟିକୁ ଆବିଷ୍କାର କରିଥିବା କମ୍ପାନୀର ବ୍ୟବହାର ପାଇଁ ନିମନ୍ତ୍ରଣ ପତ୍ର ସହ ପ୍ରାୟ ଶହ ଶହ ଆବେଦନ ପତ୍ର ପହଞ୍ଚିଲାଣି ।

ବର୍ତ୍ତମାନ ନବବିବାହିତ ଦମ୍ପତିମାନେ ମଧ୍ୟ ଏହା ସାହାଯ୍ୟରେ ବିବାହ ମଣ୍ଡପରେ ନିମନ୍ତ୍ରିତ ଅତିଥିମାନଙ୍କୁ ନିଜ ସହ ନିଜର ଭାବୀସନ୍ତାନର ରୂପରେଖ ଦେଖାଇବାକୁ ଉତ୍ସୁକତା ପ୍ରକାଶ କଲେଣି ।

– ଲିଙ୍କ୍‌ରୋଡ,କଟକ–୧୨
ମୋ–୯୪୩୭୦୫୫୦୦୭

ଫ୍ୟାଶନ

# ଜିନ୍ସରେ ଲାଗିବେ ସ୍ଲିମ୍

ଜିନ୍ସ ପିନ୍ଧିବା ଅନେକଙ୍କୁ ପସନ୍ଦ ହେଲେ ଏଥିରେ ଫିଗର ମୋଟା ଲାଗୁଥିବା କାରଣରୁ କେହି କେହି ଇଚ୍ଛାଥିଲେ ସୁଦ୍ଧା ଏହାକୁ ପିନ୍ଧି ପାରନ୍ତି ନାହିଁ। ହେଲେ ଜିନ୍ସ ପିନ୍ଧିବା ସମୟରେ କେତୋଟି କଥା ପ୍ରତି ଦୃଷ୍ଟି ଦେଲେ ଆପଣ ଅପେକ୍ଷାକୃତ ସ୍ଲିମ୍ ଲାଗିପାରିବେ। ଜାଣି ରଖନ୍ତୁ ଟିପ୍ସ...

❖ଜିନ୍ସରେ ସ୍ଲିମ୍ ଲାଗିବାକୁ ଚାହୁଁଥିଲେ ପ୍ରଥମେ ଏହାର କଲର ଉପରେ ଧ୍ୟାନ ଦିଅନ୍ତୁ। କୌଣସି ଲାଇଟ୍ କଲର ପରିବର୍ତ୍ତେ ଡିପ୍ ବ୍ଲୁ, ଡିପ୍ ଇଣ୍ଡିଗୋ କିମ୍ବା ବ୍ଲାକ୍ କଲର ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ୍। ଏହା କେବଳ ସ୍ଲିମ୍ ଲାଗି ନ ଥାଏ ବରଂ ସବୁ ପ୍ରକାର ଟପ୍ସ ଏବଂ ଟିଜ୍‌କୁ ମ୍ୟାଚ୍ ବି କରିଥାଏ।

❖ଯଦି ଆପଣଙ୍କ ପେଟ ଏବଂ ଅଣ୍ଟା ପାଖ ମୋଟା ତେବେ ଲୋ ୱେଷ୍ଟ୍ ଜିନ୍ସ ଆଦୌ ବ୍ୟବହାର କରନ୍ତୁ ନାହିଁ। କାରଣ ଏଭଳି ପ୍ୟାଣ୍ଟ ଆପଣଙ୍କ ଫ୍ୟାଟ୍‌କୁ ହାଇଲାଇଟ୍ କରିବ। ତେଣୁ ଏହା ବଦଳରେ ହାଇ ୱେଷ୍ଟ ପ୍ୟାଣ୍ଟ ବାଛନ୍ତୁ। ଏହା ଆପଣଙ୍କ ଫ୍ୟାଟ୍‌କୁ ଟାଇଟ୍ ଏବଂ ଟୋନ୍‌ଡ୍ ରଖିବାରେ ସାହାଯ୍ୟ କରିବ।

❖ନ୍ୟାରୋ ଫିଟ୍ ଏବଂ ଫୁଲ୍ ଲେନ୍ଥ ପ୍ୟାଣ୍ଟ ସ୍ଲିମ୍ ଲୁକ୍ ଦେବାରେ ସାହାଯ୍ୟ କରେ। ତେଣୁ ମୋଟାଳିଆ ଫିଗର ହୋଇଥିଲେ ଆଙ୍କେଲ ଲେନ୍ଥ କିମ୍ବା ଶର୍ଟ ଜିନ୍ସ ବାଛନ୍ତୁ ନାହିଁ।

❖ସେହିପରି ଠିକ୍ ଫିଟ୍ ପ୍ୟାଣ୍ଟ ପିନ୍ଧିବା ବି ସ୍ଲିମ୍ ଲୁକ୍ ଦେବାରେ ସାହାଯ୍ୟ କରେ। ଟାଇଟ୍ ସ୍କିନ୍ ଜିନ୍ସ, ଷ୍ଟ୍ରେଚେବଲ୍ ଜିନ୍ସ ଆଦି ବାଛନ୍ତୁ, ଏହା ଆପଣଙ୍କୁ ଶେପ୍ ୱେୟାର୍ ଭାବେ କାମ କରିବ। ତେବେ କୌଣସି ପ୍ୟାଣ୍ଟ କିଣିବା ପୂର୍ବରୁ ପ୍ରଥମେ ଟ୍ରାଏ କରି ମିରର୍‌ରେ ଏହାର ଫିଟିଙ୍ଗ୍ ଆପଣଙ୍କୁ ପରଫେକ୍ଟ ଫିଟ୍ କରୁଛି କି ନାହିଁ ଦେଖିନେବା ଭଲ।

❖ଦେଖାଯାଏ ମୋଟା ଫିଗର ଥିବା ଅଧିକାଂଶ ଝିଅ ଢିଲା ଜିନ୍ସ କିଣିଥାନ୍ତି। ହେଲେ ମନେ ରଖନ୍ତୁ ଯଦି ଆପଣ ଫ୍ୟାଟ୍ ଲୁଚାଇ ଜିନ୍ସରେ ଏକ ସ୍ଲିମ୍ ଲୁକ୍ ପାଇବାକୁ ଚାହୁଁଛନ୍ତି ତେବେ ଆଦୌ ଓଭର ସାଇଜ୍ କିମ୍ବା ବଏଫ୍ରେଣ୍ଡ ଜିନ୍ସ ଭଳି ଢିଲା ଜିନ୍ସ ପିନ୍ଧନ୍ତୁ ନାହିଁ। କାରଣ ଏହା ଆପଣଙ୍କୁ ଅଧିକ ମୋଟା ଲୁକ୍ ଦେବ।

❖ତେବେ ଜିନ୍ସ କିଣିବା ସମୟରେ ଅନ୍ୟ ଏକ ବଡ କଥା ହେଉଛି ସବୁବେଳେ ଭଲ କ୍ୱାଲିଟି ପ୍ରତି ଧ୍ୟାନ ଦିଅନ୍ତୁ। ଯଦିଓ ଏହା ଦାମୀ କିନ୍ତୁ ଏହା ପରଫେକ୍ଟ ଫିଟ୍ ହୋଇଥାଏ।

❖ସେହିପରି ଜିନ୍ସରେ ସ୍ଲିମ୍ ଲାଗିବାରେ ଠିକ୍ ଆସେସରିଜ୍ ଯେପରି କି କି ସ୍ୟାଣ୍ଡେଲ୍ ପରିବର୍ତ୍ତେ ବୁଟ୍ କିମ୍ବା ହାଇ ହିଲ୍ ସୁଜ୍ ବ୍ୟବହାର କରନ୍ତୁ।



# ସୁନ୍ଦର ଲାଗିବ ଡ୍ରଇଂରୁମ୍

ସାଧାରଣତଃ ଡ୍ରଇଂରୁମ୍‌ର ସାଜସଜ୍ଜା ପ୍ରତି ସମସ୍ତେ ଅଧିକ ଗୁରୁତ୍ୱ ଦେଇଥାନ୍ତି। କାରଣ ଏହା ହିଁ ଆପଣଙ୍କ ପୁରା ଘରର ଇଣ୍ଟେରିଅର୍ ଡେକୋରେଶନ୍ ପ୍ରତି ଅତିଥିଙ୍କ ମନରେ ଏକ ଭଲ ଇମ୍ପ୍ରେଶନ୍ ସୃଷ୍ଟି କରିଥାଏ। ତେଣୁ ଡ୍ରଇଁରୁମ୍ କିପରି ସଜାଇଲେ ତାହା ଅଧିକ ସୁନ୍ଦର ଓ ଆକର୍ଷଣୀୟ ଲାଗିବ ଜାଣି ରଖନ୍ତୁ...





❖ ପ୍ରଥମେ ଡ୍ରଇଂରୁମ୍‌ର ସାଇଜ୍ ଅନୁସାରେ ସେଥିରେ କେଉଁ ଫର୍ନିଚର ଏବଂ ଅନ୍ୟାନ୍ୟ ସାମଗ୍ରୀ ରଖିଲେ ତାହା ସୁନ୍ଦର ଲାଗିବା ସହ ଚଲାବୁଲା କରିବାରେ ମଧ ଅସୁବିଧା ହେବ ନାହିଁ ସେଥିପାଇଁ ଏକ ଗ୍ରାଫ୍ ପ୍ରସ୍ତୁତ କରନ୍ତୁ। କାରଣ ସାମଗ୍ରୀ ଯେତେ ସୁନ୍ଦର ହୋଇଥାଉ ନା କାହିଁ ଆବଶ୍ୟକରୁ ଅଧିକ ରଖିଲେ ତାହା ଦେଖିବାକୁ ଭଲ ଲାଗି ନ ଥାଏ।

❖ଯଦି ଡ୍ରଇଁରୁମ୍ ସଜାଇବା ଲାଗି ବିଭିନ୍ନ ଶୋ ପିସ୍, ୱାଲ୍‌ହାଙ୍ଗିଙ୍ଗ୍ କିମ୍ବା ଫୁଲଦାନୀ ବାଛୁଛନ୍ତି ତେବେ ମନେ ରଖନ୍ତୁ ଏଥିରେ ରୁମ୍ ଯେପରି ଅଧିକ ଭର୍ତ୍ତୀ ନ ଲାଗେ। ଡ୍ରଇଂରୁମ୍‌ର ୱାଲ୍ କଲରକୁ କଣ୍ଟ୍ରାଷ୍ଟ ଲୁକ୍ ଦେବା ଭଳି ଫୁଲ ରଖିଲେ ଅଧିକ ଆକର୍ଷଣୀୟ ଲାଗିବ। ତେବେ ଯଦି ମଲ୍ଟି କଲର ଫୁଲ ରଖୁଛନ୍ତି ତେବେ ତା'ର ସବୁ ପତ୍ର ଗ୍ରୀନ୍ ହିଁ ରଖନ୍ତୁ ଏବଂ ସିଙ୍ଗଲ କଲର ଫୁଲ ରଖୁଥିଲେ ମଲ୍ଟି କଲର ପତ୍ର ରଖିଲେ ଆଇକ୍ୟାଚି ଲାଗିବ।

❖ଯଦି ଡ୍ରଇଁରୁମର ସାଇଜ୍ ବଡ ତେବେ ଆପଣ ଚାହିଁଲେ ଶୋ'କେସ୍ ରଖି ସେଥିରେ ବିଭିନ୍ନ ପ୍ରକାର ଡେକୋରେଟିଭ୍ ପିସ୍ ରଖି ରୁମ୍‌ର ଶୋଭା ବଢାଇ ପାରିବେ।

❖ସେହିପରି ଡ୍ରଇଂରୁମକୁ ସୁନ୍ଦର କରିବା ଲାଗି ଏହାର କାନ୍ଥର କଲର ସହ କଣ୍ଟ୍ରାଷ୍ଟ ଲୁକ୍ ଦେବା ଭଳି ପରଦା ବାଛନ୍ତୁ। ତେବେ ତାହା ଫର୍ଣ୍ଣିଚର ସହ ସାମଞ୍ଜସ୍ୟ ରହିଲେ ଅଧିକ ଆକର୍ଷଣୀୟ ଲାଗିବ।

❖ଆପଣ ଚାହିଁଲେ ରୁମ୍‌ର ସ୍ପେଶ୍ ଅନୁଯାୟୀ ଛୋଟ କିମ୍ବା ବଡ ସୁନ୍ଦର କାର୍ପେଟ୍ ଆଣି ପକାଇ ପାରିବେ। ଏହା ବି ଡ୍ରଇଂରୁମ୍‌ର ଆକର୍ଷଣ ବଢାଇବାରେ ଏକ ପ୍ରମୁଖ ଭୂମିକା ବହନ କରିଥାଏ।

❖ଡ୍ରଇଁରୁମ୍‌ରେ ଭଲ ଭାବେ ଲାଇଟ୍ ବ୍ୟବସ୍ଥା କରନ୍ତୁ। ପ୍ରତ୍ୟେକ ସାମଗ୍ରୀକୁ ଏପରି ରଖନ୍ତୁ ଯେପରି ସେସବୁରେ ଭଲ ଭାବେ ଲାଇଟ୍ ପଡିବ। ନଚେତ୍ ଆପଣ ଯେତେ ସୁନ୍ଦର ସମାଗ୍ରୀରେ ଘର ସଜାନ୍ତୁ ନା କାହିଁକି ତାହାର ଆକର୍ଷଣ କମିଯିବ। ଯଦି ଡ୍ରଇଁରୁମ୍‌କୁ ବାହାର ଲାଇଟ୍ ଅସିବାର ସୁବିଧା ଅଛି ତେବେ ଦିନ ସମୟରେ ଭଲ ଲାଗିଥାଏ।

## ସଂକ୍ଷେପରେ

### ଦିନକରେ ମୁଦ୍ରା ମୂଲ୍ୟ ୬୭ ପଇସା ହ୍ରାସ

**ବମ୍ବେ,୧୭-୯:** ଆମେରିକୀୟ ଡଲାର ତୁଳନାରେ ଗତ ଦୁଇ ଦିନ ଧରି ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ସାମାନ୍ୟ ମଜଭୁତ ହୋଇଥିବା ବେଳେ ସୋମବାର ଏହା ପୁଣି ୬୭ ପଇସା ଦୁର୍ବଳ ହୋଇଛି। ଫଳରେ ସୋମବାର କାରବାର ଶେଷ ବେଳକୁ ଏହା ୭୨ ଟଙ୍କା ୫୧ ପଇସାକୁ ଖସି ଆସିଛି। ଅର୍ଥାତ୍ ଆମେରିକାର ଏକ ଡଲାର ପାଇଁ ଭାରତକୁ ୭୨ ଟଙ୍କା ୫୧ ପଇସା ଗଣିବାକୁ ପଡ଼ିବ। ସୂଚନା ଅନୁସାରେ ବୈଦେଶିକ ମୁଦ୍ରାଭଣ୍ଡାରକୁ ସୁଦୃଢ଼ କରିବା ଏବଂ ଦେଶରେ ଆମଦାନୀ ହ୍ରାସ କରିବା ପାଇଁ ସରକାର ଶୁକ୍ରବାର କେତୋଟି ପଦକ୍ଷେପ ସମ୍ପର୍କରେ ଘୋଷଣା କରିଥିଲେ। କିନ୍ତୁ ନିବେଶକଙ୍କ ଆଶାକୁ ଏହା ପୂରଣ କରିବାରେ ବିଫଳ ହେବାରୁ ମୁଦ୍ରାର ବିନିମୟ ମୂଲ୍ୟ ପୁଣି ହ୍ରାସ ପାଇଛି। ସୂଚନା ଅନୁସାରେ ସୋମବାର କାରବାର ମଧ ଭାଗରେ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ୭୨ ଟଙ୍କା ୭୦ ପଇସାକୁ ଖସି ଆସିଥିଲା। ପରେ ଏଥିରେ ସାମାନ୍ୟ ଉନ୍ନତି ଘଟି ୭୨ ଟଙ୍କା ୩୦ ପଇସା ପର୍ଯ୍ୟନ୍ତ ସୁଦୃଢ଼ ହୋଇଥିଲେ ମଧ କାରବାର ଶେଷ ବେଳକୁ ୭୨.୫୧ ଟଙ୍କାରେ ବନ୍ଦ ହୋଇଥିଲା।

### ୧୪%ରୁ ଅଧିକ ବଢ଼ିବ ପ୍ରତ୍ୟକ୍ଷ ଟିକସ ଆଦାୟ

**ନୂଆଦିଲ୍ଲୀ,୧୭-୯:** ଚଳିତ ଆର୍ଥିକ ବର୍ଷରେ ଦେଶରେ ପ୍ରତ୍ୟକ୍ଷ ଟିକସ ଆଦାୟ ପରିମାଣ ୧୧.୫ ଲକ୍ଷ କୋଟି ଟଙ୍କା ଟପିବ। କେନ୍ଦ୍ର ସରକାର ଏହି ବିଶ୍ୱାସ ରଖିଛନ୍ତି। ଏହି ଧାର୍ଯ୍ୟ ଲକ୍ଷ୍ୟ ହାସଲ ହେଲେ ୨୦୧୭-୧୮ ଆର୍ଥିକ ବର୍ଷ ତୁଳନାରେ ପ୍ରତ୍ୟକ୍ଷ ଟିକସ ଆଦାୟ ପରିମାଣ ଚଳିତ ଆର୍ଥିକ ବର୍ଷରେ ୧୪.୩% ବୃଦ୍ଧି ପାଇବ। କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ଅଧକ୍ଷ ସୁଶୀଲ ଚନ୍ଦ୍ରା ସୋମବାର ଏହା କହିଛନ୍ତି। ଅନ୍ୟପକ୍ଷରେ ଦେଶର ମହାଲେଖାକାରଙ୍କ ପ୍ରଦତ୍ତ ତଥ୍ୟ ଅନୁସାରେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଏଥିରେ ୪.୨% ବୃଦ୍ଧି ପାଇଥିଲା। ସେହିପରି ଚଳିତ ଆର୍ଥିକ ବର୍ଷରେ ଏ ପର୍ଯ୍ୟନ୍ତ ମୋଟ ୯୫ ହଜାର କୋଟି ଟଙ୍କା ଟିକସ ଫେରସ୍ତ କରାଯାଇଛି। କିନ୍ତୁ ଜୁନ୍ ୩୦ ସୁଦ୍ଧା ଯେତେ ସବୁ ରିଫଣ୍ଡ୍ କ୍ଲେମ୍ କରାଯାଇଛି ତାହାର ୯୯% ସମାଧାନ ହୋଇନାହିଁ ବୋଲି ସିବିଡିଟି ପକ୍ଷରୁ ପ୍ରକାଶ।

### ଏନ୍ଏଚ୍ଏଆଇର ନୂତନ ଅଧକ୍ଷ ସଞ୍ଜୀବ ରଞ୍ଜନ

**ନୂଆଦିଲ୍ଲୀ,୧୭-୯:** ବରିଷ୍ଠ ପ୍ରଶାସନିକ ଅଧିକାରୀ ସଞ୍ଜୀବ ରଞ୍ଜନ ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ(ଏନ୍ଏଚ୍ଏଆଇ)ର ନୂତନ ଅଧକ୍ଷ ଭାବେ ନିଯୁକ୍ତି ପାଇଛନ୍ତି। ସେହିପରି ଅନ୍ୟତମ ବରିଷ୍ଠ ଅଧିକାରୀ ସଞ୍ଜୟ ଅଗ୍ରୱାଲ କୃଷି ସଚିବ ଭାବେ ନିଯୁକ୍ତି ପାଇଛନ୍ତି। କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ନିର୍ଦ୍ଦେଶନାମା ଅନୁସାରେ ଏହି ଖବର ଜଣାପଡିଛି। ସେହିପରି ଭାରତୀୟ ଜାତୀୟ ଅଭିଲେଖାଗାରର ମହାନିର୍ଦ୍ଦେଶକ ପ୍ରିତମ ସିଂ ନ୍ୟାଶନାଲ୍ କମିଶନ ଫର ସିଡ୍ୟୁଲ୍ କାଷ୍ଟର ସଚିବ ହୋଇଛନ୍ତି। କେନ୍ଦ୍ରୀୟ ସୂଚନା ଆୟୋଗର(ସିଆଇସି)ର ସଚିବ ଭାବେ ଅନିତା ଭଟ୍ଟନାଗର ନିଯୁକ୍ତ ହେବେ। ଜିଏସ୍‌ଟି ପରିଷଦର ସଚିବ ଭାବେ ରାଜୀବ ରଞ୍ଜନ ଦାୟିତ୍ୱ ଗ୍ରହଣ କରିବେ। ଏଥିସହିତ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଆଇଏଏସ୍ ଅଧିକାରୀ ଯୁଗ୍ମ ସଚିବରୁ ଅତିରିକ୍ତ ସଚିବ ସ୍ତରକୁ ପଦୋନ୍ନତି ପାଇଛନ୍ତି ବୋଲି କାର୍ମିକ ମନ୍ତ୍ରଣାଳୟ ପ୍ରଦତ୍ତ ତଥ୍ୟରୁ ଜଣାପଡ଼ିଛି।

### ବାଂଲାର ବନ୍ଦର ବ୍ୟବହାର କରିପାରିବ ଭାରତ

**ଢାକା,୧୭-୯:** ଉତ୍ତର-ପୂର୍ବ ଭାରତରେ ସାମଗ୍ରୀ ନେବାଆଣିବା ଲାଗି ବାଂଲାଦେଶର ଚିଟାଗଙ୍ଗ ଓ ମୋଙ୍ଗଲା ବନ୍ଦରକୁ ଭାରତ ବ୍ୟବହାର କରିପାରିବ। ଏନେଇ ବାଂଲାଦେଶ ସରକାର ନିଷ୍ପତ୍ତି ନେଇଛନ୍ତି। ସୋମବାର ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ଅଧକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଏ ସଂକ୍ରାନ୍ତରେ ଆଗତ ଏକ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଏହାଦ୍ୱାରା ଭାରତ ଓ ବାଂଲାଦେଶ ମଧରେ ସମ୍ପର୍କ ଆହୁରି ଦୃଢ଼ ହେବ ବୋଲି ବୈଠକ ଶେଷରେ କ୍ୟାବିନେଟ ସଚିବ ସଫିଉଲ୍ ଆଲମ୍ କହିଛନ୍ତି। ପ୍ରସ୍ତାବ ଅନୁଯାୟୀ ଦୁଇଦେଶ ମଧରେ ଏ ନେଇ ୫ ବର୍ଷିଆ ଚୁକ୍ତି ସ୍ୱାକ୍ଷରିତ ହେବ ଏବଂ ପରବର୍ତ୍ତୀ ୫ ବର୍ଷ ପାଇଁ ଏହା ସ୍ୱତଃ ନବୀକରଣ ହୋଇଯିବ। ତେବେ ୬ ମାସର ନୋଟିସ୍ ଦେଇ ଯେକୌଣସି ଦେଶ ଏହି ଚୁକ୍ତିରୁ ଓହରି ଯାଇପାରିବ। ତେବେ ଏଥିରେ ନେପାଳ ଓ ଭୁଟାନ ସାମିଲ ହେବାକୁ ଆଗ୍ରହ ଦେଖାଇଲେ ସେମାନଙ୍କୁ ମଧ ଏହି ଚୁକ୍ତିରେ ସାମିଲ କରାଯିବ ଏବଂ ସେମାନେ ମଧ ଉକ୍ତ ୨ ବନ୍ଦରକୁ ବ୍ୟବହାର କରିପାରିବେ। ତେବେ ବାଂଲାଦେଶ ବାଟେ ସାମଗ୍ରୀ ପରିବହନ ବେଳେ କେବଳ ତାଙ୍କ ଦେଶର ଜାହାଜ ବ୍ୟବହାର କରାଯିବ ବୋଲି ଆଲମ୍ ସ୍ପଷ୍ଟ କରିଛନ୍ତି।

---

“ଅଙ୍ଗନୱାଡି ଓ ଆଶା କର୍ମୀଙ୍କୁ ଖୁବ୍ ଶୀଘ୍ର ମାଗଣାରେ ଉଭୟ ଜୀବନ ବୀମା ଓ ସ୍ୱାସ୍ଥ୍ୟବୀମା ପ୍ରଦାନ କରାଯିବା।

– ସନ୍ତୋଷ କୁମାର ଗଙ୍ଗୱର, ଶ୍ରମମନ୍ତ୍ରୀ



“ଆଗାମୀ ୪ରୁ୫ ବର୍ଷ ମଧରେ କେଣ୍ଟ୍ ଆର୍‌ଓ ସିଷ୍ଟମ ଏହାର ତୃତୀୟ ମାନୁଫାକ୍‌ଚରିଂ ୟୁନିଟ୍ ନୋଏଡାଠାରେ ସ୍ଥାପନ କରିବ।

– ମହେଶ ଗୁପ୍ତା, ଅଧକ୍ଷ,କେଣ୍ଟ୍ ଆର୍‌ଓ



# ମିଶିବେ ବିଓବି, ଦେନା, ବିଜୟା ବ୍ୟାଙ୍କ

**ନୂଆଦିଲ୍ଲୀ,୧୭-୯**

ଦେଶର ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ଲକ୍ଷ୍ୟରେ କେନ୍ଦ୍ର ସରକାର ସୋମବାର ବ୍ୟାଙ୍କ ଅଫ ବରୋଦା(ବିଓବି), ଦେନା ବ୍ୟାଙ୍କ ଏବଂ ବିଜୟା ବ୍ୟାଙ୍କକୁ ମିଶାଇ ଦେବା ଲାଗି ଘୋଷଣା କରିଛନ୍ତି। ଏହାଦ୍ୱାରା ଦେଶରେ ତୃତୀୟ ସର୍ବବୃହତ୍ ବ୍ୟାଙ୍କ ପ୍ରତିଷ୍ଠା ସମ୍ଭବ ହେବ। ପୂର୍ବରୁ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏହାର ୫ଟି ସହାୟକ ବ୍ୟାଙ୍କ ଏବଂ ଭାରତୀୟ ମହିଳା ବ୍ୟାଙ୍କକୁ ନିଜ ସହ ମିଶାଇ ଦେଶର ସର୍ବବୃହତ୍ ବ୍ୟାଙ୍କ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଥିଲା। ସରକାରଙ୍କ ନିଷ୍ପତ୍ତି ସମ୍ପର୍କରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଘୋଷଣା କରି ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ କହିଛନ୍ତି ଯେ, ଏହାଦ୍ୱାରା ବ୍ୟାଙ୍କଗୁଡିକ ଅଧିକ ଶକ୍ତିଶାଳୀ ହେବେ ଏବଂ ସେମାନଙ୍କର ଋଣ ଦେବାର କ୍ଷମତା ବୃଦ୍ଧି ପାଇବ। ଏନ୍‌ପିଏ ଯୋଗୁ ବ୍ୟାଙ୍କଗୁଡିକ ଋଣ ପ୍ରଦାନ କରୁ ନ ଥିବାରୁ କର୍ପୋରେଟ ଜଗତ ପ୍ରଭାବିତ ହେଉଛି। ସେ କହିଛନ୍ତି, ଅତ୍ୟଧିକ ଋଣ ପ୍ରଦାନ ଯୋଗୁ ଅଧିକାଂଶ ବ୍ୟାଙ୍କର ଆର୍ଥିକ ସ୍ଥିତି ଆଦୌ ଭଲ ନାହିଁ। ଏହି ମିଶ୍ରଣ ଯୋଗୁ ବ୍ୟାଙ୍କିଙ୍ଗ୍ ସେବା ଅଧିକ ଶକ୍ତିଶାଳୀ ହେବ। ମିଶ୍ରଣ ହେବାକୁ ଥିବା ଉକ୍ତ ୩ଟି ବ୍ୟାଙ୍କର କର୍ମଚାରୀଙ୍କ ଚାକିରି ସର୍ତ୍ତାବଳୀ ପ୍ରଭାବିତ ହେବ ନାହିଁ ବୋଲି ଜେଟ୍‌ଲୀ କହିଛନ୍ତି। ଅନ୍ୟପକ୍ଷରେ ଉକ୍ତ ୩ଟି ବ୍ୟାଙ୍କର ଏନ୍‌ପିଏ ମଧ ସର୍ବାଧିକ ସ୍ତରରେ ରହିଥିବାରୁ ସେମାନଙ୍କୁ ଅଧିକ ପୁଞ୍ଜି ଦେବାର ଆବଶ୍ୟକତା ରହିଛି ବୋଲି ଉଲ୍ଲେଖ କରି ଅର୍ଥମନ୍ତ୍ରୀ କହିଛନ୍ତି, ବାସେଲ-୩ ସର୍ତ୍ତାବଳୀ ଅନୁଯାୟୀ ସେମାନଙ୍କ ନିକଟରେ ଅର୍ଥ ରହିବା ଆବଶ୍ୟକ। ଆର୍ଥିକ ସେବା ସଚିବ ରାଜୀବ କୁମାର କହିଛନ୍ତି, ଉକ୍ତ ୩ ବ୍ୟାଙ୍କର ବୋର୍ଡ ମିଶ୍ରଣ ପ୍ରସ୍ତାବର ପରୀକ୍ଷା କରିବେ। ଏହି ମିଶ୍ରଣ ଦ୍ୱାରା କାର୍ଯ୍ୟଦକ୍ଷତାରେ ଉନ୍ନତି ଆସିବା ସହ ଗ୍ରାହକ ସେବା ବୃଦ୍ଧି ପାଇବ। ସେ କହିଛନ୍ତି ଯେ, କର୍ମଚାରୀଙ୍କ ସ୍ୱାର୍ଥ ରକ୍ଷା କରାଯିବ ଏବଂ ବ୍ରାଣ୍ଡ ଇକ୍ୟୁଟିକୁ ସୁରକ୍ଷିତ ରଖାଯିବ। ଏହାପରେ ଦେନା ବ୍ୟାଙ୍କ, ବିଜୟା ବ୍ୟାଙ୍କ ଏବଂ ବ୍ୟାଙ୍କ ଅଫ୍ ବରୋଦାକୁ ଆର୍ଥିକ ସହାୟତା ଦିଆଯିବ। ମିଶ୍ରଣ ପରେ ମଧ ଉକ୍ତ ୩ଟି ବ୍ୟାଙ୍କ ସ୍ୱତନ୍ତ୍ର ଭାବେ କାର୍ଯ୍ୟ କରିବେ। ମିଶ୍ରଣ ଘୋଷଣା ଅବସରରେ ଅର୍ଥ ମନ୍ତ୍ରୀ ଜେଟ୍‌ଲୀ ଏନ୍‌ପିଏକୁ ନେଇ ଉପା ସରକାରଙ୍କ ଉପରେ ବର୍ଷିଥିଲେ। ସେ କହିଛନ୍ତି ଯେ, ଏନ୍‌ପିଏର ପ୍ରକୃତ ଚିତ୍ର ୨୦୧୫ରେ ଜଣାପଡିଥିଲା। ଉପା ସରକାର ଏହାକୁ କାର୍ପେଟ ତଳେ ଲୁଚାଇଥିଲେ ବୋଲି ଜେଟ୍‌ଲୀ ଅଭିଯୋଗ କରିଛନ୍ତି।

- ପୂର୍ବରୁ ଏସ୍‌ବିଆଇ ସହ ୬ ବ୍ୟାଙ୍କ ମିଶିଥିଲେ
- ମିଶ୍ରଣ ପରେ ଦେଶର ତୃତୀୟ ସର୍ବବୃହତ୍ ବ୍ୟାଙ୍କ ହେବ
- କର୍ମଚାରୀଙ୍କ ଚାକିରି ସର୍ତ୍ତାବଳୀ ବଦଳିବନି

ଟଙ୍କା, ଟ୍ରେଡ୍ ୱାର୍ ଚିନ୍ତା ବଢ଼ାଇଲା

# ଷ୍ଟକ୍ ମାର୍କେଟ ଧରାଶାୟୀ

**ମୁମ୍ବାଇ,୧୭-୯**



ଆମେରିକା ଓ ଚାଇନା ମଧରେ ଟ୍ରେଡ୍ ୱାର୍ ଆହୁରି ଘନେଇଥିବା ବେଳେ ଟଙ୍କାର ମୂଲ୍ୟ ପୁଣି ୭୨ ପାର୍ କରିଯାଇଛି। ଫଳରେ ସୋମବାର ଏହାର ପ୍ରଭାବ ଷ୍ଟକ୍ ବଜାରରେ ଦେଖିବାକୁ ମିଳିଥିଲା। କାରବାର ବନ୍ଦ ହେବା ବେଳକୁ ସେନ୍‌ସେକ୍ସ ୫୦୫.୧୩ ପଏଣ୍ଟ ହ୍ରାସ ପାଇ ୩୭,୫୮୫.୫୧ ଏବଂ ନିଫ୍ଟି ୧୩୭.୪୫ ପଏଣ୍ଟ କମି ୧୧,୩୭୭.୭୫ରେ ପହଞ୍ଚିଥିଲା। ସୋମବାର ବଜାର ହ୍ରାସ ପାଇଁ ମୁଖ୍ୟତଃ ୪ଟି କାରଣ ଦାୟୀ ବୋଲି କୁହାଯାଉଛି। ପ୍ରଥମତଃ ଚାଇନାର ଅଧିକ ସାମଗ୍ରୀ ଉପରେ ଆମେରିକା ଟାରିଫ ବୃଦ୍ଧି କରିବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି। ଚାଇନାର କମ୍ୟୁନିଷ୍ଟ ପାର୍ଟି ମୁଖପତ୍ର ଗ୍ଲୋବାଲ ଟାଇମ୍ସ ଏହାର ଜବାବରେ କହିଥିଲା ଯେ, ଆମେରିକାକୁ ମଧ ଚାଇନା ଉଚିତ୍ ଜବାବ ଦେବ। ଏଥିଯୋଗୁ ବିଶ୍ୱ ଅର୍ଥନୀତିରେ ଅସ୍ଥିରତା ଆହୁରି ଗଭୀର ହେବ ବୋଲି ନିବେଶକଙ୍କ ମଧରେ ଆଶଙ୍କା ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଟଙ୍କାରେ ସ୍ଥିରତା ତଥା ଚଳନ୍ତି ଜମା ନିଅଣ୍ଟ ପରିମାଣ ହ୍ରାସ ଲାଗି କେନ୍ଦ୍ର ସରକାର ଘୋଷଣା କରିଥିବା ୫ ସୂତ୍ରୀ ପଦକ୍ଷେପ ନିବେଶକଙ୍କୁ ଆକର୍ଷିତ କରି ନ ପାରିବା ଷ୍ଟକ୍ ହ୍ରାସର ଦ୍ୱିତୀୟ କାରଣ କୁହାଯାଉଛି। ସେହିପରି ସୋମବାର ଡଲାର ତୁଳନାରେ ଟଙ୍କା ପୁଣି ୭୨ ସ୍ତର ପାର୍ କରିବା, ବିଦେଶୀ ପୁଞ୍ଜି ନିବେଶକମାନେ ପୁଞ୍ଜି ପ୍ରତ୍ୟାହାର କରୁଥିବାରୁ ନିବେଶକଙ୍କ ମଧରେ ଭୟର ବାତାବରଣ ଖେଳିଯାଇଥିଲା ଦେଇଛନ୍ତି ବୋଲି ରିଲାଏନ୍ସ ସିକ୍ୟୁରିଟିଜର ଗବେଷଣା ମୁଖ୍ୟ ନବୀନ କୁଲକର୍ନି ପ୍ରକାଶ କରିଛନ୍ତି।

# ନିଷିଦ୍ଧ ତାଲିକାରୁ ବାଦ୍ ପଡ଼ିଲା ୩ ଔଷଧ

**ନୂଆଦିଲ୍ଲୀ,୧୭-୯**

**କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟ ନୋଟିସ**



କେନ୍ଦ୍ର ସରକାର ଫିକ୍ସ ଡୋଜ୍ କମ୍ବିନେଶନ(ଏଫ୍‌ଡିସି) କୁହାଯାଉଥିବା ୩୨୮ ପ୍ରକାର ଔଷଧକୁ ନିଷିଦ୍ଧ ଘୋଷଣା କରି ଏକ ତାଲିକା ପ୍ରକାଶ କରିଥିଲେ। ତେବେ ସୁପ୍ରିମକୋର୍ଟ ସୋମବାର ସାରିଡନ, ପାଇରିଟନ ଏକ୍ସପେକ୍ଟୋରାଣ୍ଟ ଏବଂ ଡାର୍ଟକୁ ଏହି ତାଲିକାରୁ ବାଦ୍ ଦେଇଛନ୍ତି। ଏଣିକି ଏହି ୩ ପ୍ରକାର ଔଷଧ ବିକ୍ରି କରାଯାଇପାରିବ। ଅଦାଲତର ଏହି ଆଦେଶ ଯୋଗୁ ଗ୍ଲାକ୍ସୋସ୍ମିଥ୍‌କ୍ଲାଇନ ଓ ପିରାମଲ କମ୍ପାନୀ ଆଶ୍ୱସ୍ତ ହୋଇଛି। କାରଣ ସେମାନେ ଉକ୍ତ ଔଷଧକୁ ଦେଶରେ ମାର୍କେଟିଂ କରନ୍ତି। ଅନ୍ୟପକ୍ଷରେ ଔଷଧ ନିଷିଦ୍ଧ ଘୋଷଣାକୁ ବିରୋଧକରି ଏକାଧିକ ନିର୍ମାତାଙ୍କ ପକ୍ଷରୁ ଆଗତ ମାମଲାରେ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଉକ୍ତ ଦୁଇ କମ୍ପାନୀ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା ଯେ, ସାରିଡନ ଓ ଅନ୍ୟ ଦୁଇଟି କମ୍ପାନୀ ଉକ୍ତ ଔଷଧକୁ ୧୯୮୮ ପୂର୍ବରୁ ଉତ୍ପାଦନ କରି ଆସୁଥିଲା। ସୁପ୍ରିମକୋର୍ଟ ଏଥିପୂର୍ବରୁ ଏଭଳି ୧୫ ପ୍ରକାର ଔଷଧର ବିକ୍ରିକୁ ଅନୁମତି ଦେଇଥିବାରୁ ଉକ୍ତ ଔଷଧକୁ ମଧ ବିକ୍ରି ପାଇଁ ଅନୁମତି ଦେବା ଦରକାର। ଅନ୍ୟପକ୍ଷରେ ଔଷଧ ନିର୍ମାତାମାନେ ସରକାରଙ୍କ ନିର୍ଦ୍ଦେଶକୁ ବିରୋଧ କରି ଯୁକ୍ତି ଦର୍ଶାଇଛନ୍ତି ଯେ, କେବଳ 'ଚିକିତ୍ସା ଲାଗି ଉପଯୁକ୍ତ ନୁହେଁ' ଦର୍ଶାଇ କେନ୍ଦ୍ର ସରକାର ୩୨୮ ପ୍ରକାର ଔଷଧକୁ ନିଷିଦ୍ଧ କରିଦେଲେ। ଏହା ଯୁକ୍ତିସଙ୍ଗତ ନୁହେଁ। ଉଲ୍ଲେଖଥାଉକି, ସରକାର ନିଷିଦ୍ଧ ଘୋଷଣା କରିଥିବା ଔଷଧଗୁଡିକ ମଧରେ ସାରିଡନ, କୋରେକ୍ସ, ସୁମୋ, ଜେରୋଡଲ୍, ଫେନ୍ସିଡିଲ୍, ଜିଣ୍ଟାପ୍, ଡିକୋଲ୍ଡ ଭଳି ମୁଣ୍ଡବିନ୍ଧା, ସର୍ଦ୍ଦି, କାଶ, ନାଳଝାଡା, ପେଟ ବିନ୍ଧା ଔଷଧ ରହିଛି। ଏହାଛଡା କେତେକ ପ୍ରକାର ଆଣ୍ଟିବାୟୋଟିକ୍ସ, ପେନ୍ କିଲର, ଡାଇବେଟିସ ଓ ହୃଦ୍‌ଘାତ ଔଷଧ ରହିଛି ଯାହାକୁ ନିଷିଦ୍ଧ କରାଯାଇଛି। ନିଷିଦ୍ଧ ଘୋଷିତ ଔଷଧ ବ୍ୟତୀତ ବଜାରରେ ଆହୁରି ପ୍ରାୟ ୨୦୦୦ ପ୍ରକାର ଏଭଳି ଔଷଧର ବିକ୍ରି ହେଉଛି। ଆଗାମୀ ଦିନରେ ସରକାର ଆହୁରି ୫୦୦ ପ୍ରକାରର ଏଭଳି ଔଷଧକୁ ନିଷିଦ୍ଧ ଘୋଷଣା କରିବାକୁ ଯାଉଛନ୍ତି। ସୂଚନାଥାଉ କି, ସୁପ୍ରିମକୋର୍ଟ ନିର୍ଦ୍ଦେଶରେ ଡ୍ରଗ ଟେକ୍ନିକାଲ ଆଡଭାଇଜରି ବୋର୍ଡ ଏକ କମିଟି ଗଠନ କରିଥିଲେ। ଏହି କମିଟି ୩୪୩ ଔଷଧକୁ ନିଷେଧ କରିବା ଲାଗି ସୁପାରିସ କରିବା ସହ ଅନ୍ୟ ୬ଟିର ନିର୍ମାଣ ଓ ବିକ୍ରି ଲାଗି କିଛି ସର୍ତ୍ତାରୋପ କରିଥିଲେ। ସରକାର ଏମାନଙ୍କ ମଧରୁ ୩୨୮ ପ୍ରକାର ଔଷଧକୁ ହିଁ ନିଷେଧ କରିଥିଲେ। ଏଥିପୂର୍ବରୁ ସରକାର ୩୪୯ ପ୍ରକାର ଔଷଧକୁ ନିଷିଦ୍ଧ କରିଥିଲେ। କିନ୍ତୁ ଏହାକୁ ବିରୋଧକରି ଔଷଧ ନିର୍ମାତାମାନେ ସୁପ୍ରିମକୋର୍ଟ ଓ ବିଭିନ୍ନ ହାଇକୋର୍ଟରେ ମାମଲା ଦାଏର କରିଛନ୍ତି। ଆମେରିକା,ଜାପାନ, ଫ୍ରାନ୍ସ, ଜର୍ମାନୀ ଓ ବ୍ରିଟେନରେ ଏଫ୍‌ଡିସି ଔଷଧକୁ ନିଷିଦ୍ଧ କରାଯାଇଛି। ଭାରତ ସମେତ ଅନେକ ବିକାଶଶୀଳ ଦେଶରେ ଏହାକୁ ଖୋଲାଖୋଲି ବିକ୍ରି କରାଯାଉଛି। ଏଠାରେ ସ୍ପଷ୍ଟ କରାଯାଉଛି ଯେ, ଏକାଧିକ ଔଷଧକୁ ମିଶାଇ ଏଫ୍‌ଡିସି ଔଷଧ ନିର୍ମାଣ କରାଯାଇଥାଏ।

୨୯ ଆମେରିକୀୟ ଉତ୍ପାଦର ଟାରିଫ୍ ବୃଦ୍ଧି ଲାଗୁ

# ସମୟସୀମା ଗଡ଼ାଇ ଚାଲିଛି ଭାରତ



**ନୂଆଦିଲ୍ଲୀ,୧୭-୯**

ଭାରତରୁ ଆସୁଥିବା ଷ୍ଟିଲ ଓ ଆଲୁମିନିୟମ ଉପରେ ଆମେରିକା ଟାରିଫ ବୃଦ୍ଧି କରିବା ପରେ ଭାରତ ମଧ ଏହାର ପାଲଟା ଜବାବ ଦେବାକୁ ସ୍ଥିର କରିଥିଲା। ଆଲମଣ୍ଡ, ୱାଲନଟ୍ ଏବଂ ଡାଲି ଜାତୀୟ ଶସ୍ୟ ସମେତ ଆମେରିକାର ୨୯ ପ୍ରକାର ଉତ୍ପାଦ ଉପରେ ଭାରତ ଟାରିଫ ବୃଦ୍ଧି କରିବ ବୋଲି ଜୁନ୍‌ରେ ଘୋଷଣା କରିଥିଲା। ଅଗଷ୍ଟ ୪ରୁ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ସେତେବେଳେ କୁହାଯାଇଥିଲେ ହେଁ ପରେ ଏହାକୁ ୪୫ ଦିନ ପାଇଁ ବଢ଼ାଇ ସେପ୍ଟେମ୍ବର ୧୮ରୁ ଲାଗୁ କରାଯିବ ବୋଲି କୁହାଗଲା। କିନ୍ତୁ ସୋମବାର ଜଣେ ସରକାରୀ ଅଧିକାରୀ କହିଛନ୍ତି, ଆମେରିକା ସହ ଏ ନେଇ ଆଲୋଚନା ଚାଲିଥିବାରୁ ଏବେ ଟାରିଫ ବୃଦ୍ଧି ଲାଗୁ କରାଯିବ ନାହିଁ। ଟାରିଫ ଲାଗୁ କରାଯିବାର ସମୟସୀମାକୁ ସୋମବାର ରାତିରୁ ହିଁ ବଢ଼ାଯିବ। ଆମେରିକା ଓ ଭାରତ ମଧରେ ବାଣିଜ୍ୟ ଚୁକ୍ତି ଲାଗି ଦୁଇ ଦେଶର ବରିଷ୍ଠ ଅଧିକାରୀଙ୍କ ମଧରେ ଆଲୋଚନା ଚାଲିଛି। ଏହି କାରଣରୁ ଟାରିଫ ବୃଦ୍ଧି ଲାଗୁ କରିବାରୁ ଭାରତ ପଛାଉଛି।

କିଙ୍ଗ୍‌ଫିଶର ଏୟାରଲାଇନ୍ସକୁ ଋଣ ପ୍ରଦାନ

# ଆର୍‌ବିଆଇର ପୂର୍ବତନ ଡେପୁଟି ଗଭର୍ନର ସିବିଆଇ ନଜରରେ

**ନୂଆଦିଲ୍ଲୀ,୧୭-୯**



ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ)ର ପୂର୍ବତନ ଡେପୁଟି ଗଭର୍ନର କେ.ସି.ଚକ୍ରବର୍ତ୍ତୀ କିଙ୍ଗ୍‌ଫିଶର ଏୟାରଲାଇନ୍ସକୁ ଋଣ ଦେବା ସମେତ ଦୁଇଟି ମାମଲାରେ ସିବିଆଇ ନଜରରେ ରହିଛନ୍ତି। ଚକ୍ରବର୍ତ୍ତୀଙ୍କ ବିରୋଧରେ ଲୁକ୍‌ଆଉଟ ନୋଟିସ ଜାରି କରାଯାଇଥିଲା। ଯାହାକୁ ପ୍ରତ୍ୟାହାର କରିବା ଲାଗି ସ୍ୱୟଂ ଚକ୍ରବର୍ତ୍ତୀ ଅଦାଲତର ଦ୍ୱାରସ୍ଥ ହୋଇଛନ୍ତି। ଏହାର ଶୁଣାଣି ବେଳେ ସିବିଆଇ ଅଦାଲତକୁ ଉକ୍ତ ସୂଚନା ଦେଇଛନ୍ତି। ଉଲ୍ଲେଖଥାଉ କି, ଲୁକ୍‌ଆଉଟ ନୋଟିସ ଜାରି କରାଯିବା ପରେ ଜଣେ ବ୍ୟକ୍ତି ଦେଶ ଛାଡି ଯାଇପାରିବେ ନାହିଁ। ଚକ୍ରବର୍ତ୍ତୀଙ୍କ କ୍ଷେତ୍ରରେ ଦିଲ୍ଲୀର ଏକ ଟ୍ରାଭେଲ କମ୍ପାନୀ ଏୟାରୱର୍ଥ ଟ୍ରାଭେଲ୍ସ ଆଣ୍ଡ୍ ଟୁରସ୍ ମାମଲାରେ ଲୁକ୍‌ଆଉଟ ନୋଟିସ ଜାରି କରାଯାଇଥିଲା। ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ପକ୍ଷରୁ ଏହି କମ୍ପାନୀ ବିରୋଧରେ ଜାଲିଆତି ଅଭିଯୋଗ ଅଣାଯାଇ ମାମଲା ଦାୟର କରାଯାଇଥିଲା। ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ନର ରହିଥିବା ଚକ୍ରବର୍ତ୍ତୀ ମେ ୧୫ରେ ସିବିଆଇ ନିର୍ଦ୍ଦେଶକଙ୍କୁ ପତ୍ର ଲେଖି ସମସ୍ତ ଅଭିଯୋଗକୁ ଖଣ୍ଡନ କରିଥିଲେ। ତେବେ ସିବିଆଇ କୋର୍ଟର ସ୍ୱତନ୍ତ୍ର ବିଚାରପତି ସବିତା ରାଓ ଚକ୍ରବର୍ତ୍ତୀଙ୍କ ଆବେଦନକୁ ଖାରଜ କରିଥିଲେ। ଅଭିଯୁକ୍ତ ବିଦେଶ ଯାଇ ଆଉ ଫେରି ନ ପାରନ୍ତି ବୋଲି ସେ କହିଥିଲେ। ସୂଚନାଥାଉକି, ଚକ୍ରବର୍ତ୍ତୀ ଏବେ ବ୍ରିଟେନ ନାଗରିକ।

# ‘ଏଲ୍ ଆଣ୍ଡ ଟି ଫାଇନାନ୍ସ ପାଇଁ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ବଜାର’

**ଦେଶର ମାଇକ୍ରୋ ଲେଣ୍ଡିଂ (ଅଣୁ ଋଣ) କ୍ଷେତ୍ରରେ ଅଣ ବ୍ୟାଙ୍କିଙ୍ଗ୍ ବିତ୍ତ ପ୍ରତିଷ୍ଠାନ (ଏନ୍‌ବିଏଫ୍‌ସି)ଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ଏଭଳି ସଂସ୍ଥାଗୁଡିକ ସଂଖ୍ୟାରେ ବର୍ତ୍ତମାନ ବୃଦ୍ଧି ଘଟିଛି। ଏଲ୍ ଆଣ୍ଡ ଟି ଫାଇନାନ୍ସ ହୋଲଡିଂସ୍ ଲିମିଟେଡ(ଏଲ୍‌ଟିଏଫ୍‌ଏଚ୍) ଏହି କ୍ଷେତ୍ରରେ ଏକ ଦ୍ରୁତ ଅଭିବୃଦ୍ଧିଶୀଳ କମ୍ପାନୀ। ଏହା ରୁରାଲ ଫାଇନାନ୍ସ, ହାଉସିଂ ଫାଇନାନ୍ସ, ହୋଲସେଲ ଫାଇନାନ୍ସ, ଇନ୍‌ଭେଷ୍ଟମେଣ୍ଟ ମ୍ୟାନେଜ୍‌ମେଣ୍ଟ ଭଳି ବିଭିନ୍ନ ଫାଇନାନ୍‌ସିଆଲ ପ୍ରଡକ୍ଟ ଏବଂ ସେବା ପ୍ରଦାନ କରୁଛି। ଚଳିତବର୍ଷ ଜୁନ ଶେଷ ସୁଦ୍ଧା କମ୍ପାନୀର ଲୋନ୍ ବୁକ୍ ୮୬,୫୭୧ କୋଟି ଟଙ୍କା ଥିବା ବେଳେ ଆସେଟ୍ ଅଣ୍ଡର ମ୍ୟାନେଜ୍‌ମେଣ୍ଟ (ଏୟୁଏମ୍) ୮୯,୯୮୪ କୋଟି ଟଙ୍କା ରହିଛି। ରୁରାଲ ଫାଇନାନ୍ସକୁ କମ୍ପାନୀ ପ୍ରାଥମିକତା ଦେଉଥିବା ବେଳେ ଫାର୍ମ ଇକ୍ୱିପମେଣ୍ଟ ଫାଇନାନ୍ସ, ଟୁ-ହ୍ୱିଲର୍ସ ଫାଇନାନ୍ସ ଏବଂ ଅଣୁ ଋଣ ପ୍ରଦାନ କରୁଛି। ବଜାର ସ୍ଥିତି, କାର୍ଯ୍ୟ ପରିସର ତଥା ବିଭିନ୍ନ ପଦକ୍ଷେପ ନେଇ କମ୍ପାନୀର ରୁରାଲ ଫାଇନାନ୍ସ ମୁଖ୍ୟ କାର୍ଯ୍ୟନିର୍ବାହୀ ଏବଂ ମୁଖ୍ୟ ମାନବ ସମ୍ବଳ ଅଧିକାରୀ ସୁନୀଲ ପ୍ରଭୁନେ ଧରିତ୍ରୀକୁ ଦେଇଥିବା ସାକ୍ଷାତ୍‌କାର...**



**ଏନ୍‌ବିଏଫ୍‌ସିଗୁଡିକ ଲାଗି ଘରୋଇ ବଜାର କେତେ ଚ୍ୟାଲେଞ୍ଜିଂ?**

ମାଇକ୍ରୋଫାଇନାନ୍ସ କ୍ଷେତ୍ରରେ ରହିଥିବା ଚ୍ୟାଲେଞ୍ଜକୁ ଆମେ ସୁଯୋଗ ଭାବେ ଦେଖୁଛୁ। ୧୩୦ କୋଟି ଜନସଂଖ୍ୟା ବିଶିଷ୍ଟ ଦେଶରେ ନିଯୁକ୍ତି ସୁଯୋଗ ସୃଷ୍ଟି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ସଙ୍ଗଠିତ କ୍ଷେତ୍ର ପରିବର୍ତ୍ତେ ଅଣ ସଙ୍ଗଠିତ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟିର ବିଶେଷ ସମ୍ଭାବନା ରହିଛି। ଅଣୁ ଉଦ୍ୟୋଗୀମାନେ ଏହି କ୍ଷେତ୍ରରେ ବିଶେଷ ଭୂମିକା ଗ୍ରହଣ କରିପାରିବେ। ଏହି କ୍ଷେତ୍ରରେ ଋଣ ପ୍ରଦାନ ଲାଗି ଏନ୍‌ବିଏଫ୍‌ସିଗୁଡିକ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ପୂର୍ବରୁ ଦେଶରେ ଡାଟା କ୍ଷେତ୍ରରେ ବିଭିନ୍ନ ଅସୁବିଧା ରହିଥିଲା। ୬ ବର୍ଷ ତଳେ ୧୫%ରୁ କମ୍ ଯୁବବର୍ଗଙ୍କ ନିକଟରେ କ୍ରେଡିଟ୍ ବ୍ୟୁରୋ ଡାଟା ରହିଥିଲା। ବର୍ତ୍ତମାନ ୫୦% ଯୁବବର୍ଗଙ୍କ ନିକଟରେ କ୍ରେଡିଟ୍ ବ୍ୟୁରୋ ଡାଟା ଉପଲବ୍ଧ। ଆହୁରି ୫୦%ଙ୍କ ନିକଟରେ ଏଭଳି ତଥ୍ୟ ପହଞ୍ଚି ପାରି ନାହିଁ। ଦେଶରେ ଡାଟାର ଉପଲବ୍ଧତା ବର୍ତ୍ତମାନ ବଢୁଛି। ଏପରି ସ୍ଥିତିରେ ବିତ୍ତ ପ୍ରତିଷ୍ଠାନଗୁଡିକ ସେମାନଙ୍କ ଯୋଜନା ପ୍ରସ୍ତୁତ କରିବା ସହ ଅଧିକ ଲୋକଙ୍କ ନିକଟରେ ପହଞ୍ଚି ପାରିବେ।

**ଏଲ୍‌ଆଣ୍ଡଟିର ସ୍ଥିତିକୁ କିଭଳି ଦେଖୁଛନ୍ତି?**

ଇକ୍ରା, ଇଣ୍ଡିଆ ରେଟିଂ ଏବଂ କେୟାର ଭଳି ଦେଶର ପ୍ରମୁଖ ଏଜେନ୍ସିଗୁଡିକ ଏଲ୍‌ଆଣ୍ଡଟି ଫାଇନାନ୍ସକୁ ଟ୍ରିପଲ ଏ ରେଟିଂ ପ୍ରଦାନ କରିଛନ୍ତି। ଉଭୟ ଗ୍ରାମୀଣ ତଥା ଅର୍ଦ୍ଧ ସହରାଞ୍ଚଳ ବଜାର ଉପରେ ଆମେ ଧ୍ୟାନ କେନ୍ଦ୍ରିତ କରିଛୁ। ମାଇକ୍ରୋ ଫାଇନାନ୍ସ ଆମ ପାଇଁ ଏକ ଫୋକସ କ୍ଷେତ୍ର। ୬୦ ଲକ୍ଷରୁ ଅଧିକ ଗ୍ରାହକଙ୍କ ସହ ଯୋଡି ହୋଇଛୁ। ସାରା ଦେଶର ୧୮ହଜାର କର୍ମଚାରୀଙ୍କ ସହ ସେବା ଯୋଗାଇ ଦେଉଛୁ। କମ୍ପାନୀର ୧୩୦୦ ଟଚ୍ ପଏଣ୍ଟ ରହିଛି। ୮୬,୫୭୧ କୋଟି ଟଙ୍କା ଋଣ ପ୍ରଦାନ କରିଛୁ। ଏହା ସହ ୫୩୮ କୋଟି ଟଙ୍କା ଲାଭ ହାସଲ କରିଛୁ। ଡାଟା ଆନାଲିସିସ, ଡିଜିଟାଇଜେଶନ ସହ କାର୍ଯ୍ୟ କରୁଛୁ। ଋଣ ପ୍ରୋସେସିଂକୁ ତ୍ୱରାନ୍ୱିତ କରାଯାଇଛି। କ୍ରେଡିଟ ଇଞ୍ଜିନ ଦ୍ୱାରା ଋଣ ସଂକ୍ରାନ୍ତ ନିଷ୍ପତ୍ତି ଗ୍ରହଣ କରାଯାଉଛି। ସେହିଭଳି ଗ୍ରାହକଙ୍କ ସହ ଉତ୍ତମ ସମ୍ପର୍କକୁ ଧ୍ୟାନରେ ରଖିଛୁ। ବାୟୋମେଟ୍ରିକ ଡିଭାଇସ, ମୋବାଇଲ୍ ଦ୍ୱାରା ସେବା ଯୋଗାଣ ହେଉଛି। ଆମ ବାଣିଜ୍ୟ କ୍ଷେତ୍ରରେ ଏହା ବିପ୍ଳବ ଆଣିଛି। ପେପର ଭିତ୍ତିକ କାର୍ଯ୍ୟ ପରିବର୍ତ୍ତେ ମୋବାଇଲ ଆପ୍ଲିକେଶନରେ ଡୋର୍ ଷ୍ଟେପ ସେବା ପ୍ରଦାନକୁ ଗୁରୁତ୍ୱ ଦିଆଯାଉଛି। ଆମେ ସୁଗମତା, ତ୍ୱରିତ ସେବା ପ୍ରଦାନ ନେଇ କାର୍ଯ୍ୟ କରୁଛୁ।

**ଓଡ଼ିଶାରେ କମ୍ପାନୀ କେଉଁ ଭଳି ଯୋଜନା ସହ କାର୍ଯ୍ୟ କରୁଛି?**

ଗତ ବର୍ଷ ମାଇକ୍ରୋ ଫାଇନାନ୍ସ ଶିଳ୍ପ ୩୦ରୁ୪୦% ହାରରେ ଅଭିବୃଦ୍ଧି ହାସଲ କରିଛି। ଅଣପାରମ୍ପରିକ ଶକ୍ତି କ୍ଷେତ୍ରକୁ ଫାଇନାନ୍ସ ପ୍ରଦାନ କ୍ଷେତ୍ରରେ ଆମେ ପ୍ରମୁଖ ସ୍ଥାନରେ ରହିଛୁ। ଓଡିଶାରେ ୨୮ ଜିଲାରେ ଉପସ୍ଥିତି ଜାହିର କରିଛୁ। ଏଠାରେ ୮ ଲକ୍ଷରୁ ଅଧିକ ଗ୍ରାହକ ରହିଛନ୍ତି। ଓଡିଶାରେ ୧୮୦୦ ଶହ କୋଟି ଟଙ୍କା ଋଣ ପ୍ରଦାନ କରିଛୁ। ୧୪୦ ଶାଖା ଏଠାରେ ରହିଛି। ଗତ ବର୍ଷ ୩ ଲକ୍ଷ ଗ୍ରାହକ ଯୋଡିଛୁ। ଆମେ ଅଣୁ ଋଣ ବାଦ, ଫାର୍ମ ବିଜନେଶ ତଥା ଟୁହ୍ୱିଲର ଋଣ ପ୍ରଦାନ କରୁଛୁ। ଟୁହ୍ୱିଲର୍ସ ଋଣ କ୍ଷେତ୍ରରେ ୨ ମିନିଟରୁ କମ୍ ସମୟରେ ଋଣ ମଞ୍ଜୁରି ହେଉଛି। ଆସାମ, ତ୍ରିପୁରା, ବିହାର ଏବଂ ଝାଡଖଣ୍ଡ ବାଦ୍ ଓଡିଶା ବଜାର ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ଦେଶର ପୂର୍ବାଞ୍ଚଳରେ ଗ୍ରାହକମାନଙ୍କର ଋଣ ପୈଠ କ୍ଷେତ୍ରରେ ଉନ୍ନତ ଟ୍ରାକ ରେକର୍ଡ ରହିଛି। ସେହିଭଳି ପୂର୍ବାଞ୍ଚଳ ରାଜ୍ୟଗୁଡିକରେ ମାଇକ୍ରୋ ଫାଇନାନ୍ସ କ୍ଷେତ୍ରରେ ଅଣ୍ଡର ପେନିଟ୍ରେସନ ରହିଛି। ଏହି କ୍ଷେତ୍ରରେ ଅଭିବୃଦ୍ଧିର ବିପୁଳ ସୁଯୋଗ ରହିଛି। ଏଣୁ ଉନ୍ନତ ବ୍ୟବସାୟ ନେଇ ଆଶା ରଖିଛୁ। ଓଡିଶାରେ ଗତବର୍ଷ ୧୦୦% ବାଣିଜ୍ୟ ଅଭିବୃଦ୍ଧି ହାସଲ କରିବାକୁ ସକ୍ଷମ ହୋଇଛୁ।

**ସରକାର ବର୍ତ୍ତମାନ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ପ୍ରାଥମିକତା ଦେଉଛନ୍ତି। ଏହି ଧାରାରେ କମ୍ପାନୀ କିଭଳି ଭାଗୀଦାରି ରଖିଛି?**

ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ କମ୍ପାନୀ ମୂଳରୁ ପ୍ରାଥମିକତା ସହ ଦେଖି ଆସିଛି। ଆମ ସହ ଯୋଡି ହେଉଥିବା ଗ୍ରାହକଙ୍କୁ ଉନ୍ନତ ସେବା ଯୋଗାଣକୁ ଧ୍ୟାନ ଦେଉଛୁ। କଷ୍ଟମରଙ୍କୁ ଋଣ ପ୍ରଦାନ ଦିଗରେ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଅଣୁ ଋଣ ଗ୍ରହଣ କରୁଥିବା ଆମର ଗ୍ରାହକଙ୍କ ମଧରୁ ପ୍ରାୟ ୪୦% ନୂତନ ଗ୍ରାହକ। ଅଧିକରୁ ଅଧିକ ନୂଆ ଗ୍ରାହକଙ୍କ ନିକଟରେ ପହଞ୍ଚିବାକୁ ପଦକ୍ଷେପ ନେଉଛୁ। କମ୍ପାନୀର ମୋଟ ଗ୍ରାହକଙ୍କ ମଧରୁ ପ୍ରାୟ ୫୦% କେବଳ ଲେଣ୍ଡିଂ ରିଲେସନଶିପ୍ ଗ୍ରାହକ।

**ଡିଜିଟାଲ ଆର୍ଥିକ ସାକ୍ଷରତା ଦିଗରେ କମ୍ପାନୀ ଗ୍ରହଣ କରୁଥିବା ପଦକ୍ଷେପ ସମ୍ପର୍କରେ କ'ଣ କହିବେ?**

ଡିଜିଟାଲ ଆର୍ଥିକ ସାକ୍ଷରତା ଦିଗରେ କାର୍ଯ୍ୟକ୍ରମ ଜାରି ରହିଛି। ଏଥି ପାଇଁ 'ଡିଜିଟାଲ ସଖୀ' କାର୍ଯ୍ୟକ୍ରମ ପାଇଲଟ୍ ଭିତ୍ତିରେ ଆରମ୍ଭ କରିଛୁ। ଏଥିରେ ମହିଳା ଗ୍ରୁପଙ୍କୁ ଆର୍ଥିକ ସାକ୍ଷରତା ଉପରେ ତାଲିମ୍ ପ୍ରଦାନ କରାଯାଉଛି। ଏହାକୁ ସାରା ଦେଶରେ ଆରମ୍ଭ କରିବାକୁ ଯୋଜନା ରହିଛି। ପ୍ରାଥମିକ ପର୍ଯ୍ୟାୟରେ ଉକ୍ତ ପଦକ୍ଷେପ ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ର ଭଳି ଦୁଇଟି ରାଜ୍ୟରେ ଆରମ୍ଭ ହୋଇଛି। ଧୀରେ ଧୀରେ ଅନ୍ୟ ରାଜ୍ୟଗୁଡିକରେ ଏହାକୁ ଆରମ୍ଭ କରାଯିବ।



"ପାକିସ୍ତାନ ବିପକ୍ଷରେ ଯଦି ଟେଷ୍ଟ ପଦାର୍ପଣ କରେ ତେବେ ମୁଁ ମୋ ଆକ୍ରମଣାତ୍ମକ ଖେଳ ଷ୍ଟାଇଲରେ ପରିବର୍ତ୍ତନ ଆଣିପାରେ।"
–ଆରୋନ୍ ଫିଞ୍ଚ୍, ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ



"ଦୈନନ୍ଦିନ ବ୍ୟସ୍ତ ବହୁଳ ଜୀବନ ଯୋଗୁ ସମୟର ଅଭାବ ରହିଛି। ଦିଲ୍ଲୀ କ୍ରିକେଟର ହିତ ଦୃଷ୍ଟିରୁ ମୁଁ ଦିଲ୍ଲୀ ଓ ଜିଲା କ୍ରିକେଟ ଆସୋସିଏଶନରୁ ଇସ୍ତଫା ଦେଇଛି।"
–ବୀରେନ୍ଦ୍ର ସେହ୍ୱାଗ, ପୂର୍ବତନ ଓପନିଂ ବ୍ୟାଟ୍ସମ୍ୟାନ

## ସଂକ୍ଷେପରେ

### 'କୋଚ୍ ପଦରୁ ଶାସ୍ତ୍ରୀ ବିଦା ହେବା ଦରକାର'

**ନୂଆଦିଲ୍ଲୀ,୧୭।୯:** ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଇଂଲଣ୍ଡ ସିରିଜ୍‌ରେ ୧-୪ ବ୍ୟବଧାନରେ ପରାଜିତ ହେବା ପରେ କୋଚ୍ ରବି ଶାସ୍ତ୍ରୀଙ୍କୁ ପ୍ରବଳ ସମାଲୋଚନାର ସମ୍ମୁଖୀନ ହେବାକୁ ପଡ଼ିଛି। ଏପରି କି ଶାସ୍ତ୍ରୀଙ୍କୁ ମୁଖ୍ୟକୋଚ୍ ପଦରୁ ବିଦା କରାଯିବା ଉଚିତ ବୋଲି ପୂର୍ବତନ କ୍ରିକେଟର ଚେତନ ଚୌହାନ ମନ୍ତବ୍ୟ ଦେଇଛନ୍ତି। ଇଂଲଣ୍ଡ ସିରିଜ୍‌ରେ ପରାଜୟ ଲାଗି ଶାସ୍ତ୍ରୀ ହିଁ ଦାୟୀ। ତାଙ୍କୁ ଆଗାମୀ ନଭେମ୍ବରରେ ହେବାକୁ ଥିବା ଅଷ୍ଟ୍ରେଲିଆ ସିରିଜ୍ ପୂର୍ବରୁ ବିଦା କରାଯିବା ଦରକାର। ''ଅଷ୍ଟ୍ରେଲିଆ ସିରିଜ୍ ପୂର୍ବରୁ ମୁଖ୍ୟକୋଚ୍ ପଦରୁ ଶସ୍ତ୍ରୀଙ୍କୁ ବିଦା କରାଗଲେ ଭାରତୀୟ ଦଳ ଲାଗି ମଙ୍ଗଳହେବ। ସେ ଜଣେ ଭଲ ଭାଷ୍ୟକାର। ଏଣୁ ତାଙ୍କୁ କମେଣ୍ଟ୍ରି କରିବାକୁ ଅନୁମତି ଦିଆଯାଉ'' ବୋଲି ଚୌହାନ କହିଛନ୍ତି। ଇଂଲଣ୍ଡ ବିପକ୍ଷ ଟ୍ରେଣ୍ଟ ବ୍ରିଜ ଟେଷ୍ଟ ଜିତିବା ପରେ ଶାସ୍ତ୍ରୀ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳକୁ ଶ୍ରେଷ୍ଠ ଭ୍ରମଣକାରୀ ଦଳ ବୋଲି ଉଲ୍ଲେଖ କରିଥିଲେ। ମାତ୍ର ଶାସ୍ତ୍ରୀଙ୍କ ଏହି ମତରେ ଚୌହାନ ଏକମତ ନୁହନ୍ତି। ୧୯୮୦ ଦଶକରେ ଭାରତୀୟ ଦଳ ବିଶ୍ୱର ଶ୍ରେଷ୍ଠ ଭ୍ରମଣକାରୀ ଦଳ ଥିଲା ବୋଲି ପୂର୍ବତନ ଓପନର ଚୌହାନ ପ୍ରକାଶ କରିଛନ୍ତି। ୧୯୬୯ରେ ଅନ୍ତର୍ଜାତୀୟ ସ୍ତରରେ ପଦାର୍ପଣ କରିଥିବା ଚେତନ ୧୯୮୧ ମଧ୍ୟରେ ୪୦ ଟେଷ୍ଟ ଖେଳିଥିଲେ।

### ପିକେଏଲ୍ ୬ଷ୍ଠ ସଂସ୍କରଣ ୭ରୁ

**ମୁମ୍ବାଇ, ୧୭।୯(ପି.ଟି.):** ପ୍ରୋ କବାଡ଼ି ଲିଗ୍ (ପିକେଏଲ୍)ର ୬ଷ୍ଠ ସଂସ୍କରଣ ଅକ୍ଟୋବର ୭ରୁ ଆରମ୍ଭ ହେବ। ପୂର୍ବରୁ ଅକ୍ଟୋବର ୫ରୁ ପିକେଏଲ୍‌ର ଆଗାମୀ ସିଜନ ଆରମ୍ଭ ହେବ ବୋଲି କୁହାଯାଇଥିଲା। କିନ୍ତୁ କାର୍ଯ୍ୟସୂଚୀ ପରିବର୍ତ୍ତନ ନେଇ ସୋମବାର ଆୟୋଜକ ମାଶାଲ ସ୍ପୋର୍ଟ୍ସ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଷ୍ଟାଡିୟମର ଉପସ୍ଥିତି ଆଦି କେତେକ କାରଣ ଯୋଗୁ କାର୍ଯ୍ୟସୂଚୀରେ ପରିବର୍ତ୍ତନ କରାଯାଇଥିବା ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ପୂର୍ବଭଳି ଟୁର୍ନାମେଣ୍ଟର ପ୍ରଥମ ଲେଗ୍ ଚେନ୍ନାଇରେ ଅନୁଷ୍ଠିତ ହେବ। ସେହିଭଳି ପ୍ଲେ-ଅଫ୍ ମ୍ୟାଚ୍ ଗୁଡ଼ିକ କୋଚିରେ ଏବଂ ଫାଇନାଲ ମ୍ୟାଚ୍ ଜାନୁୟାରୀ ୫ରେ ମୁମ୍ବାଇରେ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଟୁର୍ନାମେଣ୍ଟର ସମସ୍ତ ମ୍ୟାଚ୍ ଷ୍ଟାର ସ୍ପୋର୍ଟ୍ସରେ ପ୍ରସାରଣ ହେବ।

# ଭାରତ–ହଂକଂ ମୁକାବିଲା ଆଜି

**ଏସିଆ କପ୍ କ୍ରିକେଟ**

**ଦୁବାଇ, ୧୭।୯ (ପି.ଟି.)**

ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟର ୧୪ତମ ସଂସ୍କରଣରେ ଭାରତ ମଙ୍ଗଳବାର ଅପେକ୍ଷାକୃତ ଦୁର୍ବଳ ହଂକଂ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ତେବେ ବୁଧବାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ଭାରତ ମ୍ୟାଚ ଖେଳିବାକୁ ଯାଉଥିବାରୁ ହଂକଂ ବିପକ୍ଷ ମ୍ୟାଚ୍‌ର ଗୁରୁତ୍ୱ ରହିଛି। ପାକିସ୍ତାନ ବିପକ୍ଷରେ ଖେଳିବା ପୂର୍ବରୁ ଭାରତ ପାଇଁ ଏହା ରିହରସାଲ ସଦୃଶ ହୋଇଛି। ତେଣୁ ଭାରତ ହଂକଂକୁ ଆଦୌ ହାଲକା ଭାବେ ନେବନାହିଁ। ନିୟମିତ ଅଧିନାୟକ ବିରାଟ କୋହଲିଙ୍କୁ ବିଶ୍ରାମ ଦିଆଯାଇଥିବା ବେଳେ ତଙ୍କ ସ୍ଥାନରେ ତାରକା ଓପନର ରୋହିତ ଶର୍ମା ଦଳର ନେତୃତ୍ୱ ନେବେ।

ଦୁବାଇରେ ଏବେ ପ୍ରବଳ ଗରମ ହେଉଛି। ତାପମାତ୍ରା ପାଖାପାଖି ୪୩ ଡିଗ୍ରୀ ସେଲସିୟସ ରହିଥିବା ବେଳେ ଭାରତୀୟ ଖେଳାଳିମାନଙ୍କୁ ସେଠାକାର ପରିବେଶ ମଧ୍ୟରେ ଖାପଖୁଆଇବା ପାଇଁ ଏହି ମ୍ୟାଚ୍ ସୁଯୋଗ ସୃଷ୍ଟି କରିବ। ପାକିସ୍ତାନ ସହିତ ଲଢେଇରେ ଅବତୀର୍ଣ୍ଣ ହେବା ପୂର୍ବରୁ ଏହି ମ୍ୟାଚ ଭାରତ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ। ହଂକଂ ତା'ର ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନଠାରୁ ୮ ଉଇକେଟରେ ପରାସ୍ତ ହୋଇଛି। ହଂକଂ ମାତ୍ର ୧୧୬ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଏହି ମ୍ୟାଚ୍‌ରେ ପାକିସ୍ତାନ ସମ୍ପୂର୍ଣ୍ଣ ରୂପେ ଆଧିପତ୍ୟ ବିସ୍ତାର କରି ଖେଳିଥିଲା।

ଯଦି ସେମିତି କିଛି ଚମତ୍କାର ନ ହୁଏ, ତେବେ ଭାରତ ବିପକ୍ଷରେ ହଂକଂ ସେଭଳି କୌଣସି ବଡ଼ ଧରଣର ପ୍ରଦର୍ଶନ କରିବା ଅସମ୍ଭବ ମନେ ହୁଏ। ଭାରତୀୟ ଦଳରେ ରୋହିତଙ୍କ ସମେତ ଶିଖର ଧାୱନ, ଲୋକେଶ ରାହୁଲ, କେଦାର ଯାଦବଙ୍କ ଭଳି ବ୍ୟାଟ୍ସମ୍ୟାନ ରହିଛନ୍ତି। ସେହିପରି ଯଶପ୍ରୀତ ବୁମରା, ଭୁବନେଶ୍ୱର କୁମାର, କୁଲଦୀପ ଯାଦବ ଓ ୟୁଜଭେନ୍ଦ୍ର ଚହଲଙ୍କ ଭଳି ବିଶ୍ୱସ୍ତରୀୟ ବୋଲର ଦଳରେ ରହିଛନ୍ତି।

ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀଙ୍କ ବ୍ୟାଟିଂ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଫଳରେ ସେ ଏହି ଟୁର୍ନାମେଣ୍ଟରେ ନିଜର ଦକ୍ଷତା ପ୍ରମାଣ କରିବାର ସୁଯୋଗ ହାସଲ କରିବେ। ୫, ୬ କିମ୍ବା ୭ ନମ୍ବରରେ ଧୋନୀ ପୁଣି ଥରେ ଦମ୍‌ଦାର ବ୍ୟାଟିଂ କରି ଦଳରେ ନିଜର ସ୍ଥାନକୁ ଆହୁରି ପକ୍କା କରିବେ ବୋଲି ଆଶା କରାଯାଉଛି।

ପାକିସ୍ତାନ ବିପକ୍ଷରେ ଯଦି ଧୋନୀ ୭ ନମ୍ବରରେ ବ୍ୟାଟିଂ କରିବାକୁ ଆସନ୍ତି ତେବେ ସେ ତାରକା ଦ୍ରୁତ ବୋଲର ମହମ୍ମଦ ଆମୀରଙ୍କର ସମ୍ମୁଖୀନ ହେବେ। ଆମୀରଙ୍କ ସମେତ ପ୍ରତିଭା ସମ୍ପନ୍ନ ହାସନ ଅଲୀ, ଉସମାନ ଖାଁଙ୍କର ମଧ୍ୟ ସେ ସମ୍ମୁଖୀନ ହେବେ। କେଦାର ଯାଦବ କିମ୍ବା ମନୀଷ ପାଣ୍ଡେ ୫ ନମ୍ବରରେ ବ୍ୟାଟିଂ କରିବାକୁ ଆସିବେ। ସେହିପରି ବିଗ୍ ହିଟର ହାର୍ଦ୍ଦିକ ପାଣ୍ଡ୍ୟା ୭ ନମ୍ବରରେ ବ୍ୟାଟିଂ କରିବେ। ଯଦି ଏପରି ହୁଏ ତେବେ ଧୋନୀ ୬ ନମ୍ବରରେ ବ୍ୟାଟିଂ କରିବେ।

ଭାରତ ପାଇଁ ମିଡଲ ଅର୍ଡର ଚିନ୍ତା ସୃଷ୍ଟି କରିଛି। ଆସନ୍ତା ବର୍ଷ ଖେଳାଯିବାକୁ ଥିବା ବିଶ୍ୱକପ୍ ପୂର୍ବରୁ ଭାରତ ଏହି ସମସ୍ୟାକୁ ଦୂରେଇବାକୁ ଚେଷ୍ଟା କରିବ। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ଚଳିତ ଏସିଆ କପ୍‌କୁ ପ୍ରୟୋଗଶାଳା ରୂପେ ବ୍ୟବହାର କରିପାରିବ। ରାହୁଲ ୩ ନମ୍ବରେ ବ୍ୟାଟିଂ କରିବା ଆଶା କରଯାଉଛି। ତେବେ ଆମୀର ଓ ହାସନଙ୍କ ଇନ୍ କମିଙ୍ଗ୍ ବଲ ତାଙ୍କ ପାଇଁ ଇଂଲଣ୍ଡ ଗସ୍ତଭଳି ସମସ୍ୟା ସୃଷ୍ଟି କରିବ। ବାମହାତୀ ଦ୍ରୁତ ବୋଲର ଖଲିଲ ଅହମ୍ମଦଙ୍କୁ ଦଳରେ ସାମିଲ କରାଯାଇଛି। ଫଳରେ ନେଟ୍ସରେ ଭାରତୀୟ ବ୍ୟାଟ୍ସମ୍ୟାନ ଖଲିଲଙ୍କ ବଲରେ ଭଲ ଅଭ୍ୟାସ କରିବେ ଓ ଏହା ଦ୍ୱାର ପାକିସ୍ତାନ ଦ୍ରୁତ ବୋଲରଙ୍କୁ ସାମ୍ନା କରିବାର କୌଶଳ ଶିକ୍ଷା କରିପାରିବେ।

ତେବେ ଫ୍ଲାଟ ଉଇକେଟରେ ଭାରତୀୟ ବ୍ୟାଟ୍ସମ୍ୟାନ କମ୍ ଫୁଟୱାର୍କରେ ଉଠୁଥିବା ବଲ୍‌କୁ ଜୋରାଦାର ପ୍ରହାର କରିବାର ସଫଳ ପ୍ରୟାସ କରିପାରିବେ। ହଂକଂ ବିପକ୍ଷ ମ୍ୟାଚ ରାହୁଲ, ଧାୱନ ଓ ପାଣ୍ଡ୍ୟାଙ୍କ ପାଇଁ ଭିନ୍ନ ଲେନ୍ଥ ଓ ଗତିର ବଲକୁ ସାମ୍ନା କରିବାର କୌଶଳ ଶିକ୍ଷା କରିବାର ସୁଯୋଗ ସୃଷ୍ଟି କରିବ। ବୋଲିଂରେ ବୁମରା–ଭୁବନେଶ୍ୱର ଓ କୁଲଦୀପ– ଚହଲ ଯୋଡିଙ୍କ କମାଲ ପୁଣି ଥରେ ଦେଖିବାକୁ ମିଳିବ।

ଦୁଇ ସ୍ପିନର କୁଲଦୀପ ଯାଦବ ଓ ଚହଲ ପାକିସ୍ତାନ ପାଇଁ ସମସ୍ୟା ସୃଷ୍ଟି କରିବେ। କାରଣ ପୂର୍ବରୁ ଏହି ଦୁଇ ରିଷ୍ଟ ସ୍ପିନର ପାକିସ୍ତାନ ବିପକ୍ଷରେ ପୂର୍ବରୁ କେବେ ଖେଳିନାହାନ୍ତି। ପାକିସ୍ତାନ ପାଇଁ ଏମାନେ ସମ୍ପୂର୍ଣ୍ଣ ଅଜଣା ରହିଛନ୍ତି।

ଫକାର ଜମାନ ଓ ବାବର ଆଜମଙ୍କ ସମେତ ଇମାମ ଉଲ ହକ୍ ବ୍ୟାଟିଂରେ ପାକିସ୍ତାନ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବେ। ଏହି ୩ ଖେଳାଳି ଗତ କିଛିମାସ ହେବ ବେଶ୍ ସ୍ଥିର ପ୍ରଦର୍ଶନ କରି ଆସୁଛନ୍ତି। ପାକିସ୍ତାନ ଦଳରେ ସୋଏବ ମଲିକ ସବୁଠାରୁ ବୟୋଜ୍ୟୋଷ୍ଠ ଖେଳାଳି ସାବ୍ୟସ୍ତ ହୋଇଛନ୍ତି। ତାଙ୍କ ଅଭିଜ୍ଞତା ପାକିସ୍ତାନ ମିଡିଲ ଅର୍ଡର ପାଇଁ ବେଶ୍ ସ୍ଥିରତା ଆଣି ଦେଇଛି। ବ୍ୟାଟିଂରେ ସେ ପୁଣିଥରେ ଉପଯୋଗୀ ସାବ୍ୟସ୍ତ ହେବା ଆଶା କରାଯାଉଛି।

ହଂକଂ ବିପକ୍ଷ ମ୍ୟାଚ୍ ଭାରତୀୟ ଅଭିଜ୍ଞ ଦ୍ରୁତ ବୋଲର ଭୁବନେଶ୍ୱର କୁମାର ପାଇଁ ୱାର୍ମ- ଅପ୍ ସଦୃଶ ହେବ।



ମହେନ୍ଦ୍ର ସିଂ ଧୋନୀ

- **ଭାରତୀୟ ଦଳ:** ରୋହିତ ଶର୍ମା(ଅଧିନାୟକ), ଶିଖର ଧାୱନ, ଲୋକେଶ ରାହୁଲ, ଅମ୍ବାତି ରାୟୁଡୁ, ମନୀଷ ପାଣ୍ଡେ, କେଦାର ଯାଦବ, ମହେନ୍ଦ୍ର ସିଂ ଧୋନୀ, ହର୍ଦ୍ଦିକ ପାଣ୍ଡ୍ୟା, ଭୁବନେଶ୍ୱର କୁମାର, ଯଶପ୍ରୀତ ବୁମରା, କୁଲଦୀପ ଯାଦବ, ୟୁଜଭେନ୍ଦ୍ର ଚହଲ, ଶାର୍ଦ୍ଦୁଲ ଠାକୁର, ଦୀନେଶ କାର୍ତ୍ତିକ ଓ ଖଲିଲ ଅହମ୍ମଦ।
- **ହଂକଂ ଦଳ:** ଅଂଶୁମାନ ରଥ (ଅଧିନାୟକ), ଏଜାଜ୍ ଖାଁ, ବାବର ହାୟାତ, କାମେରନ ମ୍ୟାକଅଲସନ, କ୍ରିଷ୍ଟୋଫର କାର୍ଟର, ଏହସାନ ଖାଁ, ଏହସାନ ନୱାଜ, ଅର୍ସାଦ ମହମ୍ମଦ, କିଞ୍ଚିତ୍ ଶାହ, ନଦୀମ ଅହମ୍ମଦ, ରାଗ କାପୁର, ସ୍କଟ ମ୍ୟାକେହେନୀ, ତନବୀର ଅହମ୍ମଦ, ତନବୀର ଅଫଜଲ, ୱକାସ ଖାଁ ଓ ଅଫତାବ ହୁସେନ।

ସ୍ଥାନ: ଦୁବାଇ
ସମୟ: ଅପରାହ୍ନ ୫ଟା
**ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ**

# ଆଫଗାନିସ୍ତାନଠାରୁ ହାରି ଶ୍ରୀଲଙ୍କା ବିଦା

**ଦୁବାଇ,୧୭।୯(ପି.ଟି.)**

୫ଥର ଟାଇଟଲ ହାସଲ କରିଥିବା ଶ୍ରୀଲଙ୍କା ଏଥର ଏସିଆ କପ୍‌ରୁ ବାଦ ପଡିଛି। ଗ୍ରୁପ୍–ବି'ରେ ପ୍ରଥମେ ବାଂଲାଦେଶ ଓ ପରେ ଆଫଗାନିସ୍ତାନଠାରୁ ପରାସ୍ତ ହୋଇ ଶ୍ରୀଲଙ୍କା ଏହି ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ସ୍ଥାନୀୟ ସେଖ ଜାୟେଦ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ଟୁର୍ନାମେଣ୍ଟର ତୃତୀୟ ମ୍ୟାଚ୍‌ରେ ଆଫଗାନିସ୍ତାନ ବୃହତ୍ ୯୧ ରନରେ ଶ୍ରୀଲଙ୍କାକୁ ହରାଇ ଇତିହାସ ସୃଷ୍ଟି କରିଛି। ଟସ୍ ଜିତି ଆଫଗାନିସ୍ତାନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୨୪୯ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଶ୍ରୀଲଙ୍କା ନିୟମିତ ବ୍ୟବଧାନରେ ଉଇକେଟ ହରାଇବା ସହ ୪୧.୨ ଓଭରରେ ୧୫୮ ରନ କରି ଅଲଆଉଟ ହେବା ସହ ଆତ୍ମସମର୍ପଣ କରିଥିଲା। ୭୨ ରନର ଉପଯୋଗୀ ପାଳି ଖେଳିଥିବା ଆଫଗାନିସ୍ତାନ ବ୍ୟାଟ୍ସମ୍ୟାନ ରହମତ ଶାହ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୨୫୦ ରନ ଟାଗେର୍ଟର ପିଛା କରି ଶ୍ରୀଲଙ୍କା ଆଫଗାନ ବୋଲରଙ୍କ ସମ୍ମୁଖୀନ ହୋଇପାରି ନ ଥିଲା। ଦଳ ଆରମ୍ଭରୁ ଝଟ୍‌କା ଖାଇଥିଲା। ଇନିଂସର ଦ୍ୱିତୀୟ ବଲରେ ଓପନର କୁଶଲ ମେଣ୍ଡିସ୍ ମୁଜିବ ଉର ରହମାନଙ୍କ ଦ୍ୱାରା ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଉପୁଲ ଥରଙ୍ଗା ଓ ଧନଞ୍ଜୟ ଡି ସିଲଭା ଦ୍ୱିତୀୟ ଉଇକେଟରେ ୫୪ ରନ କରିଥିଲେ। ତେବେ ଧନଞ୍ଜୟ ୨୩ ରନ କରି ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ୍ ହୋଇଥିଲେ। କୁଶଲ ପେରେରା ୧୭ ରନ କରି ରସିଦ ଖାଁଙ୍କ ଶିକାର ହେବା ପରେ ଉପୁଲ ଥରଙ୍ଗାଙ୍କ ପାଳି ପଡିଥିଲା। ସେ ୩୬ ରନ କରିଥିବା ବେଳେ ଗୁଲବଦିନ ନାଇବଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହା ପରେ ବିପର୍ଯ୍ୟୟ ଆରମ୍ଭ ହୋଇଥିଲା। ଅଧିନାୟକ ଆଞ୍ଜେଲୋ ମାଥ୍ୟୁସ୍ ୨୨, ଶେହାନ ଜୟସୁରିୟା ୧୪, ଥିସାରା ପେରେରା ୨୮ ରନ କରି ପ୍ୟାଭିଲିୟନ ଫେରିଥିଲେ। ୪ଜଣ ଟେଲ ଏଣ୍ଡର ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଦସୁନ ସନକା ଖାତା ଖୋଲିପାରି ନ ଥିବା ବେଳେ ଅକିଳ ଧନଞ୍ଜୟ ୨, ଲସିଥ ମାଲିଙ୍ଗା ୧ ରନ କରି ଆଉଟ ହୋଇଥିଲେ। ଦୁଷ୍ମନ୍ତ ଚାମିରା ୨ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଆଫଗାନିସ୍ତାନ ତରଫରୁ ରହମାନ, ଗୁଲବଦିନ ନାଇବ, ମହମ୍ମଦ ନବି ଓ ରସିଦ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଶ୍ରୀଲଙ୍କାର ଦୁଇ ଜଣ ବ୍ୟାଟ୍ସମ୍ୟାନ ରନ୍ ଆଉଟ ହୋଇଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନର ଟପ୍ ଅର୍ଡର ଭଲ ପ୍ରଦର୍ଶନ କରିଥିଲା। ଦୁଇ ଓପନର ମହମ୍ମଦ ଶାହଜାଦ ଓ ଇଶାନୁଲ୍ଲା ଜନତ ପ୍ରଥମ ଉଇକେଟ ଯୋଡିରେ ୫୭ ରନ ସଂଗ୍ରହ କରି ଭଲ ଆରମ୍ଭ ପ୍ରଦାନ କରିଥିଲେ। ଶାହଜାଦ ୩୪ ରନ କରି ଆଉଟ ହେବା ପରେ ଇଶାନୁଲ୍ଲା ୪୫ ରନ କରି ପ୍ୟାଭିଲିୟନ ଫେରିଥିଲେ। ଅଧିନାୟକ ଅସଘର ଆଫଗାନ ୧ ରନ କରି ଆଉଟ ହୋଇଥିଲେ। ଏହା ପରେ ରହମତ ଶାହ ସର୍ବାଧିକ ୭୨ ରନର ଅର୍ଦ୍ଧଶତକୀୟ ପାଳି ଖେଳି ପ୍ୟାଭିଲିୟନ ଫେରିଥିଲେ। ହାସମାତୁଲ୍ଲା ଶହିଦି ୩୭, ମହମ୍ମଦ ନବି ୧୫, ନାଜିବୁଲ୍ଲା ଜଦ୍ରାନ ୧୨, ରସିଦ୍ ଖାଁ ୧୩ ରନ କରି ଆଉଟ ହୋଇଥିଲେ। ବୋଲିଂରେ ଶ୍ରୀଲଙ୍କା ତରଫରୁ ଥିସାରା ପେରେରା ସର୍ବାଧିକ ୫, ଅକିଲ ଦନଞ୍ଜୟ ୨, ଲସିଥ ମାଲିଙ୍ଗା, ଦୁଷ୍ମନ୍ତ ଚାମିରା, ଶେହାନ ଜୟସୁରିୟା ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଆଫଗାନିସ୍ତାନ ୫୦ ଓଭରରେ ୨୪୯ ଅଲଆଉଟ (ରହମତ- ୭୨, ଇଶାନୁଲ୍ଲା- ୪୫, ଶାହଜାଦ- ୩୪, ହାସମାତୁଲ୍ଲା- ୩୭, ପେରେରା- ୫/୫୫, ଦନଞ୍ଜୟ- ୨/୩୯)।
ଶ୍ରୀଲଙ୍କା ୪୧.୨ ଓଭରରେ ୧୫୮ ଅଲଆଉଟ୍ (ଥରଙ୍ଗା- ୩୬, ପେରେରା- ୨୮, ଡି ସିଲଭା- ୨୩, ମାଥ୍ୟୁସ- ୨୨, ରହମାନ- ୨/୩୨, ନାଇବ- ୨/୨୯, ନବି- ୨/୩୦, ରସିଦ- ୨/୨୬)


ସୋମବାର କଳିଙ୍ଗ ଷ୍ଟାଡ଼ିୟମ୍ ବୁଲି ଦେଖୁଛନ୍ତି ଭାରତୀୟ ହକି କୋଚ୍ ହରେନ୍ଦ୍ର ସିଂ।

### ପ୍ରଥମ ଦିବସରେ ଅଭ୍ୟାସ ହେଲାନି

**ଭୁବନେଶ୍ୱର, ୧୭।୯(କ୍ରୀଡ଼ା ପ୍ରତିନିଧି)**

ଆସନ୍ତା ଏସିଆନ ଚାମ୍ପିୟନ୍ସ ଟ୍ରଫି ଓ ହକି ବିଶ୍ୱକପକୁ ଦୃଷ୍ଟିରେ ରଖି ୨୫ ଜଣିଆ ଭାରତୀୟ କୋର ଗ୍ରୁପର ପ୍ରଶିକ୍ଷଣ ଶିବିର ପାଇଁ କଳିଙ୍ଗ ଷ୍ଟାଡିୟମ ପ୍ରସ୍ତୁତ। ସୋମବାର ପ୍ରଥମ ଦିବସର ଅଭ୍ୟାସ ସେସନ ବାତିଲ ହୋଇଥିବାବେଳେ ସନ୍ଧ୍ୟାରେ ପିଲାମାନେ ଜିମ୍‌ରେ ସମୟ କଟାଇଛନ୍ତି। ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ ଓ ସହକାରୀ କୋଚ୍ ଅର୍ଜୁନ ହଲାପ୍ପା ନବନିର୍ମିତ ହକି କମ୍ପ୍ଲେକ୍ସ ଅନୁଧ୍ୟାନ କରିଛନ୍ତି। ମଙ୍ଗଳବାର ଅଭ୍ୟାସ ଆରମ୍ଭ ହେବ ବେଲି ସୂଚନା ମିଳିଛି।

### ଏସିଆ କପ୍‌ରୁ ତାମିମ ଆଉଟ୍

**ଢାକା, ୧୭।୯ (ଏଏଫ୍‌ପି)**

ବାଂଲାଦେଶ ଓପନର ତାମିମ ଇକ୍‌ବାଲ ଅବଶିଷ୍ଟ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟରୁ ଆଉଟ୍ ହୋଇଯାଇଛନ୍ତି। ଓପନିଂ ମ୍ୟାଚରେ ତାଙ୍କ ହାତ ହାଡ଼ ଭାଙ୍ଗି ଯାଇଥିଲେ ମଧ୍ୟ ସେ ବ୍ୟାଟିଂ କରିବାକୁ ଆସିଥିଲେ। ତାମିମ ୩ରୁ ୪ସପ୍ତାହ ପର୍ଯ୍ୟନ୍ତ ଖେଳିପାରିବେ ନାହିଁ ବୋଲି ଟିମ୍ ମ୍ୟାନେଜର ଖାଲେଦ ମେହେମୁଦ ଦୁବାଇରୁ ଟେଲିଫୋନ ଯୋଗେ କହିଛନ୍ତି। ଶନିବାର ଶ୍ରୀଲଙ୍କା ବିପକ୍ଷ ଓପନିଂ ମ୍ୟାଚରେ ବାଂଲାଦେଶ ୧୩୭ ରନରେ ବିଜୟ ହାସଲ କରିଥିଲା। ହାତରେ ଇଞ୍ଜୁରି ସତ୍ତ୍ୱେ ମ୍ୟାଚର ଅନ୍ତିମ ଓଭରରେ ପୁଣି ବ୍ୟାଟିଂ କରିବାକୁ ଆସି ତାମିମ ଜାତୀୟ ହିରୋ ପାଲଟିଯାଇଥିଲେ। ସୂଚନାଯୋଗ୍ୟ, ବାଂଲାଦେଶ ଇନିଂସର ଦ୍ୱିତୀୟ ଓଭରରେ ସୁରଙ୍ଗ ଲକମଲଙ୍କ ଏକ ଶର୍ଟ ବଲ୍ ଏହି ବାମହାତୀ ବ୍ୟାଟ୍ସମ୍ୟାନଙ୍କ କଟଟିରେ ବାଜିଥିଲା। ତାଙ୍କୁ ପଡ଼ିଆ ଛାଡ଼ିବାକୁ ହୋଇଥିଲା। ହସ୍ପିଟାଲରେ ତାଙ୍କର ସ୍କାନ ହୋଇଥିଲା।

# ଏସିଆ କପ୍: ନଜରରେ ୫ ଭାରତୀୟ




**ଭାରତ ସପ୍ତମଥର ପାଇଁ ଏସିଆ କପ୍ ଚାମ୍ପିୟନ ହେବା ଲକ୍ଷ୍ୟରେ ରହିଛି। ହଂକଂ ବିପକ୍ଷରୁ ଭାରତ ମଙ୍ଗଳବାର ଅଭିଯାନ ଆରମ୍ଭ କରିବାକୁ ଯାଉଛି। ବୁଧବାର ଭାରତ ଓ ପାକିସ୍ତାନ ମୁହାଁମୁହିଁ ହେବାକୁ ଯାଉଥିବା ବେଳେ ଶ୍ରେଷ୍ଠ ୫ ଭାରତୀୟ କ୍ରିକେଟରଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିଛି। ସେମାନେ ହେଲେ ଅଧିନାୟକ ରୋହିତ ଶର୍ମା, ମହେନ୍ଦ୍ର ସିଂ ଧୋନୀ, ଯଶପ୍ରୀତ ବୁମରା, କୁଲଦୀପ ଯାଦବ ଓ ମନୀଷ ପାଣ୍ଡେ।**

### ରୋହିତ ଶର୍ମା

ବିରାଟ କୋହଲିଙ୍କ ଅନୁପସ୍ଥିତିରେ ରୋହିତଙ୍କ ହାତରେ ଭାରତର ନେତୃତ୍ୱ। ୩୧ ବର୍ଷୀୟ ରୋହିତ ଗତ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଦଳରେ ସାମିଲ ନ ଥିଲେ। ତେଣୁ ସେ ମାନସିକ ଭାବେ ବେଶ୍ ସୁସ୍ଥ ଓ ଦୃଢ ଥିବେ। ରୋହିତ ଏପର୍ଯ୍ୟନ୍ତ ୧୮୩ଟି ଦିନିକିଆ ମ୍ୟାଚ ଖେଳିଛନ୍ତି। ୪୫ ରନ ହାରରେ ସେ ୧୮ଟି ଶତକ ସହ ୩୪ଟି ଅର୍ଦ୍ଧଶତକ ସହ ୬,୭୪୮ ରନ ସଂଗ୍ରହ କରିଛନ୍ତି। ବିଶ୍ୱର ଏକମାତ୍ର ଭାରତୀୟ ବ୍ୟାଟ୍ସମ୍ୟାନ ଭାବେ ସେ ୩ଟି ଦିନିକିଆ ଦ୍ୱିଶତକ ହାସଲ କରି ରେକର୍ଡ ସୃଷ୍ଟି କରିଛନ୍ତି। ପୂର୍ବରୁ ମଧ୍ୟ ସେ ଭାରତର ନେତୃତ୍ୱ ନେଇ ବେଶ ସଫଳ ରହିଛନ୍ତି। ଏସିଆ କପ୍‌ରେ ତାଙ୍କ ବ୍ୟାଟିଂ ଓ ନେତୃତ୍ୱ ନେବାର ଦକ୍ଷତାର ମଧ୍ୟ ପରୀକ୍ଷା ହେବ। ବିଶେଷ କରି ପାକିସ୍ତାନ ବିପକ୍ଷରେ ତାଙ୍କର ପ୍ରଦର୍ଶନ କିପରି ରହିବ ତାହା ଦେଖିବାକୁ ବାକି ରହିଲା।

### ମହେନ୍ଦ୍ର ସିଂ ଧୋନୀ

ଦିନିକିଆରେ ଧୋନୀ ଜଣେ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ବିବେଚିତ ହୋଇଥାନ୍ତି। ତାଙ୍କୁ ଏସିଆ କପ୍ ଅବସରରେ ପୁଣି ଥରେ ଆକ୍ସନ୍‌ରେ ଦେଖିବାକୁ ମିଳିବ। ଜଣେ ଉଚ୍ଚକୋଟୀର ଉଇକେଟ କିପର ହେବା ସହିତ ସେ ଭାରତୀୟ ମିଡଲ ଅର୍ଡର ମେରୁଦଣ୍ଡ ବୋଲି ବିଚାର କରାଯାଏ। ସେ ଜଣେ ଚତୁର କ୍ରିକେଟର। ତାଙ୍କର ଚତୁରତା ଦ୍ୱାରା ଭାରତ ବହୁ ମ୍ୟାଚ୍‌ରେ ବିଜୟ ହାସଲ କରିଛି। ସେ ଦଳ ପାଇଁ ଏକ ସମ୍ପଦ ବୋଲି କୁହାଯାଇପାରେ। ତାଙ୍କୁ ବିଶ୍ୱର ଶ୍ରେଷ୍ଠ ଫିନିସର ବିବେଚନା କରାଯାଏ। ବିଶ୍ୱକପ୍ ଅବଗଣନା ଆରମ୍ଭ ହୋଇଯାଇଥିବା ବେଳେ ଏସିଆ କପ୍‌ରେ ଦମ୍ ଦେଖାଇ ସେ ସମାଲୋଚକଙ୍କୁ ଚୁପ୍ କରାଇବେ ବୋଲି ଆଶା କରାଯାଉଛି।

### ଯଶପ୍ରୀତ ବୁମରା

ବିଶ୍ୱର ୧ ନମ୍ବର ଦିନିକିଆ ବୋଲର ବୁମରା ଭାରତର ଏସିଆ କପ୍ ଅଭିଯାନରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବାର ସମ୍ଭାବନା ରହିଛି। ୨୪ ବର୍ଷୀୟ ଏହି ଖେଳାଳି ୩୭ଟି ଦିନିକିଆ ଖେଳି ଏପର୍ଯ୍ୟନ୍ତ ୬୪ ଉଇକେଟ ହାସଲ କରିଛନ୍ତି। ୨୭ ରନରେ ୫ ଉଇକେଟ ନେଇ ସେ ଶ୍ରେଷ୍ଠ ସଫଳତା ହାସଲ କରିଥିଲେ। ତେବେ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଗରମ ପରିବେଶରେ ସେ ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ। ତାଙ୍କର ଗତି, ନିଆରା ଆକ୍ସନ, ୟର୍କର ପକାଇବାର କ୍ଷମତା ସମସ୍ତଙ୍କଠାରୁ ଅଲଗା। ଏଥିଲାଗି ସେ ଭାରତ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବେ।

### କୁଲଦୀପ ଯାଦବ

୨୩ ବର୍ଷୀୟ ଚାଇନାମ୍ୟାନ ବୋଲର ଏସିଆ କପ୍‌ରେ ଦଳ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବେ। ୨୦୧୭ ଜୁନ୍‌ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଡେବ୍ୟୁ କରିବା ପରେ ସେ ନିୟମିତ ଭାବେ ଭାରତ ପାଇଁ ଖେଳିଆସୁଛନ୍ତି। ଏପର୍ଯ୍ୟନ୍ତ ସେ ୨୩ଟି ଦିନିକିଆ ଖେଳି ୪୮ଟି ଉଇକେଟ ହାସଲ କରିଛନ୍ତି। ୬/୨୫ ହେଉଛି ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ। ସ୍ପିନ୍ ଫ୍ରେଣ୍ଡଲି ପରିବେଶରେ ସେ ଏସିଆ କପ୍‌ରେ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି।

### ମନୀଷ ପାଣ୍ଡେ

ଅସାଧାରଣ ଭାବେ ପ୍ରତିଭା ଓ ଦକ୍ଷତା ସମ୍ପନ୍ନ ହୋଇଥିଲେ ମଧ୍ୟ ମନୀଷ ପାଣ୍ଡେ ଭାରତୀୟ ଦଳରେ ଏପର୍ଯ୍ୟନ୍ତ ସ୍ଥାନ ପକ୍କା କରିପାରି ନାହାନ୍ତି। ୨୦୧୫ ଜୁଲାଇରେ ପଦାର୍ପଣ କରିବା ପରେ ୨୯ ବର୍ଷୀୟ ମନୀଷ ମାତ୍ର ୨୨ଟି ଦିନିକିଆ ଖେଳିଛନ୍ତି। ଚଳିତ ଏସିଆ କପ୍‌ରେ ଭଲ ପ୍ରଦର୍ଶନ କରିପାରିଲେ ସେ ଦଳରେ ସ୍ଥାନ ପକ୍କା କରିପାରିବେ। ୩୯.୨ ରନ ହାରରେ ସେ ୪୩୨ ରନ ସଂଗ୍ରହ କରିଛନ୍ତି। ଏଥିରେ ଗୋଟିଏ ଶତକ ଓ ୨ଟି ଅର୍ଦ୍ଧଶତକ ସାମିଲ ରହିଛି। ୪ ନମ୍ବରରେ ତାଙ୍କୁ ସୁଯୋଗ ମିଳିବା ଆଶା କରାଯାଉଛି। ସୁଯୋଗର ସଦ୍ ବ୍ୟବହାର ଲକ୍ଷ୍ୟରେ ସେ ରହିଛନ୍ତି।

## ସଂକ୍ଷେପରେ

### ବିଶ୍ୱ କୁସ୍ତି ଚାମ୍ପିୟନଶିପ୍ ଭାରତୀୟ ଦଳରେ ସାକ୍ଷୀ ମଲିକ

**ନୂଆଦିଲ୍ଲୀ, ୧୭।୯(ପି.ଟି.):** ଆଘାତପ୍ରାପ୍ତ ଯୋଗୁ ପ୍ରତିଦ୍ୱନ୍ଦ୍ୱୀ ସରିତା ମୋରେ ଓହରିଯିବାରୁ ସାକ୍ଷୀ ମଲିକ ବିନା ଟ୍ରାଏଲରେ ବିଶ୍ୱ କୁସ୍ତି ଚାମ୍ପିୟନଶିପ୍ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଦୁଇକୁସ୍ତି ଯୋଦ୍ଧାଙ୍କ ମଧରେ ମଧରେ ୬୨ କେଜି ଶ୍ରେଣୀରେ ମୁକାବିଲା ହୋଇଥାନ୍ତା। ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜୟିନୀ ୨୦୧୮ ସିଜନ ଆରମ୍ଭରୁ ଭଲ ଫର୍ମରେ ନାହାନ୍ତି। ଗୋଲ୍ଡକୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ କେବଳ ଏକ ବ୍ରୋଞ୍ଜ ଜିତିପାରିଥିଲେ। ଏସିଆନ ଗେମ୍ସରୁ ସେ ବିନା ପଦକରେ ଫେରିଥିଲେ। ସୁଶୀଲ କୁମାର ଓ ସାକ୍ଷୀଙ୍କ ଟ୍ରାଏଲ ହେବା ଉଚିତ୍ ବୋଲି ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫଆଇ) ଚାହିଁଥିଲା। କିନ୍ତୁ ଫର୍ମରେ ନ ଥିବାରୁ ସୁଶୀଲ ଓହରିଯାଇଥିଲେ। ଡବ୍ଲ୍ୟୁଏଫଆଇ ସହକାରୀ ସମ୍ପାଦକ ବିନୋଦ ତୋମାର କହିଛନ୍ତି, ଚାରୋଟି କାଟେଗୋରୀରେ ଟ୍ରାଏଲ ବାକିଥିଲା। ତନ୍ମଧ୍ୟରୁ ବଜରଙ୍ଗ (ପୁରୁଷ ୬୫କେଜି) ଏବଂ ଭିନେଶ ଫୋଗତ୍ (ମହିଳା ୫୦କେଜି)ଙ୍କୁ ଆମେ ବାଧାଦେବାକୁ ଚାହିଁଲୁ ନାହିଁ। ସାକ୍ଷୀ ଓ ସରିତାଙ୍କ ମଧରେ ଲଢେଇ ହେବାର ଥିଲା। କିନ୍ତୁ ଆଣ୍ଠୁରେ ଆଘାତ ଲାଗିବାରୁ ସରିତା ଓହରିଯାଇଥିଲେ। ବେଲାରୁଷରେ ୟୁଡବ୍ଲ୍ୟୁଡବ୍ଲ୍ୟୁ ର୍‍ୟାଙ୍କିଙ୍ଗ ଇଭେଣ୍ଟରେ ସାକ୍ଷୀ ରନର୍ସଅପ୍ ହୋଇଛନ୍ତି। ରବିବାର ସ୍ୱର୍ଣ୍ଣ ପଦକ ପାଇଁ ମ୍ୟାଚରେ ସେ ଆଜରବୈଜାନର ମାରିଆନା ସାତସିନଙ୍କ ନିକଟରୁ ହାରିଯାଇଛନ୍ତି। ଅକ୍ଟୋବର ୨୦ରୁ ୨୮ ପର୍ଯ୍ୟନ୍ତ ବୁଦାପେଷ୍ଟଠାରେ ହେବାକୁଥିବା ବିଶ୍ୱ ଚାମ୍ପିୟନଶିପ୍ ପୂର୍ବରୁ ତାଙ୍କର ଏହି ପ୍ରଦର୍ଶନ ଉତ୍ସାହଜନକ। ଚତୁର୍ଥ କାଟେଗୋରି ହେଉଛି ମହିଳା ୫୩ କେଜି। ରିତୁ ଫୋଗତ ଏବଂ ପିଙ୍କି ଏହି ସ୍ଥାନ ପାଇଁ ମୁକାବିଲା କରିବେ। ଏହା ମଙ୍ଗଳବାର ଜାତୀୟ ମହିଳା କୋଚ୍ କୁଲ୍‌ଦୀପ ମଲିକଙ୍କ ତତ୍ତ୍ୱାବଧାନରେ ହେବ।

### ଆଜିଠାରୁ ଜାତୀୟ ସିନିୟର ମହିଳା ଫୁଟବଲ

**କଟକ ଅଫିସ, ୧୭।୯:** କଟକର ତିନୋଟି ଗ୍ରାଉଣ୍ଡରେ ମଙ୍ଗଳବାରଠାରୁ ୨୪ତମ ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପ୍ ଆରମ୍ଭ ହେବ। ବାରବାଟୀ ଷ୍ଟାଡିୟମ, ରେଭେନ୍ସା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ ଓ ବିଡ଼ାନାସୀ ଗ୍ରାଉଣ୍ଡରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ମୋଟ୍ ୨୭ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ଓଡ଼ିଶା ଗ୍ରୁପ୍-ସିରେ ସ୍ଥାନ ପାଇଥିବା ବେଳେ ଏହି ଗ୍ରୁପ୍‌ରେ ତେଲେଙ୍ଗାନା ଓ ଛତିଶଗଡ଼ ମଧ ରହିଛନ୍ତି । ମଙ୍ଗଳବାର ରେଭେନ୍ସା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଛତିଶଗଡ଼-ଓଡ଼ିଶା ମଧରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। ଏହାଛଡ଼ା ଉଦ୍‌ଘାଟନୀ ଦିବସରେ ଏହି ଗ୍ରାଉଣ୍ଡରେ ହରିୟାଣା-କର୍ଣ୍ଣାଟକ, ବାରବାଟୀ ଷ୍ଟାଡିୟମରେ ପଶ୍ଚିମବଙ୍ଗ-ଆନ୍ଧ୍ରପ୍ରଦେଶ, ରେଲୱେ-ହିମାଚଳପ୍ରଦେଶ ମଧରେ ମ୍ୟାଚ୍ ଅନୁଷ୍ଠିତ ହେବ। ଆସନ୍ତା ୨୨ ତାରିଖରେ ବାରବାଟୀ ଷ୍ଟାଡିୟମରେ ତେଲେଙ୍ଗାନା ବିପକ୍ଷରେ ଓଡ଼ିଶା ପରବର୍ତ୍ତୀ ଲିଗ୍ ମ୍ୟାଚ୍ ଖେଳିବ।

### ଟାଇଟଲ ବଜାୟ ରଖିଲା ନାଇଟ ରାଇଡର୍ସ

**ତ୍ରିନିଦାଦ ଟବାଗୋ, ୧୭।୯:** ଡିଫେଣ୍ଡିଂ ଚାମ୍ପିୟନ ତ୍ରିନିଦାଦ ନାଇଟ୍ ରାଇଡର୍ସ ଦଳ ପୁଣି ଥରେ କ୍ୟାରିବିୟନ ପ୍ରିମିୟର ଲିଗ୍ ଟାଇଟଲ ଅର୍ଜନ କରିଛି। ଲିଗ୍‌ର ପ୍ରଥମ ଦଳ ଭାବେ କ୍ରମାଗତ ୨ୟ ଥର ମୋଟ ଉପରେ ୩ୟ ଟାଇଟଲ ଜିତିଛି। ଫାଇନାଲରେ ଗୁଏନା ଆମାଜନ ୱାରିଅର୍ସକୁ ୮ ଉଇକେଟ ଓ ୨.୩ ଓଭର ପୂର୍ବରୁ ପରାସ୍ତ କରିଛି ବଲିଉଡ ଷ୍ଟାର ଶାହରୁଖ ଖାନଙ୍କ ଦଳ। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଗୁଏନା କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇ କାରଣରୁ ଦଳ ବଡ଼ ସ୍କୋର ଛିଡ଼ା କରିପାରି ନ ଥିଲା। ଦଳ ଧାର୍ଯ୍ୟ ୨୦ ଓଭର୍‌ରେ ୯ ଉଇକେଟ ହରାଇ ୧୪୭ ରନ୍ କରିଥିଲା। ଲୁକ ରୋଞ୍ଚି ୪୪ ଓ ଜାସୋନ ମହମ୍ମଦ ୨୪ ରନ୍ କରିଥିଲେ। ନାଇଟ ରାଇଡର୍ସ ପକ୍ଷରୁ ଖାରି ପିଏରେ ୩ ଓ ଅଧିନାୟକ ଡ୍ୱେନ ବ୍ରାଭୋ ୨୨ ଉଇକେଟ ନେଇଥିଲେ। ଜବାବରେ କଲିନ ମୁନ୍‌ରୋଙ୍କ ବିସ୍ଫୋରକ ୬୮ (୩୯ ବଲ, ଖେଳି ୬ ଚୌକା ଓ ୩ ଛକା) ରନ୍‌ର ଅପରାଜିତ ଇନିଂସ୍ ବଳରେ ତ୍ରିନିଦାଦ ଟବାଗୋ ଦଳ ୧୭.୩ ଓଭର୍‌ରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ତାଙ୍କ ବ୍ୟତୀତ ବ୍ରେଣ୍ଡନ ମ୍ୟାକୁଲମ ୩୯ ଓ ଦୀନେଶ ରାମଦିନ ୨୪ ରନ୍ କରିଥିଲେ।



"ଆମର ମିଡଲ ଅର୍ଡର ଠିକ୍ ନାହିଁ। ଏସିଆ କପ୍‌ରେ ୪ର୍ଥ ଓ ୬ଷ୍ଠ ନମ୍ବର ସ୍ଥାନ ପାଇଁ ଖେଳାଳି ଚିହ୍ନଟ କରାଯିବ।

–ରୋହିତ ଶର୍ମା
ଭାରତ କ୍ରିକେଟ ଦଳର କାମଚଳା ଅଧିନାୟକ



"ଏସିଆ କପ୍‌ରେ ଭାରତ ବିପକ୍ଷ ମୁକାବିଲାରେ ବିଜୟ ହାସଲ ପାଇଁ ଆମକୁ ସମସ୍ତ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ହେବ ।

–ସର୍ଫରାଜ ଅହମ୍ମଦ, ପାକିସ୍ତାନ କ୍ରିକେଟ ଅଧିନାୟକ

# ଖେଳରନ୍ ପାଇଁ କୋହଲି, ଚାନୁଙ୍କ ନାମ ସୁପାରିସ

**ନୂଆଦିଲ୍ଲୀ, ୧୭।୯(ପି.ଟି.)**

ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ଓ ବିଶ୍ୱ ଚାମ୍ପିୟନ ଭାରୋତ୍ତୋଳିକା ମିରାବାଇ ଚାନୁଙ୍କ ନାମ ଯୁଗ୍ମଭାବେ ରାଜୀବ ଗାନ୍ଧୀ ଖେଳରନ୍ ପୁରସ୍କାର ପାଇଁ ସୁପାରିସ ହୋଇଛି। ତାରକା ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରାଙ୍କ ସମେତ ୨୦ କ୍ରୀଡ଼ାବିତ୍‌ଙ୍କ ନାମ ଅର୍ଜୁନ ପୁରସ୍କାର ପାଇଁ ସୁପାରିସ କରାଯାଇଛି।

ନୀରଜଙ୍କ ବ୍ୟତୀତ ଅର୍ଜୁନ ପୁରସ୍କାର ପାଇଁ ସୁପାରିସ ହୋଇଥିବା ନାମୀ ଖେଳାଳିଙ୍କ ମଧରେ ଅଛନ୍ତି ଜୁନିୟର ବିଶ୍ୱ ଚାମ୍ପିୟନ ସ୍ପ୍ରିଣ୍ଟର ହିମା ଦାସ, ଏସିଆନ ଗେମ୍ସ ଗୋଲ୍ଡ ମେଡାଲିଷ୍ଟ ଡିଷ୍ଟାନ୍ସ ରନର ଜିନସ ଜନସନ, ମହିଳା କ୍ରିକେଟର ସ୍ମୃତି ମାନ୍ଧାନା, ହକି ଖେଳାଳି ମନପ୍ରୀତ ସିଂ, ସବିତା ପୁନିଆ, ଏକାଧିକ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ପାଇଥିବା ଟେବୁଲ ଟେନିସ ତାରକା ମାନିକା ବାତ୍ରା ଏବଂ ଏସିଆଡ ଡବଲ୍ସ ଗୋଲ୍ଡ ମେଡାଲିଷ୍ଟ ଟେନିସ ଖେଳାଳି ରୋହନ ବୋପାନ୍ନା। ଅବସରପ୍ରାପ୍ତ ବିଚାରପତି ଇନ୍ଦରମିତ କୌଲ କୋଚରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଚୟନ କମିଟି ଉପରୋକ୍ତ କ୍ରୀଡ଼ାବିତ୍‌ଙ୍କୁ ମନୋନୀତ କରି ଅନୁମୋଦନ ପାଇଁ କ୍ରୀଡ଼ା ମନ୍ତ୍ରଣାଳୟକୁ ପଠାଇ ଦେଇଛି। କ୍ରୀଡ଼ାମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋର ଏହି ତାଲିକାକୁ ଅନୁଧ୍ୟାନ କରି ଅନୁମୋଦନ କରିବାପରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଚଳିତମାସ ୨୫ରେ ରାଷ୍ଟ୍ରପତି ଭବନରେ ପୁରସ୍କାର ପ୍ରଦାନ କରିବେ।

ଚୟନ କମିଟି ସୁପାରିସ ଅନୁମୋଦନ ଲାଭ କଲେ କୋହଲି ତୃତୀୟ କ୍ରିକେଟର ଭାବେ ଦେଶର ସର୍ବୋଚ୍ଚ କ୍ରୀଡ଼ା ପୁରସ୍କାର ଲାଭ କରିବେ। ପୂର୍ବରୁ କିମ୍ବଦନ୍ତୀ ଖେଳାଳି ସଚିନ ତେନ୍ଦୁଲକର ୧୯୯୭ରେ ଏବଂ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ୨୦୦୭ରେ ଏହି ପୁରସ୍କାର ପାଇଥିଲେ। ସୂଚନା ଅନୁସାରେ ଭାରତର ଶୀର୍ଷସ୍ଥାନୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି କିଡ଼ାମ୍ବୀ ଶ୍ରୀକାନ୍ତ ଖେଳରନ୍ ପୁରସ୍କାର ତାଲିକାରେ ସାମିଲ ଥିଲେ। ଗତବର୍ଷ ସୁପର ସିରିଜ ସର୍କିଟରେ ତାଙ୍କ ପ୍ରଦର୍ଶନ ଅତି ଚମତ୍କାର ରହିଥିଲା। ମାତ୍ର ତାଙ୍କୁ ପଛରେ ପକାଇ ୨୪ ବର୍ଷୀୟା ଚାନୁ ବାଜି ମାରିଥିଲେ। ଚାନୁ ସମ୍ପ୍ରତି ୪୮ କେଜି କାଟେଗୋରିରେ ବିଶ୍ୱ ଚାମ୍ପିୟନ ଅଛନ୍ତି।

ଏସିଆନ ଗେମ୍ସ ଗୋଲ୍ଡ ମେଡାଲିଷ୍ଟ ବକ୍ସର ଅମିତ ପଙ୍ଘାଲଙ୍କ ନାମ ଅର୍ଜୁନ ପୁରସ୍କାର ପାଇଁ ବିଚାରକୁ ନିଆ ଯାଇଥିଲା। ମାତ୍ର ସେ ୨୦୧୨ରେ ଡୋପ ଟେଷ୍ଟରେ ବିଫଳ ହୋଇଥିବାରୁ କମିଟି ସଦସ୍ୟମାନେ ତାଙ୍କ ନାମ ସୁପାରିସ କରିବା ବିପକ୍ଷରେ ମତ ଦେଇଥିଲେ। ସେହିପରି ଡୋପିଂ ସ୍କାଣ୍ଡାଲ ପାଇଁ ଭେଟେରାନ ଡିସ୍‌କସ୍ ଥ୍ରୋୟର ସୀମା ପୁନିଆଙ୍କ ନାମ ମଧ ସୁପାରସ କରାଯାଇ ନ ଥିଲା। ୩୫ ବର୍ଷୀୟା ପୁନିଆ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ ଗେମ୍ସରେ ପଦକ ବିଜୟୀ ହୋଇଥିଲେ ହେଁ ୨୦୦୦ ବିଶ୍ୱ ଜୁନିୟର ଚାମ୍ପିୟନଶିପ୍ ଅବସରରେ ଡୋପ୍ ଟେଷ୍ଟରେ ବିଫଳ ହୋଇଥିଲେ।





ବିରାଟ କୋହଲି ଓ ମିରାବାଇ ଚାନୁ।

**■ ରାଜୀବ ଗାନ୍ଧୀ ଖେଳରନ୍**

ବିରାଟ କୋହଲି(କ୍ରିକେଟ), ମିରାବାଇ ଚାନୁ(ଭାରୋତ୍ତୋଳନ)।

**■ ଅର୍ଜୁନ ପୁରସ୍କାର**

ନୀରଜ ଚୋପ୍ରା, ଜିନସନ ଜନସନ, ହିମା ଦାସ(ସମସ୍ତେ ଆଥଲେଟିକ୍ସ), ଏନ.ସିକ୍କି ରେଡ୍ଡୀ(ବ୍ୟାଡ୍‌ମିଣ୍ଟନ), ସତୀଶ କୁମାର (ବକ୍ସିଂ), ସ୍ମୃତି ମାନ୍ଧାନା(କ୍ରିକେଟ), ଶୁଭଙ୍କର ଶର୍ମା(ଗଲ୍ଫ), ମନପ୍ରୀତ ସିଂ, ସବିତା(ଉଭୟେ ହକି), ରବି ରାଠୋର(ପୋଲୋ), ରାହି ସର୍ନୋବତ, ଅଙ୍କୁର ମିତ୍ତଲ, ଶ୍ରେୟାସୀ ସିଂ(ସମସ୍ତେ ଶୁଟିଂ), ମାନିକା ବାତ୍ରା, ଜି.ସାଥିଆଁ (ଉଭୟ ଟେବୁଲ ଟେନିସ), ରୋହନ ବୋପାନ୍ନା(ଟେନିସ), ସୁମିତ(କୁସ୍ତି), ପୂଜା କାଡିଆନ(ଉଶୁ), ଅଙ୍କୁର ଧର୍ମା(ପାରା ଆଥଲେଟିକ୍ସ), ମନୋଜ ସରକାର(ପାରା ବ୍ୟାଡ୍‌ମିଣ୍ଟନ)।

ପୂର୍ବତନ ଏସିଆନ ଗେମ୍ସ ବ୍ରୋଞ୍ଜ ମେଡାଲିଷ୍ଟ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ ପଦକ ବିଜେତା ସତୀଶ କୁମାର ଏକମାତ୍ର ବକ୍ସରଭାବେ ଏଥର ଅର୍ଜୁନ ପୁରସ୍କାରରେ ସମ୍ମାନିତ ହେବେ। ୩ ଶୁଟର ରାହି ସର୍ନୋବତ, ଅଙ୍କୁର ମିତ୍ତଲ ଓ ଶେୟାସୀ ସିଂ ଏବଂ ପାରା ସ୍ପୋର୍ଟ୍ସର ୨ ଜଣ ଅଙ୍କୁର ଧର୍ମା ଓ ମନୋଜ ସରକାର ୨୦ ଜଣିଆ ତାଲିକାରେ ସାମିଲ ହୋଇଛନ୍ତି। ୧୮ ବର୍ଷୀୟା ହିମା ଦାସ ଏସିଆନ ଗେମ୍ସରେ ଗୋଟିଏ ସ୍ୱର୍ଣ୍ଣ ଓ ୨ ରୌପ୍ୟ ପଦକ ପାଇଥିଲେ। ଗଲ୍ଫର ଶୁଭଙ୍କର ପ୍ରକୃତ ଶର୍ଟଲିଷ୍ଟ ତାଲିକାରେ ନ ଥିଲେ ହେଁ ପ୍ରଭାବୀ ପ୍ରଦର୍ଶନ ପାଇଁ ପରେ ତାଙ୍କ ନାମ ବିଚାରକୁ ନିଆ ଯାଇଥିଲା।

ଇଣ୍ଡୋନେସିଆରେ ଏସିଆନ ଗେମ୍ସକୁ ଦୃଷ୍ଟିରେ ରଖି ଏଥର ଅଗଷ୍ଟ ୨୯ ଜାତୀୟ କ୍ରୀଡ଼ା ଦିବସରେ ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇ ନ ଥିଲା। ଖେଳରନ୍ ପୁରସ୍କାର ବିଜେତାଙ୍କୁ ୭.୫ ଲକ୍ଷ ଏବଂ ଅର୍ଜୁନ ବିଜେତାଙ୍କୁ ୫ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରାଯିବ।

ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ ର୍‍ୟାଙ୍କିଙ୍ଗର ବ୍ୟାଟ୍ସମ୍ୟାନ ତାଲିକାରେ କୋହଲି ଏବେ ନମ୍ବର ୱାନ ସ୍ଥାନରେ ଅଛନ୍ତି। ଗତ ୩ ବର୍ଷ ଧରି ସେ ଚମତ୍କାର ଫର୍ମରେ ଅଛନ୍ତି। ୨୦୧୬ ଓ ୨୦୧୭ରେ ମଧ ତାଙ୍କ ନାମ ଏହି ପୁରସ୍କାର ପାଇଁ ଆବେଦନ କରାଯାଇଥିଲା। ୨୯ ବର୍ଷୀୟ କୋହଲି ୭୧ ଟେଷ୍ଟରେ ୨୩ ଶତକ ସହାୟତାରେ ୬୧୪୭ ଏବଂ ୨୧୧ ଦିନିକିଆରେ ୩୫ ଶତକ ସହ ୯୭୭୯ ରନ ସଂଗ୍ରହ କରି ସାରିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ସେ ୫୮ ଶତକ ହାସଲ କରି ସାରିଛନ୍ତି। ଫଳରେ ସେ ଏହି ତାଲିକାରେ ସଚିନ ତେନ୍ଦୁଲକର(୧୦୦)ଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ପକ୍ଷରୁ ୩ ବର୍ଷ ଧରି ତାଙ୍କ ନାମ ଆବେଦନ କରାଯାଇ ଆସୁଛି। ୨୦୧୬ ରିଓ ଅଲିମ୍ପିକ୍ସରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ସାକ୍ଷୀ ମଲିକ, ପି.ଭି. ସିନ୍ଧୁ ଓ ଦୀପା କର୍ମକାରଙ୍କୁ ଏବଂ ୨୦୧୭ରେ ପୂର୍ବତନ ହକି ଅଧିନାୟକ ସର୍ଦ୍ଦାର ସିଂ ଓ ପାରା ଆଥଲେଟ୍ ଦେବେନ୍ଦ୍ର ଝାଝାରିଆଙ୍କୁ ଖେଳରନ୍ ପୁରସ୍କାର ପ୍ରଦାନ କରାଯାଇଥିଲା। କୋହଲି ପୁରସ୍କୃତ ହେଲେ ଉଭୟ ପଦ୍ମଶ୍ରୀ(୨୦୧୭) ଓ ଖେଳରନ୍ ପୁରସ୍କାର ପାଇବାରେ ବିରଳ କ୍ଲବରେ ସାମିଲ ହେବେ। କୋହଲି ୨୦୧୨ରେ ଆଇସିସି ଦିନିକିଆ କ୍ରିକେଟର ଅଫ୍ ଦି ଇୟର ଏବଂ ୨୦୧୭ରେ ଉଭୟ ଆଇସିସି ଦିନିକିଆ କ୍ରିକେଟର ଅଫ୍ ଦି ଇୟର ଓ ଆଇସିସି କ୍ରିକେଟର ଅଫ ଦି ଇୟର ପୁରସ୍କାର ପାଇଥିଲେ। ଏହା ବ୍ୟତୀତ ସେ ୫ ଥର ଭାରତୀୟ କ୍ରିକେଟର ଅଫ ଦି ଇୟର ପୁରସ୍କାର ମଧ ଲାଭ କରିଛନ୍ତି।

### ଅଲ୍ ଓଡ଼ିଶା ୬-ରେଡ୍ ସ୍ନୁକର ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ



ଜିତେନ ଷଡ଼ଙ୍ଗୀ

**ଭୁବନେଶ୍ୱର, ୧୭।୯(କ୍ରୀଡ଼ା ପ୍ରତିନିଧି):** ପଟିଆସ୍ଥିତ ୬ପକେଟ୍ସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ସର୍ବପ୍ରଥମ ଅଲ୍ ଓଡ଼ିଶା ୬-ରେଡ୍ ସ୍ନୁକର ଚାମ୍ପିୟନଶିପ୍‌ର ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଯାଇଛି। ସୋମବାର ଅନୁଷ୍ଠିତ ତୀବ୍ର ସଂଘର୍ଷପୂର୍ଣ୍ଣ କ୍ୱାର୍ଟର ଫାଇନାଲରେ ସୁବ୍ରତ ଦାସ ୫-୪ ଫ୍ରେମ୍‌ରେ ଜଗଦୀଶ ମହାନ୍ତିଙ୍କୁ ପରାସ୍ତ କରିଛନ୍ତି। ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଆକାଶ ମହାପାତ୍ର ୫-୧ ଫ୍ରେମ୍‌ରେ ରୁମିତ ଗୁପ୍ତାଙ୍କୁ ଏବଂ ତୃତୀୟ କ୍ୱାର୍ଟରରେ ଜୀତେନ ଷଡ଼ଙ୍ଗୀ ଟପ୍ ସିଡ୍ ଅନୁଜ ପଣ୍ଡାଙ୍କୁ ୫-୨ ଫ୍ରେମ୍‌ରେ ପରାସ୍ତ କରିଛନ୍ତି। ଉତ୍କଣ୍ଠାପୂର୍ଣ୍ଣ ୪ର୍ଥ ତଥା ଅନ୍ତିମ କ୍ୱାର୍ଟର ଫାଇନାଲରେ ଆକ୍ରମ ଖାଁ ୫-୪ ଫ୍ରେମ୍‌ରେ କୁନାଲ ଅଗ୍ରୱାଲଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। କ୍ୱାର୍ଟର ଫାଇନାଲ ମ୍ୟାଚଗୁଡ଼ିକ ୯ ଫ୍ରେମ୍ ବିଶିଷ୍ଟ ହୋଇଥିଲା। ମଙ୍ଗଳବାର ସୁବ୍ରତ ଦାସ ପ୍ରଥମ ସେମିଫାଇନାଲରେ ଆକାଶ ମହାପାତ୍ରଙ୍କୁ ଏବଂ ଜିତେନ ଷଡ଼ଙ୍ଗୀ ଦ୍ୱିତୀୟ ସେମିଫାଇନାଲରେ ଆକ୍ରମ ଖାଁଙ୍କୁ ଭେଟିବେ। ସନ୍ଧ୍ୟାରେ ଫାଇନାଲ ସହ ପ୍ରତିଯୋଗିତା ଶେଷ ହେବ।



ଜାତୀୟ ମହିଳା କମ୍ପାଉଣ୍ଡ ଆର୍ଚେରୀ ଟିମ୍ ସହ ମୁଖ୍ୟ କୋଚ୍ ଜିୱନଜୋତ ସିଂ ତେଜା (ବାମ)।

## ସର୍ବକନିଷ୍ଠ କୋଚ୍ ଭାବେ ତେଜା ପାଇବେ ଦ୍ରୋଣାଚାର୍ଯ୍ୟ

**ନୂଆଦିଲ୍ଲୀ, ୧୭।୯(ପି.ଟି.)**

ଜାତୀୟ ଆର୍ଚେରୀ କମ୍ପାଉଣ୍ଡ କୋଚ୍ ଜିୱନଜୋତ ସିଂ ତେଜା ସର୍ବକନିଷ୍ଠ କୋଚ୍ ଭାବେ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇବା ପାଇଁ ପଥ ପରିଷ୍କାର ହୋଇଛି। ୩୪ ବର୍ଷୀୟ ତେଜା ଓ ଏସିଆନ ଗେମ୍ସ ଗୋଲ୍ଡ ମେଡାଲିଷ୍ଟ ଅର୍ପିନ୍ଦର ସିଂଙ୍କ କୋଚ୍ ଏସ.ଏସ. ପନ୍ନୁଙ୍କ ନାମ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇ ସୁପାରିସ ହୋଇଛି।

ତେଜା ୨୦୧୩ରୁ ଜାତୀୟ କମ୍ପାଉଣ୍ଡ ଆର୍ଚେରୀ ଟିମ୍‌ର ମୁଖ୍ୟ କୋଚ୍ ରହି ଆସିଛନ୍ତି। ସେହିପରି ଟ୍ରିପଲ ଜମ୍ପର ଅର୍ପିନ୍ଦର ସିଂଙ୍କୁ ପନ୍ନୁ ଟ୍ରେନିଂ ଦେଇ ଆସୁଛନ୍ତି। ତାଙ୍କ ପ୍ରଶିକ୍ଷଣରେ ନିକଟରେ ଜାକର୍ତ୍ତାରେ ଅନୁଷ୍ଠିତ ଏସିଆନ ଗେମ୍ସରେ ଅର୍ପିନ୍ଦର ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଏହି ଦୁଇଜଣଙ୍କ ବ୍ୟତୀତ ବକ୍ସିଂ କୋଚ୍ ସି.ଏ. କୁଟାପ୍ପା, ଭାରୋତ୍ତୋଳନ କୋଚ୍ ବିଜୟ ଶର୍ମା ଏବଂ ଟେବୁଲ ଟେନିସ କୋଚ୍ ଏ. ଶ୍ରୀନିବାସ ରାଓଙ୍କ ନାମ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇଁ ସୁପାରିସ ହୋଇଥିବା କ୍ରୀଡ଼ା ମନ୍ତ୍ରଣାୟଳ ସୂତ୍ରରୁ ପ୍ରକାଶ।

ତେଜାଙ୍କ ପ୍ରଶିକ୍ଷଣରେ ଏସିଆନ ଗେମ୍ସ ମେଡାଲିଷ୍ଟ ତ୍ରିଶା ଦେବଙ୍କ କ୍ୟାରିୟର ନୂଆ ମୋଡ଼ ନେଇଥିଲା। ତ୍ରିଶା ଜଣେ ତୀରନ୍ଦାଜ ହେବାପାଇଁ ଫିଟ୍ ନୁହନ୍ତି ବୋଲି ୨୦୧୦ରେ ଜଣେ କୋରିଆ କୋଚ୍ ପ୍ରକାଶ କରିଥିଲେ। ମାତ୍ର ତେଜାଙ୍କ ପ୍ରଶିକ୍ଷଣରେ ତ୍ରିଶା ୨୦୧୪ ଇଞ୍ଚିଅନ ଏସିଆନ ଗେମ୍ସରେ ୨ଟି ବ୍ରୋଞ୍ଜ ପଦକ ଜିତିଥିଲେ। ତେଜାଙ୍କ କୋଚିଂରେ ଭାରତୀୟ ମହିଳା କମ୍ପାଉଣ୍ଡ ଦଳ ବିଶ୍ୱ ର୍‍ୟାଙ୍କିଙ୍ଗରେ ନମ୍ବରୱାନ ସ୍ଥାନ ହାସଲ କରି ପାରିଥିଲା। "ମୋ ପୁଅ ୨୦୧୦ରେ ଜନ୍ମ ହୋଇଥିଲା। ମାତ୍ର ଜାତୀୟ କ୍ୟାମ୍ପରେ ଥିବାରୁ ମୁଁ ଘରଠାରୁ ବାହାରେ ରହୁଥିବାରୁ ମୁଁ ମୋ ପୁଅର ପିଲାବେଳକୁ ଦେଖିପାରି ନ ଥିଲି। ସେ କେତେବେଳେ ଚାଲିବା ଆରମ୍ଭ କଲା ମଧ ମୁଁ ଜାଣି ପାରିନାହିଁ। ମାତ୍ର ତା'ର ଫଳ ମୋତେ ଏବେ ମିଳିଛି" ବୋଲି ସମ୍ପ୍ରତି ପଟିଆଲା କ୍ୟାମ୍ପରେ ଥିବା ତେଜା ପ୍ରକାଶ କରିଛନ୍ତି। ତେଜାଙ୍କ ଘର ସଙ୍ଗୁର ଜିଲାର ଭବାନୀଗଡ଼ ଗ୍ରାମରେ। ମାତ୍ର ୩୪ ବର୍ଷରେ ମୁଁ ଏହି ପୁରସ୍କାର ପାଇଁ ମନୋନୀତ ହୋଇଛି। ଏହା ମୋତେ ଏବଂ ଆର୍ଚେରୀ ଗେମ୍‌କୁ ଉତ୍ସାହିତ କରିଛି। ମୁଁ ଆହୁରି ୨୦ ବର୍ଷ ଏହି ଗେମ୍ ସହ ରହିପାରିବି। ମୁଁ ମୋ ଭାଇଙ୍କ ଭଳି ଜଣେ ଇଞ୍ଜିନିୟର ହେବାକୁ ମନସ୍ଥ କରିଥିଲି, ମାତ୍ର ପରେ ଆର୍ଚେରୀକୁ କ୍ୟାରିୟର କରିଥିଲି। ତେବେ ଭଲ ଟ୍ରେନିଂ ବ୍ୟବସ୍ଥା ଉପଲବ୍ଧ ନ ଥିବାରୁ ମୁଁ ଜଣେ ଭଲ ଅନ୍ତର୍ଜାତୀୟ ତୀରନ୍ଦାଜ ହୋଇପାରି ନ ଥିଲି। ମାତ୍ର କୋଚ୍ ଭାବେ ମୁଁ ସଫଳ ହୋଇପାରିଛି। ୨୦୧୧ରେ ଆମ ଟିମ୍ ବିଶ୍ୱ ର୍‍ୟାଙ୍କିଙ୍ଗର ୯ମ ସ୍ଥାନରେ ଥିଲା। ୨ ବର୍ଷ ମଧରେ ମୁଁ ତାହାକୁ ୨ ନମ୍ବର ସ୍ଥାନକୁ ଆଣି ପାରିଥିଲି ବୋଲି ତେଜା ପ୍ରକାଶ କରିଛନ୍ତି।

୪ ଜଣ କୋଚ୍ ଲାଇଫ୍ ଟାଇମ୍ କାଟେଗୋରିରେ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ସେମାନେ ହେଲେ କ୍ଲାରେନ୍ସ ଲୋବୋ(ହକି), ତାରକ ସିହ୍ନା(କ୍ରିକେଟ), ଜୀବନ କୁମାର ଶର୍ମା(ଜୁଡୋ) ଓ ଭି.ଆର. ବେଦୁ(ଆଥଲେଟିକ୍ସ)। ସେହିପରି ୪ ଜଣ ଧ୍ୟାନଚାନ୍ଦ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ସେମାନେ ହେଲେ ସତ୍ୟଦେବ ପ୍ରସାଦ(ଆର୍ଚେରୀ), ଭାରତ ଛେତ୍ରୀ(ହକି), ବବି ଆଲୟସିସ(ଆଥଲେଟିକ୍ସ) ଓ ଚୋଗ୍‌ଲେ ଦାଦୁ ଦତ୍ତାତ୍ରେୟ(କୁସ୍ତି)। ଦ୍ରୋଣାଚାର୍ଯ୍ୟ ଓ ଧ୍ୟାନଚାନ୍ଦ ପୁରସ୍କାର ପାଇଁ ଯେଉଁ ନାମ ସୁପାରିସ ହୋଇଛି ତାହା କ୍ରୀଡ଼ାମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋରଙ୍କ ଅନୁମୋଦନ ଅପେକ୍ଷାରେ ଅଛି। ରାଠୋର ଯାହାର ନାମକୁ ଅନୁମୋଦନ କରିବେ ତାଙ୍କୁ ରାଷ୍ଟ୍ରପତି ରାମ ନାଥ କୋବିନ୍ଦ ଚଳିତମାସ ୨୫ ତାରିଖରେ ପୁରସ୍କୃତ କରିବେ।

ଜଷ୍ଟିସ ମୁଦଗଲଙ୍କ ଅଧକ୍ଷତାରେ ଗଠିତ ଚୟନ କମିଟି ଉଭୟ ଦ୍ରୋଣାଚାର୍ଯ୍ୟ ଓ ଧ୍ୟାନଚାନ୍ଦ ପୁରସ୍କାର ପାଇଁ ନାମ ସୁପାରିସ କରିଛି। ଶୁଟର ସମରେଶ ଜଙ୍ଗ, ବ୍ୟାଡ୍‌ମିଣ୍ଟନ ତାରକା ଅଶ୍ୱିନୀ ପୋନ୍ନାପ୍ପା, ପୂର୍ବତନ ବକ୍ସିଂ କୋଚ୍ ଜି.ଏସ.ସାନ୍ଧୁ, ହକି କୋଚ୍ ଏ.କେ.ବନ୍‌ସଲ, ଆର୍ଚେରୀ କୋଚ୍ ସଞ୍ଜୀବ ସିଂ ପ୍ରମୁଖ ଏହି କମିଟିରେ ସଦସ୍ୟ ରହିଛନ୍ତି।

### ପାର୍ନେଲଙ୍କ ନୂଆ କାଉଣ୍ଟି ଚୁକ୍ତି

**ଲଣ୍ଡନ, ୧୭।୯ (ଏଏଫ୍‌ପି)**

ଦକ୍ଷିଣ ଆଫ୍ରିକାର ୱେନ୍ ପାର୍ନେଲ ଓର୍ସେଷ୍ଟରଶାୟର ସହିତ ଏକ ୩ ବର୍ଷିଆ ନୂଆ ଚୁକ୍ତି କରିଛନ୍ତି। ଫଳରେ ଏହି ୨୯ ବର୍ଷୀୟ ଅଲ୍‌ରାଉଣ୍ଡରଙ୍କ ଦକ୍ଷିଣ ଆଫ୍ରିକା କ୍ୟାରିୟର ଅନ୍ତ ଘଟିପାରେ। ପାର୍ନେଲ ଡିସେମ୍ବରରେ ଆଘାତପ୍ରାପ୍ତ ହୋଇଥିଲେ। ଏକ ବର୍ଷ ହେଲା ସେ ନିଜ ଦେଶ ତରଫରୁ ଖେଳିନାହାନ୍ତି। ପାର୍ନେଲଙ୍କ ସହାୟତାରେ ଓର୍ସେଷ୍ଟରଶାୟର ଶନିବାର ଏଜ୍‌ବାଷ୍ଟନଠାରେ ଇଂଲିଶ କ୍ରିକେଟର ଟ୍ୱେଣ୍ଟି୨୦ ବ୍ଲାଷ୍ଟ ଟାଇଟଲ ଜିତିଥିଲା। ଏହି ଦଳ ସହିତ ସେ ଆହୁରି କିଛିବର୍ଷ ଅତିବାହିତ କରିବାକୁ ଚାହାନ୍ତି।

## ସେହ୍ୱାଗଙ୍କ ଇସ୍ତଫା

**ନୂଆଦିଲ୍ଲୀ, ୧୭।୯(ପି.ଟି.)**

ପୂର୍ବତନ ଭାରତୀୟ ଓପନର ବୀରେନ୍ଦ୍ର ସେହ୍ୱାଗ ସୋମବାର ଦିଲ୍ଲୀ ଓ ଡିଷ୍ଟ୍ରିକ୍ଟ କ୍ରିକେଟ ଆସୋସିଏଶନ (ଡିଡିସିଏ)ର କ୍ରିକେଟ କମିଟି ପଦରୁ ଇସ୍ତଫା ଦେଇଛନ୍ତି। ବୋର୍ଡର ହିତ ପାଇଁ ଏଭଳି ନିଷ୍ପତ୍ତି ନେଇଥିବା ସେହ୍ୱାଗ କହିଛନ୍ତି। ତାଙ୍କ ସମେତ କ୍ରିକେଟ କମିଟି ସଦସ୍ୟ ଆକାଶ ଚୋପ୍ରା ଓ ରାହୁଲ ସାଙ୍ଘଭି ବୋଲିଂ କୋଚ୍ ପଦରେ ମନୋଜ ପ୍ରଭାକରଙ୍କୁ ନିଯୁକ୍ତ କରିବାକୁ ସୁପାରିସ ଦେଇଥିଲେ। କିନ୍ତୁ ଏହାକୁ ମ୍ୟାନେଜମେଣ୍ଟ ପ୍ରତ୍ୟାଖ୍ୟାନ କରିଥିଲା। ଏହା ହିଁ କ୍ରିକେଟ କମିଟି ଇସ୍ତଫାର କାରଣ ଥିବା ଆଶା କରାଯାଉଛି। ଡିଡିସିଏ ସୂତ୍ରରୁ ଜଣାପଡ଼ିଛି ୩ ଜଣଙ୍କ ଇସ୍ତଫାକୁ ଗ୍ରହଣ କରି ନିଆଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଆଗାମୀ ଦୁଇଦିନ ମଧରେ ନୂତନ ସମ୍ବିଧାନ କାର୍ଯ୍ୟକାରୀ ହେବ ଏବଂ ନୂଆ ନିଯୁକ୍ତି କରାଯିବ। "ଆମେ ଏକାସଙ୍ଗେ ଆସିଥିଲୁ ଏବଂ ଦଳର ଉନ୍ନତି ପାଇଁ ଆମେ ସମୟ ଓ ଯୋଗଦାନ କରିଛୁ। କିନ୍ତୁ ଡିଡିସିଏର ହିତକୁ ଦୃଷ୍ଟିରେ ରଖି ଆମେ କ୍ରିକେଟ କମିଟି ପଦରୁ ଇସ୍ତଫା ଦେଉଛୁ। କାର୍ଯ୍ୟବ୍ୟସ୍ତତା ଯୋଗୁ ଆମେ ଏହି ନିଷ୍ପତ୍ତି ନେଇଛୁ" ବୋଲି ସେହ୍ୱାଗ କହିଛନ୍ତି। ପ୍ରଭାକରଙ୍କ ନିଯୁକ୍ତ କରା ନ ଯିବା ପଛରେ ରହିଛନ୍ତି ଦିଲ୍ଲୀ ଅଧିନାୟକ ଗୌତମ ଗମ୍ଭୀର। ସେ ପ୍ରଭାକରଙ୍କ ନିଯୁକ୍ତିକୁ ବିରୋଧ କରୁଥିଲେ। କାରଣ ପ୍ରଭାକର ୨୦୦୦ରେ ଘଟିଥିବା ମ୍ୟାଚ୍ ଫିକ୍ସିଂ ସ୍କାଣ୍ଡାଲରେ ଜଡ଼ିତ ଥିଲେ।

## ସନ୍‌ସାଇନ୍ କ୍ଲବ ବିଜୟୀ



ସନ୍‌ସାଇନ୍ କ୍ଲବ ଓ ଆଜାଦ ହିନ୍ଦ କ୍ଲବ ମଧରେ ଅନୁଷ୍ଠିତ ମ୍ୟାଚ୍।

**କଟକ ଅଫିସ, ୧୭।୯**

**ଫାଓ ଲିଗ୍**

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ସୋମବାର ଦୁଇଟି ମ୍ୟାଚ୍ ଖେଳାଯାଇଛି । ଏଥିରେ ସନ୍‌ସାଇନ୍ କ୍ଲବ ବିଜୟୀ ହୋଇଥିବା ବେଳେ ଅନ୍ୟଏକ ମ୍ୟାଚ୍ ଡ୍ର ରହିଛି। ସନ୍‌ସାଇନ୍ କ୍ଲବ ୪-୦ ଗୋଲରେ ଆଜାଦ ହିନ୍ଦ କ୍ଲବକୁ ପରାସ୍ତ କରିଥିଲା । ଦଳ ପକ୍ଷରୁ ବିକି ସେଠୀ ୪୮ତମ ଓ ୫୦ତମ ମିନିଟରେ ଦୁଇଟି ଗୋଲ ସ୍କୋର କରିଥିଲେ । ୬୫ତମ ମିନିଟରେ ଅନିଲ ସାମଲ ଓ ୭୮ତମ ମିନିଟରେ ପ୍ରୀତିଶ ପଟ୍ଟନାୟକ ଗୋଟିଏ ଲେଖାଏ ଗୋଲ ସ୍କୋର କରିଛନ୍ତି । ସାଇ ଓ ଚାଉଳିଆଗଞ୍ଜ କ୍ଲବ ମଧରେ ଅନୁଷ୍ଠିତ ମ୍ୟାଚ୍ ଡ୍ର ହୋଇଥିଲେ ମଧ ରୋମାଞ୍ଚକର ହୋଇଥିଲା । ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ଭାବେ ହୋଇଥିଲା । ପରେ ଦ୍ୱିତୀୟାର୍ଦ୍ଧ ଖେଳ ଶେଷ ହେବାର ଅନ୍ତିମ କିଛି ମିନିଟରେ ଉଭୟ ଦଳ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ । ଚାଉଳିଆଗଞ୍ଜ ପକ୍ଷରୁ ୮୨ତମ ମିନିଟରେ ମାନ କରଙ୍ଗିଆ ଏକ ଗୋଲ ଦେଇଥିବା ବେଳେ ୮୩ତମ ମିନିଟରେ ସାଇ ପକ୍ଷରୁ ଶିବୁ ସାମଲ ଅନ୍ୟତମ ଗୋଲଟି ଦେଇଥିଲେ ।

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୮/୨୦୧୮ Bhubaneswar, Tuesday, September 18/ 2018

## ସଂକ୍ଷେପରେ

ରାମ ମନ୍ଦିରକୁ ନେଇ ଗୋବର୍ଦ୍ଧନ ମଠରେ ରୁଦ୍ଧଦ୍ୱାର ଆଲୋଚନା

### ଖୁବ୍‌ଶୀଘ୍ର ମତ ସ୍ୱଷ୍ଟ କରିବେ ଶଙ୍କରାଚାର୍ଯ୍ୟ

**ପୁରୀ ଅଫିସ, ୧୭।୯:** ରାମ ମନ୍ଦିର ପ୍ରସଙ୍ଗକୁ ନେଇ ସୋମବାର ଗୋବର୍ଦ୍ଧନ ମଠରେ ହୋଇଛି ରୁଦ୍ଧଦ୍ୱାର ଆଲୋଚନା। ବିଶ୍ୱହିନ୍ଦୁ ପରିଷଦର ପ୍ରମୁଖ କର୍ମକର୍ତ୍ତା ମଠକୁ ଆସି ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ପରାମର୍ଶ ଲୋଡିଛନ୍ତି। ଦିନତମାମ୍ ପ୍ରାୟ ୮ ଘଣ୍ଟା ଧରି ମାରାଥନ ଆଲୋଚନା ହୋଇଛି। ପୂର୍ବାହ୍ନ, ସନ୍ଧ୍ୟା ଏବଂ ରାତିରେ ୩ଟି ପର୍ଯ୍ୟାୟରେ ଏହି ରୁଦ୍ଧଦ୍ୱାର ବୈଠକ ହୋଇଛି। କିନ୍ତୁ ବୈଠକର ନିର୍ଯାସ ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନାହିଁ। ଖୁବ୍‌ଶୀଘ୍ର ଶଙ୍କରାଚାର୍ଯ୍ୟ ଏ ନେଇ ତାଙ୍କ ମତ ସ୍ୱଷ୍ଟ କରିବେ ବୋଲି କହିଛନ୍ତି। ତେବେ ଅଯୋଧ୍ୟାରେ ରାମ ମନ୍ଦିର ତିଆରି ହେବାର ଆବଶ୍ୟକତା ରହିଛି। ଏ ନେଇ ବିଚାରବିମର୍ଶ ଚାଲିଛି ବୋଲି ଜଗତ୍‌ଗୁରୁ କହିଛନ୍ତି। ବୈଠକରେ ଯୋଗଦେଇଥିବା ବିଶ୍ୱ ହିନ୍ଦୁ ପରିଷଦର ଅଖିଳ ଭାରତୀୟ ସଙ୍ଗଠନ ମନ୍ତ୍ରୀ ଦିନେଶ ଚନ୍ଦ୍ର କହିଛନ୍ତି ଯେ, ପୂର୍ବରୁ ରାମ ଜନ୍ମଭୂମି ଥିଲା ଏବେ ମଧ ଅଛି। ଯେହେତୁ ଏହା ଉପରେ କୋର୍ଟ ହସ୍ତକ୍ଷେପ କରିଛନ୍ତି ତେଣୁ ଆମେ କୋର୍ଟଙ୍କ ରାୟକୁ ଅପେକ୍ଷା କରିଛୁ। କିନ୍ତୁ ରାମ ମନ୍ଦିର ନିର୍ମାଣ ନେଇ ଯାହା କିଛି କରିବାକୁ ପଡିବ ଆମେ କରିବୁ। ଏ ନେଇ ସୋମବାର ଧର୍ମଗୁରୁଙ୍କ ପରାମର୍ଶ ନିଆଯାଇଛି। ଏ ସଂକ୍ରାନ୍ତରେ ପୁଙ୍ଖାନୁପୁଙ୍ଖ ବିଚାରବିମର୍ଶ ହୋଇଛି। ବିଶ୍ୱ ହିନ୍ଦୁ ପରିଷଦର ଏକ ଉଚ୍ଚସ୍ତରୀୟ କମିଟି ଗୁରୁଜୀଙ୍କ ସହିତ ଆଲୋଚନା କରିଛନ୍ତି।

ଏହି ବୈଠକରେ ବିଶ୍ୱ ହିନ୍ଦୁ ପରିଷଦର ଅଖିଳ ଭାରତୀୟ ସଙ୍ଗଠନ ମନ୍ତ୍ରୀଙ୍କ ସମେତ ରାଜ୍ୟ ସଭାପତି, ଅରୁଣ ଉପାଧ୍ୟାୟ, କାର୍ଯ୍ୟକାରୀ ସଭାପତି ଡ. ବଦ୍ରିନାଥ ପଟ୍ଟନାୟକ, ଆର୍‌ଏସ୍‌ଏସ୍‌ର ଗୋପାଳ ମହାପାତ୍ର, ଲକ୍ଷ୍ମୀକାନ୍ତ ଦାଶ ପ୍ରମୁଖ ଯୋଗଦେଇଥିଲେ।

# ମ୍ୟାଙ୍ଗୋ ଫ୍ରୁଟ୍ ଡ୍ରିଙ୍କ୍ ପିଇ ୪ ପିଲା ଅସୁସ୍ଥ

- ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ
- କମ୍ପାନୀ ଡ୍ରିଷ୍ଟିବୁଟର୍‌ଙ୍କ ଗୋଦାମରେ ଚଢ଼ାଉ
- ନମୁନା ଯାଞ୍ଚ ପାଇଁ ଭୁବନେଶ୍ୱର ପଠାଗଲା

ସାଲେପୁର, ୧୭।୯(ଡି.ଏନ.ଏ.)

ସାଲେପୁର ଥାନା ଛକ ନିକଟ ଭୂୟାଁ ମାର୍କେଟ କମ୍ପ୍ଲେକ୍ସର ଏକ ଦୋକାନରୁ ରବିବାର ମ୍ୟାଙ୍ଗୋ ଫ୍ରୁଟ୍ ଡ୍ରିଙ୍କ୍ ପିଇ ୪ଜଣ ପିଲା ଅସୁସ୍ଥ ହୋଇଛନ୍ତି। ପିଲାମାନେ ଏହାକୁ ପିଇବା ପରେ ସେମାନଙ୍କ ମୁଣ୍ଡ ବୁଲାଇବା ସହ ବାନ୍ତି ହୋଇଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଘଟଣା ସଂକ୍ରାନ୍ତରେ ସାଲେପୁର ଗୋଷ୍ଠୀକେନ୍ଦ୍ର ଚିକିତ୍ସା ଅଧିକାରୀ ସଚ୍ଚିଦାନନ୍ଦ ମିଶ୍ରଙ୍କ ନିକଟରେ ଅଭିଯୋଗ ହେବା ପରେ ସେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଅବଗତ କରାଇଥିଲେ। ସୋମବାର ଅପରାହ୍ନରେ କଟକ ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରଭାକର ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଚନ୍ଦ୍ରାଦେଇପୁର ଗ୍ରାମରେ ଥିବା ଉକ୍ତ ପାନୀୟ କମ୍ପାନୀର ଡ୍ରିଷ୍ଟିବ୍ୟୁଟର ଉପରେ ଚଢ଼ାଉ କରାଯାଇଥିଲା। ସେଠାରୁ ଉକ୍ତ ପାନୀୟ ଭର୍ତ୍ତି ୪ଟି ଜାର୍ ସହ କିଛି ପେଟି ଓ ମହଜୁଦ୍ ଥିବା ସମସ୍ତ ସାମଗ୍ରୀକୁ ଜବତ କରାଯାଇଥିଲା। ଏଥିସହ କିଛି ନମୁନା ସଂଗ୍ରହ କରାଯାଇ ଭୁବନେଶ୍ୱରସ୍ଥିତ ଲାବୋରେଟୋରିକୁ ପରୀକ୍ଷା ପାଇଁ ପଠାଯାଇଛି। ଏ ସମ୍ପର୍କରେ ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରଧାନ କହିଛନ୍ତି, ଅଭିଯୋଗ ପାଇବା ପରେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ମିଶ୍ର ଓ ଅନ୍ୟମାନଙ୍କ ସହ ଉକ୍ତ ଡିଷ୍ଟ୍ରିବ୍ୟୁଟର ଉପରେ ଚଢ଼ାଉ କରିଥିଲି। ସେଠାରେ ମହଜୁଦ୍ ଥିବା ଡ୍ରିଙ୍କ୍‌ସ ପେଟିଗୁଡ଼ିକୁ ତନଖି କରିବା ସହ ଏହା କେଉଁଠାରେ ପ୍ରସ୍ତୁତ ହେଉଛି ତାହା ଦେଖିଥିଲୁ। ତେବେ ଏହାର ପ୍ରଭାବ ସ୍ୱାସ୍ଥ୍ୟପ୍ରତି କ'ଣ ରହୁଛି ସେ ସମ୍ପର୍କରେ ଜାଣିବା ପାଇଁ କିଛି ନମୁନା ସଂଗ୍ରହ କରି ରାଜ୍ୟ ସରକାରଙ୍କ ଜନସ୍ୱାସ୍ଥ୍ୟ ବିଭାଗ ପରୀକ୍ଷାଗାରକୁ ପଠାଯାଇଛି। ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡିବ ଓ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। କିଛିମାସ ତଳେ ରାଇସୁଙ୍ଗୁଡ଼ାର ଶନିମେଳାରେ ସରବତ ପିଇ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଲୋକ ଅସୁସ୍ଥ ହେବା ଘଟଣା ଅଞ୍ଚଳବାସୀଙ୍କ ମନରୁ ଲିଭିଣୁ ଏବେ ପୁଣି ୪ ଅସୁସ୍ଥ ହୋଇଛନ୍ତି। ଏହାକୁ ନେଇ ଲୋକଙ୍କ ଚିନ୍ତା ବଢ଼ିଛି।



ଡିଷ୍ଟ୍ରିବ୍ୟୁଟ ଉପରେ ଚଢ଼ାଉ ପରେ ନମୁନା ସଂଗ୍ରହ କରାଯାଉଛି।

# ଖୋର୍ଦ୍ଧାରେ ଖୋଲିଲା ପୋକ୍‌ସୋ ସର୍କିଟ କୋର୍ଟ

## ଆନ୍ଦୋଳନରୁ ଓହରିଲେ ଆଇନଜୀବୀ

ଖୋର୍ଦ୍ଧାଅଫିସ,୧୭।୯

ଖୋର୍ଦ୍ଧା ଜିଲା କୋର୍ଟ ପରିସରରେ ପୋକ୍‌ସୋ ସର୍କିଟ କୋର୍ଟ ସୋମବାର ଉଦ୍‌ଘାଟିତ ହୋଇଛି। ଖୋର୍ଦ୍ଧା ଜିଲା ଓକିଲ ସଂଘର ବରିଷ୍ଠ ଆଇନଜୀବୀ ବୁଦ୍ଧଦେବ ମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ପୋକ୍‌ସୋ ସର୍କିଟ କୋର୍ଟ ପ୍ରିଜାଇଡିଂ ଅଫିସର ଦାମୋଦର ରଥ, ଜିଲା ରେଜିଷ୍ଟ୍ରାର (ସିଭିଲ୍), ଖୋର୍ଦ୍ଧା ଜିଲା କୋର୍ଟର ସମସ୍ତ ବିଚାର ବିଭାଗୀୟ ଅଧିକାରୀ, ଜିଲା ଓକିଲ ସଂଘ ସଭାପତି ପ୍ରଭାତ ଦାଶ, ସମ୍ପାଦକ ସଞ୍ଜୟ ଶତପଥୀ ଓ ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଖୋର୍ଦ୍ଧା ଜିଲା ଗଠନର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ରୌପ୍ୟ ଜୟନ୍ତୀ ପାଳନ ଆରମ୍ଭ ହୋଇଛି। ହେଲେ ଜିଲା ସଦର ମହକୁମାକୁ ହକ୍ ଦିଆଯାଉ ନ ଥିବାରୁ ଅଗଷ୍ଟ ୧୩ ତାରିଖରୁ ଖୋର୍ଦ୍ଧା ଜିଲା ଓକିଲ ସଂଘ ଆନ୍ଦୋଳନକୁ ଓହ୍ଲାଇଥିଲା। ଜିଲା ସଦର ମହକୁମାରେ ଜିଲା ଜଜ୍ କୋର୍ଟ, ପୋକ୍‌ସୋ କୋର୍ଟ, ଭିଜିଲାନ୍ସ କୋର୍ଟ, ଜିଲା ରେଜିଷ୍ଟ୍ରେଶନ କାର୍ଯ୍ୟାଳୟ ଖୋଲିବା ସହ ସମସ୍ତ ଜିଲାସ୍ତରୀୟ କାର୍ଯ୍ୟାଳୟ ଖୋର୍ଦ୍ଧାରେ ରହିବାକୁ ଦାବି କରିଥିଲା ସଂଘ। ଦାବି ପୂରଣ ନ ହେଲେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ଚେତବାନୀ ଦିଆଯାଇଥିଲା। ତେବେ ପୋକ୍‌ସୋ କୋର୍ଟ ଖୋଲିବା ପରେ ଆନ୍ଦୋଳନକୁ ସ୍ଥଗିତ ରଖି ଆଇନଜୀବୀମାନେ କାର୍ଯ୍ୟରେ ଯୋଗଦେଇଛନ୍ତି।



ପୋକ୍‌ସୋ ସର୍କିଟ୍ କୋର୍ଟକୁ ଆଇନଜୀବୀ ବୁଦ୍ଧଦେବ ମହାପାତ୍ର ଉଦ୍‌ଘାଟନ କରୁଛନ୍ତି।

## ମଙ୍ଗଳା ମନ୍ଦିରରେ ମହିଳା ଭକ୍ତଙ୍କୁ ଦୁର୍ବ୍ୟବହାର, ମାଡ଼ ଘଟଣା

# ପ୍ରଶାସନ-ସେବାୟତ ସମିତି ଆଲୋଚନା ବିଫଳ

- ଗିରଫଦାରି ପ୍ରତିବାଦରେ ଧାରଣାରେ ବସିଲେ ସେବାୟତ
- ଭୋଗ ଲଗାଇ ନ ପାରି ଫେରୁଛନ୍ତି ଶହ ଶହ ଭକ୍ତ

କାକଟପୁର, ୧୭।୯(ଡି.ଏନ୍.ଏ.)

କାକଟପୁର ମା' ମଙ୍ଗଳା ମନ୍ଦିରରେ ମହିଳା ଭକ୍ତଙ୍କୁ ଦୁର୍ବ୍ୟବହାର ଓ ମାଡ଼ ଘଟଣାରେ ୩ ସେବାୟତ ଗିରଫ ହୋଇ ଜାମିନରେ ଆସିଛନ୍ତି। ତେବେ ପୋଲିସର ଏହି ଗିରଫଦାରି ପ୍ରତିବାଦରେ ସେବାୟତମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଫଳରେ ଏବେ ମନ୍ଦିରରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଘଟଣାକୁ ନେଇ ପ୍ରଶାସନ ଓ ସେବାୟତଙ୍କ ମଧ୍ୟରେ ହୋଇଥିବା ଆଲୋଚନା ବିଫଳ ହୋଇଛି।

ସୋମବାର ସେବାୟତ ସମିତି ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳପର୍ଯ୍ୟନ୍ତ ଧାରଣା ଦେଇଛି। ସେବାୟତମାନେ ପ୍ଲାକାର୍ଡ ଧରି ପୋଲିସ ବିରୋଧରେ ସ୍ଲୋଗାନ ଦେଇଛନ୍ତି। ପୋଲିସ ସେମାନଙ୍କ ଅଭିଯୋଗ ଗ୍ରହଣ କରୁ ନ ଥିବା ଓ ଏକପାଖିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଅଭିଯୋଗ ଆଣି ସମିତି ତୀବ୍ର ନିନ୍ଦା କରିଛି। ଏହାର ନିରପେକ୍ଷ ତଦନ୍ତ ଏବଂ ମନ୍ଦିରରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରି ଭକ୍ତଙ୍କ ବିରୋଧରେ ମଧ୍ୟ ମାମଲା ରୁଜୁ କରିବାକୁ ସେମାନେ ଦାବି କରିଛନ୍ତି।

ତେବେ ଆନ୍ଦୋଳନ ଯୋଗୁ ସୋମବାର ବିଶ୍ୱକର୍ମା ପୂଜାରେ ମନ୍ଦିରରେ ଭକ୍ତଙ୍କ ଭିଡ଼ ଲାଗିଥିଲା। କିନ୍ତୁ ସେବାୟତମାନେ କୌଣସି ଭକ୍ତଙ୍କ ଭୋଗ ମା'ଙ୍କ ନିକଟରେ ଲାଗି କରି ନ ଥିଲେ। ଫଳରେ ସେମାନେ ନିରାଶ ହୋଇ ଫେରିଥିଲେ। କାକଟପୁର ତହସିଲଦାର ରୋଜିନା ଦାଶ ଓ ନିମାପଡ଼ା ଏସ୍‌ଡିପିଓ ନିରଞ୍ଜନ ପାଢ଼ୀ ମନ୍ଦିରକୁ ଯାଇ ସେବାୟତଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ସେମାନେ ଜିଦ୍‌ରେ ଅଟଳ ରହିବାରୁ ବିଫଳ ହୋଇଥିଲା। ଦାବି ନ ମାନିବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ସେବାୟତ କମଳଲୋଚନ ଦୀକ୍ଷିତ ଓ ଲଳିତ କୁମାର ଦୀକ୍ଷିତ କହିଛନ୍ତି।

# ଲାଞ୍ଚ: ସମବାୟ ବ୍ୟାଙ୍କ ସହପରିଚାଳକ ଗିରଫ

କଟକ ଅଫିସ, ୧୭।୯

୭ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ସୁନ୍ଦରଗଡ଼ ଜିଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ସହପରିଚାଳକ ତପନ ପ୍ରଧାନ। ସୋମବାର ସେ ଏହି ଲାଞ୍ଚ ହେମଗିରି ଥାନା ଅଧୀନ କୁଣ୍ଡ ଗ୍ରାମର ଶ୍ରବଣ କୁମାର ଗରଡ଼ିଆ ନାମକ ବ୍ୟକ୍ତିଙ୍କଠାରୁ ପୂର୍ବ ଦାବି ମୁତାବକ ଗ୍ରହଣ କରୁଥିଲେ। ଗରଡିଆ ଗୋପାଳପୁର ଲାର୍ଜ ଏରିଆ ମଲ୍‌ଟି ପର୍ପୋଜ କୋଅପରେଟିଭ ସୋସାଇଟି (ଲାମ୍ପସ୍)ର ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ସୋନାଲି ଓ ଶ୍ରୀଲକ୍ଷ୍ମୀ ନାମକ ଦୁଇଟି ସ୍ୱୟଂ ସହାୟକ ଗୋଷ୍ଠୀର ଋଣ ସମ୍ପର୍କିତ କାଗଜପତ୍ରକୁ ହେଡ୍‌ଅଫିସ ପଠାଇବା ପାଇଁ ପ୍ରଧାନ ଏହି ଲାଞ୍ଚ ଦାବି କରିଥିଲେ। ବ୍ୟାଙ୍କର ହେମଗିରି ଶାଖା କାର୍ଯ୍ୟାଳୟରେ ସହକାରୀ ପରିଚାଳକ ପ୍ରଧାନ ଗରଡିଆଙ୍କଠାରୁ ଲାଞ୍ଚ ଗ୍ରହଣ କରୁଥିବାବେଳେ ସମ୍ବଲପୁର ଭିଜିଲାନ୍ସ ଡିଭିଜନର ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ପରେ ବେଲ୍‌ପାହାଡ଼ର ଗାନ୍ଧୀନଗରଠାରେ ଥିବା ତାଙ୍କ ଘରକୁ ଯାଞ୍ଚ କରାଯାଇଛି। ଏ ନେଇ ସମ୍ବଲପୁର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୧୬/୨୦୧୮) ରୁଜୁ ହୋଇଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ମାଆ ପୁଅକୁ, ମାଛ ପାଣିକୁ ଓ ଲୋଭୀ ଧନକୁ ଭଲ ପାଇବା ପରି,
ଯିଏ ପ୍ରକୃତ ଭକ୍ତ ସିଏ ଭଗବାନଙ୍କ ନାମକୁ ଭଲ ପାଇଥାଏ।
-ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଦିବ୍ୟାଙ୍ଗ ଛାତ୍ରଙ୍କ ମୃତ୍ୟୁ

**ନେମାଳ,୧୭।୯(ଡି.ଏନ.ଏ.):** ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ଥାନା ଅଧୀନ ନଗସପୁର ପଞ୍ଚାୟତ ବିଲିପାଳଦା ଗ୍ରାମର ଜଣେ ଦିବ୍ୟାଙ୍ଗ ଛାତ୍ର ସୋମବାର ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ମୃତ ଛାତ୍ର ହେଲେ ଗ୍ରାମର କିଶୋର ଚନ୍ଦ୍ର ଦାସଙ୍କ ପୁଅ ସ୍ୱସ୍ତିକ ଦାସ (୧୦)। ସକାଳେ ଘର ନିକଟ ପୋଖରୀରେ ଗାଧୋଉଥିବା ବେଳେ ଅସାବଧାନତା ବଶତଃ ପାଣିରେ ବୁଡ଼ିଯାଇଥିଲେ। ସେ ଜଣେ ଦିବ୍ୟାଙ୍ଗ ହୋଇଥିବାରୁ ପାଣିରୁ ଉଠି ଆସି ପାରି ନ ଥିଲେ। ସେଠାରେ କେହି ନ ଥିବାରୁ ସ୍ୱସ୍ତିକଙ୍କ ମୃତ୍ୟୁ ହୋଇ ଯାଇଥିଲା। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ଶେଷରେ ପୋଖରୀରୁ ସ୍ୱସ୍ତିକକୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ନଗସପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଡାକ୍ତର ନ ଥିବାରୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ତାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲକୁ ପଠାଯାଇଥିଲା। ସେ ବିଲିପାଳଦା ପ୍ରାଥମିକ ବିଦ୍ୟାଳୟର ୪ର୍ଥ ଶ୍ରେଣୀ ଛାତ୍ର ଥିଲେ।

### ହିନ୍ଦ୍ ମଜଦୁର ସଂଘ ପକ୍ଷରୁ ବ୍ଲକସ୍ତରୀୟ ବିଶ୍ୱକର୍ମା ପୂଜା

**ବଡ଼ମ୍ବା,୧୭।୯(ଡି.ଏନ.ଏ.):** ବଡ଼ମ୍ବା ହିନ୍ଦ୍ ମଜଦୁର ସଂଘ ପକ୍ଷରୁ ବ୍ଲକ ଅଧୀନ କଙ୍କଡ଼ାଯୋଡ଼ିସ୍ଥିତ ମା' ଅନନ୍ତ କୁମାରୀଙ୍କ ପୀଠରେ ବ୍ଲକସ୍ତରୀୟ ବିଶ୍ୱକର୍ମା ପୂଜା ଓ ବିଶ୍ୱକର୍ମା ସମ୍ମାନ ପ୍ରଦାନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ଏକ ସଚେତନତା ସଭା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାରେ ହିନ୍ଦ୍ ମଜଦୁର ସଭା ବଡ଼ମ୍ବା ଶାଖା ସଭାପତି ଅଭିମନ୍ୟୁ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ଅନୁସୂୟା ନାଏକ, ମୁଖ୍ୟବକ୍ତା ଓଡ଼ିଶା ନିର୍ମାଣ ମଜଦୁର ମହାସଂଘ ସମ୍ପାଦକ ଲକ୍ଷ୍ମୀଧର ସାହୁ, ସମ୍ମାନିତ ଅତିଥି ବ୍ଲକ ଉପାଧକ୍ଷ ସଦାନନ୍ଦ ସ୍ୱାଇଁ ଓ ଓଡ଼ିଶା ନିର୍ମାଣ ମଜଦୁର ମହାସଂଘ ସଂଗଠନ ସମ୍ପାଦକ ଆଶିଷ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ହିନ୍ଦ ମଜଦୁର ସଭା କଟକ ଜିଲା ସମ୍ପାଦକ ଦିଲୀପ କୁମାର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବଡ଼ମ୍ବା ସଂଘ ସମ୍ପାଦକ ରମେଶ ଚନ୍ଦ୍ର ଦାଶ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ବାଦି ଭାଗବତ ପରିବେଷଣ କରାଯାଇଥିଲା। ଏଥିରେ ବ୍ଲକ ଅଧୀନ କନ୍ତପଡ଼ା, ଚଣ୍ଡିମଙ୍ଗଳ ଓ କଙ୍କଡ଼ାଯୋଡ଼ି ଗ୍ରାମର ଭାଗବତ ମଣ୍ଡଳୀ ଅଂଶଗ୍ରହଣ କରିଥିଲେ। ସଂଘ ପକ୍ଷରୁ ମଞ୍ଚାସୀନ ଅତିଥିଙ୍କ ସମେତ ବିଭିନ୍ନ ନିର୍ମାଣ ଶ୍ରମିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଅକ୍ଟୋବର ୨୧ରେ ରାଜ୍ୟ ପୋଲିସ ପାଳିବ ସ୍ମରଣ ଉତ୍ସବ

**କଟକ ଅଫିସ,୧୭।୯:** ଅକ୍ଟୋବର ୨୧ରେ ଦେଶବ୍ୟାପୀ ପୋଲିସ ସ୍ମରଣ ଉତ୍ସବ ପାଳନ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ପୋଲିସ ମୁଖ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଛି। ଏଥିରେ ପୋଲିସ ଡିଜି, ଏଡିଜି ଯୋଗେଶ ବାହାଦୁର ଖୁରାନିଆ, ରାଜ୍ୟ କ୍ରାଇମବ୍ରାଞ୍ଚ ଏଡିଜିଙ୍କ ସମେତ ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିବାବେଳେ ଭିଡିଓ କନଫରେନ୍ସିଂ ଜରିଆରେ ଜିଲା ଏସ୍‌ପି ଓ କମିଶନରେଟ୍ ପୋଲିସର ଡିସିପି ସାମିଲ ହୋଇଥିଲେ। ନିଷ୍ପତ୍ତି ଅନୁଯାୟୀ, ପ୍ରତ୍ୟେକ ଜିଲାରେ ନିଜ ଅଞ୍ଚଳର ସ୍କୁଲ ଓ କଲେଜରେ ରାଜ୍ୟ ପୋଲିସ ଶହୀଦଙ୍କ ପ୍ରତିମୂର୍ତ୍ତି ସ୍ଥାନ ପାଇବ। ବିଭିନ୍ନ ଗଣମାଧମରେ ଏ ସଂକ୍ରାନ୍ତରେ ଲେଖା ପ୍ରକାଶ କରାଯିବ। ସେମାନଙ୍କ ଜୀବନୀକୁ ନେଇ ବିଭିନ୍ନ ଗଣମାଧମରେ ରୋଲ ମଡେଲ ଭାବେ ପ୍ରଦର୍ଶିତ କରାଯିବ। ଜଣେ ସିନିୟର ଅଫିସର ଶହୀଦ ପୋଲିସଙ୍କ ଘରକୁ ସ୍ୱତନ୍ତ୍ର ଭିଜିଟରେ ଯାଇ ତାଙ୍କ ପରିବାରର ଚଳଣିକୁ ଅନୁଧ୍ୟାନ କରିବେ। ସେହିଦିନ ଜିଲା ପୋଲିସ ମୁଖ୍ୟାଳୟରେ ସ୍କୁଲ ପିଲାଙ୍କୁ ନେଇ ଏହି ବିଷୟ ସମ୍ପର୍କିତ ପ୍ରବନ୍ଧ ପ୍ରତିଯୋଗିତା କରାଯିବ। ଶହୀଦ ପୋଲିସ ଅଧିକାରୀଙ୍କ କ୍ଷୁଦ୍ର ଭିଡିଓ ଚିତ୍ର, ଡକ୍ୟୁମେଣ୍ଟାରୀ ପ୍ରସ୍ତୁତ କରାଯାଇ ବିଭିନ୍ନ ଗଣମାଧମ ଏବଂ ସିନେମା ହଲରେ ପ୍ରଦର୍ଶନ କରାଯିବ। ଶହୀଦ ପୋଲିସ ଅଧିକାରୀଙ୍କ ତ୍ୟାଗର କାହାଣୀକୁ ନେଇ ପଥପ୍ରାନ୍ତ ନାଟକ କରାଯିବ। ସେପ୍ଟେମ୍ବର ମଧ ଭାଗରୁ ଏ କାର୍ଯ୍ୟକ୍ରମ ସମ୍ପର୍କିତ ତଥ୍ୟ ପବ୍ଲିକ ପ୍ଲେସଗୁଡିକରେ ଲଗାଯିବ। ରାଜ୍ୟବ୍ୟାପୀ ଦେଶାତ୍ମବୋଧ ମନୋଭାବ ଜାଗ୍ରତ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଜିଲା ପୋଲିସ ମୁଖ୍ୟାଳୟରେ ଏହି କାର୍ଯ୍ୟକ୍ରମ ପାଇଁ ମିନି ମାରାଥନ ଆୟୋଜନ କରାଯିବ। ସ୍ମରଣ ଉତ୍ସବ ପାଳନ ଦିନ ଶହୀଦ ପୋଲିସ ଅଧିକାରୀଙ୍କ ପରିବାର ସଦସ୍ୟଙ୍କୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରାଯିବ। ଉତ୍ସବ ପାଳନ ଦିନ ବିଭିନ୍ନ ଗଣମାଧମରେ ଏ ନେଇ ସ୍ୱତନ୍ତ୍ର ପୃଷ୍ଠା ପ୍ରକାଶ କରାଯିବ।

# ରେଢୁଆ ମଜୁରାଇରେ ମେଡିକାଲ ଟିମ୍

- ବ୍ଲକ ଅଧକ୍ଷାଙ୍କ ଉପସ୍ଥିତିରେ ସ୍ଥିତି ଅନୁଧ୍ୟାନ
- ଆଜି ହେବ ସଚେତନତା ବୈଠକ

**ରଘୁନାଥପୁର, ୧୭।୯( ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ରେଢୁଆ ମଜୁରାଇ ୱାର୍ଡ ନଂ. ୫ ଓ ୬ରେ ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁ ଡେଙ୍ଗୁ ରୋଗ ଦେଖାଦେଇଛି। ଏଠିକାର ଜଣେ ମହିଳା ଡେଙ୍ଗୁ ରୋଗରେ ପୀଡିତ ଖବର ଧରିତ୍ରୀରେ ସୋମବାର ପ୍ରକାଶ ପରେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଟିମ୍ ଗାଁରେ ପହଞ୍ଚିଥିଲା। ବ୍ଲକ ଅଧକ୍ଷା ସ୍ୱପ୍ନାସରିତା ବଳ ମଧ ଗାଁରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଡା. ପ୍ରଭାସ ଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ଆସିଥିବା ମହିଳା ସ୍ୱାସ୍ଥ୍ୟକର୍ମୀ ଅଞ୍ଜଳି ଦାସ, ପୁରୁଷ ସ୍ୱାସ୍ଥ୍ୟକର୍ମୀ ଦୀପକ ସାହୁ, ସ୍ଥାନୀୟ ଅଙ୍ଗନୱାଡ଼ି ଓ ଆଶା କର୍ମୀମାନେ ବିଭିନ୍ନ ସ୍ଥାନ ବୁଲି ଅନୁଧ୍ୟାନ କରିଥିଲେ। ଡେଙ୍ଗୁରେ ଆକ୍ରାନ୍ତ ଶାନ୍ତିଲତା ଜେନା ଏବେ କଟକରେ ଚିକିତ୍ସିତ ହେଉଥିବା ଏବଂ ଏହି ଗାଁରୁ ଅନ୍ୟ ୪ ଜଣ ବ୍ୟକ୍ତି ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ରକ୍ତ ପରୀକ୍ଷଣ ପରେ ସେମାନଙ୍କୁ ଡେଙ୍ଗୁ ହୋଇ ନ ଥିବା ଡା. ସ୍ୱାଇଁ କହିଥିଲେ। ଏହାଛଡା ମଙ୍ଗଳବାର ଗ୍ରାମବାସୀଙ୍କ ନେଇ ଏକ ସଚେତନତା କାର୍ଯ୍ୟକ୍ରମ କରାଯିବା ସହ ଅପରିଷ୍କାର ତଥା ଡେଙ୍ଗୁ ମଶାର ଉତ୍ପତ୍ତି ସ୍ଥଳକୁ ଅନୁଧ୍ୟାନ କରାଯାଇ ମଶା ତେଲ ଓ ଅନ୍ୟାନ୍ୟ ଉପକରଣ ପକାଯିବା ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ଏଥିସହ ଯେଉଁମାନେ ଜ୍ୱରରେ ଆକ୍ରାନ୍ତ ହୋଇଛନ୍ତି ସେମାନଙ୍କ ନିକଟକୁ ଯାଇ ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯିବ ବୋଲି ଡା. ସ୍ୱାଇଁ ପ୍ରକାଶ କରିଥିଲେ। ଏଥିପାଇଁ କେହି ଭୟଭୀତ ନ ହୋଇ ନିଜ ଘର, ଅଗଣା, ପ୍ଲାଷ୍ଟିକ ଡବା କିମ୍ବା ହାଣ୍ଡି ମାଠିଆ ଓ ଅନ୍ୟ ପାତ୍ରରେ ଜମି ରହିଥିବା ପାଣିକୁ ନଷ୍ଟ କରି ଦେବା ପାଇଁ ଟିମ୍ ପକ୍ଷରୁ ଲୋକଙ୍କୁ କୁହାଯାଇଥିଲା। ବ୍ଲକ ଅଧକ୍ଷା ବଳ ଲୋକମାନଙ୍କ ପାଖକୁ ଯାଇ ଏ ସମ୍ପର୍କରେ ସଚେତନତା ସୃଷ୍ଟି କରୁଥିବା ଦେଖାଯାଇଥିଲା। ମେଡିକାଲ ଟିମ୍ ଗାଁରେ ପହଞ୍ଚିବା ପରେ ସ୍ଥାନୀୟ ଅଧିବାସୀ ଆଶ୍ୱସ୍ତ ପ୍ରକାଶ କରିଛନ୍ତି।



ଡାକ୍ତରୀ ଦଳ ଓ ବ୍ଲକ ଅଧକ୍ଷା ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

# ସାଲେପୁର ସ୍ୱାର୍ଥରେ ପ୍ରତିବନ୍ଧକ ସାଜିଲେ କ୍ଷମା ମିଳିବନି

ସାଲେପୁର ବନ୍ଦ କରିଥିବା ସଂଗଠନ କର୍ମକର୍ତ୍ତାଙ୍କ ଖବରଦାତା ସମ୍ମିଳନୀ

**ସାଲେପୁର,୧୭।୯(ଡି.ଏନ.ଏ.)**

ସାଲେପୁର ବଜାର ରାସ୍ତାର ପ୍ରଶସ୍ତୀକରଣ, ଡ୍ରେନେଜ୍ ବ୍ୟବସ୍ଥା ଓ ସ୍ପିଡ୍ ବ୍ରେକର୍ ନିର୍ମାଣ ଆଦି ୭ ଦଫା ଦାବି ନେଇ ଗତ ଶନିବାର ସାଲେପୁର ସହରାଞ୍ଚଳ ବିକାଶ ପରିଷଦ, ସାଲେପୁର ବ୍ୟବସାୟୀ ମହାସଂଘ, ଚନ୍ଦ୍ରାଦେଇପୁର, ବାଲିସାହି ଓ ବାରିଗୋଳ ପଞ୍ଚାୟତ ପ୍ରତିନିଧିଙ୍କ ମିଳିତ ଡାକରାରେ ୧୨ ଘଣ୍ଟିଆ ସାଲେପୁର ବନ୍ଦ କରାଯାଇଥିଲା। ତେବେ ଏହି ବନ୍ଦକୁ ନେଇ କେତେକ ଲୋକେ ବିଭ୍ରାନ୍ତକର ମନ୍ତବ୍ୟ ଦେବା ସହ ଭିନ୍ନ ବିଶ୍ଳେଷଣ କରିଥିଲେ। ଏହାର ପ୍ରତିବାଦରେ ସୋମବାର ସନ୍ଧ୍ୟାରେ ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସାଲେପୁର ବନ୍ଦ କରିଥିବା ସଂଗଠନ କର୍ମକର୍ତ୍ତାଙ୍କ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଡକାଯାଇଥିଲା। ଏଥିରେ ସାଲେପୁର ସହରାଞ୍ଚଳ ବିକାଶ ପରିଷଦ ସଭାପତି ନନ୍ଦକିଶୋର ଭୂୟାଁ ସଭାପତିତ୍ୱ କରି କହିଥିଲେ, ସାଲେପୁର ବଜାରର ଉନ୍ନତି ପାଇଁ ଯେଉଁମାନେ ପ୍ରତିବନ୍ଧକ ସୃଷ୍ଟି କରୁଛନ୍ତି ସେମାନଙ୍କ ବରୋଧରେ ଦୃଢ଼ ଜବାବ୍ ଦିଆଯିବ। ଏପରି କି ସାଲେପୁର ବିଧାୟକଙ୍କ ବିରୋଧରେ ବିଷୋଦଗାର କରାଯାଇଥିଲା। ଦୀର୍ଘବର୍ଷ ହେବ ସାଲେପୁର ବଜାରର ସମସ୍ୟା ନେଇ ବଭିନ୍ନ ସଂଗଠନ ପକ୍ଷରୁ ପ୍ରଶାସନ ନିକଟରେ ବହୁବାର ଅଭିଯୋଗ ହୋଇଥିଲେ ମଧ ଏଥିପ୍ରତି କେହି କର୍ଣ୍ଣପାତ କରି ନ ଥିଲେ। ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ରାଜନୈତିକ ନେତୃତ୍ୱମାନେ ଲୋକଦେଖାଣିଆ ଭାବେ ବଜାର ସମସ୍ୟା ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବୋଲି ଭୂୟାଁ କହିଥିଲେ। ତେବେ ସାଲେପୁରର ସ୍ୱାର୍ଥରେ ଯେଉଁମାନେ ପ୍ରତିବନ୍ଧକ ସାଜିବେ ସେମାନଙ୍କୁ ସାଲେପୁରବାସୀ କେବେବି କ୍ଷମା ଦେବେନି ବୋଲି ଖବରଦାତା ସମ୍ମିଳନୀରେ କୁହାଯାଇଛି। ସମ୍ମିଳନୀରେ ନବକିଶୋର କର, ଆଇନଜୀବୀ ଅରୁଣୋଦୟ ମହାନ୍ତି, ସାଲେପୁର ବ୍ୟବସାୟୀ ମହାସଂଘ ସଭାପତି କୃଷ୍ଣଚନ୍ଦ୍ର ଜେନା ଓ ରଜନୀକାନ୍ତ ଦାଶ ଉପସ୍ଥିତ ଥିଲେ।

# ୧୧୮ ଅଭିଯୋଗ ଶୁଣିଲେ ଜିଲାପାଳ

**ମାହାଙ୍ଗା/ଲଳିତଗିରି,୧୭।୯(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଯୋଗଦେଇ ବ୍ଲକ ଅଞ୍ଚଳରୁ ଆସିଥିବା ୧୧୮ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ଗ୍ରାମ୍ୟ ଗୃହ ନିର୍ମାଣ ୪୧, ଭତ୍ତା ୮, ଶିକ୍ଷା ୫, ଅଙ୍ଗନୱାଡି ୨, ସ୍ୱାସ୍ଥ୍ୟ ୨, ବିଦ୍ୟୁତ୍ ୫, ଖାଉଟି କଲ୍ୟାଣ ୬, ରାସ୍ତା ଓ ସୁରକ୍ଷା ପ୍ରାଚୀର ୨, ପାନୀୟ ଜଳ ଓ ପରିମଳ ୧୪, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ୧୩, ଆଇନ ୮, ଦୁର୍ବିପାକ ୪ ଓ ଅନ୍ୟାନ୍ୟ ୫ଟି ଅଭିଯୋଗ ରହିଥିଲା। ଜିଲାପାଳ ଅଗ୍ରୱାଲ ଅଭିଯୋଗ ଗୁଡ଼ିକର ଶୁଣାଣି କରି ତୁରନ୍ତ ଫଇସଲା କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥି ସହ ଦୁଇ ଜଣଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରିଥିଲେ। ଜିଲାପାଳ ଅଗ୍ରୱାଲଙ୍କ ଏହି ବ୍ଲକରେ ପ୍ରଥମ ଜନଶୁଣାଣି ହୋଇଥିବାରୁ ଅଞ୍ଚଳର ବହୁ ଜନସାଧାରଣ ନୂତନ ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ମାଧବ ଚନ୍ଦ୍ର ସାହୁ, ଏଡିଏମ ବିଜୟ କୁମାର ଖଣ୍ଡାୟତରାୟ, ପିଡି ସରୋଜ କୁମାର ନାୟକ, ଉପଜିଲାପାଳ ସୁକାନ୍ତ ପ୍ରଧାନ, ବ୍ଲକ ଅଧକ୍ଷ ଶରତ ନାୟକ, ବିଡିଓ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ତହସିଲଦାର ଦିଲୀପ ମହାରଣା, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ରାଉତ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ବେହେରା, ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ନୃପେନ୍ଦ୍ର ଶତପଥୀ, ପାନୀୟ ଜଳ ଓ ପରିମଳ ଉପଖଣ୍ଡ ଅଧିକାରୀ କାଳୁଚରଣ ବେହେରା, ଜଳସେଚନ ବିଭାଗ କନିଷ୍ଠଯନ୍ତ୍ରୀ ପ୍ରସନ୍ନ ନାୟକ, ଆଇଆଇସି ଯୁଗଳ କିଶୋର ଦାସ, ଗ୍ରାମ୍ୟ ଉନ୍ନୟନ ବିଭାଗ ଉପଖଣ୍ଡ ଅଧିକାରୀ ସୌମେନ୍ଦୁ ସୂତାର, ଜଳସମ୍ପଦ ଅଧିକାରୀ ଅମୂଲ୍ୟ ଓଝା, ମାହାଙ୍ଗା ପ୍ରାଣୀଧନ ଚିକିତ୍ସା ଅଧିକାରୀ ମୃଣ୍ମୟ ପଣ୍ଡା ଓ ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀ ମାନସ ଦଳେଇ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଦୁର୍ଗାପୂଜା ପାଳନ ପ୍ରସ୍ତୁତି ବୈଠକ

**ସାଲେପୁର,୧୭।୯(ଡି.ଏନ.ଏ.)**

ସାଲେପୁର ବ୍ଲକ ବାଲିସାହି ପଞ୍ଚାୟତ ମାଛୁଆତି ଗ୍ରାମରେ ଦୁର୍ଗାପୂଜା ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ମା'ଦୁର୍ଗାଙ୍କ ମଣ୍ଡପରେ ସୋମବାର ଅନୁଷ୍ଠିତ ହୋଇଛି। ପୂଜା କମିଟି ସଭାପତି ନରହରି ସ୍ୱାଇଁ ସଭାପତିତ୍ୱ କରିଥିଲେ। ଗ୍ରାମବାସୀ ବୈଠକରେ ଉପସ୍ଥିତ ରହି ପୂଜା କିପରି ଶାନ୍ତିଶୃଙ୍ଖଳାର ସହ ପାଳନ କରାଯିବ ଆଲୋଚନା କରିଥିଲେ। ସୁଧୀର ଶତପଥୀ, ସମ୍ବିତ ଦାସ, ଅଶ୍ୱିନୀ ଦାସ, ବେଣୁଧର ମଲ୍ଲିକ, ଚିତ୍ତରଞ୍ଜନ ଶତପଥୀ, ବିନୟ ପାତ୍ର, କୃଷ୍ଣଚନ୍ଦ୍ର ଜେନା, ରାଜୀବ କୁମାର ଜେନା, ଅଭୟ ନାୟକ ଓ ବୀରକିଶୋର ନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସୁରଞ୍ଜନଙ୍କ ମୃତ୍ୟୁ ଘଟଣାର ତଦନ୍ତ ଜାରି

**ନରସିଂହପୁର,୧୭।୯(ସ୍ୱ.ପ୍ର.)**

ନରସିଂହପୁର ବ୍ଲକ ନଖପଡ଼ା ଗ୍ରାମର ସୁରଞ୍ଜନ ମହାରଣା (୨୦)ଙ୍କ ମୃତ୍ୟୁ ଘଟଣା ଏବେବି ରହସ୍ୟଘେରରେ। ପୋଲିସ ସୁରଞ୍ଜନ ବାପା ନାରାୟଣଙ୍କ ଅଭିଯୋଗ ଅନୁସାରେ ମାମଲା (ନଂ-୧୦୪/୧୮)ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିଲେ ମଧ ଏ ପର୍ଯ୍ୟନ୍ତ କାହାରିକୁ ଗିରଫ କରି ପାରିନାହିଁ। କେବଳ ସନ୍ଦେହରେ ୫ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଏପରି କି ସୁରଞ୍ଜନ ଅଚେତ ହୋଇ ପଡ଼ିଥିବା ସ୍ଥାନରୁ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରି ଫେରିବାର ୪ଦିନ ବିତି ଯାଇଥିଲେ ମଧ ତଦନ୍ତ ପ୍ରକ୍ରିୟା ଆଗେଇ ପାରୁନାହିଁ। ଏ ସମ୍ପର୍କରେ ଥାନା ଅଧିକାରୀ ନିହାର ରଞ୍ଜନ ମହାନ୍ତି କହିଛନ୍ତି, ଘଟଣାର ପ୍ରକୃତ ସତ୍ୟାସତ୍ୟ ଜଣା ପଡୁନାହିଁ। ବିଭିନ୍ନ ଦିଗକୁ ତର୍ଜମା କରାଯାଉଛି। ଖୁବ୍‌ଶୀଘ୍ର ମୃତ୍ୟୁ ଘଟଣାର ପର୍ଦ୍ଦାଫାଶ ହେବ।

# ପୂଜା ପାଇଲେ ଦେବଶିଳ୍ପୀ

**ବାଙ୍କୀ,୧୭।୯(ସ୍ୱ.ପ୍ର.)**

ବାଙ୍କୀର ବିଭିନ୍ନ ଅଞ୍ଚଳରେ ସୋମବାର ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ପାଳିତ ହୋଇଛି। ବାଙ୍କୀ ଉଠା ଜଳସେଚନ ବିଭାଗ, ବିଦ୍ୟୁତ୍ ବିଭାଗ, ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ, ପରିମଳ ବିଭାଗ ବାଙ୍କୀ-୧ ଓ ଅଟୋଷ୍ଟାଣ୍ଡ ଆଦି ଅନେକ ସ୍ଥାନରେ ବହୁ ଆଡ଼ମ୍ବର ସହକାରେ ପୂଜା ହୋଇଥିବା ଦେଖାଯାଇଛି। ଏଥିସହିତ କମାର, ମହାରଣା ଓ ବଣିଆ ସମ୍ପ୍ରଦାୟଙ୍କ ଘରେ ପୂଜା ଉତ୍ସବ ପାଳନ କରାଯାଇଛି। ବିଭିନ୍ନ ସ୍ଥାନରେ ସୁଉଚ୍ଚ ତୋରଣ ଏବଂ ଅତ୍ୟାଧୁନିକ ଆଲୋକ ମାଳାରେ ପୂଜାମଣ୍ଡପ ଝଲସୁଛି। ସନ୍ଧ୍ୟାରେ ବିଭିନ୍ନ ପୂଜା ମଣ୍ଡପରେ ବହୁ ଭକ୍ତଙ୍କ ସମାଗମ ହୋଇଛି।

**ଆଠଗଡ଼,(ସ୍ୱ.ପ୍ର.):** ଆଠଗଡ଼ର ବିଭିନ୍ନ ବୈଷୟିକ ଅନୁଷ୍ଠାନରେ ବିଶ୍ୱକର୍ମା ପୂଜା ପାଳିତ ହୋଇଛି। ଆଠଗଡ଼ ସେସୁ କାର୍ଯ୍ୟାଳୟ ପରିସର ସମେତ ଜନସ୍ୱାସ୍ଥ୍ୟ ବିଭାଗ, ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ବ୍ଲକ ଏବଂ ଅନ୍ୟ ବୈଷୟିକ ବିଭାଗରେ ପୂଜା ମହା ସମାରୋହରେ ପାଳିତ ହୋଇଛି। ଏଥିସହିତ ମା' ବାଉତୀ ମୋଟର ଚାଳକ ସଂଘ, ସୁଶୀଲ ସିମେଣ୍ଟ ୱାର୍କ ସପ୍ ଓ କନ୍ଦୋଳ ସ୍ଥିତ ବିଶ୍ୱକର୍ମା ଶ୍ରମିକ ସଂଘ ପକ୍ଷରୁ ପୂଜା ପାଳିତ ହୋଇଛି। ବହୁ ପୂଜା ମଣ୍ଡପରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

**ନିଶ୍ଚିନ୍ତକୋଇଲି,(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ବ୍ଲକର ବିଭିନ୍ନ ବୈଷୟିକ ଅନୁଷ୍ଠାନ ଓ ସରକାରୀ କାର୍ଯ୍ୟାଳୟରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଛି। ବ୍ଲକ କାର୍ଯ୍ୟାଳୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଫୁଲ୍ଲ ସାହୁଙ୍କ ତତ୍ତ୍ୱାବଧାନରେ ପୂଜା ପାଳନ କରାଯାଇଛି। ଯନ୍ତ୍ରୀ ସତ୍ୟରଞ୍ଜନ ପଣ୍ଡା, ଅନାମ ଚରଣ ବିଶ୍ୱାଳ, ବେଳାଭୂମି ସାହୁ, ବନ୍ୟା ମହାନ୍ତି ଓ ମୀନା କୁମାରୀ ସିନ୍ଧୁ ପ୍ରମୁଖ ଉପସ୍ଥିତ ଥିଲେ। ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପୂଜା ପାଳନ କରାଯାଇଛି। ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟଜିତ ଦଳାଇ, କନିଷ୍ଠ ଯନ୍ତ୍ରୀ କ୍ଷିତିଶ ପ୍ରଧାନ, ସୁଭେନ୍ଦୁ ଜେନା ଓ ମନୋଜ ସାହୁଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ମାନସ ମହାନ୍ତିଙ୍କ ତତ୍ତ୍ୱାବଧାନରେ ନିଶ୍ଚିନ୍ତକୋଇଲି, ଓରିକଣ୍ଟା ଓ ଅସୁରେଶ୍ୱର ସେକ୍ସନରେ ପୂଜା ପାଳିତ ହୋଇଛି। କେନ୍ଦୁପାଟଣା ଆଇଟିସି ମୁଖ୍ୟ ଦେବାଶିଷ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା କରାଯାଇଥିଲା। ଆଇଟିଆଇ ଓ ଡିପ୍ଲୋମା ଛାତ୍ରୀଛାତ୍ର ଦେବ ଶିଳ୍ପୀଙ୍କୁ ଆରାଧନା କରିଥିଲେ। ସେହିପରି ନିଶ୍ଚିନ୍ତକୋଇଲି ଟ୍ୟାକ୍ସି ଷ୍ଟାଣ୍ଡ, ବ୍ଲକ ଛକ ଟ୍ୟାକ୍ସି ଷ୍ଟାଣ୍ଡ ଓ ନିଶ୍ଚିନ୍ତକୋଇଲି ବଜାର ପ୍ରମୁଖ ସ୍ଥାନରେ ବିଶ୍ୱକର୍ମାଙ୍କ ପୂଜା ପାଳନ କରାଯାଇଛି।

**ନରସିଂହପୁର,(ସ୍ୱ.ପ୍ର):** ନରସିଂହପୁର ବ୍ଲକର ବିଭିନ୍ନ ଅନୁଷ୍ଠାନ, ସଂଘ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ବିଶ୍ୱକର୍ମା ପୂଜା ପାଳିତ ହୋଇଛି। ସଦର ମହକୁମାରେ ଥିବା ସେସୁ କାର୍ଯ୍ୟାଳୟ, ଆରପିୟୁଏଲ ଗୁରୁକୃପା ବୈଷୟିକ ବିଦ୍ୟାଳୟ, ଅଟୋ ଚାଳକ ସଂଘ, ଟ୍ୟାକ୍ସି ଚାଳକ ସଂଘ ଓ ମାଲ ବାହୀ ଅଟୋ ସଂଘ ପକ୍ଷରୁ ଆକର୍ଷଣୀୟ ତୋରଣ ନିର୍ମାଣ କରାଯାଇଛି। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏତଦ୍‌ବ୍ୟତୀତ ଗ୍ରାମାଞ୍ଚଳର ବିଭିନ୍ନ ଇଲେକ୍ଟ୍ରିକାଲ ଅନୁଷ୍ଠାନରେ ବିଶ୍ୱକର୍ମା ପୂଜା ପାଳନ କରାଯାଇଛି।

**ସାଲେପୁର,(ଡି.ଏନ.ଏ.):** ସାଲେପୁର ସହରରେ ବିଶ୍ୱକର୍ମାଙ୍କ ପୂଜା ଶାନ୍ତି ଶୃଙ୍ଖଳାର ସହ ଆରମ୍ଭ ହୋଇଛି। ସାଲେପୁର ବିଦ୍ୟୁତ୍ ବିଭାଗ ପକ୍ଷରୁ ପୂଜା ପାଳିତ ହୋଇଛି। ସେସୁ ବିଭାଗର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ। ସେହିପରି ସାଲେପୁର କାର୍ ଷ୍ଟାଣ୍ଡ, ମିନିଟ୍ରକ୍ ଆସୋସିଏଶନ୍, ଅଟୋ ଷ୍ଟାଣ୍ଡ, ବସ୍ ମାଲିକ ସଂଘ, ବହୁଗ୍ରାମ ବିଦ୍ୟୁତ୍ ସେକ୍ସନ୍, ରାଇସୁଙ୍ଗୁଡ଼ା ବିଦ୍ୟୁତ୍ ସେକ୍ସନ୍, ବାଲିଆ, ରାଇସୁଙ୍ଗୁଡ଼ାର ଗ୍ରୀଡ୍, ଜଗତ୍‌କୁଦ ବିଦ୍ୟୁତ୍ ସେକ୍ସନ୍, ଆଇଟିଆଇ କଲେଜ ଓ ବିଭିନ୍ନ ପ୍ରତିଷ୍ଠାନ ପକ୍ଷରୁ ବିଶ୍ୱକର୍ମାଙ୍କ ପୂଜା ଆନନ୍ଦ ଉଲ୍ଲାସରେ ପାଳିତ ହୋଇଛି।

**ରଘୁନାଥପୁର, (ଡି.ଏନ.ଏ.):** ରଘୁନାଥପୁର ବ୍ଲକ ଅଞ୍ଚଳରେ ବିଶ୍ୱକର୍ମାଙ୍କ ପୂଜା ସୋମବାର ପାଳିତ ହୋଇଯାଇଛି। ନୂଆପଡାସ୍ଥିତ ଓମ୍‌ଫେଡ ପ୍ଲାଣ୍ଟରେ ଜି.ଏମ. ବିଦ୍ୟାଧର ସାହୁ ଓ ପ୍ଲାଣ୍ଟ ମ୍ୟାନେଜର ପ୍ରଦ୍ୟୁମ୍ନ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଦିଲୀପ କୁମାର ଭୂୟାଁ ଓ ସିଦ୍ଧେଶ୍ୱର ଜେନା ଏଥିରେ ସହାୟତା କରିଥିଲେ। ସେହିପରି ରଘୁନାଥପୁର ଅଟୋ ଚାଳକ ସଂଘ, ଜଇପୁର ଅଟୋ ଆସୋସିଏଶନ, ସେସୁ ଅଫିସ, ଆରଡବ୍ଲୁ ଏସଏସ, ଶଶି ଇଞ୍ଜିନିୟରିଂ ୱାର୍କ ସପ, ଓଡ଼ିଶା ଷ୍ଟେଟ ଆଇଟିଆଇ, ସଙ୍କେତ ଆଇଟିଆଇ ସମେତ ଅନ୍ୟ କଳକାରଖାନାରେ ବିଶ୍ୱକର୍ମାଙ୍କ ପୂଜା ହୋଇଥିଲା। ସନ୍ଧ୍ୟାରେ କେତେକ ମଣ୍ଡପ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ମଣ୍ଡପ ନିଟକରେ ଆକର୍ଷଣୀୟ ସାଜସଜ୍ଜା ଦେଖଣାହାରୀଙ୍କୁ ବିମୋହିତ କରିଥିଲା।

**ନେମାଳ,(ଡି.ଏନ.ଏ.):** ନେମାଳ ଓ ଏହାର ଆଖପାଖ ଅଞ୍ଚଳରେ ବିଶ୍ୱକର୍ମାଙ୍କ ପୂଜା ପାଳିତ ହୋଇଛି। ଓରିକଣ୍ଟାସ୍ଥିତ ବିଦ୍ୟୁତ ସେକ୍ସନ୍ କାର୍ଯ୍ୟାଳୟରେ ଆଡମ୍ବର ସହକାରେ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପଣ୍ଡିତ ସୁଚିତ୍ରାନନ୍ଦ ଦାଶ ପୂଜାର୍ଚ୍ଚନା କରିଥିଲେ। ସହକାରୀ ଯନ୍ତ୍ରୀ ମାନସ ରଞ୍ଜନ ମହାନ୍ତି, କନିଷ୍ଠ ଯନ୍ତ୍ରୀ ଦିଗାମ୍ବର ମଲ୍ଲ, ଲାଇନମ୍ୟାନ୍ ବିଚିତ୍ରାନନ୍ଦ ସ୍ୱାଇଁ, କର୍ମଚାରୀ ରାମଚନ୍ଦ୍ର ସାହୁ, ଜ୍ଞାନରଞ୍ଜନ ଦାସ, ସଂଗ୍ରାମ ସ୍ୱାଇଁ, ଅଶୋକ କୁମାର ବେହେରା ଓ କୁନା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ନେମାଳସ୍ଥ ଟେଲିଫୋନ୍ ଏକ୍ସଚେଞ୍ଜ ଅଫିସ ସମେତ ସମସ୍ତ କ୍ଷୁଦ୍ର ଶିଳ୍ପ ଓ କଳ କାରଖାନାରେ ପୂଜା ପାଳିତ ହୋଇଛି।



ଆଠଗଡ଼ର ଏକ ମଣ୍ଡପରେ ପୂଜା ପାଉଥିବା ବିଶ୍ୱକର୍ମା।



ବାଙ୍କୀ ଅଟୋ ଆସୋସିଏଶନ୍ ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା।



ନେମାଳ ଅଞ୍ଚଳରେ ହୋଇଥିବା ବିଶ୍ୱକର୍ମା।



ନରସିଂହପୁରର ଏକ ପୂଜାମଣ୍ଡପରେ ବିଶ୍ୱକର୍ମା।



ବଡ଼ମ୍ବାର ମା' ଭଟ୍ଟାରିକା ଟ୍ୟାକ୍ସି ଡ୍ରାଇଭର ସଂଘ ପକ୍ଷରୁ ହୋଇଥିବା ବିଶ୍ୱକର୍ମା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୮ ସେପ୍ଟେମ୍ବର, ୨୦୧୮



ମାଛ ବିନା ପୋଖରୀ ଥାଇପାରେ, କିନ୍ତୁ ନିନ୍ଦୁକ ବିନା ଗ୍ରାମ ନାହିଁ।

-ଫକୀର ମୋହନ



## ସଂକ୍ଷେପରେ

### ମହିଳାଙ୍କୁ ଆକ୍ରମଣ: ଅଭିଯୁକ୍ତ ଗିରଫ

**କଟକ ଅଫିସ୍, ୧୭।୯:** ମାଲଗୋଦାମ ଥାନା ଅନ୍ତର୍ଗତ ପିଲଗ୍ରୀମ୍ ରୋଡ ଅଞ୍ଚଳର ମାମା ବେହେରା ନାମ୍ନୀ ମହିଳା ଏବଂ ତାଙ୍କ ପରିବାର ଲୋକଙ୍କୁ ଆକ୍ରମଣ କରିବା ଅଭିଯୋଗରେ ସୋମବାର ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଅଞ୍ଚଳର ଗଣେଶ୍ୱର ବିନ୍ଧାଣୀ। ଏଥିସହ ତାଙ୍କ ସ୍କୁଟି(ଓଡ଼ି ୦୫ ଡବ୍ଲ୍ୟୁ ୮୫୩୮)କୁ ପୋଲିସ ଜବତ କରି ଏକ ମାମଲା(ନଂ.୧୯୧/୧୮) ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ରବିବାର ରାତି ୯ଟାରେ ଗଣେଶ ମାମାଙ୍କୁ ଘରକୁ ଆସି ତାଙ୍କୁ ଗାଳିଗୁଲଜ କରିଥିଲେ। ଏହାକୁ ମାମାଙ୍କ ସ୍ୱାମୀ ବିରୋଧ କରିବାରୁ ଅଭିଯୁକ୍ତ ତାଙ୍କୁ ଏକ ଲୁହା ରଡରେ ଆକ୍ରମଣ କରିଥିଲେ। ପରେ ମାମାଙ୍କୁ ମଧ ଉକ୍ତ ରଡରେ ଆକ୍ରମଣ କରିଥିଲେ। ଫଳରେ ମାମା ପାଟି କରିବାରୁ ଗଣେଶ ଉକ୍ତ ସ୍ଥାନରୁ ପଳାଇ ଯାଇଥିଲେ। ଏ ନେଇ ମାମା ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ୭ ମୋବାଇଲ ଜବତ: ୪ ଗିରଫ

**କଟକ ଅଫିସ୍, ୧୭।୯:** ମୋବାଇଲ ଚୋରି ଅଭିଯୋଗରେ ମଙ୍ଗଳବାଗ ପୋଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗ ପୁରୁଲିଆ ଅଞ୍ଚଳର ଦୀପକ ଯାଦବ, ଗଙ୍ଗା ଯାଦବ, ଝାଡଖଣ୍ଡ ରାଞ୍ଚି ଅଞ୍ଚଳର ରାହୁଲ ମାଝି। ଏଥିସହିତ ଏହି ଚୋରିରେ ସାମିଲ ଥିବା ପଶ୍ଚିମବଙ୍ଗର ଜଣେ ନାବାଳକଙ୍କୁ ପୋଲିସ କାବୁ କରି ବାଳସୁଧାର ଗୃହକୁ ପଠାଇଛି। ସେମାନଙ୍କ ଠାରୁ ୭ଟି ମୋବାଇଲ ସହ ୫ ହଜାର ଟଙ୍କା ଜବତ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୧୯୨/୧୮) ରୁଜୁ କରିଛି। ସୂଚନା ଅନୁଯାୟୀ, ମଙ୍ଗଳାବାଗ ଅଞ୍ଚଳରେ ଥିବା ଏକ ଘରୋଇ ନର୍ସିଂହୋମ କ୍ଷୀରୋଦ ଚନ୍ଦ୍ର ବେହେରା କାର୍ଯ୍ୟ କରନ୍ତି। ରବିବାର ରାତିରେ ସେ ନର୍ସିଂହୋମ ପରିସରରେ ଶୋଇଥିବାବେଳେ ତାଙ୍କ ମୋବାଇଲ ଚୋରି ହୋଇଥିଲା। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ତେବେ ସେମାନେ ବାହାର ରାଜ୍ୟରୁ ଓଡ଼ିଶାକୁ ଆସି ରହୁଥିବାବେଳେ ଚୋରି କାର୍ଯ୍ୟରେ ଲିପ୍ତ ଥିବା ପୋଲିସ ସୂଚନା ଦେଇଛି।

### କଟକ ଉଠାଦୋକାନୀ ସଂଘର ସାଧାରଣ ସଭା

**କଟକ ଅଫିସ, ୧୭।୯:** କଟକ ଉଠାଦୋକାନୀ ସଂଘର ଏକ ସାଧାରଣ ସଭା ପାରାଦୀପ ବସ୍‌ଷ୍ଟାଣ୍ଡଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଡଭୋକେଟ ଅମରେନ୍ଦ୍ର ମହାନ୍ତି, ଏଆଇଟିୟୁସି ଜିଲା ସମ୍ପାଦକ ବିନୋଦ ବେହେରା ଯୋଗଦେଇଥିବାବେଳେ ସୁପ୍ରିମକୋର୍ଟଙ୍କ ଆଦେଶକୁ କାର୍ଯ୍ୟକାରୀ କରିବା, ସେମାନଙ୍କୁ ଉଚ୍ଛେଦ ବନ୍ଦ କରିବା, ଜୁଲମ ଅତ୍ୟାଚାର ନ କରି ସେମାନଙ୍କୁ ପରିଚୟପତ୍ର ଦେବା, ବିକ୍ରେତାମାନଙ୍କୁ ଭେଣ୍ଡିଂ ଜୋନ୍‌ର ଦୋକାନ ଯୋଗାଇଦେବା ଇତ୍ୟାଦି ଦାବି ଉପରେ ଆଲୋଚନା କରାଯାଇଥିଲା। ଦୋଲମୁଣ୍ଡାଇ, ରାଣୀହାଟ, ମଧୁପାଟଣା, ବାଦାମବାଡ଼ି ଅଞ୍ଚଳରୁ କ୍ଷୁଦ୍ର ବ୍ୟବସାୟୀମାନେ ବହୁ ସଂଖ୍ୟାରେ ଯୋଗଦେଇ ଆଗାମୀ ଦିନରେ ସିଏମ୍‌ସି କମିଶନରଙ୍କୁ ଦାବିପତ୍ର ଦେବାକୁ ସ୍ଥିର କରାଯାଇଛି। ଶିବ ବେହେରା, ରୁବି ଖୁଣ୍ଟିଆ ଓ ପ୍ରଶାନ୍ତ ରାଉତ ସଭା ପରିଚାଳନା କରିଥିଲେ।

### ଅସହାୟ ବ୍ୟକ୍ତି ଉଦ୍ଧାର

**କଟକ ଅଫିସ, ୧୭।୯:** ସୋମବାର ଅପରାହ୍ନରେ ଜଣେ ଅସହାୟ ବ୍ୟକ୍ତିଙ୍କୁ ମୁମୂର୍ଷୁ ଅବସ୍ଥାରେ ଜିଲା କୋର୍ଟ ପରିସରରୁ ଉଦ୍ଧାର କରାଯାଇଛି। ଲିଗାଲ ଆସିଷ୍ଟାଣ୍ଟ ଆସୋସିଏଶନର କର୍ମକର୍ତ୍ତା ରଘୁନାଥ ବେହେରା, ବସନ୍ତ ରାଉତ, ଶ୍ରୀକାନ୍ତ ବେହେରା, ଏସ୍.କେ. ମୁଜାଉଦ୍ଦିନ ପ୍ରମୁଖ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରି ଜିଲା ଜଜ୍ ସତ୍ୟନାରାୟଣ ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରାଇଥିଲେ। ମିଶ୍ର ତୁରନ୍ତ ଅସହାୟ ବ୍ୟକ୍ତିଙ୍କ ପାଖରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖିବା ପରେ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଗାର୍ଗୀ ପଟ୍ଟନାୟକଙ୍କୁ ଅସହାୟ ବ୍ୟକ୍ତିଙ୍କର ଚିକିତ୍ସା ବ୍ୟବସ୍ଥା କରାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପଟ୍ଟନାୟକ ତୁରନ୍ତ ପିଏଲ୍‌ଭି ନାଗେଶ୍ୱର ରାଓଙ୍କୁ ଚିଠି ମାଧ୍ୟମରେ ଅସହାୟ ବ୍ୟକ୍ତିଙ୍କର ଦାୟିତ୍ୱ ନେବା ପାଇଁ ନିର୍ଦ୍ଦେଶ କରିଥିଲେ। ସଙ୍ଗେ ସଙ୍ଗେ ଜିଲା ଜଜ୍ ଆମ୍ବୁଲାନ୍ସ ଡକାଇ ଅସହାୟ ବ୍ୟକ୍ତିଙ୍କୁ ଏସ୍‌ସିବି ମେଡିକାଲକୁ ପଠାଇବାର ବ୍ୟବସ୍ଥା କରାଇଥିଲେ। ଲିଗାଲ ଆସିଷ୍ଟାଣ୍ଟ ଆସୋସିଏଶନର କର୍ମକର୍ତ୍ତାମାନେ ଓ ପିଏଲ୍‌ଭି ନାଗେଶ୍ୱର ରାଓ ସେହି ବ୍ୟକ୍ତିଙ୍କୁ ଧରି ଏସ୍‌ସିବିର କାଜୁଆଲିଟିରେ ଭର୍ତ୍ତି କରିଥିଲେ।



ବାଦାମବାଡ଼ିଠାରେ କଟକ ମହାନଗର ଅଟୋ ଆସୋସିଏଶନ୍ ପକ୍ଷରୁ ଅନୁଷ୍ଠିତ ବିଶ୍ୱକର୍ମା ପୂଜା।



କଟକ ଖପୁରିଆ ଶିଳ୍ପାଞ୍ଚଳସ୍ଥିତ ସରକାରୀ ପ୍ରେସ୍‌ର ପିପି ୟୁନିଟ୍।



ଫୁଲନଖରାସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟ।



ନିଆଳିର ଏକ ପେଣ୍ଡାଲରେ ପୂଜା ପାଉଥିବା ବିଶ୍ୱକର୍ମାଙ୍କ ମୃଣ୍ମୟ ପ୍ରତିମା।



ଚୌଦ୍ୱାରସ୍ଥିତ ଇମ୍ଫା କାରଖାନା ପରିସର।



ଖୁଣ୍ଟୁଣୀରେ ଅନୁଷ୍ଠିତ ବିଶ୍ୱକର୍ମା ପୂଜା।

### ସହରରେ ପାର୍ବଣର ପରିବେଶ

# ପରିମଳ ବ୍ୟବସ୍ଥା ସୁଧାରିବାକୁ ସିଏମ୍‌ସିକୁ ନିର୍ଦ୍ଦେଶ

**କଟକ ଅଫିସ,୧୭।୯**

**ଗଣେଶ ପୂଜା ବେଳେ କରାଯାଇଥିବା ପ୍ରସ୍ତୁତି ପାଳନ ହୋଇନି**

ଗଣେଶ ପୂଜାଠାରୁ ସହରରେ ଆରମ୍ଭ ହୋଇଯାଇଛି ପାର୍ବଣର ପରିବେଶ। ଦୁର୍ଗାପୂଜା ପୂର୍ବରୁ ଅସଜଡା ପରିମଳ ବ୍ୟବସ୍ଥାକୁ ସୁଧାରିବା ଲାଗି ସିଏମ୍‌ସିକୁ ନିର୍ଦ୍ଦେଶ ଦେଇଛନ୍ତି ଜିଲାପାଳ। ହେଲେ ବାସ୍ତବ କଥା ହେଉଛି, ସିଏମ୍‌ସି ପାଖରେ ସହରର ପରିମଳ ବ୍ୟବସ୍ଥା ସୁଧାରିବାକୁ ଆବଶ୍ୟକ କର୍ମଚାରୀ ଏବଂ ସଫେଇ ସାମଗ୍ରୀ ନାହିଁ। ଗଣେଶ ପୂଜା ପୂର୍ବରୁ ମହାନଗର ନିଗମ ବିଭିନ୍ନ ପୂଜା ମଣ୍ଡପରେ ସଫେଇ ଏବଂ ପଲିଥିନ ବର୍ଜନ ନେଇ ସର୍ତ୍ତକତା ଜାରି କରିବାକୁ ନିଷ୍ପତ୍ତି ନେଇଛି ବୋଲି ସେତେବେଳେ କମିଶନର ଦାୟିତ୍ୱରେ ଥିବା ବିକାଶ ମହାପାତ୍ର କହିଥିଲେ। ହେଲେ ବର୍ତ୍ତମାନ ସହରର ବିଭିନ୍ନ ପୂଜା ମଣ୍ଡପରେ ପ୍ଲାଷ୍ଟିକ ବର୍ଜନ ବାର୍ତ୍ତା ଥିବା କୌଣସି ପୋଷ୍ଟର ଲାଗିନାହିଁ କିମ୍ବା ମଣ୍ଡପ ସାମ୍ନାରେ ଡଷ୍ଟବିନ ମଧ ଦେଖିବାକୁ ମିଳୁନାହିଁ। ସହରର ବିଭିନ୍ନ ୱାର୍ଡରେ ଠିକ୍ ସମୟରେ ସଫେଇ ହେଉ ନ ଥିବା ଏବଂ ନିୟମିତ ସମୟରେ ଅଳିଆ ଉଠୁ ନ ଥିବା ନେଇ ସାଧାରଣ ଲୋକେ ଅଭିଯୋଗ କରିଛନ୍ତି। ନୂତନ ଭାବେ ଦାୟିତ୍ୱ ନେଇଥିବା ସିଏମ୍‌ସି କମିଶନର ଶରତ ଚନ୍ଦ୍ର ନାୟକ କହିଛନ୍ତି, ମୁଁ କମ୍ ଦିନ ହେବ କାର୍ଯ୍ୟରେ ଯୋଗ ଦେଇଛି। ଏହା ଭିତରେ ଯାହାକିଛି ହୋଇପାରିବ ସେ ନେଇ ଚେଷ୍ଟା କରୁଛି। ପୂଜା ପାଇଁ ସହରରେ କିଭଳି ପରିଷ୍କାର ପରିଛନ୍ନତା ନେଇ କାମ କରାଯିବ ସେ ନେଇ ସିଏମ୍‌ସି ଆସନ୍ତା ବୁଧବାର ଏକ ସ୍ୱତନ୍ତ୍ର ବୈଠକ ଡାକିଛି। ତେବେ ଆଗକୁ ହେବାକୁ ଥିବା ଏହି ବୈଠକ ସମ୍ପର୍କରେ କର୍ପୋରେଟର ଗିରିବାଳା ବେହେରା କହିଛନ୍ତି, ଶେଷ ଥର ପାଇଁ ସ୍ୱାୟତ୍ତ ଶାସନ ଦିବସର ପ୍ରସ୍ତୁତି ନେଇ ଡକାଯାଇଥିଲା। ଏଥିରେ ଆମେ ସହରର ସମସ୍ୟା କଥା ଉଠାଇବାରୁ ଶାସକ ଦଳ କର୍ପୋରେଟର ସହଯୋଗ ନ କରିବାକୁ ବୈଠକ ଅଧାରୁ ବନ୍ଦ ହୋଇଥିଲା। ଏହାପରେ ଆଉ କାଉନସିଲ ବୈଠକ ଡକାଯାଇନାହିଁ। ତେଣୁ ସହରର ସମସ୍ୟା କାଉନ୍‌ସିଲରେ ଉଠିପାରିନାହିଁ। ମିଳିଥିବା ସୂଚନା ମୁତାବକ, ସୋମବାର ସିଏମ୍‌ସିର ହେଲ୍‌ଥ ଷ୍ଟାଣ୍ଡିଂ କମିଟି ପକ୍ଷରୁ ମହାନଗର ନିଗମ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସହରରେ ଥିବା ଅଚଳ ଷ୍ଟ୍ରିଟ ଲାଇଟଗୁଡିକୁ ମରାମତି କରାଯିବ, ଅଳିଆ ଉଠାଇବାକୁ ପ୍ରତି ୱାର୍ଡକୁ ଦୁଇଟି ଟ୍ରାକ୍ଟର ଦିଆଯିବ, ଡଷ୍ଟବିନ, ଚୂନ ବ୍ଲିଚିଂ ପ୍ରତି ପୂଜା ମଣ୍ଡପକୁ ଯୋଗାଇ ଦିଆଯିବାକୁ ନିଷ୍ପତ୍ତି ହୋଇଛି ବୋଲି କହିଛନ୍ତି ହେଲ୍‌ଥ ଷ୍ଟାଣ୍ଡିଂ କମିଟି ଅଧକ୍ଷ ରଞ୍ଜନ ବିଶ୍ୱାଳ। ତେବେ ଦେଖାଯାଉ ଏହି ସବୁ ନିଷ୍ପତ୍ତି କେତେ ଶୀଘ୍ର କାମ କରୁଛି।

## ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା

**ଖୁଣ୍ଟୁଣୀ/ଫୁଲନଖରା/ନିଆଳି/ଚୌଦ୍ୱାର, ୧୭।୯(ଡି.ଏନ୍.ଏ.)**

ସୋମବାର ସାରା ରାଜ୍ୟରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ବିଭିନ୍ନ ଶିଳ୍ପାନୁଷ୍ଠାନ ଓ ଘରୋଇ ଅନୁଷ୍ଠାନଗୁଡିକରେ ବେଶ୍ ଧୁମଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ ଖୁଣ୍ଟୁଣୀ ଥାନା ଘଣ୍ଟିଖାଲଠାରେ ଥିବା ଆରତି ଷ୍ଟିଲ କାରଖାନା ପରିସରରେ କାରଖାନାର ନିର୍ଦ୍ଦେଶକ ସୁଶେନ ମିତଲଙ୍କ ପୌରହିତ୍ୟରେ ଦେବଶିଳ୍ପୀଙ୍କ ପୂଜାର୍ଚ୍ଚନା କରାଯାଇଛି। ସେହିପରି ଧବଳେଶ୍ୱର ପଲିଟେକନିକ୍, ଖୁଣ୍ଟୁଣୀ ଟ୍ରକ ଚାଳକ ସଂଘ କାର୍ଯ୍ୟାଳୟ, ସେସୁ କାର୍ଯ୍ୟାଳୟରେ ବିଶ୍ୱକର୍ମା ପୂଜା ପାଳିତ ହୋଇଥିଲା।

କଟକସଦର ଥାନା ଫୁଲନଖରା ଓ ତା' ଆଖପାଖ ଅଞ୍ଚଳରେ ବିଶ୍ୱକର୍ମା ପୂଜା ପାଳିତ ହୋଇଛି। ଫୁଲନଖରାରେ ଥିବା ବିଦ୍ୟୁତ୍ କାର୍ଯ୍ୟାଳୟରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଥିଲା। ଜାତୀୟ ରାଜପଥ ଭାଣପୁରଠାରୁ ଫୁଲନଖରା ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ ଶୋ'ରୁମଗୁଡିକରୁ ରଙ୍ଗିନ ଆଲୋକମାଳାରେ ସଜ୍ଜିତ ହୋଇଥିଲା।

ନିଆଳି ଅଞ୍ଚଳର ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। ନିଆଳିର ଜଳସେଚନ ବିଭାଗ, ବିଦ୍ୟୁତ୍ ବିଭାଗ, ପରିମଳ ବିଭାଗ, ବସ୍ ଆସୋସିଏଶନ ପକ୍ଷରୁ ଦେବଶିଳ୍ପୀଙ୍କ ପୂଜା କରାଯାଇଥିଲା। ବିଭିନ୍ନ ମଣ୍ଡପକୁ ଆକର୍ଷଣୀୟ ତୋରଣ ସାଙ୍ଗକୁ ରଙ୍ଗବେରଙ୍ଗର ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ଏହି ଅବସରରେ ଆର୍. କେ. ଇଞ୍ଜିନିୟରିଂ କଲେଜରେ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଚୌଦ୍ୱାରସ୍ଥିତ ଇମ୍ଫା କାରଖାନା ପରିସରରେ ଏହି ପୂଜା ଉତ୍ସବକୁ ସମସ୍ତ କର୍ମଚାରୀଙ୍କ ସମେତ ଅଞ୍ଚଳର ବହୁ ଜନସାଧାରଣ ପାଳନ କରିଥିଲେ। ସେହିପରି ଚୌଦ୍ୱାର ସେସୁ କାର୍ଯ୍ୟାଳୟ, ଟ୍ରକ ଓନର ଆସୋସିଏସନ, ଗାନ୍ଧୀଛକ ତାରେଣୀ ଟ୍ୟାକ୍ସି ଆସୋସିଏସନ ଓ ବିଭିନ୍ନ ବୈଷୟିକ ଶିକ୍ଷା ଅନୁଷ୍ଠାନରେ ଏହି ପୂଜା ମହାସମାରୋହରେ ପାଳିତ ହୋଇଥିଲା।

## ପୂର୍ବତନ ମନ୍ତ୍ରୀଙ୍କ ବିୟୋଗରେ ଶୋକ



ସ୍ୱରାଜ ଆଶ୍ରମଠାରେ ଦୋଳଗୋବିନ୍ଦଙ୍କ ମରଶରୀରରେ ଜିଲାପାଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

**କଟକ ଅଫିସ, ୧୭।୯**

ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ ଦୋଳଗୋବିନ୍ଦ ପ୍ରଧାନଙ୍କ ବିୟୋଗରେ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଶୋକବ୍ୟକ୍ତ କରିବା ସହ ତାଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି। ଦୋଳଗୋବିନ୍ଦ ଜଣେ ଗାନ୍ଧିବାଦୀ ନେତା ହିସାବରେ ରାଜ୍ୟରେ ପରିଚିତ ଥିଲେ। ୧୯୮୦-୯୦ ଏକ ଦଶନ୍ଧି ଧରି ସେ କଟକ ସଦର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ତତ୍କାଳୀନ ରାଜ୍ୟ ସରକାରଙ୍କ ଅଧୀନରେ ସେ ନଗର ଉନ୍ନୟନ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ସୋମବାର ତାଙ୍କ ମରଶରୀର ଐତିହାସିକ ସ୍ୱରାଜ ଆଶ୍ରମଠାରେ ପହଞ୍ଚିବା ପରେ ଜିଲାପାଳ ଅଗ୍ରୱାଲ ତାଙ୍କ ମରଶରୀରରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେହିପରି ଦୋଳଗୋବିନ୍ଦଙ୍କ ପରଲୋକରେ କଟକ ନଗର କଂଗ୍ରେସ ସଭାପତି ମହମ୍ମଦ ମୋକିମ୍, ପିସିସି ସାଧାରଣ ସମ୍ପାଦକ ବିଶ୍ୱଜିତ ଦାସ, ଗିରିବାଳା ବେହେରା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ୧୨ ବର୍ଷ ବୟସରୁ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇଥିବା ଦୋଳଗୋବିନ୍ଦଙ୍କ ବିୟୋଗରେ ସ୍ୱାଧୀନତା ସଂଗ୍ରାମର ଇତିହାସ ସହ ଏକ ବଳିଷ୍ଠ ଯୋଗସୂତ୍ର ଛିନ୍ନ ହେଲା ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି।

### ହରିୟାଣାର ସିବିଏସ୍‌ଇ ଟପ୍ପର ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣା

# ଦୋଷୀଙ୍କୁ କଠୋର ଦଣ୍ଡଦେବା ଦାବିରେ ବିକ୍ଷୋଭ

**କଟକ ଅଫିସ, ୧୭।୯**

ହରିୟାଣାର ସିବିଏସ୍‌ଇ ପରୀକ୍ଷାରେ ଟପ୍ପର ହୋଇ ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ହୋଇଥିବା ଛାତ୍ରୀଙ୍କ ଗଣବଳାତ୍କାରୀଙ୍କୁ କଠୋର ଶାସ୍ତି ଦାବି କରାଯାଇଛି। ଛାତ୍ର ସଙ୍ଗଠନ ଏଆଇଡିଏସ୍‌ଓ, ଯୁବ ସଙ୍ଗଠନ ଏଆଇଡିୱାଇଓ ଓ ମହିଳା ସଙ୍ଗଠନ ଏଆଇଏମ୍‌ଏସ୍‌ଏସ୍ ପକ୍ଷରୁ ସ୍ଥାନୀୟ କଲେଜ ଛକଠାରେ ସୋମବାର ଏ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ, ଛାତ୍ରୀ ଜଣକ ଗୋଟିଏ କୋଚିଂ ସେଣ୍ଟରରୁ ଫେରୁଥିବାବେଳେ ଗଣବାଳାତ୍କାରର ଶିକାର ହୋଇଥିଲେ। ବର୍ତ୍ତମାନ ପୀଡିତା ଛାତ୍ରୀ ଜଣକ ଏକ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଉକ୍ତ ଘଟଣା ପ୍ରତି ପୋଲିସ, ପ୍ରଶାସନର ଉଦାସୀନତା ଯୋଗୁ ଅପରାଧୀମାନଙ୍କୁ ଏ ପର୍ଯ୍ୟନ୍ତ ଗିରଫ କରାଯାଇନାହିଁ ବରଂ ନାନା ଆଳରେ ଏହାକୁ ଚପାଇଦେବାକୁ ଉଦ୍ୟମ ହେଉଛି। ଏହି ଘଟଣାରେ ଜଣେ ଯବାନ ସମ୍ପୃକ୍ତ ଥିବା ପୋଲିସ୍ ସୂଚନା ଦେଇଛି। ଦେଶରେ ବଢି ଚାଲିଥିବା ନିଶା କାରବାର, ଅଶ୍ଳୀଳତା, ଅପସଂସ୍କୃତିର ପ୍ରଚାର ତଥା ସରକାରୀ ଶାସନକଳର ଉଦାସୀନତା ପାଇଁ ଗଣବଳାତ୍କାର ଭଳି ଘଟଣା ପ୍ରତିଦିନ ଘଟୁଛି। ଏଣୁ ଏଭଳି ପରିସ୍ଥିତିରେ ଗଣବଳାତ୍କାର ଓ ହତ୍ୟା ଘଟଣାରେ ସମ୍ପୃକ୍ତ ଅପରାଧୀଙ୍କୁ କଠୋର ଦଣ୍ଡ ଦେବା ସହ ଅଶ୍ଳୀଳତା, ନିଶାଦ୍ରବ୍ୟର ପ୍ରଚାର ପ୍ରସାର ବିରୁଦ୍ଧରେ ଦୀର୍ଘସ୍ଥାୟୀ ଗଣଆନ୍ଦୋଳନ ସଙ୍ଗଠିତ କରିବା ପାଇଁ ସଙ୍ଗଠନର ନେତାମାନେ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଏଆଇଡିଏସ୍‌ଓ କଟକ ଜିଲା ସଭାପତି ଭାଗ୍ୟରବି ଦାସ, ଉପସଭାପତି ତରୁଣସେନ ନାୟକ, ସମ୍ପାଦକ ବିନୋଦ ସେଠୀ, ଛାତ୍ରନେତା ଇଶା ଧର, ଶିବାନୀ ସାହୁ, ଶୁଭସ୍ମିତା ସାହୁ, ରେଭେନ୍‌ଶାର ଛାତ୍ରନେତା ରଞ୍ଜନ ସାମଲ, ଆରତି ମେହେର, କଟକ ସିଟି ଯୁବ ସଙ୍ଗଠନ ଏଆଇଡିୱାଇଓ ପକ୍ଷରୁ ସଭାପତି ସସ୍ମିତା ମହାନ୍ତି, ସମ୍ପାଦକ ଦୀପକ ରଞ୍ଜନ ଦାସ, ଯୁବନେତା ପାଭେଲ ପ୍ରିୟଦର୍ଶନ, ପ୍ରତାପ ମିଶ୍ର, ଏଆଇଏମ୍‌ଏସ୍‌ଏସ୍ ପକ୍ଷରୁ ନାରୀନେତ୍ରୀ ସିପ୍ରା ମହାନ୍ତି, ସ୍ୱାଧୀନ ବେହେରା, ଶୋଭାରାଣୀ ଦେହୁରୀ, ସସ୍ମିତା ସାହୁ, ମନସ୍ୱିନୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।





କଟକ କଲେଜ ଛକଠାରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।



ମାଆ ପୁଅକୁ, ମାଛ ପାଣିକୁ ଓ ଲୋଭୀ ଧନକୁ ଭଲ ପାଇବା ପରି,
ଯିଏ ପ୍ରକୃତ ଭକ୍ତ ସିଏ ଭଗବାନଙ୍କ ନାମକୁ ଭଲ ପାଇଥାଏ।
-ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଦିବ୍ୟାଙ୍ଗ ଛାତ୍ରଙ୍କ ମୃତ୍ୟୁ

**ନେମାଳ,୧୭।୯(ଡି.ଏନ.ଏ.):** ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ଥାନା ଅଧୀନ ନଗସପୁର ପଞ୍ଚାୟତ ବିଲିପାଳଦା ଗ୍ରାମର ଜଣେ ଦିବ୍ୟାଙ୍ଗ ଛାତ୍ର ସୋମବାର ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ମୃତ ଛାତ୍ର ହେଲେ ଗ୍ରାମର କିଶୋର ଚନ୍ଦ୍ର ଦାସଙ୍କ ପୁଅ ସ୍ୱସ୍ତିକ ଦାସ (୧୦)। ସକାଳେ ଘର ନିକଟ ପୋଖରୀରେ ଗାଧୋଉଥିବା ବେଳେ ଅସାବଧାନତା ବଶତଃ ପାଣିରେ ବୁଡ଼ିଯାଇଥିଲେ। ସେ ଜଣେ ଦିବ୍ୟାଙ୍ଗ ହୋଇଥିବାରୁ ପାଣିରୁ ଉଠି ଆସି ପାରି ନ ଥିଲେ। ସେଠାରେ କେହି ନ ଥିବାରୁ ସ୍ୱସ୍ତିକଙ୍କ ମୃତ୍ୟୁ ହୋଇ ଯାଇଥିଲା। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ଶେଷରେ ପୋଖରୀରୁ ସ୍ୱସ୍ତିକକୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ନଗସପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଡାକ୍ତର ନ ଥିବାରୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ତାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲକୁ ପଠାଯାଇଥିଲା। ସେ ବିଲିପାଳଦା ପ୍ରାଥମିକ ବିଦ୍ୟାଳୟର ୪ର୍ଥ ଶ୍ରେଣୀ ଛାତ୍ର ଥିଲେ।

### 'କାବ୍ୟାଞ୍ଜଳି' କବିତା ପାଠ ଉତ୍ସବ

**ଚୌଦ୍ୱାର,୧୭।୯(ଡି.ଏନ୍.ଏ.):** ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଅମ୍ଳାନ ସ୍ମୃତି ଉଦ୍ଦେଶ୍ୟରେ 'କାବ୍ୟାଞ୍ଜଳି' କବିତା ପାଠ ଉତ୍ସବ ରବିବାର ସନ୍ଧ୍ୟାରେ ସ୍ଥାନୀୟ ଟାଉନହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। କବି ଇଂ. ହରିହର ରଣାଙ୍କ ଅଧ୍ୟକ୍ଷତାରେ ଭାଜପାର ରାଜ୍ୟ ଉପସଭାପତି ନୟନ କିଶୋର ମହାନ୍ତି ଅତିଥିଭାବେ ଯୋଗଦେଇଥିଲେ। ଏଥିରେ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଖ୍ୟାତନାମା କବି, କବୟିତ୍ରୀ ଯୋଗଦେଇ ବାଜପେୟୀଙ୍କ ଜୀବନାଦାର୍ଶ ଉପରେ ସ୍ୱରଚିତ କବିତା ପାଠ କରିଥିଲେ। ଶିଶୁ ସାହିତ୍ୟିକ ଦିବ୍ୟଜ୍ୟୋତି ପାଣି ପ୍ରାରମ୍ଭିକ ଭାଷଣ ଦେବା ସହ ହରିହରଙ୍କ ରଚିତ 'କାବ୍ୟାଞ୍ଜଳି' ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଭାଜପା ଜିଲା ଉପସଭାପତି ପ୍ରଶାନ୍ତ ହୋତା ଏବଂ ମଣ୍ଡଳ ସଭାପତି ବୈରାଗୀଚରଣ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସମ୍ପାଦକ ଜ୍ଞାନେନ୍ଦ୍ର ସ୍ୱାଇଁ, ଅଜିତ ସୁବୁଦ୍ଧିରାୟ, ମାନସ ସାମଲ, ଶାନ୍ତି ମୁଖାର୍ଜୀ, ଅନ୍ନପୂର୍ଣ୍ଣା ପଣ୍ଡା, ସ୍ୱର୍ଣ୍ଣଲତା ଷଡଙ୍ଗୀ, ଡ.ତ୍ରିଲୋଚନ ଖୁଣ୍ଟିଆ, କମଳ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

### ମନ୍ଦିର ପୋଖରୀରେ ବୁଡ଼ି ପୂଜକଙ୍କ ମୃତ୍ୟୁ

**ବାରଙ୍ଗ,୧୭।୯(ଡି.ଏନ୍.ଏ.):** ଭୁବନେଶ୍ୱର ବ୍ଲକ ଡାଉଆ ଗ୍ରାମରେ ଥିବା ସୋମନାଥ ମନ୍ଦିର ପୋଖରୀରେ ବୁଡ଼ି ସୋମବାର ସକାଳେ ମନ୍ଦିର ପୂଜକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ମାନସ ପଣ୍ଡା(୨୮)। ମାନସ ଠାକୁରଙ୍କ ସକାଳ ନୀତି କରିବା ପାଇଁ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ବୁଡ଼ି ଯାଇଥିଲେ। ବହୁ ସମୟ ଧରି ପୋଖରୀ ହୁଡ଼ାରେ ଗାମୁଛା ଓ ଚପଲ ଥୁଆ ହୋଇଥିବାର ଦେଖି ସ୍ଥାନୀୟ କେତେଜଣ ଯୁବକ ସନ୍ଦେହରେ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ପ୍ରଥମେ ଗ୍ରାମରେ ଖୋଜାଖୋଜି କରିଥିଲେ ମଧ ମାନସଙ୍କୁ ପାଇ ନ ଥିଲେ। ଶେଷରେ ଗ୍ରାମବାସୀଙ୍କ ସହାୟତାରେ ମନ୍ଦିର ପୋଖରୀରେ ଖୋଜାଖୋଜି କରାଯିବା ପରେ ତାଙ୍କ ମୃତଦେହକୁ ଉଦ୍ଧାର କରାଯାଇଥିଲା। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

### ଲୁଟ୍ ଘଟଣା: ୨ଗିରଫ

**ବାଲକାଟୀ,୧୭।୯(ଡି.ଏନ୍.ଏ.):** ରବିବାର ପାହାଳ ଫାଣ୍ଡି ଅଧୀନ ପୁରୀ ମୁଖ୍ୟ କେନାଲ ରାସ୍ତାରେ ଜଣେ ଯୁବକଙ୍କଠାରୁ ହୋଇଥିବା ଲୁଟ ଘଟଣାରେ ସୋମବାର ବାଲିଅନ୍ତା ପୋଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବାଙ୍ଗୁଆରୀ ଅଞ୍ଚଳର ଅରୁଣ ବାରିକ(୩୧) ଓ ଧମ୍ବରୁ ବେହେରା(୨୦)। ସୂଚନା ଅନୁଯାୟୀ ଶନିବାର ସନ୍ଧ୍ୟା ୬ଟାରେ କଟକ ଜିଲା କନ୍ଦରପୁର ଅଲାରପୁର ଗ୍ରାମର ବିପ୍ଳବ କୁମାର ମହାନ୍ତି(୭୮) ମଞ୍ଚେଶ୍ୱର ସ୍ଥିତ ଅଫିସରୁ କାମ ସାରି ବାଇକ ଯୋଗେ ପୁରୀ ମୁଖ୍ୟ କେନାଲ ରାସ୍ତାରେ ନିଜ ଘରକୁ ଯାଉଥିଲେ। ଏହି ସମୟରେ ଗିରଫ ଅଭିଯୁକ୍ତଦ୍ୱୟ ଏକ ସ୍କୁଟି ଯୋଗେ ଆସି ବିପ୍ଳବକୁ ମାରଣାସ୍ତ୍ର ଦେଖାଇ ନଗଦ ୧୨ହଜାର ଟଙ୍କା ସହ ପିନ୍ଧିଥିବା ୨୦ଗ୍ରାମର ସୁନା ଚେନକୁ ଲୁଟି ନେଇଯାଇଥିଲେ। ଏନେଇ ବିପ୍ଳବ ସଙ୍ଗେ ସଙ୍ଗେ ପାହାଳ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ନେଇ ବାଲିଅନ୍ତା ଥାନାରେ କେସ ନଂ ୨୭୯/୧୮ ରେ ପୋଲିସ ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣାରେ ସୁରାକ ପାଇ ପାହାଳ ତ୍ରିନାଥ ବଜାରରୁ ୨ଅଭିଯୁକ୍ତଙ୍କୁ ଗିରଫ କରିଥିବା କହିଛି।

# କେନାଲରେ ୧୦ ଫୁଟର ଘାଇ

- ରାସ୍ତାରେ ଚାଲିଲା ପାଣି
- ଯାତାୟାତ ବାଧାପ୍ରାପ୍ତ
- ଦୁର୍ବୃତ୍ତ ବନ୍ଧ ହାଣି ଦେଇଥିବା ଅଭିଯୋଗ

**ନିଆଳି, ୧୭।୯ (ଡ଼ି.ଏନ୍.ଏ.)**

ନିଆଳି ଜଳସେଚନ ବିଭାଗ ଅଧୀନ ନିଆଳି ଡ଼ିଷ୍ଟ୍ରିବ୍ୟୁଟାରୀ କେନାଲରେ ରବିବାର ରାତିରେ ଏକ ଘାଇ ସୃଷ୍ଟି ହୋଇଥିଲା। ଫଳରେ ଏହା ନିକଟ ଜାତୀୟ ରାଜପଥରେ ଆଣ୍ଠୁଏ ଉଚ୍ଚର ପାଣି ଜମା ହେବାରୁ ଯାତାୟାତରେ ସମସ୍ୟା ହୋଇଥିଲା। ଏହାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ ନୂଆଗାଁସ୍ଥିତ ଭୂତଗାଡ଼ିଆ ନିକଟରେ ନିଆଳି ଡ଼ିଷ୍ଟ୍ରିବ୍ୟୁଟାରୀ କେନାଲ ବନ୍ଧକୁ କେହି ଦୁର୍ବୃତ୍ତ ୨/୩ ଫୁଟ ଚଉଡାରେ ହାଣି ଦେଇଥିଲେ। ଫଳରେ ଏହି ବାଟରେ ପାଣି ଚାଲିବାରୁ ତାହା ଚଉଡା ହୋଇ ୧୦ ଫୁଟ ଘାଇରେ ପରିଣତ ହୋଇଥିଲା। ଫଳରେ ସୋମବାର ସକାଳୁ ନିଆଳି-ଫୁଲନଖରା ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଚାଲୁଥିବା ଦେଖି ସ୍ଥାନୀୟ ଲୋକେ ଜଳସେଚନ ବିଭାଗ ଅଧିକାରୀଙ୍କୁ ଫୋନ୍ ଯୋଗେ ଜଣାଇଥିଲେ। ଜଳସେଚନ ବିଭାଗ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସତ୍ୟବ୍ରତ ମିଶ୍ର ଘଟଣାସ୍ଥଳରେ ପହଞ୍ଚି କେନାଲ ପାଣି ବନ୍ଦ କରିବା ସହ ଘାଇ ହୋଇଥିବା ସ୍ଥାନକୁ ମରାମତି କରିଥିଲେ। ଏହାପରେ ରାସ୍ତା ଉପରୁ ପାଣି କମିଥିବାରୁ ଯାତାୟାତ ସ୍ୱାଭାବିକ ହୋଇଥିଲା। ଏ ସମ୍ପର୍କରେ ଯନ୍ତ୍ରୀ ମିଶ୍ର କୁହନ୍ତି, କେହି ଦୁର୍ବୃତ୍ତ କେନାଲ ବନ୍ଧକୁ ହାଣି ଏଭଳି କାର୍ଯ୍ୟ କରିବା ଦ୍ୱାରା ଜନସାଧାରଣ ହଇରାଣ ହେଉଛନ୍ତି। ପ୍ରତିବର୍ଷ ଏଭଳି କାର୍ଯ୍ୟ କରାଯାଉଛି। ଏହାର ଅନୁସନ୍ଧାନ କରାଯାଇ ଏଭଳି କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।



ଶିକ୍ଷା ବିକାଶ ସମିତି ପକ୍ଷରୁ ସିଡିଏ ସେକ୍ଟର-୯ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସୋମବାର ଅନୁଷ୍ଠିତ ଜ୍ଞାନବିଜ୍ଞାନ ମେଳା।



ସମତା ମଞ୍ଚର ପ୍ରତିନିଧିମାନେ ଜିଲାପାଳଙ୍କୁ ସ୍ମାରକପତ୍ର ଦେବାକୁ ଆସିଛନ୍ତି।

## ଓକିଲ-ପୋଲିସ ବିବାଦ
# ରାଜ୍ୟପାଳଙ୍କ ହସ୍ତକ୍ଷେପ ଦାବି କଲା ରାଜ୍ୟ ସମତା ମଞ୍ଚ

**କଟକ ଅଫିସ, ୧୭।୯**

ଓକିଲ-ପୋଲିସ ବିବାଦର ତୁରନ୍ତ ସମାଧାନ ଦିଗରେ ରାଜ୍ୟପାଳଙ୍କ ହସ୍ତକ୍ଷେପ ଦାବି କରିଛି ରାଜ୍ୟ ସମତା ମଞ୍ଚ। ମଞ୍ଚ ପକ୍ଷରୁ ସୋମବାର ଏ ସଂକ୍ରାନ୍ତରେ ଏକ ସ୍ମାରକପତ୍ର କଟକ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଛି। ଏହି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି, ନ୍ୟାୟ ପାଇବା ପ୍ରତି ନାଗରିକର ସାମ୍ବିଧାନିକ ଅଧିକାର। ଦୁର୍ଭାଗ୍ୟର କଥା ଓକିଲ-ପୋଲିସ ବିବାଦ ଯୋଗୁ ଉଚ୍ଚ ନ୍ୟାୟାଳୟ ସମେତ ଅନ୍ୟ ଅଦାଲତଗୁଡିକ ଅଚଳ ହୋଇପଡିଛି ଓ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ପୋଲିସ କର୍ମଚାରୀ ବେଆଇନ କାର୍ଯ୍ୟକଲେ ତାଙ୍କୁ ଘଣ୍ଟ ଘୋଡାଇବା ପୋଲିସ ପ୍ରଶାସନର ପରମ୍ପରାରେ ପରିଣତ ହୋଇଛି। ଏହାର ଅନ୍ତ ଘଟାଇବାକୁ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସମତା ମଞ୍ଚର ସଭାପତି ଚିତ୍ତରଞ୍ଜନ ମହାନ୍ତିଙ୍କ ସମେତ ପ୍ରଶାନ୍ତ ଦାସ, କ୍ଷୀରୋଦ ମହାପାତ୍ର, ବିଶ୍ୱାବସୁ ଦାସ, ସୁକାନ୍ତ ନାୟକ, ପ୍ରଶାନ୍ତ ପଣ୍ଡା, ଲକ୍ଷ୍ମୀଧର ମହାନ୍ତି, ଡଲି ଦାସ, କୁମାରେନ୍ଦ୍ର ମହାନ୍ତି, ସୂର୍ଯ୍ୟ ସାହୁ, ପାଭେଲ ପ୍ରିୟଦର୍ଶନ ଓ ଖଗେଶ୍ୱର ସେଠୀ ପ୍ରମୁଖ ଯୋଗଦେଇଥିଲେ।

### ଆଖି ବୁଜିଲେ ରାନୀ କିନ୍ନର

**କଟକ ଅଫିସ,୧୭।୯**

ଏସସିବି ମେଡିକାଲରେ ସୋମବାର ଆଖି ବୁଜିଲେ ରାନୀ କିନ୍ନର। ରାନୀଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରିଛନ୍ତି ଜିଲା ଆଇନସେବା ପ୍ରାଧିକରଣ ଚେୟାରମ୍ୟାନ ଜଷ୍ଟିସ ସତ୍ୟ ନାରାୟଣ ମିଶ୍ର। ରାନୀଙ୍କ ମୃତଦେହକୁ ମହାପ୍ରୟାଣ ଗାଡିଯୋଗେ ତାଙ୍କ ନୟାଗଡସ୍ଥିତ ବାସଭବନକୁ ପଠାଯାଇଛି। ସୂଚନାଯୋଗ୍ୟ, ଭଦ୍ରକରୁ ଭୁବନେଶ୍ୱର ଫେରୁଥିବା ସମୟରେ ଯାଜପୁର ରୋଡ୍ ନିକଟରେ ଅସାବଧାନତାବଶତଃ ଟ୍ରେନରୁ ଗଳିପଡି ରାନୀଙ୍କ ଗୋଡ଼ କଟିଯାଇଥିଲା। ଗତ ୧୨ ତାରିଖରେ ରାନୀ ଏସ୍‌ସିବିରେ ଭର୍ତ୍ତି ହୋଇଥିଲେ।

# ଅକ୍ଟୋବର ୨୧ରେ ରାଜ୍ୟ ପୋଲିସ ପାଳିବ ସ୍ମରଣ ଉତ୍ସବ

**କଟକ ଅଫିସ,୧୭।୯**

ଆସନ୍ତା ଅକ୍ଟୋବର ୨୧ ତାରିଖରେ ଦେଶବ୍ୟାପୀ ପୋଲିସ ସ୍ମରଣ ଉତ୍ସବ ପାଳନ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ପୋଲିସ ମୁଖ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଛି। ଏହି ବୈଠକରେ ପୋଲିସ ଡିଜି, ଏଡିଜି ଯୋଗେଶ ବାହାଦୁର ଖୁରାନିଆ, ରାଜ୍ୟ କ୍ରାଇମବ୍ରାଞ୍ଚ ଏଡିଜିଙ୍କ ସମେତ ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିବାବେଳେ ଭିଡିଓ କନଫରେନ୍ସିଂ ଜରିଆରେ ଜିଲା ଏସ୍‌ପି ଓ କମିଶନରେଟ୍ ପୋଲିସର ଡିସିପି ସାମିଲ ହୋଇଥିଲେ। ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ପ୍ରତ୍ୟେକ ଜିଲାରେ ନିଜ ଅଞ୍ଚଳର ସ୍କୁଲ ଓ କଲେଜରେ ରାଜ୍ୟ ପୋଲିସ ଶହୀଦମାନଙ୍କ ପ୍ରତିମୂର୍ତ୍ତି ସ୍ଥାନ ପାଇବ। ବିଭିନ୍ନ ଗଣମାଧ୍ୟମରେ ଏ ସଂକ୍ରାନ୍ତରେ ଲେଖା ପ୍ରକାଶ କରାଯିବ। ସେମାନଙ୍କ ଜୀବନ କାହାଣୀକୁ ନେଇ ବିଭିନ୍ନ ଗଣମାଧ୍ୟମରେ ରୋଲ ମଡେଲ ଭାବେ ପ୍ରଦର୍ଶିତ କରାଯିବ। ଜଣେ ସିନିୟର ଅଫିସର ଶହୀଦ ପୋଲିସ ଅଧିକାରୀଙ୍କ ଘରକୁ ସ୍ୱତନ୍ତ୍ର ଭିଜିଟରେ ଯାଇ ତାଙ୍କ ପରିବାରର ଚଳଣିକୁ ଅନୁଧ୍ୟାନ କରିବେ। ସେହିଦିନ ଜିଲା ପୋଲିସ ମୁଖ୍ୟାଳୟରେ ସ୍କୁଲ ପିଲାମାନଙ୍କୁ ନେଇ ଏହି ବିଷୟ ସମ୍ପର୍କିତ ପ୍ରବନ୍ଧ ପ୍ରତିଯୋଗିତା କରାଯିବ। ଶହୀଦ ପୋଲିସ ଅଧିକାରୀଙ୍କ କ୍ଷୁଦ୍ର ଭିଡିଓ ଚିତ୍ର, ଡକ୍ୟୁମେଣ୍ଟାରି ପ୍ରସ୍ତୁତ କରାଯାଇ ବିଭିନ୍ନ ଗଣମାଧ୍ୟମ ଏବଂ ସିନେମା ହଲ୍‌ରେ ପ୍ରଦର୍ଶନ କରାଯିବ। ଶହୀଦ ପୋଲିସ ଅଧିକାରୀଙ୍କ ତ୍ୟାଗର କାହାଣୀକୁ ନେଇ ପଥପ୍ରାନ୍ତ ନାଟକ କରାଯିବ। ସେପ୍ଟେମ୍ବର ମାସ ମଧ୍ୟଭାଗରୁ ଏ କାର୍ଯ୍ୟକ୍ରମ ସମ୍ପର୍କିତ ତଥ୍ୟ ପବ୍ଲିକ ପ୍ଲେସଗୁଡିକରେ ଲଗାଯିବ। ରାଜ୍ୟବ୍ୟାପୀ ଦେଶାତ୍ମବୋଧ ମନୋଭାବ ଜାଗ୍ରତ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଜିଲା ପୋଲିସ ମୁଖ୍ୟାଳୟରେ ଏହି କାର୍ଯ୍ୟକ୍ରମ ପାଇଁ ମିନି ମାରାଥନ ଆୟୋଜନ କରାଯିବ। ସ୍ମରଣ ଉତ୍ସବ ପାଳନ ଦିନ ଶହୀଦ ପୋଲିସ ଅଧିକାରୀଙ୍କ ପରିବାର ସଦସ୍ୟଙ୍କୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରାଯିବ। ଏହି ଉତ୍ସବ ପାଳନ ଦିନ ବିଭିନ୍ନ ଗଣମାଧ୍ୟମରେ ଏ ନେଇ ସ୍ୱତନ୍ତ୍ର ପୃଷ୍ଠା ପ୍ରକାଶ କରାଯିବ।

### ପଥପ୍ରାନ୍ତ ନାଟକରେ ଜନସଚେତନତା

**କଟକ ଅଫିସ, ୧୭।୯**

ସାମାଜିକ ସଙ୍ଗଠନ ଉତ୍କଳ ସେବକ ସମାଜ, ଓଡ଼ିଶା ଜଳ ଯୋଗାଣ ଓ ସ୍ୱେରେଜ ବୋର୍ଡର ମିଳିତ ସହଯୋଗରେ ନାଟକ 'ଡେଙ୍ଗୁରାବାଲା' ପରିବେଷିତ ହୋଇଛି। ଏହି ନାଟକ ମାଧ୍ୟମରେ କଟକକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ଜଳ ଓ ପରିମଳର ସୁପରିଚାଳନା ଦିଗରେ ବାର୍ତ୍ତା ପ୍ରଦାନ କରାଯାଇଛି। ସହରର କେଶରପୁର (ମସ୍‌ଜିଦ ପାଖ) ୱାର୍ଡ ନମ୍ବର ୩୩ ଓ ବୁଢୀମଙ୍ଗଳା ବିଦ୍ୟାପୀଠ କଲେଜ ସ୍କୋୟାର ପରିସରରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଜଳ ଓ ମଶାବାହିତ ରୋଗରୁ ରକ୍ଷା ପାଇବାକୁ ହେଲେ ଘରୁ ବାହାରୁଥିବା ଆବର୍ଜନାର ଠିକ୍ ସୁପରିଚାଳନା, ପାଇଖାନାରୁ ନିର୍ଗତ ଆବର୍ଜନା ଦୂଷିତ ଜଳକୁ ସ୍ୱେରେଜ ବ୍ୟବସ୍ଥାରେ ପରିଚାଳନା କରିବା, ଡ୍ରେନ୍‌ରେ ପଲିଥିନ, ଇଟା, ପଥର ନ ପକାଇବା ଉପରେ ନାଟକ ମାଧ୍ୟମରେ ବାର୍ତ୍ତା ପ୍ରଦାନ କରାଯାଇଥିଲା। ସ୍କୁଲ ପିଲାଙ୍କ ମାଧ୍ୟମରେ ଜାଗରଣ ଓ ସଚେତନତା ସୃଷ୍ଟି ସହ ଗୋଷ୍ଠୀ ଲୋକଙ୍କ ଭିତରେ ପରିମଳ ସଚେତନତା ସୃଷ୍ଟି ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ଅନୁଷ୍ଠାନର ପ୍ରବକ୍ତା ଇଂ. ଅନ୍ୱୟ ଅଭିନବ କହିଛନ୍ତି।

# ତଲାକୀ ମହିଳାଙ୍କ ପେନ୍‌ସନ ପ୍ରଦାନ ଦାବିରେ ଧାରଣା


ତଲାକୀ ମହିଳାଙ୍କ ପେନ୍‌ସନ ପ୍ରଦାନ ଦାବିରେ ୱାକଫ ବୋର୍ଡ ସମ୍ମୁଖରେ ଧାରଣା।

**କଟକ ଅଫିସ, ୧୭।୯**

୨୦୦୭ ମସିହାରେ ରାଜ୍ୟ ସରକାର ଓଡ଼ିଶାର ତଲାକି ଓ ନିରାଶ୍ରୟ ମହିଳାମାନଙ୍କର ଦୀର୍ଘବର୍ଷର ଦାବିକୁ ଗ୍ରହଣ କରି ମାସିକ ପେନ୍‌ସନ ପ୍ରଦାନ କରିଥିଲେ। ପ୍ରଥମ ଦଫାରେ ୬୧୬ ହିତାଧିକାରୀଙ୍କୁ ଏହି ସୁବିଧାରେ ଅନ୍ତର୍ଭୁକ୍ତ କରାଯାଇ ସେମାନଙ୍କର ବ୍ୟାଙ୍କ ଖାତା ଜରିଆରେ ପେନସନ ଟଙ୍କା ପ୍ରଦାନ କରାଯାଉଥିଲା। ହଠାତ୍ ୨୦୧୪ ମସିହାରେ ମାସିକ ପେନ୍‌ସନ ଟଙ୍କା ପ୍ରଦାନ ବନ୍ଦ କରି ଦିଆଗଲା। ଅନ୍ୟପକ୍ଷରେ ସଂଖ୍ୟାଲଘୁ ମୁସଲମାନମାନଙ୍କ ହଜ୍ ଯାତ୍ରା ପାଇଁ ରାଜ୍ୟ ସରକାର ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଅନୁଦାନ ହଜ୍ କମିଟିକୁ ଦେଉଥିଲାବେଳେ ଏହି ଅନୁଦାନ ଅର୍ଥର ବ୍ୟାପକ ତୋଷାରପାତ ହୋଇଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗ କରି କଟକ ମହାନଗର ସଂଖ୍ୟାଲଘୁ ନାଗରିକ ପରିଷଦ ଓ ତଲାକି ମହିଳା ସହାୟତା ସମିତି ପକ୍ଷରୁ ସୋମବାର ୱାକଫ ବୋର୍ଡ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଅଭିଯୋଗ ଅନୁଯାୟୀ, ରାଜ୍ୟ ହଜ୍ ଯାତ୍ରୀଙ୍କ ଯାତ୍ରାକାଳୀନ ସୁବିଧା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଅର୍ଥ ହରିଲୁଟ ହେଉଛି। ଏହି ହରିଲୁଟ ସମ୍ପର୍କରେ ବାରମ୍ବାର କଟକ ମହାନଗର ସଂଖ୍ୟାଲଘୁ ନାଗରିକ ପରିଷଦ ଓ ତଲାକୀ ମହିଳା ସହାୟତା ସମିତି ତରଫରୁ ବିଭିନ୍ନ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ, ସଂଖ୍ୟାଲଘୁ ବିଭାଗର ମନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଭାବରେ ଅବଗତ କରାଯାଇଥିଲେ ସୁଦ୍ଧା ଏଥିପ୍ରତି କେହି କର୍ଣ୍ଣପାତ କରୁନାହାନ୍ତି। ଏହାଦ୍ୱାରା ୨୭୦୦ ନିଃସହାୟ ମହିଳା ଦୁଃଖ କଷ୍ଟରେ ଦିନ କାଟୁଛନ୍ତି।

## ସିପି ଅଫିସରେ କାର୍ଯ୍ୟକ୍ଷମ ହେଲା ଅଭିଯୋଗ ପ୍ରକୋଷ୍ଠ
# ଲୋକଙ୍କ ଅଭିଯୋଗ ଶୁଣିଲେ କମିଶନର

**ଭୁବନେଶ୍ୱର, ୧୭।୯(ବ୍ୟୁରୋ)**

କମିଶନରେଟ ପୋଲିସ ଅଧୀନରେ ଥିବା ଏକାଧିକ ଥାନା ଓ ଫାଣ୍ଡି ଅନେକ ସମୟରେ ଲୋକଙ୍କ ଅଭିଯୋଗ ଗ୍ରହଣ ନ କରି ସେମାନଙ୍କୁ ଗାଳିଗୁଲଜ କରି ତଡି ଦେଉଛି। ନ୍ୟାୟ ନ ପାଇ ଲୋକମାନେ ହଇରାଣ ହରକତ ହେଉଛନ୍ତି। ତେଣୁ ଏହାକୁ ଦୃଷ୍ଟିରେ ରଖି ସୋମବାର ଭୁବନେଶ୍ୱର ପୋଲିସ କମିଶନର ମୁଖ୍ୟାଳୟରେ ଅଭିଯୋଗ ପ୍ରକୋଷ୍ଠ ଖୋଲାଯାଇଛି। ପ୍ରଥମ ଦିନରେ ପୋଲିସ କମିଶନର (ସିପି) ସତ୍ୟଜିତ୍ ମହାନ୍ତି ୫ଟି ଅଭିଯୋଗ ଶୁଣିବା ସହ ତାହାର ସମାଧାନ କରିଛନ୍ତି। ପ୍ରତ୍ୟେକ ସୋମବାର ସିପି ଉକ୍ତ ପ୍ରକୋଷ୍ଠରେ ବସିବା ସହ ଲୋକଙ୍କ ଅଭିଯୋଗ ଶୁଣିବେ। ସିପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଡିସିପି ଓ ଅତିରିକ୍ତ ସିପି ଅଭିଯୋଗ ପ୍ରକୋଷ୍ଠରେ ବସିବେ ବୋଲି ଜଣାପଡିଛି।

ଏନେଇ ପୋଲିସ କମିଶନର ମହାନ୍ତି କହିଛନ୍ତି, ଅନ୍ୟ ଦିନଗୁଡ଼ିକରେ ଲୋକମାନେ ମୋ ଚାମ୍ବରକୁ ଆସି ସେମାନଙ୍କର ଅଭିଯୋଗ କହୁଥିଲେ। କିନ୍ତୁ ଏବେ ସେମାନେ ଅଭିଯୋଗ ପ୍ରକୋଷ୍ଠକୁ ଆସି ସେମାନଙ୍କ ଅଭିଯୋଗ ଜଣାଇପାରିବେ। ଏହାଦ୍ୱାରା ଲୋକମାନେ ତ୍ୱରିତ ନ୍ୟାୟ ପାଇବେ ବୋଲି କମିଶନର କହିଛନ୍ତି।

# ୧୧୮ ଅଭିଯୋଗ ଶୁଣିଲେ ଜିଲାପାଳ

**ମାହାଙ୍ଗା/ଲଳିତଗିରି,୧୭।୯(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଯୋଗଦେଇ ବ୍ଲକ ଅଞ୍ଚଳରୁ ଆସିଥିବା ୧୧୮ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ଗ୍ରାମ୍ୟ ଗୃହ ନିର୍ମାଣ ୪୧, ଭତ୍ତା ୮, ଶିକ୍ଷା ୫, ଅଙ୍ଗନୱାଡି ୨, ସ୍ୱାସ୍ଥ୍ୟ ୨, ବିଦ୍ୟୁତ୍ ୫, ଖାଉଟି କଲ୍ୟାଣ ୬, ରାସ୍ତା ଓ ସୁରକ୍ଷା ପ୍ରାଚୀର ୨, ପାନୀୟ ଜଳ ଓ ପରିମଳ ୧୪, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ୧୩, ଆଇନ ୮, ଦୁର୍ବିପାକ ୪ ଓ ଅନ୍ୟାନ୍ୟ ୫ଟି ଅଭିଯୋଗ ରହିଥିଲା। ଜିଲାପାଳ ଅଗ୍ରୱାଲ ଅଭିଯୋଗ ଗୁଡ଼ିକର ଶୁଣାଣି କରି ତୁରନ୍ତ ଫଇସଲା କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥି ସହ ଦୁଇ ଜଣଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରିଥିଲେ। ଜିଲାପାଳ ଅଗ୍ରୱାଲଙ୍କ ଏହି ବ୍ଲକରେ ପ୍ରଥମ ଜନଶୁଣାଣି ହୋଇଥିବାରୁ ଅଞ୍ଚଳର ବହୁ ଜନସାଧାରଣ ନୂତନ ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ମାଧବ ଚନ୍ଦ୍ର ସାହୁ, ଏଡିଏମ ବିଜୟ କୁମାର ଖଣ୍ଡାୟତରାୟ, ପିଡି ସରୋଜ କୁମାର ନାୟକ, ଉପଜିଲାପାଳ ସୁକାନ୍ତ ପ୍ରଧାନ, ବ୍ଲକ ଅଧ୍ୟକ୍ଷ ଶରତ ନାୟକ, ବିଡିଓ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ତହସିଲଦାର ଦିଲୀପ ମହାରଣା, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ରାଉତ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ବେହେରା, ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ନୃପେନ୍ଦ୍ର ଶତପଥୀ, ପାନୀୟ ଜଳ ଓ ପରିମଳ ଉପଖଣ୍ଡ ଅଧିକାରୀ କାଳୁଚରଣ ବେହେରା, ଜଳସେଚନ ବିଭାଗ କନିଷ୍ଠଯନ୍ତ୍ରୀ ପ୍ରସନ୍ନ ନାୟକ, ଆଇଆଇସି ଯୁଗଳ କିଶୋର ଦାସ, ଗ୍ରାମ୍ୟ ଉନ୍ନୟନ ବିଭାଗ ଉପଖଣ୍ଡ ଅଧିକାରୀ ସୌମେନ୍ଦୁ ସୂତାର, ଜଳସମ୍ପଦ ଅଧିକାରୀ ଅମୂଲ୍ୟ ଓଝା, ମାହାଙ୍ଗା ପ୍ରାଣୀଧନ ଚିକିତ୍ସା ଅଧିକାରୀ ମୃଣ୍ମୟ ପଣ୍ଡା ଓ ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀ ମାନସ ଦଳେଇ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

### ନାବାଳିକାଙ୍କୁ ଅସଦାଚରଣ କରି ଯୁବକ ଗିରଫ

**ବାଲକାଟୀ,୧୭।୯(ଡି.ଏନ୍.ଏ.)**

ଦଶମ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ରବିବାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ କଟକ ସଦର ଥାନା ଅଞ୍ଚଳର ହିମାଞ୍ଚଳ ପ୍ରଧାନ। ପ୍ରକାଶ ଯେ ପାହାଳ ଫାଣ୍ଡି ଅଞ୍ଚଳର ଜନୈକା ନାବାଳିକାଙ୍କୁ ହିମାଞ୍ଚଳ ଦୀର୍ଘଦିନ ଧରି ଫୋନରେ ଅଶ୍ଳୀଳ ଆଚରଣ କରୁଥିବାବେଳେ ଶନିବାର ସ୍କୁଲରୁ ଫେରୁଥିବା ସମୟରେ ବାଟରେ ଅଟକାଇ ହଇରାଣ କରିଥିଲେ। ଏ ନେଇ ନାବାଳିକା ଘରେ କହିବାରୁ ପରିବାର ପକ୍ଷରୁ ରବିବାର ପାହାଳ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ଏନେଇ ବାଲିଅନ୍ତା ଥାନାରେ ଏକ ମାମଲା(ନଂ. ୨୪୧/୧୮) ମାମଲା ରୁଜୁ ହୋଇଛି।


ଦୁର୍ଗାପୂଜାରେ ମା'ଙ୍କ ମୂର୍ତ୍ତି ନିର୍ମାଣ ପାଇଁ ଯୋଡ଼ା ଦୁର୍ଗାମନ୍ଦିର ପକ୍ଷରୁ ମହାନଦୀ ତଟରୁ ମାଟି ଅଣାଯିବା ପରେ ଶୋଭାଯାତ୍ରାରେ ପୂଜା ମଣ୍ଡପକୁ ନିଆଯାଉଛି।

# ଯୁବତୀଙ୍କ ଅଶ୍ଳୀଳ ଫଟୋ, ଭିଡିଓ ଭାଇରାଲ

**ପୁରୁଷ ବନ୍ଧୁଙ୍କ ବିରୋଧରେ ଅଭିଯୋଗ**

**କଟକ ଅଫିସ, ୧୭।୯**

ପୁରୀଘାଟ ଥାନା ଅନ୍ତର୍ଗତ ପୋତାପୋଖରୀ ଅଞ୍ଚଳର ଜଣେ ଯୁବତୀଙ୍କ ଅଶ୍ଳୀଳ ଫଟୋ ଏବଂ ଭିଡିଓ ଭାଇରାଲ ହୋଇଛି। ଏନେଇ ଯୁବତୀ ଜଣକ ପୁରୀଘାଟ ଥାନାରେ ସୋମବାର ଅଭିଯୋଗ କରିଛନ୍ତି। ତାଙ୍କ ପୁରୁଷ ବନ୍ଧୁ ଏହି ଫଟୋ ଏବଂ ଭିଡିଓ ଭାଇରାଲ କରିଥିବା ନେଇ ସେ ଅଭିଯୋଗରେ ଦର୍ଶାଇଛନ୍ତି।

ସୂଚନା ଅନୁଯାୟୀ, ଦରଘାବଜାର ଅଞ୍ଚଳରେ ରହୁଥିବା ଜଣେ ଯୁବକଙ୍କ ସହିତ କିଛି ବର୍ଷ ତଳେ ଯୁବତୀଙ୍କ ଦେଖା ହୋଇଥିଲା। ପରେ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ନିବିଡ ହୋଇଥିଲା। ହେଲେ ପୁରୁଷ ବନ୍ଧୁ ଜଣକ କୌଶଳ କ୍ରମେ ଯୁବତୀଙ୍କ ଅଜାଣତରେ ତାଙ୍କ ନଗ୍ନ ଶରୀରର ଭିଡିଓ ଓ ଫଟୋ ଉତ୍ତୋଳନ କରିଥିଲେ। ଗତ ଅଗଷ୍ଟରେ ପରିବାର ଲୋକେ ଯୁବତୀଙ୍କ ବିବାହ ଅନ୍ୟ ଜଣେ ଯୁବକଙ୍କ ସହ ଠିକ୍ କରିଥିଲେ। ଏହାକୁ ନେଇ ଯୁବତୀ ଏବଂ ତାଙ୍କ ପୁରୁଷ ବନ୍ଧୁଙ୍କ ମଧ୍ୟରେ ସମ୍ପର୍କରେ ଫାଟ ଦେଖାଦେଇଥିଲା। ଯୁବତୀ ଜଣକ ତାଙ୍କ ପରିବାର ଲୋକଙ୍କ ଇଚ୍ଛା ଅନୁସାରେ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ତେଣୁ ପୁରୁଷ ବନ୍ଧୁଜଣକ ଉକ୍ତ ଭିଡିଓ ଏବଂ ଫଟୋ ଦେଖାଇ ତାଙ୍କୁ ବ୍ଲାକ୍‌ମେଲ କରିଥିଲେ। ତାଙ୍କୁ ବିବାହ ନ କଲେ ଉକ୍ତ ଭିଡିଓ ଏବଂ ଫଟୋ ସୋସିଆଲ ମିଡିଆରେ ଛାଡିଦେବାକୁ ଧମକ ଦେଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୮ ସେପ୍ଟେମ୍ବର, ୨୦୧୮



“ ମାଛ ବିନା ପୋଖରୀ ଥାଇପାରେ, କିନ୍ତୁ ନିନ୍ଦୁକ ବିନା ଗ୍ରାମ ନାହିଁ।
- ଫକୀର ମୋହନ ସେନାପତି



## ସଂକ୍ଷେପରେ

### ମା’ଙ୍କୁ ମାଡ଼ ମାରି ଜେଲ ଗଲେ ପୁଅ

**ଖୋର୍ଦ୍ଧା ଅଫିସ,୧୭।୯:** ମା’ଙ୍କୁ ମାଡ ମାରିବା ଅଭିଯୋଗରେ ଜଙ୍କିଆ ଥାନା ପୋଲିସ ମଲିପଡାର ଦୁଷ୍ମନ୍ତ ପାଲଟାସିଂହ(୨୭)ଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଦୁଷ୍ମନ୍ତଙ୍କୁ ଜେଲ ଯିବାକୁ ପଡିଛି। ପ୍ରାପ୍ତ ସୂଚନା ଅନୁସାରେ, ମଲିପଡାର ଦୁଷ୍ମନ୍ତ ଶନିବାର ତାଙ୍କ ମା’ଙ୍କୁ ଦଉଡିରେ ବାନ୍ଧି ମାରପିଟ୍ କରୁଥିଲେ। ଅଭିଯୋଗ ପାଇ ପୋଲିସ ଘରେ ପହଞ୍ଚି ମା’ଙ୍କୁ ଉଦ୍ଧାର କରିଥିଲେ। ପୁଅକୁ ନିଜ ହେପାଜତକୁ ନେଇଥିଲେ। ମା’ଙ୍କ ଅଭିଯୋଗକ୍ରମେ ନଂ. ୧୩୫/୧୮ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା।

### ଡେଙ୍ଗୁ ପରୀକ୍ଷଣ କେନ୍ଦ୍ରରେ ତାଲାକୁ ନେଇ ଉତ୍ତେଜନା

**ଖୋର୍ଦ୍ଧା ଅଫିସ,୧୭।୯:** ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟର ଡେଙ୍ଗୁ ପରୀକ୍ଷଣ କେନ୍ଦ୍ରରେ ୫ ଦିନ ଧରି ତାଲା ଝୁଲୁଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଭାରତୀ ଭୂଷଣ ବରାଳଙ୍କ ସୂଚନା ମୁତବାକ ଡେଙ୍ଗୁ ପରୀକ୍ଷଣ ଯନ୍ତ୍ର ମରାମତି କରାଯିବ ବୋଲି କହିଥିଲେ ହେଁ ସଚଳ ହୋଇପାରୁନାହିଁ। ରୋଗୀ ପରୀକ୍ଷଣ ସୁବିଧା ପାଉ ନ ଥିବାରୁ ସୋମବାର ଉତ୍ତେଜନା ଦେଖାଦେଇଛି। ସୋମବାର ଶରଧାପୁର ଅଞ୍ଚଳର କେତେଜଣ ଜ୍ୱର ରୋଗୀ ଡେଙ୍ଗୁ ପରୀକ୍ଷଣ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସି ସେବା ପାଇ ନ ଥିଲେ। ପରୀକ୍ଷଣ ନ ହେବାରୁ ତାଲା ଝୁଲିବାରୁ କାରଣ ପଚାରିଥିଲେ। ହେଲେ ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ବରଂ ଖରାପ ବ୍ୟବହାର ଦେଖାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ୫ ମିନିଟ୍ ଧରି ପାଟିତୁଣ୍ଡ ଲାଗି ରହିଥିଲା। ଖୋର୍ଦ୍ଧା ଜିଲାରେ ଏବେ ଡେଙ୍ଗୁରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଛି। ସମସ୍ତେ ଡେଙ୍ଗୁ ଭୟରେ ରକ୍ତ ନମୁନା ପରୀକ୍ଷା ପାଇଁ ପରୀକ୍ଷଣ କେନ୍ଦ୍ରରେ ଭିଡ ଜମାଉଛନ୍ତି। ସେପଟେ ପରୀକ୍ଷଣ କେନ୍ଦ୍ରରେ ତାଲା ଦେଖି ରୋଗୀମାନେ ମୁହଁ ଫେରାଉଛନ୍ତି। ବାହାରେ ପରୀକ୍ଷଣ କଲେ ୬୦୦ ଟଙ୍କା ଖର୍ଚ୍ଚ ହେଉଥିବାରୁ ରୋଗୀମାନେ କ୍ଷୋଭ ଓ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## ଜଟଣୀ-ତଳଖେତା ରାସ୍ତାର ଲୁହାଶଙ୍ଖ ପୋଲ ମରଣଯନ୍ତା

# ୧୦ରୁ ଅଧିକ ଗଲାଣି ଜୀବନ

**ଜଟଣୀ, ୧୭।୯(ଡି.ଏନ.ଏ.)**

ବାହାରକୁ ଯିବାକୁ ହେଲେ ପ୍ରମୁଖ ସଡ଼କପଥ ଜଟଣୀ ଓ ତଳଖେତା ରାସ୍ତାର ଲୁହାଶଙ୍ଖ ପୋଲ ଉପରେ ଶନିବାର ରାତିରେ ପୁଣି ଦୁର୍ଘଟଣା ଘଟି ଦୁଇଜଣଙ୍କ ମୃତ୍ୟୁ ଘଟିଛି। ଏକ ଇନୋଭା କାର୍ ଏହି ପୋଲରୁ ୨୫ ଫୁଟ ତଳକୁ ରଙ୍ଗିଆ ନାଳକୁ ଖସିପଡ଼ିବା ଦ୍ୱାରା ଏପରି ଦୁଃଖଦ ଘଟଣା ଘଟିଥିଲା। କାର୍ ମଧ୍ୟରେ ଥିବା ୩ ଜଣଙ୍କ ମଧ୍ୟରୁ ଚାଳକଙ୍କ ଜୀବନ ରକ୍ଷା ପାଇ ଯାଇଥିବା ବେଳେ ଅନ୍ୟ ଦୁଇଜଣ ପାଣି ମଧ୍ୟରେ ଦୀର୍ଘ ଅଢେଇ ଘଣ୍ଟା ବୁଡ଼ି ରହି ଜୀବନ ହାରିଥିଲେ। ପୂର୍ବରୁ ଅନେକଥର ଏପରି ଏଠାରେ ଅଘଟଣ ଘଟି ୧୦ରୁ ଅଧିକ ଜୀବନ ଗଲାଣି। ୧୫ ବର୍ଷ ପୂର୍ବେ ଏକ ମାଟାଡ଼ୋର ଏଠାରେ ଖସିପଡ଼ିବାରୁ ଜଣେ ନାବାଳିକା ଓ ଦୁଇଜଣ ମହିଳାଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ଘଟିଥିଲା। ଦେଢ଼ବର୍ଷ ପୂର୍ବେ ସାଇକେଲ ସହ ଜଣେ ଖସିପଡ଼ି ମୃତ୍ୟୁବରଣ କରିଥିଲେ।

**ପ୍ରଶାସନର ଚେତା ପଶୁନି**



ଜଟଣୀ-ତଳଖେତା ରାସ୍ତା।

ଏପରି ଅନେକ ଦୁର୍ଘଟଣା ଘଟି ଏଠାରେ ଧନଜୀବନ ହାନି ହେଲାଣି। ହେଲେ ପ୍ରଶାସନର ଚେତା ପଶୁନି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ସଡ଼କପଥରେ ଦୈନିକ ହଜାର ହଜାର ଯାନବାହନ ଚଳାଚଳ ହୋଇଥାଏ। ଜଟଣୀରୁ ଭୁବନେଶ୍ୱର ବା ବାହାର କୌଣସି ଅଞ୍ଚଳ ଯିବାପାଇଁ ହେଲେ ଏହି ପଥ ହିଁ ସାହା ଭରସା। ହେଲେ ସଡ଼କପଥର ଲୁହାଶଙ୍ଖ କୁହାଯାଇଥିବା ପୋଲ ତଳେ ରଙ୍ଗିଆ ନଈର ପାଣି ପ୍ରବାହିତ ହେଉଛି। ପ୍ରାୟ ଅଧିକାଂଶ ସମୟ ଏଠାରେ ୧୫ ଫୁଟରୁ ଅଧିକ ପାଣି ରହିଥାଏ। ତେବେ ଏଠାରେ ରାସ୍ତାର ଓସାର କମ୍ ରହିବା ସହ ଉଭୟପାର୍ଶ୍ୱରେ ଦୀର୍ଘବର୍ଷ ପୂର୍ବେ ନିର୍ମିତ ହୋଇଥିବା ସିମେଣ୍ଟ କଂକ୍ରିଟ ଖୁମ୍ବଗୁଡ଼ିକ ଭାଙ୍ଗିରୁଜି ଗଲାଣି। ଫଳରେ ପୋଲର ଉଭୟପାର୍ଶ୍ୱ ଫାଙ୍କା ରହିବା ଦ୍ୱାରା ବିପଦ ସୃଷ୍ଟି କରୁଛି। ଏହି ସ୍ଥାନରେ ଦୁଇଟି ଚାରିଚକିଆ ଯାନ ଏକ ସଙ୍ଗେ ଯିବା ଅସମ୍ଭବ। ଅତି ସାବଧାନତାର ସହ ଏଠାରେ ଚଳାଚଳ ନ କଲେ ବିପଦର ଆଶଙ୍କା ରହିଥାଏ। ଏହା ପାର୍ଶ୍ୱରେ ଆଉ ଏକ ପୋଲ କିମ୍ବା ଅଧିକ ଓସାର କରିବାକୁ ଦୀର୍ଘବର୍ଷ ହେବ ଦାବି ହୋଇଆସୁଛି। ନଚେତ ପୋଲର ଉଭୟ ପାର୍ଶ୍ୱରେ ଢ଼ଳେଇ ପାଚେରୀ ବ୍ୟବସ୍ଥା କରିବାକୁ ମଧ୍ୟ ସ୍ଥାନୀୟ ଜନସାଧାରଣ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି। ହେଲେ କୌଣସି ପ୍ରତିକାର ହେଉନାହିଁ। ମାସେ ପୂର୍ବେ ଧରିତ୍ରୀରେ ଏ ନେଇ ଏକ ଖବର ମଧ୍ୟ ପ୍ରକାଶ ପାଇଥିଲା। ଆଉ କେତେ ଜୀବନ ଗଲା ପରେ ପ୍ରଶାସନର ଚେତା ପଶିବ ସ୍ଥାନୀୟ ବାସିନ୍ଦା ପ୍ରଶ୍ନ ଉଠାଇଛନ୍ତି।

## ଡାକ୍ତରଙ୍କୁ ମାଡ଼ ଘଟଣା: ୬ ଜେଲ ଗଲେ

**ଖୋର୍ଦ୍ଧା ଅଫିସ/ବାଲୁଗାଁ, ୧୭।୯(ଡି.ଏନ.ଏ.)**

ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କୁ ମାଡ ମାରିବା ଘଟଣାରେ ରବିବାର ଅଟକ ଥିବା ୬ଜଣଙ୍କୁ ପୋଲିସ ସୋମବାର ଗିରଫ ଦର୍ଶାଇ କୋର୍ଟ ଚାଲାଣ କରିଥିଲା। ସେମାନେ ହେଲେ କେଶପୁରର ସୁଦର୍ଶନ ପ୍ରଧାନ, ଖ୍ରୀଷ୍ଟପଲ୍ଲୀର ଆଦିତ୍ୟ ନାରାୟଣ ସ୍ୱାଇଁ, ବିଭୂତି ବେହେରା, ସାଗର ବିଶ୍ୱାଳଓ ଗୋଲଖ ଜେନା ଏବଂ ନୟାଗଡ ଜିଲା ଚାନ୍ଦପୁର ଥାନା କଟକ ସହରର ମଙ୍ଗୁଳି ପାତ୍ର। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷେ ସନ୍ଧ୍ୟାରେ ଜିଲା ମୁଖ୍ୟ ଚିକିତ୍ସାଳୟର ଏଡିଏମଓ (ମେଡିକାଲ) ନାରାୟଣ ବେହେରା, ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏଶନ (ଓମସା)ର ସେକ୍ରେଟାରୀ ପୂର୍ଣ୍ଣଶ୍ଲୋକ ଦାସ, ବାଲୁଗାଁ ଏସ୍‌ଡିପିଓ ସୁବାସ ଚନ୍ଦ୍ର ପଣ୍ଡା, ବାଣପୁର ଆଇଆଇସି କିରଣ ହେମ୍ବ୍ରମ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଡାକ୍ତର ଓ କର୍ମଚାରୀଙ୍କ ଦାବିକୁ ମାନି ନେଇ ସୁରକ୍ଷା ପାଇଁ ଜଣେ ପୋଲିସ କର୍ମଚାରୀ ୭ ଦିନ ପାଇଁ ନିୟୋଜିତ ହେବ। ଅନ୍ୟପକ୍ଷେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ତ୍ୱରିତ ପଦକ୍ଷେପ ନିଆଯାଉଛି ବୋଲି କୁହାଯାଇଥିଲା।

**ଡାକ୍ତର, କର୍ମଚାରୀଙ୍କ ଧାରଣା ପ୍ରତ୍ୟାହୃତ**

ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

ବିଦ୍ୟୁତ ସଂସ୍ପର୍ଶରେ ଆସି ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବାକୁ ଆସିଥିବା ଖ୍ରୀଷ୍ଟପଲ୍ଲୀ ଗାଁର ପ୍ରଶାନ୍ତ ସାହୁଙ୍କୁ ଡାକ୍ତର ରବିବାର ମୃତ ଘୋଷଣା କରି ବ୍ୟବଚ୍ଛେଦ ପାଇଁ ପଠାଉଥିଲେ। ହେଲେ ଡାକ୍ତରଙ୍କ ଘୋଷଣାକୁ ଭୁଲ କହି ଜୀବିତ ଲୋକଙ୍କୁ ମୃତ ଘୋଷଣା କରିଥିବା କହି ପାଟିତୁଣ୍ଡ କରାଯାଇଥିଲା। ଏପରି କି ଡାକ୍ତର ନିରାକାର ପାଲଙ୍କୁ ଗାଳିଗୁଲଜ କରିବା ସହ ବିଧା ଗୋଇଠା ମାରିବା ସହ ବାଉଁଶରେ ଗୋଡାଇ ଗୋଡାଇ ପିଟିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଅନ୍ୟ ଡାକ୍ତର ଓ କର୍ମଚାରୀଙ୍କୁ ମଧ୍ୟ ମାରପିଟ୍ କରାଯାଇଥିଲା। ଡାକ୍ତର ଖସିଯିବା ପରେ ଅଧିକ ଚିକିତ୍ସା ଉଦ୍ଦେଶ୍ୟରେ ପ୍ରଶାନ୍ତଙ୍କୁ ଭୁବନେଶ୍ୱର ଏମ୍ସକୁ ପରିବାର ଲୋକ ନେଇଯାଇଥିଲେ। ଏମ୍ସରେ ଡାକ୍ତର ପ୍ରଶାନ୍ତଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତରଙ୍କୁ ମାଡ ମରାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଡାକ୍ତର ପାଲଙ୍କ ଅଭିଯୋଗକ୍ରମେ ଥାନାରେ ନଂ. ୨୨୧/୧୮ରେ ମାମଲା ରୁଜୁ ହୋଇଛି।

## ଜଟଣୀ ଗଣେଶ ଉତ୍ସବ: ପେଣ୍ଡାଲରେ ସାଂସ୍କୃତିକ କାର୍ଯ୍ୟକ୍ରମ, ମହୋତ୍ସବରେ ମେଲୋଡି, ନୃତ୍ୟ

**ଜଟଣୀ,୧୭।୯(ଡି.ଏନ୍.ଏ)**

ପ୍ରସିଦ୍ଧ ଜଟଣୀ ଗଣେଶ ପୂଜାର ୫ମ ଦିନରେ ସମସ୍ତ ପୂଜା ପେଣ୍ଡାଲ ଓ ମହୋତ୍ସବ ସ୍ଥଳରେ ପ୍ରବଳ ଗହଳି ହୋଇଥିଲା। ବିଭିନ୍ନ ପୂଜା ପେଣ୍ଡାଲ ପକ୍ଷରୁ ହୋଇଥିବା ସୁଉଚ୍ଚ ତୋରଣ ଓ ଆଲୋକମାଳାର ସାଜସଜ୍ଜା ଲୋକଙ୍କ ବେଶ୍ ଆକର୍ଷଣ ସାଜିଛି। ହରିଭାଇନା ଛକ, ପୋଷ୍ଟ ଅଫିସ ଛକରେ ପାଲା ଓ ମହୁଲଗୁଡ଼ିଆ ଛକ ପେଣ୍ଡାଲରେ ଭଜନ ପରିବେଷଣ ହୋଇଥିଲା। ଖୁଦୁପୁର ଛକରେ ଚାଲିଥିବା ମହୋତ୍ସବରେ ମେଲୋଡି ଓ ଆଧୁନିକ ନୃତ୍ୟଗୀତ ଲୋକଙ୍କୁ ବେଶ୍ ମନୋରଞ୍ଜନ କରିଥିଲା। ସେହିପରି ଶରତ ପାଇକରାୟ ଷ୍ଟାଡିୟମ୍ ମହୋତ୍ସବ ପରିସରରେ ଭୁବନେଶ୍ୱରର ଦୟାଲ ସଙ୍ଗୀତ ଏକାଡେମୀର କଳାକାରଙ୍କ



ମହୁଲିଗାଡ଼ିଆ ପୂଜା ପେଣ୍ଡାଲରେ ଭଜନ ପରିବେଷଣ କରାଯାଉଛି।





ମହୋତ୍ସବରେ ସମ୍ବଲପୁରୀ ନୃତ୍ୟ ଓ ପାଇକ ଆଖଡ଼ା ପକ୍ଷରୁ ସମରକଳା ପ୍ରଦର୍ଶନ।

ଦ୍ୱାରା ସମ୍ବଲପୁରୀରେ ଡାଲ ଖାଇ, ରସରକେଲି, ଶଗଡ଼ଗାଡ଼ି ଓ ଅନ୍ୟ ନୃତ୍ୟ ଦର୍ଶକଙ୍କ ମନ ମୋହି ନେଇଥିଲା। ଖୋର୍ଦ୍ଧା କୁହୁଡ଼ିର ମା’ମଙ୍ଗଳା ପାଇକ ଆଖଡ଼ା ଦଳର ସମରକଳା ପ୍ରଦର୍ଶନ ଓ ଆଞ୍ଚଳିକ ସାଂସ୍କୃତିକ ପରିଷଦ ପକ୍ଷରୁ ଦାସକାଠିଆ ବେଶ୍ ସୁନ୍ଦର ହୋଇଥିଲା। ୫ମ ସନ୍ଧ୍ୟାରେ ଅତିଥି ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ପ୍ରଦୀପ ବିଶ୍ୱାଳ, ଆଇନ୍‌ଜୀବୀ ପତିତ ପାବନ ପଣ୍ଡା ଓ ସୁରଜ ପାଇକରାୟ ଯୋଗ ଦେଇଥିଲେ।

# ଦେବଶିଳ୍ପୀ ବିଶ୍ୱକର୍ମାଙ୍କୁ ଆରାଧନା

**ବେଗୁନିଆ,୧୭।୯(ଡି.ଏନ.ଏ.)**

ଗଣେଶ ପୂଜା ପରେ ବିଶ୍ୱ ନିର୍ମାତା ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା ସୋମବାର ବେଗୁନିଆ ବ୍ଲକର ବିଭିନ୍ନ ଗ୍ରାମ ଏବଂ ବିଦ୍ୟୁତ୍ ଅଫିସ, ଶିଳ୍ପାନୁଷ୍ଠାନ ଓ ବଜାରଗୁଡ଼ିକରେ ପାଳିତ ହୋଇଛି। ଏଥିସହ ରାଜମିସ୍ତ୍ରି, ବଢେଇ ଓ କାରିଗରମାନେ ଘରେ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା କରିଥିଲେ। ସେହିପରି ଯାନବାହନକୁ ଓ ଲୁହା ସାମଗ୍ରୀ ବ୍ୟବସାୟୀମାନେ ଏହି ପୂଜା କରିଥିଲେ। ତେବେ ବେଗୁନିଆ ଦୁର୍ଗାବଜାର, ପୋଷ୍ଟ ଅଫିସ ଛକ, ଫିଡ୍‌କୋ କାର୍ଯ୍ୟାଳୟ, ବିଦ୍ୟୁତ୍ କାର୍ଯ୍ୟାଳୟ, ବାଘମାରୀ, କୋଲୁହାପାଟଣା ଅଞ୍ଚଳରେ ଦେବଶିଳ୍ପୀ ବିଶ୍ୱକର୍ମା ପୂଜା ହୋଇଯାଇଛି। ଏହି ଅବସରରେ ବିଭିନ୍ନସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଲା, ଦାସକାଠିଆ, ସ୍ୱର ସଙ୍ଗୀତ ଆଦି ଅନୁଷ୍ଠିତ ହେଉଛି।

**ଜଟଣୀ,(ଡି.ଏନ.ଏ.):** ଜଟଣୀରେ ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଥିଲା। ରେଲୱେର ବିଭିନ୍ନ ଯାନ୍ତ୍ରିକ ବିଭାଗ ସମେତ ଏଠାରେ ଥିବା ଆଞ୍ଚଳିକ ଅଟୋ ରିକ୍ସା ସଂଘ, ଜନସ୍ୱାସ୍ଥ୍ୟ, ବିଦ୍ୟୁତ୍, ଦୂରସଞ୍ଚାର ବିଭାଗ, ପଣ୍ୟାଗାର ନିଗମ ଆଦି ସ୍ଥାନରେ ବିଶ୍ୱକର୍ମାଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଉଛନ୍ତି।

**ନିରାକାରପୁର,(ଡି.ଏନ.ଏ.):** ନିରାକାରପୁର ଓ ଏହାର ଆଖପାଖ ଅଞ୍ଚଳରେ ଥିବା ଶିଳ୍ପାନୁଷ୍ଠାନଗୁଡ଼ିକରେ ସୋମବାର ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ପାଳିତ ହୋଇଯାଇଛି। ରାମେଶ୍ୱର, ବଡ଼ପୋଖରୀଆ, ନୂଆଗଡ଼, ଛଣଗିରି ଆଦି ପଞ୍ଚାୟତସ୍ଥ ବିଭିନ୍ନ ଶିଳ୍ପାନୁଷ୍ଠାନ, ସରକାରୀ ଅନୁଷ୍ଠାନ ଏବଂ ବିଦ୍ୟୁତ କାର୍ଯ୍ୟାଳୟଗୁଡ଼ିକରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି। ଭକ୍ତ ଓ ଶ୍ରଦ୍ଧାଳୁମାନେ ଦେବଶିଳ୍ପୀଙ୍କ ପୂଜା ସ୍ଥଳରେ ଉପସ୍ଥିତ ରହି ଭକ୍ତି ସମର୍ପଣ କରିଥିଲେ।

**କୃଷ୍ଣପ୍ରସାଦ,(ଡି.ଏନ.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା ସୋମବାର ପାଳିତ ହୋଇଯାଇଛି। ମହାରଣା କାଠ କାରିଗର ସଂଘ, ସାଉଥ କୋ, କ୍ଷୁଦ୍ର ଜଳସେଚନ ବିଭାଗ ଯନ୍ତ୍ରୀ ଓ ଗ୍ରାମ୍ୟ ଜଳଯୋଗାଣ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ମହାସମାରୋହରେ ବିଶ୍ୱକର୍ମା ପୂଜା ପାଳନ କରାଯାଇଛି।



ଜଟଣୀ ଆଞ୍ଚଳିକ ଅଟୋରିକ୍ସା ସଂଘର ବିଶ୍ୱକର୍ମା ପୂଜା।



ଜଟଣୀ ଷ୍ଟେଶନ ଇଞ୍ଜିନିୟର ବ୍ରିଜ୍ ସାଉଥ୍



ବାଲୁଗାଁ ଉମାମହେଶ୍ୱର ଅଟୋ ଆସୋସିଏଶନ ପକ୍ଷରୁ ବିଶ୍ୱକର୍ମା ପୂଜା।



ଜଟଣୀ ରେଲ୍‌ୱେ ବିଦ୍ୟୁତ୍ ବିଭାଗ।



ଜଟଣୀ ରେଲୱେ ଇଞ୍ଜିନିୟର ବ୍ରିଜ୍ ନର୍ଥ



ନିରାକାରପୁରରେ ବିଶ୍ୱକର୍ମା ପୂଜା।



କୃଷ୍ଣପ୍ରସାଦରେ ଅନୁଷ୍ଠିତ ବିଶ୍ୱକର୍ମା ପୂଜା।



ରେଳ ବିଭାଗ ଇଞ୍ଜିନିୟରିଂ ୱାଟର ୱାର୍କସ୍



ମାଆ ପୁଅକୁ, ମାଛ ପାଣିକୁ ଓ ଲୋଭୀ ଧନକୁ ଭଲ ପାଇବା ପରି,
ଯିଏ ପ୍ରକୃତ ଭକ୍ତ ସିଏ ଭଗବାନଙ୍କ ନାମକୁ ଭଲ ପାଇଥାଏ।
- ସନ୍ଥ ତୁଳସୀ ଦାସ

## ସଂକ୍ଷେପରେ

### ବେଗୁନିଆରେ ନୂତନ ଥାନା ଅଧିକାରୀ

**ବେଗୁନିଆ,୧୭।୯ (ଡି.ଏନ.ଏ.):** ଖୋର୍ଦ୍ଧା ପୋଲିସ ଜିଲା ବେଗୁନିଆ ଥାନାରେ ନୂତନ ଥାନା ଅଧିକାରୀ ରଶ୍ମୀ ରଞ୍ଜନ ସାହୁ ସୋମବାର ଯୋଗ ଦେଇଛନ୍ତି। ପୂର୍ବ ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ରଙ୍କଠାରୁ ସେ ଦାୟିତ୍ୱ ଭାର ଗ୍ରହଣ କରିଛନ୍ତି। ପାତ୍ରଙ୍କର ନିରାକାରପୁର ଥାନାକୁ ବଦଳି ହୋଇଥିବା ବେଳେ ସାହୁ ଟାଙ୍ଗୀ ଥାନାରୁ ଏଠାକୁ ଆସିଛନ୍ତି। ତେବେ ସାହୁ ଆଗାମୀ ଦିନରେ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ଥାନା ଅଞ୍ଚଳକୁ ଦକ୍ଷତା ଭାବେ ଶାନ୍ତିଶୃଙ୍ଖଳା ଯୋଗାଇ ଦେବେ ବୋଲି ଧରିତ୍ରୀକୁ ସୂଚନା ଦେଇଛନ୍ତି। ବିଗତଦିନରେ ଏହି ଥାନା ଅଞ୍ଚଳ ବିଶୃଙ୍ଖଳା ପରିସ୍ଥିତି ଆଡକୁ ଯାଇଥିବା ବେଳେ ଜନସାଧାରଣ ନୂତନ ଥାନା ଅଧିକାରୀ ସାହୁଙ୍କର କାର୍ଯ୍ୟଦକ୍ଷତାକୁ ଅପେକ୍ଷା କରି ରହିଛନ୍ତି।

### ଉନ୍ମତ୍ତ ମାଙ୍କଡ଼ କାମୁଡ଼ାରେ ବୃଦ୍ଧ ଗୁରୁତର

**ବେଗୁନିଆ,୧୭।୯ (ଡି.ଏନ.ଏ.):** ବେଗୁନିଆ ବ୍ଲକ ସିକୋ ଗ୍ରାମସ୍ଥିତ ହରିଜନ ସାହିର ସୁଦର୍ଶନ ନାୟକ ନାମକ ବୃଦ୍ଧ ସୋମବାର ମାଙ୍କଡ କାମୁଡାରେ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ଉକ୍ତ ଗ୍ରାମରେ ଦୀର୍ଘଦିନ ହେଲା ବସବାସ କରୁଥିବା ମାଙ୍କଡ ପଲ ମଧ୍ୟରେ ଗୋଟିଏ ଉନ୍ମତ୍ତ ମାଙ୍କଡ ରହିଛି। ସୁଦର୍ଶନ ଭୋରୁ ଶୌଚ କାର୍ଯ୍ୟ କରିବାକୁ ନିକଟସ୍ଥ ପଡିଆକୁ ଯାଉଥିବା ବେଳେ ଉନ୍ମତ୍ତ ମାଙ୍କଡଟି ଗଛରୁ ଆସି ତାଙ୍କୁ ଆକ୍ରମଣ କରିଥିଲା। ତାଙ୍କର ଗୋଡ ଏବଂ ଶରୀରରେ ବିଭିନ୍ନ ସ୍ଥାନକୁ କାମୁଡି ଥିଲା। ସୁଦର୍ଶନଙ୍କୁ ସିକୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା। ହେଲେ ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡିଛି।

### ସ୍ୱଚ୍ଛତା ପକ୍ଷ ଅବସରରେ କ୍ଲଷ୍ଟରସ୍ତରୀୟ ପ୍ରତିଯୋଗିତା

**ଟାଙ୍ଗୀ(ଖୋର୍ଦ୍ଧା),୧୭।୯(ଡି.ଏନ.ଏ.):** ଟାଙ୍ଗୀ ବ୍ଲକ୍‌ର ଲକ୍ଷ୍ମୀଧରପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର କ୍ଲଷ୍ଟରସ୍ତରୀୟ ସ୍ୱଚ୍ଛତା ପକ୍ଷ ପାଳନ ହୋଇଛି। ଏ ଅବସରରେ କୁକୁଡ଼ି ପ୍ରାଥମିକ ବିଦ୍ୟାଳୟଠାରେ କ୍ଲଷ୍ଟରସ୍ତରୀୟ ପ୍ରତିଯୋଗିତାର ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଶିଶୁମାନଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ ଓ ପ୍ରବନ୍ଧ ଲିଖନ ଇତ୍ୟାଦି ପ୍ରତିଯୋଗିତା ହୋଇଥିଲା। ସିଆର୍‌ସିସି ଲଳିତ ନାରାୟଣ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ସସ୍ମିତା ଦଳ ବେହେରା, ପ୍ରସନ୍ନ କୁମାର ଶ୍ରୀଚନ୍ଦନ ଓ କିଶୋର ଚନ୍ଦ୍ର କର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଚଳିତ ସେପ୍ଟେମ୍ବର ୧ ରୁ ପ୍ରତ୍ୟେକ ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇ ୧୫ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟରେ ଶପଥପାଠ, ସଫେଇ କାର୍ଯ୍ୟକ୍ରମ, ହାତଧୁଆ, ପରିଚାଳନା କମିଟି ବୈଠକ ଓ ଜଳ ସଂରକ୍ଷଣ ଦିବସ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଜ୍ୟୋତିର୍ମୟୀ ନାୟକ, ସ୍ୱର୍ଣ୍ଣଲିକା ଖଣ୍ଡାୟତରାୟ, ନିବେଦିତା ବେହେରା, କାଜଲ ବେହେରା, ସୂର୍ଯ୍ୟକାନ୍ତ ପ୍ରଧାନ, ଶୁଭମ ସାହୁ, ବୈଶାଖୀ ବରାଳ, ଦେବସ୍ମିତା ଦାସ, ସୂଚୀସ୍ମିତା ସାହୁ, ଶୋଭାମୟୀ ଜେନା, ରାଜା ମହାରଣା, ଆକାଶ ସାହୁ ଓ ଓମ୍‌ପ୍ରକାଶ ମହାରଣା ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁ, ଦୀନବନ୍ଧୁ ପରିଡ଼ା, ଶିକ୍ଷୟିତ୍ରୀ ସ୍ୱାଗତିକା ମୁଦୁଲି, ସୋନାଲି ଚନରା ଓ ଜ୍ୟୋର୍ତିମୟୀ ରାଉଳ ପ୍ରମୁଖ ସହଯୋଗ କରିଥିଲେ।

### ଖୋର୍ଦ୍ଧା ଲିଗ୍ ଫୁଟବଲ ରାଇଜିଂ ଷ୍ଟାର ବିଜୟୀ

**ଖୋର୍ଦ୍ଧା ଅଫିସ,୧୭।୯:** ଜୟଦୁର୍ଗା କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମରେ ଖୋର୍ଦ୍ଧା ଲିଗ୍ ଟୁର୍ନାମେଣ୍ଟର ଚତୁର୍ଥ ଦିବସ ସୋମବାର ମ୍ୟାଚରେ ତରତୁଆର ରାଇଜିଂ ଷ୍ଟାର ୧-୦ ଗୋଲରେ କେରଙ୍ଗର ଜଗାକାଳିଆ ସ୍ପୋର୍ଟିଂଙ୍କୁ ପରାସ୍ତ କରି ବିଜୟୀ ହୋଇଛି। ରାଇଜିଂ ଷ୍ଟାରର ଶେଖ୍ ହବିବ ପ୍ରଥମାର୍ଦ୍ଧ ଖେଳର ୧୦ତମ ମିନିଟ୍‌ରେ ସ୍କୋର କରି ଦଳକୁ ଅଗ୍ରଣୀ ରଖିଥିଲେ। କେରଙ୍ଗ ଦଳ ବାରମ୍ବାର ସ୍କୋର କରିବାର ସୁଯୋଗକୁ ହାତଛଡା କରି ପରାସ୍ତ ହୋଇଥିଲା। ପ୍ରଫୁଲ୍ଲ ବେହେରା ଖେଳ ପରିଚାଳନା କରିଥିବାବେଳେ ଅରୁଣ ଦାସ, ଯୋଗେନ୍ଦ୍ର ନାୟକ, ଅମଜାଦ୍ ଖାଁ ସହାୟତା କରିଥିଲେ।

# ହାତଗୁଞ୍ଜା ନ ଦେଲେ ହେଉନି ମାମଲା

**ବେଗୁନିଆ,୧୭।୯ (ଡି.ଏନ.ଏ.)**

ରାଜ୍ୟରେ ଆଇନ ଶୃଙ୍ଖଳା ରକ୍ଷା କରିବାକୁ ପୋଲିସ ବିଭାଗ ରହିଛି। ଜନସାଧାରଣଙ୍କୁ ସୁରକ୍ଷା ଦେବା କାର୍ଯ୍ୟ ହେଉଛି ପୋଲିସର। ମାତ୍ର ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ପୋଲିସ ସବୁକିଛିକୁ ଫୁ କରି ଉଡାଇ ଦେଉଛି। ନ୍ୟାୟ ପାଇଁ ଥାନାକୁ ଗଲେ ଲୋକଙ୍କୁ ମିଳୁଛି ନିର୍ଯାତନା। କଥା କଥାକେ ହାତଗୁଞ୍ଜା ନ ଦେଲେ ଆଗଉନି ପୋଲିସ କି ମାମଲା ରୁଜୁ କରୁନି। ବେଗୁନିଆ ପୋଲିସ ବିଶୃଙ୍ଖଳାର ସୀମା ଟପି ଗଲାଣି। ଏଥିଯୋଗୁ ବିଭାଗ ମଧ୍ୟ ନିନ୍ଦିତ ହେଉଛି। ନିଜ ବିଭାଗର କର୍ମଚାରୀ ବୋଲି ମୁହଁକୁ ଘୋଡାଇ ଉପରିସ୍ଥ ଅଧିକାରୀମାନେ ପଦକ୍ଷେପ ନେଉନାହାନ୍ତି। ଅନ୍ୟପକ୍ଷରେ ଏହି ଥାନାରେ ବିଗତଦିନରେ ନାନା ବିଶୃଙ୍ଖଳା ଘଟାଇ ଆସୁଥିବା କର୍ମଚାରୀମାନଙ୍କ ଉପରେ ପଦକ୍ଷେପ ନେବା ବଦଳରେ ଘଟଣାକୁ ଚାପି ଦିଆଯାଉଛି। ଘଟଣାକ୍ରମରେ ବିଭିନ୍ନ ମାମଲାର ତଦନ୍ତ କରୁଥିବା ଅଧିକାରୀମାନେ ଅଭିଯୋଗକାରୀଙ୍କଠାରୁ ଲାଞ୍ଚ ମାଗି ଧରା ପଡିଥିଲେ ମଧ୍ୟ ତାଙ୍କୁ ପୁନର୍ବାର ନିଯୁକ୍ତି ଦିଆଯାଉଛି। ଏପରି କି ନିକଟରେ ଏହି ଥାନାର ସବଇନ୍ସପେକ୍ଟର ପବିତ୍ର ମୋହନ ପ୍ରଧାନଙ୍କୁ ଲାଞ୍ଚ କାରବାର ଅଭିଯୋଗରେ ଭିଜିଲାନ୍ସ ଚଢାଉ କରିଥିଲା। ହେଲେ ସେ ପ୍ରମାଣ ଅଭାବରୁ ପୁଣି ଏହି ଥାନାରେ ନିଯୁକ୍ତି ପାଇଥିଲେ। ତାଙ୍କ ନାମରେ ଶୁକ୍ରବାର ଏସ୍‌ପି ଓ ଏସ୍‌ଡିପିଓଙ୍କ ପାଖରେ ଆଉ ଏକ ଗୁରୁତର ଅଭିଯୋଗ ହୋଇଛି। ପରିଛଳ ଗ୍ରାମର ଜଣେ ନାବାଳକ ଛାତ୍ରଙ୍କ ମୃତ୍ୟୁ ଘଟଣାକୁ ହତ୍ୟା ମାମଲା ରୁଜୁ କରିବାକୁ ୧୫ ହଜାର ଟଙ୍କା ଲାଞ୍ଚ ମାଗି ଲୋକଲୋଚନକୁ ଆସିଥିଲା। ଏପରି କି ଘଟଣାସ୍ଥଳରେ ନାନା ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଏସ୍‌ଡିପିଓ ଯୁଗଳ କିଶୋର ଦାସ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଲାଞ୍ଚ ମାଗିଥିବା ସବଇନ୍ସପେକ୍ଟରଙ୍କ ଉପରେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ତାହା ଏଯାଏ ଫଳପ୍ରଦ ହୋଇନାହିଁ। ସେହିପରି ଥାନାରେ ମଧ୍ୟ ଜଣେ ହୋମଗାର୍ଡ ବାରମ୍ବାର ଜନସାଧାରଣ, ଥାନା କର୍ମଚାରୀ, ଜାତୀୟ ରାଜପଥ ଉପରେ ଯାତ୍ରୀଙ୍କଠାରୁ ଚାନ୍ଦା ଆଦାୟ ଓ ପୂର୍ବରୁ ଥିବା ଥାନା ଅଧିକାରୀଙ୍କୁ ଗାଳିଗୁଲଜ କରିବା ଅଭିଯୋଗ ଉଠିଥିଲା। ମାତ୍ର ତାଙ୍କ ଉପରେ ପଦକ୍ଷେପ ନିଆଯାଇ ପାରିନାହିଁ। ଥାନାର ଜଣେ ଏଏସ୍‌ଆଇ ଜାତିଆଣ ଆକ୍ଷେପ କରି ଲୋକଙ୍କୁ ଗାଳିଗୁଲଜ

**ବେଗୁନିଆ ଥାନା ପୋଲିସ**



- ବିଶୃଙ୍ଖଳା ସୀମା ଟପୁଛି, ବିଭାଗକୁ ନିନ୍ଦା
- ଖାକି ପୋଷାକରେ କଳାଦାଗ
- ପ୍ରମାଣ ଅଭାବରୁ ଖସି ଯାଉଛନ୍ତି କର୍ମଚାରୀ

କରିଥିବା ଅଭିଯୋଗ ଏସ୍‌ପିଙ୍କ ପାଖରେ ମଧ୍ୟ ହୋଇଥିଲା। ବର୍ତ୍ତମାନ ଏସ୍‌ପି ତାଙ୍କୁ ବଦଳି ଆଦେଶ ଦେଇଥିବାବେଳେ ଏଏସ୍‌ଆଇ ଥାନା ଛାଡି ଯାଉନାହାନ୍ତି। ଲାଞ୍ଚ ମାଗିବା ଘଟଣାକୁ ଲୋକେ କହୁଛନ୍ତି ଏହା ଖାକି ପୋଷାକରେ କଳଙ୍କ ସଦୃଶ।

ବିଗତଦିନରେ ଥାନାରେ ଅନେକ ବିଶୃଙ୍ଖଳାର ନଜିର ରହିଛି। ଏପରି କି ପୋଲିସ କର୍ମଚାରୀଙ୍କ ଅବହେଳା ଯୋଗୁ ଥାନା ପୋଡି, ଥାନା ହାଜତରୁ କଏଦୀ ଚମ୍ପଟ ମାରିବା, ପୂର୍ବତନ ଥାନା ଅଧିକାରୀ ତାଙ୍କ ବିଶ୍ରାମ କକ୍ଷ ପରିସରରେ ଜଣେ ମହିଳାଙ୍କୁ ଅସଦାଚରଣ କରିବା ଆଦି ଗୁରୁତର ଅଭିଯୋଗ ହୋଇଥିଲା। ଏତେସବୁ ଅଭିଯୋଗ ବେଗୁନିଆ ଥାନା ପୋଲିସ ବିରୋଧରେ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ପାଖରେ ହେଉଥିଲେ ମଧ୍ୟ କ'ଣ ପାଇଁ ଏହାକୁ ଚାପି ଦିଆଯାଉଛି ତାହା ସ୍ଥାନୀୟ ଜନସାଧାରଣଙ୍କୁ ଆଶ୍ଚର୍ଯ୍ୟ କରିଛି। ଆଉ କେତେ ହେଲେ ବିଭାଗ ଚେତିବ ବୋଲି ଲୋକେ ଆଲୋଚନା କରୁଛନ୍ତି। ଜନସାଧାରଣ ପୋଲିସ ଉପରୁ ଆସ୍ଥା ତୁଟାଇ ଦେଲେଣି। ଅନ୍ୟପକ୍ଷରେ ନିକଟରେ ଜଟଣୀ ଥାନାରେ ଯେଉଁଭଳି ଭାବେ ବିଭିନ୍ନ ଅଭିଯୋଗ ଥାଇ କର୍ମଚାରୀଙ୍କୁ ବଦଳି କରାଯାଇଛି ସେହିଭଳି ବେଗୁନିଆ ଥାନାର ବିଶୃଙ୍ଖଳିତ କର୍ମଚାରୀମାନଙ୍କୁ ଏଠାରୁ ହଟାଇବାକୁ ଡିଜିପି ଦୃଷ୍ଟି ଦିଅନ୍ତୁ ବୋଲି ଦାବି ଦେଉଛି। ଏ ସମ୍ପର୍କରେ ଏସ୍‌ଡିପିଓ ଦାସଙ୍କୁ ପଚାରିବାରେ ବେଗୁନିଆ ଥାନା କର୍ମଚାରୀମାନେ ବିଶୃଙ୍ଖଳିତ ହେଉଥିବା ଖବର ଆମ ପାଖରେ ଅଛି। ହେଲେ ସେଭଳି କିଛି ଠୋସ୍ ପ୍ରମାଣ ମିଳୁ ନ ଥିବାରୁ ସେମାନଙ୍କ ଉପରେ ଉଚିତ ପଦକ୍ଷେପ ନେଇ ପାରୁନୁ ବୋଲି କହିଥିଲେ।



ଖୋ ଖୋ, କବାଡି ପ୍ରତିଯୋଗିତାରେ ଭାଗନେଇଥିବା ପ୍ରତିଯୋଗୀ।

## ଜିଲାସ୍ତରୀୟ ଖୋ ଖୋ, କବାଡ଼ି ପ୍ରତିଯୋଗିତା

**ଖୋର୍ଦ୍ଧାଅଫିସ,୧୭।୯**

ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡା ପଞ୍ଚାୟତ କୁମାରବସ୍ତ ଶ୍ରୀଲୋକନାଥ ଦେବ ନୋଡାଲ ବିଦ୍ୟାପୀଠରେ ଖୋର୍ଦ୍ଧା ଜିଲା ବିଦ୍ୟାଳୟ ଦୁଇ ଦିନିଆ ଖୋ ଖୋ ଓ କବାଡି ପ୍ରତିଯୋଗିତା ସୋମବାର ଉଦ୍‌ଘାଟିତ ହୋଇଛି। ଏହାକୁ ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଦଳେଇ ଉଦ୍‌ଘାଟନ କରିଛନ୍ତି। ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରୂପେ ଖୋର୍ଦ୍ଧା ଜିଲା ଶିକ୍ଷା ଅଧିକାରୀ ବୃନ୍ଦାବନ ଶତପଥୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଙ୍ଗିଆପଡା ସରପଞ୍ଚ କଲ୍ୟାଣୀ ଦଳେଇ, ଖୋର୍ଦ୍ଧା ବ୍ଲକ ଭାଇସ ଚେୟାରମ୍ୟାନ ରାମଚନ୍ଦ୍ର ସାମନ୍ତରାୟ, କୁମାରବସ୍ତ ଶ୍ରୀଲୋକନାଥ ଦେବ ନୋଡାଲ ବିଦ୍ୟାପୀଠର ପରିଚାଳନା ସମିତି ସଭାପତି ଲକ୍ଷ୍ମୀଧର ପାତ୍ର, ମୋ ସ୍କୁଲ ଅଭିଯାନର ସଭାପତି ଲକ୍ଷ୍ମୀଧର ଛୋଟରାୟ, ସମ୍ପାଦକ ଦୁର୍ଯ୍ୟୋଧନ ପରିଡା, ବ୍ଲକ ବିଦ୍ୟାଳୟ ସମୂହ କ୍ରୀଡା ସଙ୍ଗଠନ ସଭାପତି ଉପେନ୍ଦ୍ରନାଥ ଦାସ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ବ୍ଲକ ଶିକ୍ଷା ଅଧିକାରୀ ବୈଦ୍ୟନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରାରମ୍ଭିକ ସୂଚନା ଖୋର୍ଦ୍ଧା ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ପଠାଣୀ ଆଗ୍ରାସିଂହ, ସ୍ୱାଗତ ଅଭିଭାଷଣ କୁମାରବସ୍ତ ନୋଡାଲ ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ସୁପ୍ରିୟା ବାରିକ ଓ ଧନ୍ୟବାଦ କୈଳାସ ମହାରଣା ଦେଇଥିଲେ। ଏଥିରେ ଖୋର୍ଦ୍ଧା ଜିଲାର ୧୦ଟି ବ୍ଲକର ୩୭୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି।



ମିଳିତ ମଞ୍ଚ ପକ୍ଷରୁ ଅନୁଷ୍ଠିତ ପଦଯାତ୍ରାରେ ବେଗୁନିଆ ବ୍ଲକର ଶିକ୍ଷୟିତ୍ରୀ ଶିକ୍ଷକ।

## ମିଳିତ ମଞ୍ଚର ପଦଯାତ୍ରା

**ବେଗୁନିଆ,୧୭।୯ (ଡି.ଏନ.ଏ.)**

ବେଗୁନିଆ ବ୍ଲକ ଓଡ଼ିଶା ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ସୋମବାର ପଞ୍ଚାୟତସ୍ତରୀୟ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ପ୍ରଥମଦିବସରେ ମଞ୍ଚ ପକ୍ଷରୁ ୩ଟି ଜୋନରେ ବିଭକ୍ତ କରାଯାଇ କେନ୍ଦ୍ର ବେଗୁନିଆ, ପଙ୍ଗାରସିଂହ ଓ ହଜ ଅଞ୍ଚଳରେ ଏହି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ୨ ଦିନ ଧରି ବ୍ଲକର ୨୧ଟି ପଞ୍ଚାୟତକୁ ପଦଯାତ୍ରା କରାଯିବ ବୋଲି ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ବ୍ଲକର ୪ଟି ମହାବିଦ୍ୟାଳୟ, ୧୧ ବ୍ଲକ ଗ୍ରାଣ୍ଟ ଉଚ୍ଚ ବିଦ୍ୟାଳୟ ଏବଂ ୬ଟି ମଧ୍ୟ ଇଂଲିଶ ବିଦ୍ୟାଳୟର କର୍ମଚାରୀଙ୍କ ସହ କେତେଜଣ ଅଭିଭାବକ ମିଳିତ ମଞ୍ଚ ପଦଯାତ୍ରାରେ ସାମିଲ ହୋଇଥିଲେ। ମଞ୍ଚର ସମ୍ପାଦକ ରତିକାନ୍ତ କହଲସିଂହ, ବ୍ଲକ ଉପସଭାପତି ଶ୍ରୀନିବାସ ମିଶ୍ର, ବଂଶୀଧର ପାଣିଗ୍ରାହୀ, ସୁରେଖା ରଣା, ଅକ୍ଷୟ କୁମାର ମହାପାତ୍ର, ହୃଷୀକେଶ ଛୋଟରାୟ, ଭରତ ଚନ୍ଦ୍ର ମଙ୍ଗରାଜଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ଶିକ୍ଷକ ଉପସ୍ଥିତ ଥିଲେ। ଆଗାମୀଦିନରେ ମଧ୍ୟ ଆନ୍ଦୋଳନକୁ କଡାକଡି କରାଯିବ ବୋଲି ସଭାପତି ମିଶ୍ର ସୂଚନା ଦେଇଛନ୍ତି। ସେମାନଙ୍କ ଦାବିଗୁଡିକ ହେଲା ଯୋଗ୍ୟ ବିବେଚିତ ଅନୁଦାନ ପ୍ରଦାନ, ୭ମ ବେତନ କମିଶନ ନିର୍ଦ୍ଦେଶିତ ସର୍ତ୍ତାବଳୀ ଲାଗୁ, ବାଦ ପଡିଥିବା ଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ ଓ ଲିଖିତ ସତ୍ୟପାଠ ପ୍ରତ୍ୟାହାର।

**ନିରାକାରପୁର, (ଡି.ଏନ.ଏ.):** ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ମିଳିତ ମଞ୍ଚ ସେମାନଙ୍କର ବିଭିନ୍ନ ଦାବି ନେଇ ଏବେ ଗାଁ ଗାଁ ବୁଲିଛନ୍ତି। ସୋମବାରଠାରୁ ନିରାକାରପୁର ବ୍ଲକ୍‌ର ସମସ୍ତ ଅଧ୍ୟାପକ, ଶିକ୍ଷକ ଓ କର୍ମଚାରୀ ବାଇକ୍ ରାଲିରେ ଗାଁ ଗାଁ ବୁଲି ଜନସାଧାରଣଙ୍କୁ ଆନ୍ଦୋଳନ ସମ୍ପର୍କରେ ଅବଗତ କରିଛନ୍ତି। ସରକାରଙ୍କ ଶିକ୍ଷକମାରଣ ନୀତି ସମ୍ପର୍କରେ ଅଭିଯୋଗ କରି ଲିଫ୍‌ଲେଟ୍ ବଣ୍ଟନ କରାଯାଇଛି। କମାଗୁରୁ ରାମଚନ୍ଦ୍ର କଳ୍ପନା ମହାବିଦ୍ୟାଳୟ, ରମାବିଲି ରାମଚନ୍ଦ୍ର ବିଦ୍ୟା ନିକେତନ, ଲେଣ୍ଡୁ ହାଇସ୍କୁଲ୍ ଶିକ୍ଷକ ଓ କର୍ମଚାରୀମାନେ ଛଣଗିରି ଓ ଓଲସିଂହ ପଞ୍ଚାୟତର ବିଭିନ୍ନ ଗ୍ରାମ ବୁଲିଥିଲେ।

**କୃଷ୍ଣପ୍ରସାଦ,(ଡି.ଏନ.ଏ.):** ସୋମବାର କୃଷ୍ଣପ୍ରସାଦ ମିଳିତ ମଞ୍ଚ ପକ୍ଷରୁ ଚାରିଛକଠାରେ ସଭା ହୋଇଥିଲା। ଏଥିରେ ପୂର୍ଣ୍ଣଚନ୍ଦ୍ର ଦଳାଇ ଅଧକ୍ଷତା କରିଥିଲେ। ସନାତନ ତରେଇ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ୧୮ ଓ ୧୯ ତାରିଖରେ ଦୁଇଦିନ ଧରି ବ୍ଲକର ବିଭିନ୍ନ ଗାଁକୁ ପଦଯାତ୍ରା ଯାଇ ଲୋକଙ୍କୁ ସଚେତନ କରାଯିବ।

## ବାରମ୍ବାର ବିଦ୍ୟୁତ୍ କାଟ ନେଇ ଜନ ଅସନ୍ତୋଷ

**ଟାଙ୍ଗୀ(ଖୋର୍ଦ୍ଧା),୧୭।୯ (ଡି.ଏନ.ଏ.)**

ସେସୁର ଟାଙ୍ଗୀ ବିଦ୍ୟୁତ୍ ସବ୍‌ଡିଭିଜନରେ ମରାମତି ଆଳରେ ଅଧିକାଂଶ ଦିନ ବିଦ୍ୟୁତ ସରବରାହ ବନ୍ଦ ରଖାଯାଉଥିବା ଅଭିଯୋଗ ହେଉଛି। ଉପଭୋକ୍ତାଙ୍କ ମଧ୍ୟରେ ଏ ନେଇ ଅସନ୍ତୋଷ ଦେଖାଦେଇଛି। ଜନୈକ ବିଦ୍ୟୁତ୍ କର୍ମଚାରୀଙ୍କ ମତରେ ବର୍ଷରେ ଅତିବେଶିରେ ୩ କିମ୍ବା ୪ ଥର ଏହି ମରାମତି କାମ ହେବାର ନିୟମ ରହିଛି। ତେବେ ଏହି ନିୟମକୁ ବେଖାତିର କରି ଉଭୟ ସେସୁ ଓ ଫେଡ୍‌କୋ ମିଳିତ ଭାବେ ମାସର ଅଧିକାଂଶ ସମୟ ମରାମତି ଆଳରେ ବିଦ୍ୟୁତ କାଟ୍ କରୁଥିବା ଅଭିଯୋଗ ହୋଇଛି। ଏଥିରେ ସୁଧାର ଆଣା ନ ଗଲେ ଆଗାମୀ ଦିନରେ ଜନ ଅସନ୍ତୋଷ ଓ ଆଇନ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଫେଡ୍‌କୋ ଏସ୍‌ଡିଓ ଦେବାଶିଷ ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ବିଶ୍ୱକର୍ମା ପୂଜା ଉପଲକ୍ଷେ ବିଦ୍ୟୁତ ସଂରକ୍ଷଣ କରିବାକୁ ଏପରି ବିଦ୍ୟୁତ କାଟ୍ କରାଯାଉଥିବା ପ୍ରକାଶ କରିଥିଲେ।

## ଓକିଲ ସଂଘକୁ ଭେଟିଲେ ଖୋର୍ଦ୍ଧା ଉପଜିଲାପାଳ

### ଆନ୍ଦୋଳନ ପ୍ରତ୍ୟାହୃତ ହେଲାନି

**ଟାଙ୍ଗୀ(ଖୋର୍ଦ୍ଧା),୧୭।୯(ଡି.ଏନ.ଏ.)**

ଟାଙ୍ଗୀ ତହସିଲଦାରଙ୍କ ବଦଳି ଦାବିରେ ଚଳିତ ମାସ ୨ରୁ ଓକିଲମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ଏଥିଯୋଗୁ ସାଧାରଣ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଟାଙ୍ଗୀ ଓକିଲ ସଂଘକୁ ଖୋର୍ଦ୍ଧା ଉପଜିଲାପାଳ ସରୋଜ କୁମାର ସାହୁ ସୋମବାର ତହସିଲ ଅଫିସ ସ୍ଥଳରେ ସାକ୍ଷାତ କରିଛନ୍ତି। ଉଲ୍ଲେଖଯୋଗ୍ୟ କି, ଓଡିଶା ହାଇକୋର୍ଟର ଆଇନଜୀବୀ ଜ୍ୟୋତିର୍ମୟ ସାହୁଙ୍କୁ ଟାଙ୍ଗୀ ତହସିଲଦାର ଆଶିଷ କୁମାର ଜେନା ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ଟାଙ୍ଗୀ ଥାନାରେ ଲିଖିତ ଏତଲା ଦାଖଲ ହୋଇଥିଲା। ଅପର ପକ୍ଷରେ ତହସିଲଦାର ମଧ୍ୟ ଜ୍ୟୋତିର୍ମୟଙ୍କ ସାଙ୍ଗରେ ଆସିଥିବା ତାଙ୍କ ଭାଇଙ୍କ ବିରୋଧରେ ପାଲଟା ଏତଲା ଦେଇଥିଲେ। ଥାନାରେ ବିଧିବଦ୍ଧ ଭାବେ ୨ଟି ମାମଲା ରୁଜୁ ହୋଇଥିଲେ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା କୁହାଯାଇଛି। ଓକିଲ ସଂଘ କାର୍ଯ୍ୟବନ୍ଦ କରି ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କୁ ସାକ୍ଷାତ କରି ତହସିଲଦାରଙ୍କୁ ତୁରନ୍ତ ବଦଳି କରିବା ଦାବିରେ ଦୃଢ ରହିଛି। ଘଟଣା ସମ୍ପର୍କରେ ଖୋର୍ଦ୍ଧା ସିଭିଲ କୋର୍ଟର ରେଜିଷ୍ଟ୍ରାର ଶଙ୍ଖ ଚକ୍ରବର୍ତ୍ତୀ ଓକିଲ ସଂଘ ସହିତ ଆଲୋଚନା କରି ଆନ୍ଦୋଳନରୁ ଓହରିବାକୁ କହିଥିଲେ ମଧ୍ୟ ସଂଘ ରାଜି ହୋଇ ନ ଥିଲା। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଆନ୍ଦୋଳନ ଚଳାଇ ରଖିବାକୁ ସଂଘ ନିଷ୍ପତ୍ତି ନେଇଥିବାବେଳେ ଉପଜିଲାପାଳ ଘଟଣା ସ୍ଥଳରେ ପହଞ୍ଚିଥିଲେ। ସେ ତହସିଲଦାରଙ୍କ ବଦଳି ସଂପର୍କରେ ସୂଚନା ଦେଇଥିଲେ ମଧ୍ୟ ଆନ୍ଦୋଳନ ପ୍ରତ୍ୟାହାର କରିବା ପାଇଁ ଓକିଲମାନେ ରାଜି ହୋଇ ନ ଥିବା ସଂଘର ସଂଯୋଜକ ଆଇନଜୀବୀ ସ୍ୱସ୍ତିକ ରଥ କହିଛନ୍ତି।

## ଅଟକ ୪ ଯୁବକ ଜେଲଗଲେ

**ଖୋର୍ଦ୍ଧା ଅଫିସ,୧୭।୯**

ବେଆଇନ ଚାନ୍ଦା ମାଗିବା ଅଭିଯୋଗରେ ଖୋର୍ଦ୍ଧା ଜିଲାର ଜଙ୍କିଆ ଥାନା ପୋଲିସ ଅଟକ ରଖିଥିବା ମଳିପଡାର ପପୁ ଖଣ୍ଡାୟତରାୟ, ହାତୀ ଖଣ୍ଡାୟତରାୟ, ମାନସ ପରିଡା, ଅଭିମନ୍ୟୁ ପରିଡାଙ୍କୁ ଗିରଫ ଦେଖାଇ ସୋମବାର କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ଅନୁସାରେ, ଗୋଡିପଡା ଟୋଲଗେଟର ରବିବାର ମ୍ୟାନେଜରଙ୍କୁ ଯୁବକମାନେ ଗଣେଶ ପୂଜା ଭସାଣି ପରେ ଚାନ୍ଦା ମାଗିଥିଲେ। ଟୋଲଗେଟର ମ୍ୟାନେଜର ଥାନାରେ ଏ ନେଇ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ଦଫା ୩୮୭, ୪୨୭, ୩୪ ରେ ନଂ. ୧୩୬/୧୮ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା।



ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମରେ ଜିଲାପାଳ ଓ ଅନ୍ୟ ଅଧିକାରୀ।

## ଜଟଣୀ ବ୍ଲକରେ ଜନଶୁଣାଣି

**ଜଟଣୀ,୧୭।୯(ଡି.ଏନ.ଏ.)**

ଜଟଣୀ ବ୍ଲକ ପରିସରରେ ସୋମବାର ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ୟକ୍ତିଗତ ଓ ସାମୂହିକ ସମସ୍ୟାକୁ ନେଇ ୧୧୨ଟି ଅଭିଯୋଗ ହୋଇଥିଲା। ଏଥିରେ ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ ମିଶ୍ର, ଭୁବନେଶ୍ୱର ସବ୍ କଲେକ୍ଟର ଶୁଭେନ୍ଦୁ ସାହୁ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରିବା ସହ ସମସ୍ୟାର ସମାଧାନ ପାଇଁ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଡିଓ ବାସୁଦେବ ମାହାରୀ, ଏବିଡିଓ ଜୟସୂର୍ଯ୍ୟ ରଥ ଓ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ବାଜପେୟୀଙ୍କ ସ୍ମୃତିରେ କାବ୍ୟାଞ୍ଜଳି କାର୍ଯ୍ୟକ୍ରମ

**ଜଟଣୀ,୧୭।୯(ଡି.ଏନ.ଏ.)**

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଦେହବସାନର ଏକମାସ ପୂର୍ତ୍ତି ଅବସରରେ ଜଟଣୀସ୍ଥିତ ରୋଟାରୀ କ୍ଲବ ପରିସରରେ ରବିବାର ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ବାଜପେୟୀଙ୍କ କାବ୍ୟମାଳାଗୁଡ଼ିକୁ ପୁଣି ଥରେ ଜୀବନ୍ତ କରିବାର ପ୍ରୟାସରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ୩୦ରୁ ଊର୍ଦ୍ଧ୍ୱ କବୟିତ୍ରୀ ଓ କବି କବିତା ପାଠ କରିଥିଲେ। ଏଥିରେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇଥିଲେ। ସାହିତ୍ୟିକ ସୌମେନ୍ଦ୍ର ଜେନା, ଶଙ୍କର୍ଷଣ ପରିଡ଼ା ଓ ସୌଦାମିନୀ ବେହେରା ଏହାର ସଂଯୋଜନା କରିଥିଲେ। କାବ୍ୟାଞ୍ଜଳି କାର୍ଯ୍ୟସମିତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ବରିଷ୍ଠ ଭାଜପା ନେତା ସୁଦୀପ୍ତ ରାୟ, ପ୍ରଶାନ୍ତ ପ୍ରଧାନ, ମହେଶ ମିଶ୍ର, ଅରବିନ୍ଦ ନାୟକ, ନିରଞ୍ଜନ ପଣ୍ଡା ଓ ଅନ୍ୟମାନେ ଏହାର ସହାୟତା କରିଥିଲେ।

### ■ ଗ୍ରାମୀଣ ପ୍ରତିଭାଙ୍କୁ ଅଣଦେଖା

# ପାଠ ନ ପଢ଼ି ଶ୍ରେଷ୍ଠ ଗାୟକ

**ଖୋର୍ଦ୍ଧା ଅଫିସ,୧୭।୯**

- ଗାଉଛନ୍ତି ଅନର୍ଗଳ ରାମାୟଣ
- କଳାକାର ଭତ୍ତାରୁ ବଞ୍ଚିତ ଇନ୍ଦ୍ରମଣି

ପାଠ ନ ପଢ଼ି ଶ୍ରେଷ୍ଠ ଗାୟକ। ଶୁଣି ଶୁଣି ମନେ ରଖିଛନ୍ତି ସାତଖଣ୍ଡ ରାମାୟଣ ଓ ୭୫୨ ଶ୍ଳୋକ। ପାଟି ଖୋଲିଲେ ବାହାରୁଛି ଅନର୍ଗଳ ରାମାୟଣର ଚମ୍ପୁ, ଚଉପଦୀ ଓ ସଂସ୍କୃତ ଶ୍ଳୋକ। ପୁଣି ୯ ଘଣ୍ଟା ପର୍ଯ୍ୟନ୍ତ ଲଗାତର ଭାବେ ରାମାୟଣ ଗାନ କରି ଅନ୍ୟ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। ଏଭଳିଆ ବ୍ୟକ୍ତିତ୍ୱଙ୍କର ଦାରିଦ୍ର୍ୟ ପାଠପଢ଼ାକୁ ପୂର୍ଣ୍ଣଚ୍ଛେଦ ପକାଇ ଦେଇଥିଲା। ତେବେ ସରସ୍ୱତୀଙ୍କ କରୁଣା ଓ ରଘୁନାଥଙ୍କ ଆଶୀର୍ବାଦ କାରଣରୁ ପ୍ରତିଭାକୁ ବଦଳାଇ ପାରି ନ ଥିଲା। ତୁଳସୀ ଦୁଇ ପତ୍ରରୁ ବାସିଲା ପରି ପିଲାଟି ଦିନରୁ ରାମାୟଣ ପ୍ରତି ଆଗ୍ରହ ସୋରଣର ଇନ୍ଦ୍ରମଣି ପ୍ରଧାନ(୭୧)ଙ୍କୁ ଗାୟକ ମାନ୍ୟତା ପ୍ରଦାନ କରିଛି। ହେଲେ ତାଙ୍କର ପ୍ରତିଭା ବଣମଲ୍ଲୀ ପରି ଝଡି ଯିବାକୁ ବସିଛି। ବାର୍ଦ୍ଧକ୍ୟ ଅବସ୍ଥାରେ କଳାକାର ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି।

ଚିଲିକା ବ୍ଲକ ସୋରଣ ଗଡଭିତର ସାହିର ଇନ୍ଦ୍ରମଣିଙ୍କ ଘର। ୫ ବର୍ଷ ବୟସରେ ସ୍ଥାନୀୟ ପାଟଣାସାହିରେ ସାଙ୍ଗସାଥୀଙ୍କ ସହ ରାମାୟଣ ନାଟକ ଦେଖୁଥିଲେ। ଆଉ ସେହି ରାମ ନାଟକ ତାଙ୍କର ଜୀବନର ଗତିପଥକୁ ବଦଳାଇ ଦେଇଥିଲା। ଚାଟଶାଳୀକୁ ଯିବା ବଦଳରେ ଯାଇଥିଲେ ରାମାୟଣର ଆଖଡାଶାଳାକୁ।



ଇନ୍ଦ୍ରମଣି ପ୍ରଧାନ ଓ ଅନ୍ୟମାନେ।

ଆଉ ମନଭରି ଚମ୍ପୁ, ଚଉପଦୀ, ପୁରାଣ ଜଣାଣ ଶୁଣୁଥିଲେ। ମା'ବାପାଙ୍କର ଆକଟ, ଗାଳି ଓ ମାଡ ତାଙ୍କୁ କାଟୁ କରି ନ ଥିଲା। କିଛିଦିନ ପରେ ରାମଲୀଳାର ଗୁରୁ ଜଗନ୍ନାଥ ମାର୍ଥା ଇନ୍ଦ୍ରମଣିଙ୍କ ରାମାୟଣ ପ୍ରତି ଆଗ୍ରହକୁ ଦେଖି ତାରିଫ କରିଥିଲେ। ଏପରି କି ତାଙ୍କୁ ରାମାୟଣ ସମ୍ପର୍କରେ ଆଖଡାଶାଳାରେ ରହି ମନ ଦେଇ ଶୁଣିବାକୁ ପରାମର୍ଶ ଦେଇଥିଲେ। ଗାଁର ହରି ସାହୁ ଘରକୁ ଯାଇ ରାମାୟଣ ପ୍ରତି ଇନ୍ଦ୍ରମଣିଙ୍କର ଆଗ୍ରହ ସମ୍ପର୍କରେ ମା' ବାପାଙ୍କୁ ଜଣାଇଥିଲେ। ହେଲେ ଦାରିଦ୍ର୍ୟ କାରଣରୁ ବାପା କିଛି ନ କହି ଚୁପ ରହିଥିଲେ। ଚାଷ କାର୍ଯ୍ୟରେ ପୁଅକୁ ନିୟୋଜିତ ପରେ ବି ବାପା ଫେଲ ହୋଇଥିଲେ। ୧୦ ବର୍ଷ ବୟସରେ ଘରେ ଇନ୍ଦ୍ରମଣି ରାମାୟଣ ଗାନ କରି ମା'ଙ୍କୁ ଚକିତ କରି ଦେଇଥିଲେ। ପୁଅର ରାମାୟଣ ଗାନ ଶୁଣି ମା'ବାପାଙ୍କୁ ଜଣାଇଥିଲେ। ପରେ ୧୬ ବର୍ଷ ବୟସରେ ଦଳବେହେରା ସାହିରେ ରାମାୟଣ ଗାନ କରିବାର ସୁଯୋଗ ମିଳିଥିଲା ଇନ୍ଦ୍ରମଣିଙ୍କୁ। ତାଳପତ୍ରରେ ତିଆରି ମଞ୍ଚରେ ପେଟ୍ରୋମାକ୍ସ ଲାଇଟ ଝୁଲୁଥାଏ। କଳାକାରମାନଙ୍କ ସହ ଖଡିଗୁଣ୍ଡ ମାରି ରଙ୍ଗମଞ୍ଚରେ ଉପସ୍ଥିତ ହେଲେ ଇନ୍ଦ୍ରମଣି। ଆଉ ମଞ୍ଚରେ ବନ୍ଦନା କରି ରଘୁନାଥଙ୍କ ମଙ୍ଗଳାଚରଣ, ପରେ ଅନଙ୍ଗ ରାମାୟଣରେ ଶ୍ରୀରାମ ଶବରୀ ବିଷୟକୁ ଗାନ କରିଥିଲେ। ଇନ୍ଦ୍ରମଣିଙ୍କ ରାମାୟଣ ଗାଇବା ଶୁଣି ଗାଁ ଲୋକ ବିମୁଗ୍ଧ ହୋଇ ଯାଇଥିଲେ। ଏହାପରଠାରୁ ସେ ଆଉ ପଛକୁ ଫେରିନାହାନ୍ତି। ପରେ ବିଭିନ୍ନ ମଞ୍ଚରେ ରାମାୟଣରେ ସୀତାଙ୍କ ଜନ୍ମ, ଶ୍ରୀରାମଙ୍କ ଜନ୍ମ, ଶିବଧନୁ ଭଙ୍ଗ, ରାମପର୍ଶୁରାମ ଭେଟ, ରାମ ବନବାସ, ସୂର୍ପନଖା, ସୀତା ଚୋରି, ଶ୍ରୀରାମ ଶବରୀ ଭେଟ, ଶ୍ରୀରାମ ସୁଗ୍ରୀବ ଭେଟ, ବଳି ବଦ୍ଧ, ସୀତା ଠାବ, ଲଙ୍କା ପୋଡି, ରାବଣ ବଧ, ଅଗ୍ନି ପରୀକ୍ଷା ପରି ବିଷୟକୁ ତାଳ ଛନ୍ଦର ସୁମଧୁର କଣ୍ଠରେ ଗାଇବାରେ ସେ ଓସ୍ତାଦ। ଏ ନେଇ ଇନ୍ଦ୍ରମଣି ପ୍ରଧାନ କୁହନ୍ତି, ରଘୁନାଥଙ୍କ କୃପାରୁ ସ୍କୁଲ ନ ମାଡି ମଧ୍ୟ ସବୁ କିଛି ମନେ ରଖି ପାରିଛି। ଓଡ଼ିଶାର ଅନେକ ମଞ୍ଚରେ ତାଙ୍କୁ ରାମାୟଣ ଗାନ କରିବାର ସୁଯୋଗ ମିଳିଛି। ଅନେକ ପୁରସ୍କାର ଓ ସମ୍ବର୍ଦ୍ଧନା ମିଳିଛି। ତେବେ ଦୁଃଖ ସରକାର ତାଙ୍କୁ ଅଣଦେଖା କରୁଛନ୍ତି। ଚଳିତବର୍ଷ ପୁଣି କଳାକାର ଭତ୍ତା ପାଇଁ ଆବେଦନ କରିଛନ୍ତି। ଦେଖାଯାଉ ଭତ୍ତା କେବେ ମିଳୁଛି।



ମାଛ ବିନା ପୋଖରୀ ଥାଇପାରେ, କିନ୍ତୁ
ନିନ୍ଦୁକ ବିନା ଗ୍ରାମ ନାହିଁ।
-ଫକୀର ମୋହନ ସେନାପତି



## ସଂକ୍ଷେପରେ

### ଯୁବକଙ୍କୁ ହତ୍ୟା ମାମଲା ପୂର୍ବ ଶତ୍ରୁତାରୁ ହତ୍ୟା ସନ୍ଦେହ, ୩ ଅଟକ

ପୁରୀ ଅଫିସ,୧୭।୯: ଭିଆଇପି ରୋଡସ୍ଥିତ ସ୍ୱସ୍ତିକ ଆପାର୍ଟମେଣ୍ଟ ନିକଟରେ କୁନୁ ନାୟକଙ୍କ ହତ୍ୟା ମାମଲାରେ ସୋମବାର ସମୁଦ୍ରକୂଳ ଥାନା ପୋଲିସ ୩ଜଣଙ୍କୁ ଅଟକ ରଖିଛି। ଏନେଇ ମୃତକଙ୍କ ଭାଇ ଅକ୍ଷୟଙ୍କ ଅଭିଯୋଗ କ୍ରମେ ଦଫା ୩୪୧, ୨୯୪, ୩୨୩, ୩୦୨ ଓ କେସ୍ ନଂ. ୧୪୧/୧୮ରେ ମାମଲା ରୁଜୁ ହୋଇଛି। ସୋମବାର ସାଇଣ୍ଟିଫିକ ଟିମ୍ ଏବଂ ସନ୍ଧାନୀ କୁକୁର ଘଟଣା ସ୍ଥଳ ଅନୁଧ୍ୟାନ କରିଥିଲେ। ତଦନ୍ତରେ ବାଧା ଆଶଙ୍କାରେ ପୋଲିସ କୌଣସି ମତାମତ ଦେବାକୁ ମନା କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ପୋଲିସର ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି। ପୂର୍ବରୁ କୁନୁଙ୍କର ଅନ୍ୟ ଏକ ଗୋଷ୍ଠୀ ସହିତ ମୁହାଁମୁହିଁ ହୋଇଥିଲା। ଗତ କିଛି ଦିନ ତଳେ ଏହି ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିବା ଜଣାପଡିଛି। ରବିବାର ରାତିରେ କୁନୁ ଗଣେଶ ମୂର୍ତ୍ତି ବିସର୍ଜନ ଲାଗି ବେଳାଭୂମିକୁ ଯାଇଥିଲେ। ସେଠାରୁ ସେ ଏକାକୀ ଫେରିବା ବେଳେ ତାଙ୍କୁ କେତେଜଣ ଦୁର୍ବୃତ୍ତ ଗୋଡାଇ ଗୋଡାଇ ହାଣିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ରବିବାର ରାତିରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା।

### ବୃଦ୍ଧଙ୍କଠାରୁ ୩୦ହଜାର ଝାମ୍ପିନେଲେ ଦୁର୍ବୃତ୍ତ

କାକଟପୁର, ୧୭।୯(ଡି.ଏନ୍.ଏ.): ଅସ୍ତରଙ୍ଗ ଥାନା ଅନ୍ତର୍ଗତ କୁହୁଡ଼ି ଗ୍ରାମର ଧୋବେଇ ଲେଙ୍କାଙ୍କଠାରୁ ଦିନ ଦ୍ୱିପ୍ରହରେ ୨ଜଣ ଦୁର୍ବୃତ୍ତ ୩୦ହଜାର ଟଙ୍କା ଝାମ୍ପିନେଇ ପଳାଇଥିବା ଥାନାରେ ଅଭିଯୋଗ ହୋଇଛି। ଧୋବେଇ ଅସ୍ତରଙ୍ଗସ୍ଥିତ ଏସ୍‌ବିଆଇ ଶାଖାରୁ ୩୦ ହଜାର ଟଙ୍କା ଉଠାଇ ଏକ ବ୍ୟାଗ୍‌ରେ ଭର୍ତ୍ତିକରି ସାଇକେଲ ପଛରେ ରଖି ଅସ୍ତରଙ୍ଗ ଯାଉଥିବାବେଳେ ତାରିଣୀ ମନ୍ଦିରଠାରେ ୨ଜଣ ଯୁବକ ବାଇକ୍‌ରେ ଆସି ହଠାତ୍ ବ୍ୟାଗ୍‌ଟିକୁ ଝାମ୍ପିନେଇ କାକଟପୁର ଆଡ଼କୁ ଦ୍ରୁତଗତିରେ ପଳାଇଥିଲେ। ଏ ସମ୍ପର୍କରେ ଅସ୍ତରଙ୍ଗ ଥାନାରେ ଅଭିଯୋଗ ହେବାପରେ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି। ପୋଲିସ ଏ ନେଇ ବ୍ୟାଙ୍କ ମ୍ୟାନେଜରଙ୍କ ସହିତ କଥା ହେବା ସହ ବ୍ୟାଙ୍କର ସିସିଟିଭିକୁ ଯାଞ୍ଚ କରୁଛି।

### ଗାଁକୁ ଗାଁ ବୁଲୁଛନ୍ତି ଶିକ୍ଷକ, ଅଧ୍ୟାପକ

ପୁରୀ ଅଫିସ,୧୭।୯: ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଆହ୍ୱାନ କ୍ରମେ ମିଳିତ ମଞ୍ଚ ପକ୍ଷରୁ ସୋମବାର ପୁରୀ ସଦର ବ୍ଲକରେ ପଦଯାତ୍ରା ଆୟୋଜିତ ହୋଇଥିଲା। ଏହି ପଦଯାତ୍ରାରେ ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ଶିକ୍ଷକ, ଅଧ୍ୟାପକ ସାମିଲ ହୋଇଥିଲେ। ସଦର ବ୍ଲକର ପ୍ରତାପ ରାମଚନ୍ଦ୍ରପୁର, ପ୍ରତାପ ପୁରୁଷୋତ୍ତମପୁର, ବିଜୟ ରାମଚନ୍ଦ୍ରପୁର, ବୀରନରସିଂହପୁର, ଗୌଡ଼କେରା ଓ ଭାଇଲିପୁର ପଞ୍ଚାୟତର ଶତାଧିକ ଗ୍ରାମ ପରିକ୍ରମା କରିଥିଲେ। ଶିକ୍ଷକ, ଅଧ୍ୟାପକମାନେ ରାଜ୍ୟ ସରକାରଙ୍କ ଶିକ୍ଷାମାରଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ବିଭିନ୍ନ ଗ୍ରାମରେ ସଭା ସମିତି ମାଧ୍ୟମରେ ଗ୍ରାମବାସୀଙ୍କୁ ରାଜ୍ୟର ବିପର୍ଯ୍ୟସ୍ତ ଶିକ୍ଷା ନୀତି ସମ୍ପର୍କରେ ଅବଗତ କରାଇଥିଲେ। ଏହି ପଦଯାତ୍ରାରେ ଓଷ୍ଟା ସଦର ବ୍ଲକ ସମ୍ପାଦକ ରମେଶ ଚନ୍ଦ୍ର ପତି, ବାଳକୃଷ୍ଣ ବାହିନୀପତି, ଓଷ୍ଟା ପୁରୀ ଜିଲା ସମ୍ପାଦକ କିଶୋର ମହାନ୍ତି, ବ୍ରଜକିଶୋର ମିଶ୍ର, ଅଧ୍ୟାପକ ବିଶ୍ୱନାଥ ବଳିୟାର ସିଂ, ଦିବାକର ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।



ପୁରୀ ସେସୁ କାର୍ଯ୍ୟାଳୟରେ ଅନୁଷ୍ଠିତ ବିଶ୍ୱକର୍ମା ପୂଜା।



ବିଶ୍ୱକର୍ମା ଟ୍ୟାକ୍ସି କର୍ମଚାରୀ ସଂଘ ପକ୍ଷରୁ ଆୟୋଜିତ ବିଶ୍ୱକର୍ମା ପୂଜା।



ନୀଳାଚଳ ଅଟୋଚାଳକ ସଂଘ ପକ୍ଷରୁ କରାଯାଇଥିବା ବିଶ୍ୱକର୍ମା ପୂଜା।

### ଫାଇଲିନ ପ୍ରପୀଡ଼ିତ କ୍ରିୟାନୁଷ୍ଠାନ କମିଟିର ଧାରଣା

# ସର୍ଭେ ତାଲିକାକୁ ନେଇ ଉଠିଲା ପ୍ରଶ୍ନ

ପୁରୀ ଅଫିସ, ୧୭।୯:



ଫାଇଲିନ୍ କ୍ଷତିଗ୍ରସ୍ତ ଲୋକେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

ବହୁ ବାଦବିବାଦ ପରେ ବ୍ରହ୍ମଗିରି ଏବଂ କୃଷ୍ଣପ୍ରସାଦ ବ୍ଲକର ୩୦୩୪ ଫାଇଲିନ କ୍ଷତିଗ୍ରସ୍ତ ପରିବାରଙ୍କୁ ବାତ୍ୟା ନିରୋଧକ ଗୃହ ଯୋଗାଇ ଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିଲାଗି ୧୨୦କୋଟି ଟଙ୍କା ମଧ୍ୟ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି। ତେବେ ଏହି ପ୍ରକ୍ରିୟ ଶେଷ ହୋଇ ଆବଣ୍ଟନ ପ୍ରସ୍ତୁତି ଚାଲିଥିବା ବେଳେ ପ୍ରସ୍ତୁତ ହିତାଧିକାରୀ ତାଲିକାକୁ ନେଇ ଦେଖାଦେଇଛି ବିବାଦ। ଦଳୀୟ ଭିତ୍ତିରେ ଫାଇଲିନ କ୍ଷତିଗ୍ରସ୍ତଙ୍କ ତାଲିକା ପ୍ରସ୍ତୁତ ହୋଇଥିବା ପୁରୀ ଜିଲା ଫାଇଲିନ ପ୍ରପୀଡ଼ିତ କ୍ରିୟାନୁଷ୍ଠାନ କମିଟିର ଆବାହକ ବିପିନ ବିହାରୀ ପଲେଇ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ, ଭୁବନେଶ୍ୱର ସ୍ୱତନ୍ତ୍ର ସର୍କିଟ ହାଉସରେ ବୈଠକ ବସି ପ୍ରଥମ ପର୍ଯ୍ୟାୟରେ ୪ହଜାର ୮ଶହ ହିତାଧିକାରୀଙ୍କୁ ଗୃହ ଯୋଗାଇ ଦେବାକୁ ସ୍ଥିର ହୋଇଥିଲା। କିନ୍ତୁ ବର୍ତ୍ତମାନ ସର୍ଭେ ବାହାନାରେ ପ୍ରାୟ ୧୮ ହିତାଧିକାରୀଙ୍କୁ ବାଦ ଦିଆଯାଇଛି। ସେଥିମଧ୍ୟରେ ବହୁ ଯୋଗ୍ୟ ହିତାଧିକାରୀ ରହିଛନ୍ତି। ଅଦ୍ୟାବଧି କେତେକ ପରିବାର ପାଲଟାଣି ରହୁଛନ୍ତି। କିନ୍ତୁ ଯେଉଁ ତାଲିକା ପ୍ରସ୍ତୁତ ହୋଇଛି ସେଥିରେ ସରକାରୀ କର୍ମଚାରୀଙ୍କ ନାମ ରହିଛି। ଏହାସହିତ ସରପଞ୍ଚ ଓ ତାଙ୍କ ସମ୍ପର୍କୀୟ ମଧ୍ୟ ରହିଛନ୍ତି। ତେଣୁ ଉକ୍ତ ତାଲିକାକୁ ପୁନଃ ଯାଞ୍ଚ କରିବାକୁ ସେ ଦାବି କରିଛନ୍ତି। ୫ଦଫା ଦାବି ନେଇ ସୋମବାର କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା ଓ ସ୍ଥାନୀୟ କ୍ଷତିଗ୍ରସ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏହାସହିତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସର୍ଭେ ତାଲିକାରୁ ବାଦ ପଡିଥିବା ଯୋଗ୍ୟ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରାଯାଉ। ସର୍ଭେ ତାଲିକାକୁ ତ୍ରୁଟିଶୂନ୍ୟ କରିବା ଲାଗି ସମ୍ପୃକ୍ତ ବ୍ଲକର ବିଡିଓ ଏବଂ କମିଟିର ଅନ୍ୟୂନ ଦୁଇଜଣ ସଭ୍ୟଙ୍କୁ ନେଇ ସମୀକ୍ଷା କରାଯାଉ। ସର୍ଭେ ତାଲିକାରୁ ସରକାରୀ ଚାକିରିଆଙ୍କୁ ବାଦ କରାଯାଉ। ଅନ୍ୟୂନ ୮ହଜାର ପରିବାରକୁ ଏହି ଯୋଜନାରେ ସାମିଲ କରାଯାଇ ଘର ଯୋଗାଇ ଦେବାକୁ କମିଟି କହିଛି। ଏହି ବିକ୍ଷୋଭରେ କମିଟିର ସମ୍ପାଦକ ଭୀମସେନ ସ୍ୱାଇଁ, ଉପସଭାପତି ବଟକୃଷ୍ଣ ବିଶ୍ୱାଳ, ବାନାମ୍ବର ଦଳାଇ, ଅଜୟ ଖଟେଇ, ଗୋଲକ ବିହାରୀ ସାମନ୍ତରାୟ, ରମେଶ ଚନ୍ଦ୍ର ବେହେରା, ପ୍ରତାପ ବେହେରା ପ୍ରମୁଖ ସାମିଲ ଥିଲେ। ସୂଚନାଯୋଗ୍ୟ, ୨୦୧୩ ମସିହା ଫାଇଲିନ ମହାବାତ୍ୟାରେ ପୁରୀ ଜିଲାର କୃଷ୍ଣପ୍ରସାଦ ଏବଂ ବ୍ରହ୍ମଗିରି ବ୍ଲକର ପ୍ରାୟ ୧୩ ହଜାର ଘର ଭାଙ୍ଗିଥିଲା। ବିଶ୍ୱବ୍ୟାଙ୍କ ସହାୟତାରେ ଓଡ଼ିଆରପି ଯୋଜନାରେ ଘର ଯୋଗାଇ ଦିଆଯିବାକୁ ସ୍ଥିର ହୋଇଥିଲା। କିନ୍ତୁ ପ୍ରଶାସନିକ ଅବହେଳା ଓ ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁ ଏହି ଯୋଜନା ଅଧାରୁ ବନ୍ଦ ହୋଇଥିଲା। ଜିଲାକୁ ଆସିଥିବା ଅନୁଦାନ ବି ଫେରିଥିଲା। ଏହାପରେ ଫାଇଲିନ କ୍ଷତିଗ୍ରସ୍ତଙ୍କ ପକ୍ଷରୁ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ବର୍ତ୍ତମାନ ରାଜ୍ୟ ସରକାର ପୁନର୍ବାର ଏହାକୁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଥିବା ବେଳେ ପୁଣି ବିବାଦ ମୁଣ୍ଡ ଟେକିଛି।

# ଆଦିତ୍ୟ ବାର୍ତ୍ତା ଲୋକାର୍ପିତ

ପୁରୀ ଅଫିସ, ୧୭।୯:

ଗୋବର୍ଦ୍ଧନ ମଠ ପରିସରରେ ସୋମବାର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମଠ ପରିଚାଳିତ ବିଭିନ୍ନ ସଙ୍ଗଠନର ମାସିକ ମୁଖପତ୍ର ଆଦିତ୍ୟ ବାର୍ତ୍ତାକୁ ଲୋକାର୍ପିତ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଶଙ୍କରାଚାର୍ଯ୍ୟଙ୍କ ନିଜ ସଚିବ ସ୍ୱାମୀ ନିର୍ବିକଳ୍ପାନନ୍ଦ ସରସ୍ୱତୀ, ବିଶ୍ୱ ହିନ୍ଦୁ ପରିଷଦର ଅଖିଳ ଭାରତୀୟ ସଙ୍ଗଠନ ମନ୍ତ୍ରୀ ଦିନେଶ ଚନ୍ଦ୍ର, ବିଶ୍ୱ ହିନ୍ଦୁ ପରିଷଦର ରାଜ୍ୟ କାର୍ଯ୍ୟକାରୀ ସଭାପତି ଡ. ବଦ୍ରିନାଥ ପଟ୍ଟନାୟକ, ପୀଠ ପରିଷଦର ସଭ୍ୟ ଡ. ପ୍ରଫୁଲ୍ଲ ରଥ, ନରେଶ ସିରୋହୀ, ଦେବେନ୍ଦ୍ର ଶର୍ମା, ମଠର ମୁଖପାତ୍ର ମନୋଜ କୁମାର ରଥ, ଆଦିତ୍ୟ ବାହିନୀ ରାଜ୍ୟ ସଭାପତି ଜିତେନ୍ଦ୍ର ମହାପାତ୍ର, ଗୋପାଳ ମହାପାତ୍ର ଓ ବିବେକ ବାଜପେୟୀ ଯୋଗଦେଇଥିଲେ। ଆଦିତ୍ୟ ବାର୍ତ୍ତା ପୀଠ ପରିଷଦ, ଆଦିତ୍ୟ ବାହିନୀ, ଆନନ୍ଦ ବାହିନୀ, ରାମରାଜ୍ୟ ପରିଷଦ, ସନାତନ ସନ୍ଥ ସମିତି, ହିନ୍ଦୁରାଷ୍ଟ୍ର ସଂଘଜ୍ ଏବଂ ରାଷ୍ଟ୍ରୋତ୍କର୍ଷ ଅଭିଯାନର ମୁଖପତ୍ର ହୋଇଥିବା ବେଳେ ଏଥିରେ ପୂଜ୍ୟପାଦ ଶଙ୍କରାଚାର୍ଯ୍ୟଙ୍କ ବାଣୀ ଏବଂ ରାଷ୍ଟ୍ର ହିତକର ଲେଖା ପ୍ରକାଶ ପାଇବ। ଆଗାମୀ ଦିନରେ ଏହି ପତ୍ରିକା ଦ୍ୱାରା ସମାଜର ଅନେକ ସମସ୍ୟା ସମାଧାନର ବାଟ ଖୋଲିବ ବୋଲି ବକ୍ତାମାନେ କହିଥିଲେ। ଏଥିରେ ପୁରୀ ଆଦିତ୍ୟ ବାହିନୀ ଏବଂ ଆନନ୍ଦ ବାହିନୀର ସଭ୍ୟାସଭ୍ୟ ଯୋଗଦେଇଥିଲେ।



ଆଦିତ୍ୟ ବାର୍ତ୍ତାକୁ ପୁରୀ ଗୋବର୍ଦ୍ଧନ ମଠ ଶଙ୍କରାଚାର୍ଯ୍ୟ ଏବଂ ଅନ୍ୟମାନେ ଉନ୍ମୋଚନ କରୁଛନ୍ତି।

# ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟର ବାର୍ଷିକ ଉତ୍ସବ

ପୁରୀ ଅଫିସ, ୧୭।୯:



ଅତିଥିମାନଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାମାନେ।

ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟର ବାର୍ଷିକ ଉତ୍ସବ ସୋମବାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ କବି ଲେଖକ ସମ୍ମେଳନ, ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନ ପ୍ରଦାନ ଓ ଅତିବଡ଼ୀଙ୍କ ଜୟନ୍ତୀ ସମାରୋହ ଆୟୋଜିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ କବିତା ପାଠୋତ୍ସବରେ ନଗରପାଳ ଜୟନ୍ତ କୁମାର ଷଡ଼ଙ୍ଗୀ ଉଦ୍‌ଘାଟକ, ଅଧ୍ୟାପକ ଅଶୋକ କୁମାର ସିଂହ ସଭାପତି ଏବଂ ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ବିଜୟଲକ୍ଷ୍ମୀ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ପ୍ରାୟ ୭୦ ଜଣ କବୟିତ୍ରୀ କବି ସ୍ୱରଚିତ କବିତା ପାଠ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନ ପ୍ରଦାନ ସମାରୋହରେ ଉଦ୍‌ଘାଟକ ଥିଲେ ବଡ଼ ଓଡ଼ିଆ ମଠ ମହନ୍ତ ଅଧିକାରୀ ବଂଶୀଧର ଦାସଗୋସ୍ୱାମୀ ଓ ଉତ୍ତର ପାର୍ଶ୍ୱ ମଠ ମହନ୍ତ ନାରାୟଣ ରାମାନୁଜ ଦାସ। ଏଥିରେ ଅନୁଷ୍ଠାନର ସଭାପତି ସଦାଶିବ ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ନାଇଜରର କୁଳସଚିବ ଡ. ଅଭୟ କୁମାର ନାୟକ ଏବଂ ଭଗବାନ ସୁଆର ଯୋଗଦେଇଥିଲେ। ଏହି ଅବସରରେ ସାମ୍ମୁଖ୍ୟର ମୁଖପତ୍ର ଦୟଣା ଲୋକାର୍ପିତ ହୋଇଥିଲା। ବରିଷ୍ଠ ସାହିତ୍ୟିକା ବନଜା ଦେବୀଙ୍କୁ ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ ୧୬ ଜଣ ପ୍ରତିଭାଙ୍କୁ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ପଦ୍ମାଳୟା ମିଶ୍ର ଯୁବ ପ୍ରତିଭା ସମ୍ମାନରେ ସମ୍ମାନିତ ହୋଇଥିଲେ। ଅନୁଷ୍ଠାନର ସମ୍ପାଦକ କବି କୃଷ୍ଣଚନ୍ଦ୍ର ରଥ ସମ୍ପାଦକୀୟ ପାଠ କରିଥିବା ବେଳେ ରବୀନ୍ଦ୍ର ନାଥ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

### ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ପଦଯାତ୍ରା

କଣାସ,୧୭।୯(ସ୍ୱ.ପ୍ର)

କଣାସ ବ୍ଲକ ପାଣ୍ଡିଆକେରା, ଗଡ଼ବଡ଼ପୁଟ, ତ୍ରିଲୋଚନପୁର ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମରେ ସ୍କୁଲ କଲେଜ ଶିକ୍ଷକ ମିଳିତ ମଞ୍ଚର ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହା ସହ ପ୍ରତି ଗ୍ରାମରେ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କୃଷକ, ଶିକ୍ଷାବିତ୍, ସରପଞ୍ଚ, ୱାର୍ଡମେମ୍ବର, ସମାଜସେବୀ, ବୁଦ୍ଧିଜୀବୀମାନେ ଯୋଗଦାନ କରି ଶିକ୍ଷକ କର୍ମଚାରୀମାନଙ୍କୁ ସମର୍ଥନ ଦେବା ସହ ବକ୍ତବ୍ୟ ପ୍ରଦାନ କରିଥିଲେ। ଦୀର୍ଘ ୩୩ଦିନ ଧରି ଶିକ୍ଷକମାନେ ରାଜଧାନୀରେ ଆନ୍ଦୋଳନ କରୁଥିବାରୁ ଛାତ୍ରୀଛାତ୍ରଙ୍କ ପାଠ ପଢ଼ାରେ ବ୍ୟାହତ ହୋଇଛି। ଏହି ପଦଯାତ୍ରାରେ ଓଷ୍ଟା ଜିଲା ସମ୍ପାଦକ ମହେନ୍ଦ୍ର ରଣସିଂହ, ଅକ୍ଷୟ ରାୟସିଂହ, ମାନସରଞ୍ଜନ ସାମନ୍ତରାୟ, ରତ୍ନାକର ରାଉତରା ପ୍ରମୁଖ ପଦଯାତ୍ରାରେ ନେତୃତ୍ୱ ନେଇଥିଲେ ।

# ବଡ଼ ଓଡ଼ିଆ ମଠରେ ରାଧାଷ୍ଟମୀ

ପୁରୀ ଅଫିସ, ୧୭।୯:

ଶ୍ରୀକ୍ଷେତ୍ରର ବହୁ ପୁରାତନ ବଡ଼ ଓଡ଼ିଆ ମଠରେ ସୋମବାର ମଠର ଇଷ୍ଟ ରାଧାରାଣୀଙ୍କ ଜନ୍ମ ତଥା ରାଧାଷ୍ଟମୀ ପାରମ୍ପରିକ ରୀତିନୀତି ଅନୁଯାୟୀ ପାଳିତ ହୋଇଛି। ଏହି ଅବସରରେ ରବିବାର ଲଳିତା ସପ୍ତମୀରେ ଅଧିବାସ ନୀତି ସମ୍ପନ୍ନ ହୋଇଥିଲା। ସୋମବାର ସକାଳେ ରାଧାରାଣୀଙ୍କୁ ଶ୍ରୀସୁକ୍ତରେ ଅଭିଷିକ୍ତ କରାଯାଇ ମାର୍ଜନା ଓ ବେଶ କରାଯାଇଥିଲା। ଶ୍ରୀମନ୍ଦିରରୁ ଆସିଥିବା ଖଣ୍ଡୁଆ ପାଟଶାଢି ଏବଂ ଚନ୍ଦନ ଲାଗି କରାଯାଇଥିଲା। ବଲ୍ଲଭ ଓ ସକାଳଧୂପ ନୀତି ସରିବା ପରେ ଜଗମୋହନରେ ଭଦ୍ରମଣ୍ଡଳ ପକାଯାଇ ଦୋରଣ ପୂଜାଠାରୁ କର୍ଣ୍ଣଭେଦ କର୍ମ ପର୍ଯ୍ୟନ୍ତ ରାଧାରାଣୀଙ୍କ ଜନ୍ମ ବ୍ରହ୍ମାଣ୍ଡ ପୁରାଣ ବିଧି ଅନୁଯାୟୀ କରାଯାଇଥିଲା ବୋଲି ମଠ ମହନ୍ତ ଅଧିକାରୀ ବଂଶୀଧର ଦାସ ଗୋସ୍ୱାମୀ କହିଛନ୍ତି।



ପୁରୀ ବଡ଼ଓଡ଼ିଆ ମଠରେ ରାଧାଷ୍ଟମୀରେ ଶ୍ରୀରାଧାଙ୍କ ଜନ୍ମ ନୀତି କରାଯାଉଛି।

# ସାତ ଲହଡ଼ିଙ୍କୁ ୭ ଦୀପ ସମର୍ପଣ

ପୁରୀ ଅଫିସ, ୧୭।୯:



ଅତିବଡ଼ୀଙ୍କ ଚଳନ୍ତି ପ୍ରତିମା ଓ ଭାଗବତ ବାସୁଦେବ ବିମାନରେ ସାତଲହଡ଼ି ମଠକୁ ବିଜେ କରୁଛନ୍ତି।

ଅତିବଡ଼ୀଙ୍କ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ସମୁଦ୍ର ସାତଲହଡ଼ି ପଛକୁ ଘୁଞ୍ଚି ଯାଇଥିଲେ। ସେହି ସ୍ମୃତିରେ ଅତିବଡ଼ୀ ଜୟନ୍ତୀରେ ସାତଲହଡ଼ି ମଠ ପକ୍ଷରୁ ପାରମ୍ପରିକ ରୀତିରେ ସମୁଦ୍ର ପୂଜନ କରାଯାଉଛି। ସୋମବାର କପିଳେଶ୍ୱରପୁରରୁ ଆସିଥିବା ଅଖଣ୍ଡ ଦୀପକୁ ସାତୋଟି ଦୀପରେ ବିଭକ୍ତ କରାଯାଇଥିଲା। ଏହି ୭ଟି ଦୀପ ସାତଲହଡ଼ିଙ୍କୁ ସମର୍ପଣ କରି ସେଠାରେ ପ୍ରଜ୍ୱଳନ କରାଯାଇଥିଲା। ଏଥିସହ ସମୁଦ୍ରକୁ ପୁଷ୍ପାଞ୍ଜଳି ଦେଇ ପୂଜାର୍ଚ୍ଚନା ମଧ୍ୟ କରାଯାଇଥିଲା। ସନ୍ଧ୍ୟାରେ ମଠରେ ଅତିବଡ଼ୀଙ୍କ ରାସ କରାଯାଇଥିଲା। ସାତଲହଡ଼ି ମଠର ସେବକ ବ୍ରହ୍ମଚାରୀ ବାମଦେବ ନନ୍ଦ କହିଛନ୍ତି, କାଙ୍କୁଡା (କପିଳେଶ୍ୱରପୁର) ସ୍ଥିତ ପାଦୁକା ପୀଠରେ ମଠ ପକ୍ଷରୁ ଚନ୍ଦନ କାଠରେ ନିର୍ମିତ ଅତିବଡ଼ୀଙ୍କ ସ୍ମୃତି ଉଦ୍ଦେଶ୍ୟରେ କଠଉ ସ୍ଥାପନା କରାଯାଇଛି। ପ୍ରାତଃରେ ସାତଲହଡ଼ି ମଠରେ ସଙ୍କୀର୍ତ୍ତନ ଏବଂ

**ଅତିବଡ଼ୀଙ୍କ ଜୟନ୍ତୀ**

ଭାଗବତ ପାଠ କରାଯାଇଥିଲା। ଏହାପରେ ମଠରୁ ଏକ ଶୋଭାଯାତ୍ରା ଜନ୍ମପୀଠ କପିଳେଶ୍ୱରପୁର ଯାଇଥିଲା। ଜନ୍ମପୀଠରେ ଥିବା ପ୍ରତିମୂର୍ତ୍ତି ଏବଂ ଇଷ୍ଟ ଦେବତା ଗୋପୀନାଥଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରାଯିବା ସହିତ ପୂଜାର୍ଚ୍ଚନା ଓ ସଂକୀର୍ତ୍ତନ ହୋଇଥିଲା। ଜନ୍ମପୀଠ ପ୍ରତିମୂର୍ତ୍ତି ନିକଟରେ ଜଳାଯାଇଥିବା ଦୀପକୁ ଅଖଣ୍ଡ ଦୀପ ଭାବେ ଶୋଭାଯାତ୍ରାରେ ସାତଲହଡ଼ି ମଠକୁ ଅଣାଯାଇଥିଲା। ସେହିପରି ବଡ଼ ଓଡ଼ିଆ ମଠରୁ ଅତିବଡ଼ୀଙ୍କ ଚଳନ୍ତି ପ୍ରତିମା ଏବଂ ଭାଗବତ ବାସୁଦେବ ବିମାନରେ ସାଗର ବିଜେ କରିଥିଲେ। ସାଗର ବିଜେ ପରେ ସାତଲହଡ଼ି ମଠକୁ ଯାଇଥିଲେ। ସେଠାରେ ଭାଗବତ ପାଠ, ପଂକ୍ତି ଭୋଗ ଓ ବନ୍ଦାପନା ହୋଇଥିଲା। ଏହାପରେ ଅତିବଡ଼ୀଙ୍କ ଚଳନ୍ତି ପ୍ରତିମା ଏବଂ ଭାଗବତ ବାସୁଦେବ ବଡ଼ ଓଡିଆ ମଠକୁ ବାହୁଡ଼ା ବିଜେ କରିଥିଲେ।

### ଶ୍ରୀରାଧା ଜନ୍ମୋତ୍ସବ ଉଦ୍‌ଯାପିତ

# ୨୩ରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ଭିତ୍ତି ପ୍ରସ୍ତର ସ୍ଥାପନ

ସାକ୍ଷୀଗୋପାଳ, ୧୭।୯(ଡି.ଏନ୍.ଏ.)



ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ଭଜନ କମିଟିପକ୍ଷରୁ ୩ଦିନ ଧରି ଅନୁଷ୍ଠିତ ଆଧ୍ୟାତ୍ମିକ ଓ ସାଂସ୍କୃତିକ ସମାରୋହ ଶ୍ରୀରାଧା ଜନ୍ମୋତ୍ସବ ସୋମବାର ଉଦ୍‌ଯାପିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଡ.ନୃସିଂହ ଚରଣ ସାହୁ, ସମ୍ମାନିତ ଅତିଥି ଭାବେ ଶ୍ରମ ଓ ଶକ୍ତି ବିଭାଗ ମନ୍ତ୍ରୀ ଶୁଶାନ୍ତ ସିଂହ, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ଅତିରିକ୍ତ ତହସିଲଦାର ପ୍ରସନ୍ନ କୁମାର ସାମନ୍ତରାୟ, ଭଜନ କମିଟିର ଉପଦେଷ୍ଟା ସୁକାନ୍ତ କିଶୋର ସାମନ୍ତରାୟ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପଞ୍ଚଶଖାଙ୍କ ପୁଣ୍ୟଭୂମି ସତ୍ୟବାଦୀରେ ଓଡ଼ିଆ ବିଶ୍ୱ ବିଦ୍ୟାଳୟ ନିମନ୍ତେ ଜମି ଚହ୍ନଟ କରାଯିବା ପରେ ମୁଖ୍ୟମନ୍ତ୍ରୀ ୧୦କୋଟି ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି। ଚଳିତ ମାସ ୨୩ତାରିଖରେ ଓଡ଼ିଆ ବିଶ୍ୱ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ କରାଯିବ। ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ମନ୍ତ୍ରୀ ଓ ବିଧାୟକ ସଭାରେ କହିଥିଲେ। ବିଧାୟକଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାରଠାରୁ ଏଥି ନିମନ୍ତେ ପ୍ରସ୍ତୁତି ଆରମ୍ଭ ହେବ। ଏଥି ସହିତ ବକୁଳବନରେ ଗୁପ୍ତ ବୃନ୍ଦାବନ ନିମନ୍ତେ ୭କୋଟି ବିନିମୟରେ ସୌନ୍ଦର୍ଯ୍ୟକରଣ, ସାକ୍ଷୀଗୋପାଳ ବସଷ୍ଟାଣ୍ଡଠାରୁ ଶୁକଳ ନୂଆ ଜଗନ୍ନାଥ ସଡକକୁ ଲାଗିଥିବା ୧୫କିଲୋମିଟର ପୂର୍ତ୍ତ ବିଭାଗ ରାସ୍ତାର ସଂପ୍ରସାରଣ ନିମନ୍ତେ ୩୨କୋଟି ଟଙ୍କା ବ୍ୟୟ କରାଯିବ ବୋଲି ବିଧାୟକ ସାମନ୍ତରାୟ ଏହି ଅବସରରେ ସୂଚନା ଦେଇଥିଲେ। ବର୍ତ୍ତମାନ ସାକ୍ଷୀଗୋପାଳ ପାନ୍ଥନିବାସରେ ଓଡ଼ିଆ ବିଶ୍ୱବିଦ୍ୟାଳୟର ଅସ୍ଥାୟୀ କାର୍ଯ୍ୟାଳୟ ଚାଲିବ ବୋଲି ଅତିଥିମାନେ ସୂଚନା ଦେଇଥିଲେ। ଉତ୍ସବରେ ଭଜନ କମିଟିର ସମ୍ପାଦକ ଦିବାକର ମହାପାତ୍ର ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ମୁଖପତ୍ର 'ଶ୍ରୀରାଧା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନ୍ଦିର ଟ୍ରଷ୍ଟି ବିଜୟ ମହାପାତ୍ର, ଭଜନ କମିଟି ସଭାପତି ନାରାୟଣ ପାତ୍ର, ସେବାୟତ ଜିତେନ ମହାପାତ୍ର, ଅଶୋକ ଖୁଣ୍ଟିଆ, ଅଦାଲତ ଖୁଣ୍ଟିଆ, ରମାକାନ୍ତ ମହାପାତ୍ର, ରବି ନାରାୟଣ ପତ୍ରି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଅଞ୍ଜନ ହୋତା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।



ମାଆ ପୁଅକୁ, ମାଛ ପାଣିକୁ ଓ ଲୋଭୀ ଧନକୁ ଭଲ ପାଇବା ପରି,
ଯିଏ ପ୍ରକୃତ ଭକ୍ତ ସିଏ ଭଗବାନଙ୍କ ନାମକୁ ଭଲ ପାଇଥାଏ।
-ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ଅତିବଡ଼ୀଙ୍କ ଜୟନ୍ତୀ ଓ କବିତା ପାଠୋତ୍ସବ

ପୁରୀ ଅଫିସ,୧୭।୯: ଅତିବଡ଼ୀ ଚେତନାଚକ୍ର ଓଡ଼ିଶା ଆନୁକୂଲ୍ୟରେ ସାଲବେଗ ସ୍ମୃତିପୀଠରେ ଓଡ଼ିଆ ଭାଗବତ ରଚୟିତା ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଦ୍ୱାରିକା ନାଥ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଶିକ୍ଷାବିତ୍ ପ୍ରସନ୍ନ କୁମାର ମହାନ୍ତି ମୁଖ୍ୟଅତିଥି, ପର୍ଶୁରାମ ପାତ୍ର ମୁଖ୍ୟବକ୍ତା, ନରେଶ ଚନ୍ଦ୍ର ସାମନ୍ତରାୟ ସମ୍ମାନିତ ବକ୍ତା, ବଂଶୀଧର ମହାପାତ୍ର, ବିନୋଦ ଚନ୍ଦ୍ର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ମହାନ୍ତି କହିଲେ, ଅତିବଡ଼ୀଙ୍କ ଦ୍ୱାରା ରଚିତ ଓଡ଼ିଆ ଭାଗବତ କୋଟି କୋଟି ଓଡ଼ିଆଙ୍କ ପାଇଁ ଏକ ଅମୂଲ୍ୟ ଉପହାର। ବୈଷ୍ଣବୀୟ ପଞ୍ଚସଖାର ଅନ୍ୟତମ ସାଧକ ହେଉଛନ୍ତି ଜଗନ୍ନାଥ ଦାସ। ଓଡ଼ିଆ ସାହିତ୍ୟକୁ ତାଙ୍କ ଅବଦାନ ଅତୁଳନୀୟ। ଓଡ଼ିଶାର ପୁରପଲ୍ଲୀରେ ଜଗନ୍ନାଥଙ୍କ କୃତ ଭାଗବତ ଆଧାତ୍ମିକ ଚେତନା ସୃଷ୍ଟି କରିଛି ବୋଲି ସେ କହିଥିଲେ। ଏହି ଅବସରରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସୁଧାଂଶୁବାଳା ପଟ୍ଟନାୟକ, ଭବାନୀ ଶଙ୍କର ମହାପାତ୍ର, ସ୍ୱର୍ଣ୍ଣଲତା ମହାପାତ୍ର ପ୍ରମୁଖ କବିତା ପାଠ କରିଥିଲେ। ଏହା ସହିତ ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କଣ୍ଠଶିଳ୍ପୀ ମୀରା ମହାନ୍ତି, ଉର୍ମିଳା ମିଶ୍ର, ନିଳିମା ଦେବୀ, ସତ୍ୟପ୍ରିୟ ପ୍ରଧାନ, ହଟକିଶୋର ମଲ୍ଲିକ ଭଜନ ପରିବେଷଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ ପବିତ୍ର କୁମାର ମହାନ୍ତି, ଜ୍ଞାନରଞ୍ଜନ ଜେନା, ବାଣୀଭୂଷଣ ଶାସ୍ତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଉଦ୍ୟୋଗିତା ବିକାଶ ତାଲିମ ଶିବିର ଉଦ୍‌ଯାପିତ

ପିପିଲି, ୧୭।୯(ଡି.ଏନ୍.ଏ.)- ପିପିଲି ବ୍ଳକସ୍ତରୀୟ ଉଦ୍ୟୋଗିତା ବିକାଶ ତାଲିମ ଶିବିର କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଯାଇଛି। ପିପିଲି ଏନ୍ଏସି ଅଞ୍ଚଳରେ ଥିବା ଷ୍ଟଡିଭିଲ୍ଲା କ୍ୟାମ୍ପସରେ ଆୟୋଜିତ ଉତ୍ସବରେ ଆତ୍ମା ଅଧକ୍ଷ ଧରଣୀଧର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ସରିଫ ଉଦ୍ଦିନ, ଜେନେରାଲ ମ୍ୟାନେଜର ଡିଆଇସି ପୁରୀ ଟି. ବଦ୍ରିନାରାୟଣ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ପିପିଲି ଶାଖା ମ୍ୟାନେଜର ମୋନାଲିସା ପ୍ରଧାନ, ସହକାରୀ ପରିଚାଳକ ହେମନ୍ତ ନାୟକ, ଆଇପିଓ ପିପିଲି ବ୍ଳକ ବାସୁଦେବ ଘଡ଼େଇ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ ଶିଳ୍ପ ନିର୍ଦ୍ଦେଶାଳୟ କଟକଙ୍କ ସହାୟତାରେ ଆତ୍ମନିଯୁକ୍ତି ମାଧ୍ୟମରେ ବେକାର ଯୁବତୀଯୁବକମାନଙ୍କୁ ୧୨ଦିନ ଧରି ତାଲିମ ଦିଆଯାଇଥିଲା। ଏହି ଶିବିରରେ ଯୋଗଦେଇଥିବା ୩୧ଜଣ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ସାର୍ଟିଫିକେଟ ପ୍ରଦାନ କରିଥିଲେ।

### ବିଶ୍ୱକର୍ମା ପୂଜା ପାଳିତ

କଣାସ,୧୭।୯(ସ୍ୱ.ପ୍ର.)- ସୋମବାର ସାରା ରାଜ୍ୟରେ ବିଶ୍ୱକର୍ମାଙ୍କ ପୂଜାଉତ୍ସବ ମହାସମାରୋହରେ ପାଳିତ ହେଉଥିବା ବେଳେ କଣାସ ବ୍ଲକର ବିଭିନ୍ନ ସ୍ଥାନରେ ବି ବେଶ ଧୁମଧାମରେ ବିଶ୍ୱକର୍ମା ପୂଜା କରାଯାଇଛି । କଣାସ ବିଦ୍ୟୁତ୍ କାର୍ଯ୍ୟାଳୟ ପରିସରରେ ରଙ୍ଗବେରଙ୍ଗର ତୋରଣ ନିର୍ମାଣ ସହ ରଙ୍ଗିନ ଆଲୋକରେ ସୁସଜ୍ଜିତ କରାଯାଇ ବିଶ୍ୱକର୍ମାଙ୍କ ପୂଜାଉତ୍ସବ ପାଳିତ ହୋଇଥିଲା। ଏହାସହ ବଜାରରେ ଥିବା ୱେଲ୍‌ଡିଂ ଦୋକାନ, କାଠଦୋକାନ, ବିଭିନ୍ନ ବ୍ୟବସାୟୀ ପ୍ରତିଷ୍ଠାନଗୁଡିକରେ ବିଶ୍ୱକର୍ମାଙ୍କ ପୂଜାପାଳିତ ହୋଇଥିବା ଦେଖିବାକୁ ମିଳିଥିଲା ।

■ ଅତିବଡ଼ୀଙ୍କ ଜନ୍ମ ତିଥିରେ ଉତ୍ସବମୁଖର କପିଳେଶ୍ୱରପୁର

# ପ୍ରତି ଦୁଆରେ ଭାଗବତର ପଂକ୍ତି, ବସିଛି ପୂର୍ଣ୍ଣକୁମ୍ଭ

ପୁରୀ ଅଫିସ, ୧୭।୯

ଭାଦ୍ରବ ଶୁକ୍ଳ ଅଷ୍ଟମୀ ତଥା ରାଧାଷ୍ଟମୀରେ ଓଡ଼ିଆ ଭାଗବତର ସ୍ରଷ୍ଟା ଅତିବଡ଼ୀ ଜଗନ୍ନାଥ ଦାସ ପୁରୀ ସହର ଉପକଣ୍ଠ କପିଳେଶ୍ୱରପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ପଞ୍ଚଶଖାଙ୍କ ମଧ୍ୟରୁ ଏହି ଶ୍ରେଷ୍ଠ ସାଧକ ପ୍ରତିଟି ଓଡ଼ିଆଙ୍କ ମନରେ ଭାଗବତ ଚିନ୍ତା ଚେତନା ସୃଷ୍ଟି କରିଥିଲେ। ସୋମବାର ଅତିବଡ଼ୀଙ୍କ ଜୟନ୍ତୀ ଉପଲକ୍ଷେ ଜନ୍ମମାଟି ହୋଇପଡିଥିଲା ଉତ୍ସବମୁଖର। ଜନ୍ମପୀଠରେ ଅତିବଡ଼ୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ କରାଯାଇଥିବା ବେଳେ ଆୟୋଜିତ ହୋଇଥିଲା ଜୟନ୍ତୀ ସମାରୋହ। ଗାଁର ପ୍ରତ୍ୟେକ ପରିବାର ଏହି ପୁଣ୍ୟ ତିଥିରେ ତାଙ୍କୁ ମନେ ପକାଇଛନ୍ତି। ଅତିବଡ଼ୀଙ୍କ ପାଇଁ କପିଳେଶ୍ୱରପୁର ଗାଁ ସମଗ୍ର ଓଡ଼ିଶାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ତେଣୁ ଅତିବଡ଼ୀଙ୍କ ଜୟନ୍ତୀରେ ତାଙ୍କ ସ୍ମୃତିଚାରଣ କରିଛନ୍ତି ଗ୍ରାମବାସୀ। ପ୍ରତ୍ୟେକଙ୍କ ଘର ଆଗରେ ଅତିବଡ଼ୀଙ୍କ ରଚିତ ଓଡ଼ିଆ ଭାଗବତର ଗୋଟିଏ ଲେଖାଏ ପଂକ୍ତି ଲେଖାଯାଇଛି। କାହା ଘର କାନ୍ଥରେ ଆନନ୍ଦେ ବୋଲ ହରି ହରି, ହରି କରିବେ ଭବୁ ପାରି... ତ ପୁଣି ଆଉ କାହା କାନ୍ଥରେ ସକଳ ହୋଇ ଏକ ମୁଖ, ଡାକିବା ନାରାୟଣ ରଖ...ଭଳି ପଂକ୍ତି ଲେଖାଯାଇଛି। ସେହିପରି ପ୍ରତି ଘର ପିଣ୍ଡାରେ ବସିଛି ପୂର୍ଣ୍ଣକୁମ୍ଭ। ଗାଁ ଭିତରକୁ ପଶିବା ମାତ୍ରେ ସୃଷ୍ଟି ହେଉଛି ଆଧାତ୍ମିକ ଭାବନା।



କପିଳେଶ୍ୱରପୁର ଗ୍ରାମର ଏକ ଘରେ ଭାଗବତ ବାକ୍ୟ ଲେଖାଯାଇଛି ।

ଏ ସମ୍ପର୍କରେ ଗାଁର ବଟକୃଷ୍ଣ ଦାଶ କହିଛନ୍ତି, ଅତିବଡ଼ୀଙ୍କ ପାଇଁ ପ୍ରତ୍ୟେକ ଗ୍ରାମବାସୀ ଗର୍ବ ଅନୁଭବ କରନ୍ତି। ଆମ ଗାଁ ମାଟିର ଏହି ଯୋଗଜନ୍ମାଙ୍କ ଦ୍ୱାରା ରଚିତ ଶ୍ରୀମଦ୍ ଭାଗବତ ଓଡ଼ିଆ ସାହିତ୍ୟର ଏକ ଅମୂଲ୍ୟ ସମ୍ପଦ। କୋଟି କୋଟି ଓଡ଼ିଆଙ୍କ ଏହା ପ୍ରିୟ ଗ୍ରନ୍ଥ। ଶତାବ୍ଦୀ ଶତାବ୍ଦୀ ଧରି ଏହାର ଭାବ ଓ ଭାଷା ଓଡ଼ିଆ ମାନସିକତାକୁ ଆଚ୍ଛନ୍ନ କରି ରଖିଛି। ଏହି ଓଡ଼ିଆ ଭାଗବତ ପାଇଁ ଓଡ଼ିଶାର ଗାଁ ଗାଁରେ ଜନ୍ମ ନେଇଛି ଭାଗବତ ଟୁଙ୍ଗି ଏବଂ ଭାଗବତ ଘର। ଏହି ଅମୂଲ୍ୟ ଗ୍ରନ୍ଥ ସ୍ରଷ୍ଟାଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇ ଗାଁର ପ୍ରତ୍ୟେକଙ୍କ ଘର ଦୁଆରେ ଭାଗବତର ପଂକ୍ତି ଲେଖାଯାଇଛି। ସେହିପରି ସମସ୍ତଙ୍କ ଘର ପିଣ୍ଡାରେ ପୂର୍ଣ୍ଣକୁମ୍ଭ ବସି ସକଳ କାର୍ଯ୍ୟର ଶୁଭ କାମନା କରାଯାଇଛି। ଏହି ଜୟନ୍ତୀ ସମାରୋହ ପୂର୍ବରୁ ଅତିବଡ଼ୀ ସ୍ମୃତି କମିଟି ପକ୍ଷରୁ ଗାଁରେ ବୈଠକ ବସି ଏଭଳି ନିଷ୍ପତ୍ତି ହୋଇଥିଲା। ଗ୍ରାମବାସୀଙ୍କ ପୂର୍ଣ୍ଣ ସହଯୋଗରେ ଚଳିତବର୍ଷ ଗାଁରେ ଏହିଭଳି ନିଆରା ବାତାବରଣ ସୃଷ୍ଟି କରାଯାଇଛି।

ସ୍ମରଣଯୋଗ୍ୟ, କପିଳେଶ୍ୱରପୁର ହେଉଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର। ଶ୍ରୀମନ୍ଦିର ଉପରେ ଆକ୍ରମଣ ବେଳେ ମହାପ୍ରଭୁ ଏଠାରେ ୮ ମାସ ରହିଥିଲେ। ସେହି ସମୟରେ ଚନ୍ଦନ ଯାତ୍ରା ପଡିଥିଲା। ମହାପ୍ରଭୁଙ୍କର ଭାର୍ଗବୀ ନଦୀରେ ଚନ୍ଦନ ଯାତ୍ରା ବିଧି ସମ୍ପନ୍ନ ହୋଇଥିଲା। ସେହିଦିନଠାରୁ ଏବେ ବି ଗାଁ ଚନ୍ଦନ ପୋଖରୀରେ ଚନ୍ଦନ ଚାପ ହେବା ସହିତ ଭାର୍ଗବୀ ନଦୀରେ ମଧ୍ୟ ଚାପ ଲୀଳା ହେଉଛି।

### ଅଭିନବ କୃଷି ଯନ୍ତ୍ରପାତି ନିମନ୍ତେ ତାଲିମ ଶିବିର

ପିପିଲି, ୧୭।୯(ଡି.ଏନ୍.ଏ.)-

ରାଜ୍ୟ ସରକାରଙ୍କ କୃଷକ ସମ୍ମାନ ଯୋଜନାକୁ କୃଷକମାନଙ୍କ ପାଖରେ ପହଞ୍ଚାଇବା ପାଇଁ ପିପିଲି ତରାକାଜଠାରେ ଅବସ୍ଥିତ କୃଷି ଓ ବୈଷୟିକ କେନ୍ଦ୍ର କାର୍ଯ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପିପିଲି ସହକାରୀ କୃଷି ଅଧିକାରୀ ରବି ନାରାୟଣ ପାତ୍ର ସଭାପତିତ୍ୱ କରିଥିଲେ। ଆତ୍ମାର ଅଧକ୍ଷ ଧରଣୀଧର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ଅନ୍ୟତମ ଅତିଥି ଭାବେ ପିପିଲି କୃଷି ବୈଷୟିକ ପରିଚାଳକ ଉମାକାନ୍ତ ଦଳେଇ, ପିପିଲି କୃଷି ଅଧିଦର୍ଶକ ସହଦେବ ସାହୁ ଏବଂ ବିଭାଗର ସମସ୍ତ ଗ୍ରାମ୍ୟ କୃଷି କର୍ମଚାରୀ ଯୋଗଦେଇଥିଲେ। ନିଜସ୍ୱ ଜ୍ଞାନକୌଶଳରେ ଉନ୍ନତ ଓ ଅଭିନବ କୃଷି ଯନ୍ତ୍ରପାତି ତିଆରି ଏବଂ ବ୍ୟବହାର କରୁଥିବା ପ୍ରତିଭାବାନ୍ ଚାଷୀମାନେ ଆବେଦନ କରି ମନୋନୀତ ହେଲେ ସେମାନଙ୍କୁ ମୁଖ୍ୟମନ୍ତ୍ରୀ କୃଷକ ସମ୍ମାନ ଯୋଜନାରେ ପୁରସ୍କୃତ କରାଯିବ। ଆଗ୍ରହୀ ଚାଷୀମାନେ ଯେପରି ନିର୍ଦ୍ଧାରିତ ସମୟ ଭିତରେ ଆବେଦନ ଦାଖଲ କରିବେ, ସେଥିପାଇଁ ଏକ ଡ୍ରପ୍ ବକ୍ସ କୃଷି ଓ ବୈଷୟିକ କେନ୍ଦ୍ରରେ ରଖାଯାଇଛି। ଏ ସମ୍ପର୍କରେ ଗ୍ରାମ୍ୟ କୃଷି କର୍ମଚାରୀମାନେ ଚାଷୀମାନଙ୍କୁ ଅବଗତ କରିବେ ବୋଲି ଆତ୍ମା ଅଧକ୍ଷ ସାହୁ କହିଥିଲେ।

### ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

କଣାସ,୧୭।୯(ସ୍ୱ.ପ୍ର)- କଣାସ ବ୍ଲକ ଦୟାବିହାରଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ସୋମବାର ବ୍ରହ୍ମଗିରି ବ୍ଲକର ଚାପମାଣୀକ, କୁସୁବେଣ୍ଟି, ମଣପଡ଼ା ଗ୍ରାମପଞ୍ଚାୟତର ୱାର୍ଡସଭ୍ୟାସଭ୍ୟଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି । ସାମାଜିକ କର୍ମୀ ବିଭୂତି ଭୂଷଣ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିବା ସହ ୱାର୍ଡସଭ୍ୟାସଭ୍ୟମାନେ ସଚେତନ ହେଲେ ଗ୍ରାମପଞ୍ଚାୟତର ବିକାଶ ସମ୍ଭବ ବୋଲି ସୂଚନା ଦେଇଥିଲେ। ଏହି ସଭାରେ ରାଜ୍ୟ ସରକାରଙ୍କ ପ୍ରଶିକ୍ଷକ ରାଜବଲ୍ଲଭ ମିଶ୍ର, ଅଶୋକ କୁମାର ସ୍ୱାଇଁ ଉପସ୍ଥିତ ଥିଲେ।

■ ମିଳୁନି ଋଣ

## ବ୍ୟାଙ୍କ ସମ୍ମୁଖରେ ଚାଷୀଙ୍କ ଆମରଣ ଅନଶନ



ବ୍ୟାଙ୍କ ସମ୍ମୁଖରେ ଅନଶନରତ ଚାଷୀ ।

ଗୋପ, ୧୭।୯(ଡି.ଏନ୍.ଏ.)-

ଗୋପ ବ୍ଲକ ଅଧୀନ କେଉତୁଙ୍ଗା ସୋସାଇଟିରେ ଚାଷୀମାନଙ୍କୁ ଋଣ ପ୍ରଦାନରେ ବିଳମ୍ବ ହେଉଥିବା ନେଇ ଚାଷୀମାନେ ସୋମବାର ବେଗୁନିଆ ସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଏରବଙ୍ଗ ଶାଖା ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ। କେଉତୁଙ୍ଗା ସୋସାଇଟିରେ ୧୫ରୁ ଉର୍ଦ୍ଧ୍ୱ ଚାଷୀ ଗୋପାଳନ ପାଇଁ ଋଣ ଆବେଦନ କରିବାର ଦୀର୍ଘ ୮ମାସ ବିତିଯାଇଥିଲେ ମଧ୍ୟ ଋଣ ପ୍ରଦାନ କରାଯାଇନାହିଁ। ଚାଷୀମାନେ ଏହି ଋଣ ପାଇଁ ବାରମ୍ବାର ବ୍ୟାଙ୍କକୁ ଦୌଡୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏପରି କି ବିଭିନ୍ନ ବ୍ୟାଙ୍କରୁ ନୋ ଡ୍ୟୁଜ୍ ପ୍ରମାଣପତ୍ର ଆଣିବା ସହ ସମସ୍ତ କାଗଜପତ୍ର ବ୍ୟାଙ୍କରେ ଦାଖଲ କରିଥିଲେ ମଧ୍ୟ ବ୍ୟାଙ୍କ କର୍ତ୍ତୃପକ୍ଷ ଆଜି କାଲି କହି ସମୟ ଗଡ଼ାଇ ଚାଲିଛନ୍ତି। ଏ ନେଇ ସୋମବାର ଆଦ୍ୟାଶ୍ରୀ ମହାନ୍ତି, କାବୁଲା ଦାଶ, ମନୋରମା ବେଉରା, ପଞ୍ଚାନନ ଆଲୁକ, ବନିତା ଭଞ୍ଜ, ଗଭି ଲେଙ୍କାଙ୍କ ସମେତ ୧୫ରୁ ଉର୍ଦ୍ଧ୍ୱ ଚାଷୀ ଋଣ ପାଇଁ ବ୍ୟାଙ୍କ ସମ୍ମୁଖରେ ଆମରଣ ଅନଶନରେ ବସିଥିବାବେଳେ ଋଣ ନ ମିଳିବା ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି କହିଛନ୍ତି। ବ୍ୟାଙ୍କ ପକ୍ଷରୁ ସର୍ବମୋଟ ୧୭୩ ଜଣ ଚାଷୀଙ୍କୁ ୧କୋଟି ୯୮ ଲକ୍ଷ ଟଙ୍କା ଗାଇ ଫାର୍ମ ନିମନ୍ତେ ଋଣ ପ୍ରଦାନ କରାଯାଇଥିବାବେଳେ ୪୮ଜଣ ଚାଷୀ ରିହାତି ପାଇଁ ଆବେଦନ କରିଥିବା ସୂଚନା ମିଳିଛି। ୧୨ ଜଣ ଚାଷୀ ଠିକ୍ ଭାବରେ ଋଣ ପରିଶୋଧ କରିଥିବା ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ମିଳିଛି। ବ୍ୟାଙ୍କରୁ ଋଣ ନେଇ ଚାଷୀମାନେ ଶୁଝୁ ନ ଥିବାରୁ ବ୍ୟାଙ୍କ ଋଣ ଦେବା ପାଇଁ ଆଗ୍ରହ ପ୍ରକାଶ କରୁ ନ ଥିବା ଜନୈକ ଅଧିକାରୀ କହିଛନ୍ତି। ଏ ସମ୍ପର୍କରେ ଏରବଙ୍ଗ ଗ୍ରାମ୍ୟ ବ୍ୟାଙ୍କ ଶାଖା ପରିଚାଳକ ଶ୍ରୀକୁମାର ସାହୁଙ୍କୁ ପଚାରିବାରେ ସେ କୁହନ୍ତି, ଦୁଗ୍ଧଜାତ ଦ୍ରବ୍ୟ ବିକ୍ରି ପାଇଁ ଚାଷୀମାନେ ଚୁକ୍ତିପତ୍ର କରି ନ ଥିବାରୁ ସେମାନଙ୍କୁ ଋଣ ପ୍ରଦାନରେ ସମସ୍ୟା ଦେଖାଦେଇଛି।

# ମୁରବିଶୂନ୍ୟ ବିଜେବି ନୋଡାଲ ହାଇସ୍କୁଲ

ପୁରୀ ଅଫିସ, ୧୭।୯:

ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ଗଡ଼ରୋଡ଼ଙ୍ଗସ୍ଥିତ ବକ୍ସି ଜଗବନ୍ଧୁ ବିଦ୍ୟାଧର ନୋଡାଲ ଉଚ୍ଚ ବିଦ୍ୟାଳୟ ବ୍ୟାପକ ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି। ୩ବର୍ଷ ହେଲା ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡିଥିବା ବେଳେ ବିଦ୍ୟାଳୟ ମୁରବିଶୂନ୍ୟ ହୋଇପଡିଛି। ବିଦ୍ୟାଳୟର କିରାଣିଙ୍କୁ ୩ବର୍ଷ ହେଲା ଡେପୁଟେଶନରେ ନିଆଯାଇଛି। ଜଣେ ଶିକ୍ଷକ ମଧ୍ୟ ଡେପୁଟେଶନରେ ଯାଇଛନ୍ତି। ଶିକ୍ଷକ ଅଭାବରୁ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଥିବା ଅଭିଯୋଗ ଆଣି ଗଡ଼ରୋଡ଼ଙ୍ଗ ବିଦ୍ୟାଳୟର ପରିଚାଳନା କମିଟି ସଦସ୍ୟ ଓ ଗ୍ରାମବାସୀ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଏହାସହିତ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଗଡ଼ରୋଡ଼ଙ୍ଗ ସ୍ଥିତ ବିଜେବି ନୋଡାଲ ହାଇସ୍କୁଲରେ ପ୍ରଥମ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୩୧୭ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ପ୍ରାଥମିକ ସ୍ତରରେ ୮ଜଣ ଶିକ୍ଷକ ଆବଶ୍ୟକ ସ୍ଥଳେ ୬ଜଣ କାର୍ଯ୍ୟ କରୁଛନ୍ତି। ସେହିପରି ମାଧ୍ୟମିକସ୍ତରରେ ୯ଶିକ୍ଷୟିତ୍ରୀଶିକ୍ଷକ ଆବଶ୍ୟକ ସ୍ଥଳେ ମାତ୍ର ୩ଜଣ କାର୍ଯ୍ୟ କରୁଛନ୍ତି। ମାଧ୍ୟମିକସ୍ତରରେ କାର୍ଯ୍ୟରତ ଥିବା ବିଜ୍ଞାନ ଶିକ୍ଷକଙ୍କୁ ସପ୍ତାହକୁ ୩ଦିନ ପାଇଁ ଅରଖକୁଦା ଅପଗ୍ରେଡେଡ୍ ଉଚ୍ଚ ବିଦ୍ୟାଳୟକୁ ଡେପୁଟେଶନରେ ପଠାଯାଇଛି। ସେ ଗତ କିଛି ମାସ ହେଲା ଗଡ଼ରୋଡ଼ଙ୍ଗ ସ୍କୁଲରେ ସପ୍ତାହକୁ ୩ଦିନ ପଢାଉଛନ୍ତି। ପ୍ରଧାନ ଶିକ୍ଷକ ପଦବୀ ପୂରଣ ସହିତ ଖାଲି ପଡିଥିବା ଶିକ୍ଷକ ପଦବୀ ପୂରଣ ଲାଗି ପରିଚାଳନା କମିଟି ଏବଂ ଗ୍ରାମବାସୀ ଦାବି କରିଛନ୍ତି। ଏହାସହିତ ଡେପୁଟେଶନ ବାତିଲ କରିବାକୁ ସେମାନେ ଦାବି କରିଛନ୍ତି। ଏକାଦଶୀ ମୁଦୁଲି, ପ୍ରବୀଣ କୁମାର ନାୟକ, ଦୁର୍ଗା ସେଠୀ, କାହ୍ନୁଚରଣ ସାହୁ, ଧର୍ମପଦ ମହାରଣା, ଉପେନ୍ଦ୍ର ନାଥ ରାଉତରାୟ ପ୍ରମୁଖ ୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି।



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ ।

■ ୩ବର୍ଷ ହେଲା ପ୍ରଧାନ ଶିକ୍ଷକ ନାହାନ୍ତି
■ ଜିଲା ପ୍ରଶାସନର ଦ୍ୱାରସ୍ଥ ହେଲ ଗ୍ରାମବାସୀ

### ମହିଳା ପୋଲିସଙ୍କୁ ମାଡ଼, ୨ ଜେଲ ଗଲେ

ଗୋପ, ୧୭।୯(ଡି.ଏନ୍.ଏ.)

ଗୋପ କୁଶଭଦ୍ରା ବ୍ୟବସାୟୀ ସଂଘ ପକ୍ଷରୁ ପାଲା ପରିବେଷଣ କରାଯାଉଥିବାବେଳେ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ସେଠାରେ ପହଞ୍ଚି ହୋହଲ୍ଲା କରିବା ସହ ସାଧାରଣ ଲୋକଙ୍କୁ ହଇରାଣ କରିଥିଲେ। ରାସ୍ତା ଉପରେ ଗାଡ଼ି ରଖିବା ଫଳରେ ଟ୍ରାଫିକ୍ ସମସ୍ୟା ଦେଖାଦେଇଥିଲା। ଏ ନେଇ ଜନୈକ ଗୃହରକ୍ଷୀ ତାଙ୍କୁ ଗାଡ଼ି କାଢ଼ିବାକୁ କହିବାରେ ଯୁବକମାନେ ଉତ୍‌କ୍ଷିପ୍ତ ହୋଇ ଗୃହରକ୍ଷୀଙ୍କୁ ଠେଲାପେଲା କରିବା ସହ ମାଡ଼ ମାରିଥିଲେ। ପରିସ୍ଥିତି ଅଣାୟତ୍ତ ହେବାରୁ ଗୃହରକ୍ଷୀ ଜଣଙ୍କ ଥାନାକୁ ଫୋନ୍ କରିଥିଲେ। ଖବର ପାଇ ଏସ୍ଆଇ ସ୍ୱର୍ଣ୍ଣପ୍ରଭା ଜେନା, ଏସ୍ଆଇ ସନ୍ଥ ପ୍ରଧାନଙ୍କ ସହ ସେଠାରେ ପହଞ୍ଚିଥିଲେ। ଏନେଇ ସେମାନଙ୍କୁ ପଚରାଉଚରା କରିବାରୁ ଉକ୍ତ ଯୁବକମାନେ ଉତ୍‌କ୍ଷିପ୍ତ ହୋଇ ଏସ୍ଆଇ ସ୍ୱର୍ଣ୍ଣପ୍ରଭାଙ୍କୁ ଟଣାଓଟରା ସହ ମାଡ଼ ମାରିଥିଲେ। ଏ ନେଇ ସ୍ୱର୍ଣ୍ଣପ୍ରଭା ଗୋପ ଥାନାରେ ଲିଖିତ ଅଭିଯୋଗ ଦେବା ପରେ ଥାନା ପକ୍ଷରୁ ୧୫୭/୧୮ରେ ଏକ ମାମଲା ରୁଜୁ କରାଯାଇ ୨ଜଣଙ୍କୁ ଗିରଫ କରାଯାଇଥିଲା। ଗିରଫ ଦୁଇଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ସେଠାରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଥାନାଧିକାରୀ ରଞ୍ଜନ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

## ଅସ୍ୱାଭାବିକ ଭାବେ ୩ ବର୍ଷ ଶିଶୁର ମୁଣ୍ଡ ବଢୁଛି

ପୁରୀ ଅଫିସ, ୧୭।୯:

୩ ବର୍ଷର ଶିଶୁ କନ୍ୟା ରାଜଲକ୍ଷ୍ମୀ। ଦିନକୁ ଦିନ ତାଙ୍କ ମୁଣ୍ଡ ଅସ୍ୱାଭାବିକ ଭାବେ ବଢିବାରେ ଲାଗିଛି। ଏହାର ପ୍ରଭାବରେ ଶରୀରର ଗୋଟିଏ ଅଙ୍ଗ ବି କାମ କରୁନି। ଅସ୍ତ୍ରୋପଚାର ପାଇଁ ଲକ୍ଷାଧିକ ଟଙ୍କା ଦରକାର ବୋଲି ଡାକ୍ତର କହିବା ପରେ ଚିନ୍ତାରେ ପଡିଛନ୍ତି ରାଜଲକ୍ଷ୍ମୀଙ୍କ ବାପା ଦୀନବନ୍ଧୁ ପୃଷ୍ଟି। ରଙ୍ଗମିସ୍ତ୍ରି ଭାବେ କାର୍ଯ୍ୟକରି ଗୁଜୁରାଣ ମେଣ୍ଟାଥିବା ଦୀନବନ୍ଧୁ ଶେଷରେ ନିରୁପାୟ ହୋଇ ସୋମବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସି ଗୁହାରି ଜଣାଇଛନ୍ତି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ(ଇନଚାର୍ଜ) ତଥା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଉଦ୍ଧବ ଚନ୍ଦ୍ର ମାଝି ତାଙ୍କ ଅଭିଯୋଗ ଶୁଣିଛନ୍ତି। ଶିଶୁର ଚିକିତ୍ସା ଲାଗି ସରକାରୀ ବିଧିବ୍ୟବସ୍ଥା ଅନୁଯାୟୀ ସୁବିଧା ସୁଯୋଗ ଯୋଗାଇଦେବାକୁ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ସ୍ତ୍ରୀ ତପସ୍ୱିନୀ ଏବଂ ଏକମାତ୍ର ଝିଅ ରାଜଲକ୍ଷ୍ମୀଙ୍କୁ ନେଇ ଦୀନବନ୍ଧୁଙ୍କ ପରିବାର। ତାଙ୍କ ଘର ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅନ୍ତର୍ଗତ ଷଣ୍ଢପୁର ଗ୍ରାମରେ। ସେ ପରିବାର ସହ ଦୀର୍ଘ ବର୍ଷ ହେଲା ପୁରୀ ନବକଳେବର ରୋଡ ନୂଆସାହିରେ ରହୁଛନ୍ତି। ରାଜଲକ୍ଷ୍ମୀଙ୍କୁ ଯେତେବେଳେ ୪ମାସ ହୋଇଥିଲା ତାଙ୍କ ମୁଣ୍ଡ ଅସ୍ୱାଭାବିକ ଭାବେ ବଢିବାକୁ ଲାଗିଲା। ଭୁବନେଶ୍ୱର ଏମ୍‌ସକୁ ନେଇ ଦୀନବନ୍ଧୁ ଚିକିତ୍ସା କରାଇଲେ। ମୁଣ୍ଡରେ ପାଣି ଜମୁଥିବାରୁ ଏଭଳି ବଢୁଥିବା ଡାକ୍ତର କହିଲେ। ମୁଣ୍ଡରୁ ପେଟ ପର୍ଯ୍ୟନ୍ତ ଏକ ପାଇପ ଲଗାଇଲେ। କିନ୍ତୁ ଏହାର ପ୍ରତିକାର ପାଇଁ ଅସ୍ତ୍ରୋପଚାର ଆବଶ୍ୟକ ବୋଲି ପରାମର୍ଶ ଦେଲେ। ଅନ୍ୟପକ୍ଷରେ ଚିକିତ୍ସାର କିଛିଦିନ ପରେ ଡାକ୍ତର ଲଗାଇଥିବା ପାଇପ ବାହାରିଗଲା। ଆଉ ପୂର୍ବଭଳି ଅସ୍ୱାଭାବିକ ଭାବେ ମୁଣ୍ଡ ବଢିବାରେ ଲାଗିଲା। ଗୋଟିଏ ପଟେ ଆର୍ଥିକ ସମସ୍ୟା ଏବଂ ଅନ୍ୟ ପାର୍ଶ୍ୱରେ ଝିଅର ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିଛନ୍ତି ଦୀନବନ୍ଧୁ। ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠି(ଓଏସ୍‌ଟିଏଫ୍) କିମ୍ବା ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ରାଜଲକ୍ଷ୍ମୀଙ୍କ ଚିକିତ୍ସା ଲାଗି ସହାୟତା ଯୋଗାଇଦେବାକୁ ଦୀନବନ୍ଧୁ ପ୍ରଶାସନକୁ ଗୁହାରି କରିଛନ୍ତି। ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଝିଅକୁ ନେଇ ଯିବା ଲାଗି ପ୍ରଶାସନ ପରାମର୍ଶ ଦେଇଛି। ସେଠାକୁ ଗଲାପରେ ସେମାନେ ବ୍ୟବସ୍ଥା କରିବେ ବୋଲି କହିଥିବା ଦୀନବନ୍ଧୁ କହିଛନ୍ତି।

# ନାଲ୍‌କୋ ପକ୍ଷରୁ ସ୍ୱଚ୍ଛ ଥଣ୍ଡା ପାନୀୟଜଳ କିଓସ୍କ ଉନ୍ମୋଚିତ

ସାକ୍ଷୀଗୋପାଳ, ୧୭।୯(ଡି.ଏନ୍.ଏ.)-

ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ନାଲ୍‌କୋ ପକ୍ଷରୁ ରାଧାଷ୍ଟମୀ ଅବସରରେ ଏକ ସ୍ୱଚ୍ଛ ଥଣ୍ଡା ପାନୀୟଜଳ କିଓସ୍କକୁ ସୋମବାର ଉନ୍ମୋଚନ କରାଯାଇଛି। ୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପକୁ ନାଲ୍‌କୋ ସିଏମ୍‌ଡି ଡ. ତପନ କୁମାର ଚାନ୍ଦ ଉଦ୍‌ଘାଟନ କରିଥିଲେ। ସାକ୍ଷୀଗୋପାଳ ମନ୍ଦିରକୁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକଙ୍କ ସହିତ ସ୍ଥାନୀୟ ଲୋକେ ଏହାର ସୁବିଧା ପାଇପାରିବେ। ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ଏହାର ପରିଚାଳନା ଓ ମରାମତି ଦାୟିତ୍ୱ ନାଲ୍‌କୋ ବହନ କରିବ ବୋଲି ସିଏମ୍‌ଡି ଚାନ୍ଦ କହିଛନ୍ତି। ସାକ୍ଷୀଗୋପାଳ ଠାକୁରଙ୍କ ଦର୍ଶନ କରିବା ସହିତ ମନ୍ଦିର ସମ୍ମୁଖରେ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞରେ ସିଏମ୍‌ଡି ଚାନ୍ଦଙ୍କ ସହିତ ସହଧର୍ମିଣୀ ପ୍ରୀତିରାୟ ଚାନ୍ଦ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ। ଉଦ୍‌ଘାଟନ ଉତ୍ସବରେ ନାଲ୍‌କୋର ଡିଜିଏମ୍(ଜନସମ୍ପର୍କ) ଲଲାଟେନ୍ଦୁ ଦାସ, ଡିଜିଏମ୍(ସିଏସ୍ଆର) ଆଦିତ୍ୟ ନାରାୟଣ ମିଶ୍ର, ପରିଚାଳକ ବିଜୟ କୁମାର ପ୍ରତାପ, ପିଆରଓ ପ୍ରତାପ ପଟ୍ଟନାୟକ, ସାକ୍ଷୀଗୋପାଳ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ମିଶ୍ର, ଟ୍ରଷ୍ଟି ଦିବାକର ମହାପାତ୍ର, ବିଜୟ କୁମାର ମହାପାତ୍ର, ସେବାୟତ ଜିତେନ କୁମାର ମହାପାତ୍ର, ବିଶ୍ୱନାଥ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।



ପାନୀୟଜଳ ପ୍ରକଳ୍ପକୁ ନାଲକୋ ସିଏମଡି ଡ. ତପନ କୁମାର ଚାନ୍ଦ ଉନ୍ମୋଚିତ କରୁଛନ୍ତି ।

■ ଗାଁରେ ନାହିଁ ପକ୍କା ରାସ୍ତା

# ଅନଶନରେ ବସିବାକୁ ଚେତାବନୀ

ପୁରୀ ଅଫିସ, ୧୭।୯:

ପୁରୀ ଭଳି ଅଗ୍ରଣୀ ଜିଲାରେ ଅଦ୍ୟାବଧି ଏଭଳି ଏକ ଗାଁ ରହିଛି ଯେଉଁଠାରେ ଏ ଯାଏ ପକ୍କା ରାସ୍ତା ନାହିଁ। ଏଭଳି ଅଭିଯୋଗ ଆଣି କାକଟପୁର ବ୍ଲକ ଅନ୍ତର୍ଗତ ଜଳେଶ୍ୱରପଡା ଗ୍ରାମ ପଞ୍ଚାୟତ ନରେନ୍ଦ୍ରପୁର ଗ୍ରାମର ୫୦ରୁ ଅଧିକ ମହିଳା ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ପାଇଁ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏଦିଗରେ ପଦକ୍ଷେପ ନିଆ ନ ଗଲେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଅନଶନରେ ବସିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ଉକ୍ତ ଗ୍ରାମର ଲୋକ ସଂଖ୍ୟା ୧୮ଶହ। ଗ୍ରାମ୍ୟ ରାସ୍ତାର ଲମ୍ବା ୧.୫ କିମି। ଏହି ଗ୍ରାମର ସମସ୍ତ ରାସ୍ତା ଖାଲଖମା ଓ ପାଣି କାଦୁଅରେ ପରିପୂର୍ଣ୍ଣ। ଫଳରେ ଗ୍ରାମର ଲୋକମାନେ ଚଳପ୍ରଚଳରେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗ୍ରାମସଭାରେ ଉକ୍ତ ଗ୍ରାମକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା କରିବା ଲାଗି ପ୍ରସ୍ତାବ ଦିଆଯାଇଥିଲେ ମଧ୍ୟ ତାହାକୁ ଏ ପର୍ଯ୍ୟନ୍ତ ବିଚାରକୁ ନିଆଯାଇନାହିଁ। ନରେନ୍ଦ୍ରପୁର ଗ୍ରାମର ଶାନ୍ତିଲତା ବରାଳ, ମମତା ଦାଶ, ଅନୁପମା ବରାଳ, ଲିଲିମା ବେହେରା, ସାବିତ୍ରୀ ମୁଦୁଲି, ରେବତୀ ବେହେରା, ସୂର୍ଯ୍ୟମଣି ବାରିକ, ଶାନ୍ତିଲତା ଦାସ, ଲକ୍ଷ୍ମୀପ୍ରିୟା ଦାଶ ପ୍ରମୁଖ ୫୦ରୁ ଅଧିକ ମହିଳା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଉଦ୍ଧବ ଚନ୍ଦ୍ର ମାଝିଙ୍କୁ ଅଭିଯୋଗ ପ୍ରକୋଷ୍ଠରେ ସାକ୍ଷାତ୍ କରି ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଏ ଦିଗରେ ପଦକ୍ଷେପ ନେବାକୁ କାକଟପୁର ବିଡିଓଙ୍କୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।



ଗ୍ରାମକୁ ରାସ୍ତା ଦାବିରେ ଜଳେଶ୍ୱରପଡାବାସୀ ଜିଲାପାଳଙ୍କୁ ଭେଟୁଛନ୍ତି ।